

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-88 ◆SUNDAY ◆21 SEPTEMBER 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୮୮ ◆ରବିବାର ◆୨୧ ସେପ୍ଟେମ୍ବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦ (ସିନ୍ଦୂରା ସହ)


## ୨ ହଜାର ଟଙ୍କାରେ ଆଇଏଏସ-ଆଇପିଏସ ଯୋଡ଼ିଙ୍କ ବିବାହ

■ **ଜୟପୁର, ୨୦।୯ (ଏଜେନ୍ସି):** ବିବାହକୁ ସ୍ମରଣୀୟ କରିବା ପାଇଁ ଲୋକେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥାନ୍ତି। ଅନେକ ଅତିଥିଙ୍କୁ ଡାକି ବଡ଼ ଭୋଜି ଦେଇଥାନ୍ତି। ଯାକ ଯମକରେ ସାଜସଜା କରିଥାନ୍ତି। କିନ୍ତୁ ଆଇଏଏସ୍ ଯୁବରାଜ ମର୍ମାତ ଏବଂ ଆଇପିଏସ୍ ପି.ମୌନିକା କ୍ଷେତ୍ରରେ ଏହାର ବ୍ୟତିକ୍ରମ ହୋଇଛି। ଏହି ୟୁପିଏସ୍‌ସି ଦମ୍ପତି ନିରାଡ଼ମ୍ବର ବିବାହ କରି ସାରା ଦେଶରେ ଚର୍ଚ୍ଚାରେ ଅଛନ୍ତି। ଉଭୟେ ମାତ୍ର ୨ ହଜାର ଟଙ୍କା ଖର୍ଚ୍ଚ କରି କୋର୍ଟରେ ବିବାହ କରିଛନ୍ତି। ଏପରି କରି



ସେମାନେ ଦୀର୍ଘ ଦିନ ହେଲା ଚାଲି ଆସୁଥିବା ପ୍ରଥାକୁ ଭାଙ୍ଗି ଦେଇଛନ୍ତି। ଉଭୟଙ୍କ ଏହି ବିବାହ କାହାଣୀ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟି ଯାଇଛି।

ସୂଚନା ଅନୁଯାୟୀ ଉଭୟେ ୨୦୨୧ରେ ୟୁପିଏସ୍‌ସି ପରୀକ୍ଷା ପାସ୍ କରିଥିଲେ। ରାଜସ୍ଥାନ ଗଙ୍ଗାନଗରର ଯୁବରାଜ ସିଭିଲ ଇଞ୍ଜିନିୟରରେ ବିଟେକ ଡିଗ୍ରୀ ହାସଲ କରିଛନ୍ତି। ସେ ଷଷ୍ଠ ପ୍ରୟାସରେ ୪୫୮ ର୍‍ୟାଙ୍କ ରଖି ୟୁପିଏସ୍‌ସି ପାସ୍ କରିଥିଲେ। ଅନ୍ୟପକ୍ଷରେ ତେଲଙ୍ଗାନାର ଆଇପିଏସ ପି.ମୌନିକା ▶ପୃଷ୍ଠା-୭

## ପୋଷି ନ ପାରିଲେ ଏକାଧିକ ବିବାହ କରନି: ହାଇକୋର୍ଟ

■ **ତିରୁଅନନ୍ତପୁରମ, ୨୦।୯ (ଏଜେନ୍ସି):** ପତ୍ନୀଙ୍କୁ ପୋଷିବାକୁ କ୍ଷମତା ନ ଥିଲେ ଦୁଇ ତିନି ବିବାହ କାହିଁକି କରୁଛ। ସକ୍ଷମ ହୋଇ ନ ଥିଲେ କୌଣସି ମୁସଲମାନ ବ୍ୟକ୍ତିଙ୍କୁ ଏକାଧିକ ବିବାହ କରିବାକୁ ଅନୁମତି ଦିଆଯିବ ନାହିଁ। ଇସ୍‌ଲାମ ଧର୍ମରେ ମଧ୍ୟ ଏନେଇ ଅନୁମତି ଦିଆଯାଉ ନାହିଁ। ଜଣେ ମୁସଲମାନ ଭିକାରୀଙ୍କ ଦ୍ୱିତୀୟ ପତ୍ନୀ ଦାଏର କରିଥିବା ଆବେଦନର ଶୁଣାଣି କରି କେରଳ ହାଇକୋର୍ଟ ଏହି ଟିପ୍ପଣୀ ଦେଇଛନ୍ତି। ଆବେଦନରେ ଦ୍ୱିତୀୟ ପତ୍ନୀଙ୍କୁ ସ୍ୱାମୀଙ୍କଠାରୁ ମାସକୁ ୧୦ ହଜାର ଟଙ୍କା କ୍ଷତିପୂରଣ ମାଗିଥିଲେ। ଏହି ମାମଲା ପେରିଥଲମନ୍ନା ଅଞ୍ଚଳର। ୩୯ ବର୍ଷୀୟ ମହିଳା ନିଜ ଅନ୍ଧ ସ୍ୱାମୀଙ୍କ ବିରୋଧରେ କୋର୍ଟ ଯାଇଥିଲେ। ସେ କହିଥିଲେ ଯେ ସ୍ୱାମୀ ମାସକୁ ୨୫ ହଜାର ଟଙ୍କା ଆୟ କରୁଛନ୍ତି। ସେଥିପାଇଁ ଭରଣପୋଷଣ ବାବଦକୁ ୧୦ ହଜାର ଟଙ୍କା ମାଗିଛି। ଏବେ ସେ ପ୍ରଥମ ପତ୍ନୀଙ୍କ ସହ ରହୁଛନ୍ତି। ଆଗକୁ ତୃତୀୟ ବିବାହ କରିବେ ବୋଲି ଧମକ ମଧ୍ୟ ଦେଉଛନ୍ତି। ଏହାର ଶୁଣାଣି କରି ହାଇକୋର୍ଟ କହିଥିଲେ ଯେ ଭିକାରୀ ସ୍ୱାମୀଙ୍କୁ ଭରଣପୋଷଣ ଦେବା ପାଇଁ ନିର୍ଦ୍ଦେଶ ଦେଇପାରିବେ ନାହିଁ। କିନ୍ତୁ ରାଜ୍ୟ ସରକାର ଏହି ମାମଲାରେ ଦଖଲ ଦେଇ ଉଭୟଙ୍କୁ ପତ୍ନୀଙ୍କ ସହାୟତା କରନ୍ତୁ। ନିରାଶ୍ରୟ ପତ୍ନୀଙ୍କୁ ରକ୍ଷା କରିବା ସରକାରଙ୍କ କର୍ତ୍ତବ୍ୟ। ନାଗରିକ ଭିକ ନ ମାଗିବାକୁ ସରକାର ସୁନିଶ୍ଚିତ କରନ୍ତୁ। ଏହା କହି କୋର୍ଟ ମହିଳାଙ୍କ ଆବେଦନ ଖାରଜ କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଶିକ୍ଷା ଏବଂ ପ୍ରଥାଗତ ଆଇନର ଜ୍ଞାନ ନ ଥିବାରୁ ମୁସଲିମ ସମାଜରେ ▶ପୃଷ୍ଠା-୭

### ଭାରତୀୟଙ୍କୁ ଟ୍ରମ୍ପଙ୍କ ଆଉ ଏକ ଝଟ୍‌କା

# ଶୁଳ୍କ ପରେ ଭିସା ବୋମା

■ **ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି):** ନିଜକୁ ଭାରତର ବନ୍ଧୁ ବୋଲି ଦାବି କରୁଥିବା ଆମେରିକାର ରାଷ୍ଟ୍ରପତି ଡୋନାଲଡ ଟ୍ରମ୍ପ ଭାରତ ପାଇଁ ସମସ୍ୟା ବଢ଼ାଇବାରେ ଲାଗିଛନ୍ତି। ଭାରତୀୟ ସାମଗ୍ରୀ ଉପରେ ୫୦ ପ୍ରତିଶତ ଶୁଳ୍କ ଧାର୍ଯ୍ୟ କରି ଭାରତର ରପ୍ତାନୀ ଶିଳ୍ପକୁ ସଙ୍କଟ ଭିତରକୁ ଠେଲିଦେଇଥିବା ଟ୍ରମ୍ପ ଆଜି ଆଉ ଏକ ଆଦେଶନାମା ଜାରି କରିଛନ୍ତି। ଏଥିରେ ଏଚ୍-୧ବି ଭିସାର ବାର୍ଷିକ ଫି' ଏକ ଲକ୍ଷ ଡଲାର ବା ୮୮ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ପ୍ରତିବର୍ଷ ଚାକିରି ପାଇଁ ଆମେରିକା ଯାଉଥିବା ଭାରତୀୟ ଇଞ୍ଜିନିୟର, ଡାକ୍ତର ଓ ବୈଜ୍ଞାନିକଙ୍କ ଭଳି ପ୍ରଫେସନାଲ ଏହଦ୍ୱାରା ସର୍ବାଧିକ କ୍ଷତିଗ୍ରସ୍ତ ହେବେ। ଭାରତରେ ଆଇଟି ଶିଳ୍ପ ଏବେ ଘୋର ସଙ୍କଟ ଦେଇ ଗତି କରୁଥିବା ବେଳେ ଆମେରିକା ଯିବା ଲାଗି ସ୍ୱପ୍ନ ଦେଖୁଥିବା ଭାରତୀୟ ପ୍ରଫେସନାଲଙ୍କ ପାଇଁ ଏହା ବଡ଼ ଧରଣର ଝଟକା ହୋଇଛି। ଏବେ ଆମେରିକାରେ ବଡ଼ ବଡ଼ ବହୁରାଷ୍ଟ୍ରୀୟ କଂପାନୀରେ ପ୍ରାୟ ୩ ଲକ୍ଷ ଭାରତୀୟ ଏଚ୍-୧ବି ଭିସାରେ ଚାକିରି କରୁଛନ୍ତି। ଟ୍ରମ୍ପଙ୍କ ନୂଆ ଘୋଷଣାକୁ ନେଇ ଭାରତ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଏହାକୁ ମାନବିକ ସଙ୍କଟ ରୂପେ ବର୍ଣ୍ଣନା କରିଛି।

**ଏଚ୍-୧ବି ଭିସା ଫି' ବର୍ଷକୁ ୮୮ ଲକ୍ଷ**

**ଭାରତୀୟ ଆଇଟି ଶିଳ୍ପ ଉପରେ ଚଡ଼କ**


**ନିଷ୍ପତ୍ତିକୁ ଅମାନବୀୟ କହିଲା ଭାରତ**




ସୂଚନାଯୋଗ୍ୟ ଯେ ଆମାଜନ, ମାଇକ୍ରୋସଫ୍ଟ, ଆପଲ୍, ଟାଟା କନସଲଟନ୍ସି ଭଳି ବଡ଼ ବଡ଼ ବହୁରାଷ୍ଟ୍ରୀୟ କଂପାନୀ ପ୍ରତିବର୍ଷ ପ୍ରତିବର୍ଷ ବିଭିନ୍ନ ଦେଶରୁ ହଜାର ହଜାର ପ୍ରଫେସନାଲଙ୍କୁ ନିଯୁକ୍ତି ଦିଅନ୍ତି। ଏଥିରୁ ବେଶି ସୁବିଧା ମିଳୁଛି ଭାରତୀୟଙ୍କୁ। ଏଭଳି ନିଯୁକ୍ତି ଲାଗି ଯେଉଁ ଭିସା ଦିଆଯାଏ, ତାହାକୁ ଏଚ୍-୧ବି ଭିସା କୁହାଯାଏ। ଭିସା ପିଛା ବର୍ଷକୁ ୨୦୦୦ରୁ ୫ ହଜାର ଡଲାର ଦେବାକୁ ପଡୁଥିଲା। କିନ୍ତୁ ଏହି ଫି'କୁ ଟ୍ରମ୍ପ ବଢ଼ାଇ ଏକ ଲକ୍ଷ ଡଲାର (୮୮ ଲକ୍ଷ ଟଙ୍କା) କରିଦେଇଛନ୍ତି। ଏହି ଭିସା ତିନି ବର୍ଷ ପାଇଁ ବୈଧ। ତିନି ବର୍ଷ ପରେ ଭିସାର ନବୀକରଣ କରାଯାଇ ଏହାକୁ ଆହୁରି ୩ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଉଛି। ଏବେ ଏଚ୍-୧ବି ଭିସା ପାଇଁ ୬ ବର୍ଷକୁ ୫.୨୮ କୋଟି ଟଙ୍କା ଦେବାକୁ ପଡ଼ିବ। ଏ ବାବଦ ଖର୍ଚ୍ଚ ପ୍ରାୟ ୫୦ ଗୁଣ ବଢ଼ିଯିବ। ଏହା ଉଭୟ ନିଯୁକ୍ତିଦାତା ଏବଂ କର୍ମଚାରୀଙ୍କ ପାଇଁ ମହଙ୍ଗା ହୋଇଯିବ। ଟ୍ରମ୍ପଙ୍କ ଏହି ନିଷ୍ପତ୍ତି ଯୋଗୁଁ ଭାରତୀୟ ସର୍ବାଧିକ ପ୍ରଭାବିତ ହେବେ। ଆମେରିକା ପ୍ରତି ବର୍ଷ ଲଟେରୀ ମାଧ୍ୟମରେ ୮୫ ହଜାର ଏଚ୍-୧ବି ଭିସା ଜାରି କରିଥାଏ। ଗତବର୍ଷ ସର୍ବାଧିକ ୭୨ ପ୍ରତିଶତ ଭାରତୀୟ ଏହି ଭିସା ପାଇଥିଲେ। ଏବେ ଭିସା ବାବଦ ଦେୟ ବଢ଼ିଥିବାରୁ ୩ ଲକ୍ଷ ଭାରତୀୟଙ୍କ ଉପରେ ଚଡ଼କ ପଡ଼ିବ ବୋଲି କୁହାଯାଉଛି। ▶ପୃଷ୍ଠା-୭

## ମାଲାୟଲମ୍ ସୁପର୍‌ଷ୍ଟାର୍ ମୋହନଲାଲଙ୍କୁ 'ଫାଲ୍‌କେ'

■ **ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି):** ନିଚ୍ଛକ ଅଭିନୟ ପାଇଁ ସାରା ଦେଶରେ ସୁପ୍ରସିଦ୍ଧି ଅର୍ଜନ କରିଥିବା ମାଲାୟଲମ ସୁପରଷ୍ଟାର ମୋହନଲାଲଙ୍କୁ ଭାରତୀୟ ସିନେମାର ସର୍ବୋଚ୍ଚ ସମ୍ମାନ 'ଦାଦା ସାହେବ ଫାଲ୍‌କେ' ପୁରସ୍କାର ପ୍ରଦାନ କରାଯିବ। କେନ୍ଦ୍ର ସୂଚନା ଏବଂ ପ୍ରସାରଣ ମନ୍ତ୍ରାଳୟ ପକ୍ଷରୁ ଶନିବାର ଏହି ଘୋଷଣା କରାଯାଇଛି। ଗତ ଚାରି ଦଶନ୍ଧି ଧରି ସିନେଜଗତରେ ସକ୍ରିୟ ଥିବା ୬୫ ବର୍ଷୀୟ ମୋହନଲାଲ ୨୦୨୩ ପାଇଁ ଏହି ସମ୍ମାନ ପାଇବେ। ଆସନ୍ତା ୨୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ୭୧ତମ ଜାତୀୟ ସିନେମା ପୁରସ୍କାର ଉତ୍ସବରେ ତାଙ୍କୁ ସମ୍ମାନିତ କରାଯିବ। ପୁରସ୍କାର ବାବଦକୁ ସ୍ୱର୍ଣ୍ଣ କମଳ ସହିତ ୧୦ ଲକ୍ଷ ଟଙ୍କା ଦିଆଯିବ।



ମୋହନଲାଲ କେବଳ ମାଲାୟଲମ ଚଳଚ୍ଚିତ୍ର ନୁହେଁ; ତାମିଲ, ତେଲୁଗୁ, ହିନ୍ଦୀ ଏବଂ କନ୍ନଡ଼ ସିନେମାରେ ମଧ୍ୟ ଅଭିନୟ କରିଛନ୍ତି। ୧୯୮୦ରୁ 'ମଞ୍ଜିଲ ଭିରିଞ୍ଜା ପୁକ୍କଲ'ରୁ କ୍ୟାରିୟର ଆରମ୍ଭ କରିଥିବା ମୋହନଲାଲ ୩୫୦ରୁ ଅଧିକ ଚଳଚ୍ଚିତ୍ରରେ ଅଭିନୟ କରିଛନ୍ତି। ସେ ଏକାଧାରରେ ଜଣେ ସଫଳ ନିର୍ଦ୍ଦେଶକ ଏବଂ ପ୍ରଯୋଜକ।

ଭାରତମ୍ (୧୯୯୧) ଏବଂ ବାନପ୍ରସ୍ଥମ୍ (୧୯୯୯) ପାଇଁ ମୋହନଲାଲ ଶ୍ରେଷ୍ଠ ଅଭିନେତା ଭାବେ ଜାତୀୟ ପୁରସ୍କାର ଅର୍ଜନ କରିଛନ୍ତି। ସେହିପରି ସ୍ପେସିଆଲ ମେନ୍‌ସନ ଭାବେ ତାଙ୍କ ଅଭିନୀତ କିରିଦମ୍ (୧୯୮୯) ଏବଂ ସ୍ପେସିଆଲ ଜୁରି ▶ପୃଷ୍ଠା-୭

**ଥମୁନି ସାର ତାତି**

### ସ୍ୱତନ୍ତ୍ର ଆଲୋଚନା ଦାବିରେ ଅଟଳ ବିଜେଡି

## ଦ୍ୱିତୀୟ ଦିନ ବି ଗୃହ ଅଚଳ

■ **ଭୁବନେଶ୍ୱର, ୨୦।୯ (ସମିସ):** ରାଜ୍ୟରେ ସାରର ଉତ୍କଟ ଅଭାବ ଏବଂ କଳାବଜାରୀ ସମ୍ପର୍କରେ କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବିଧାନସଭା ଅଚଳ କରିଛି ବିଜେଡି। ସାର ପ୍ରସଙ୍ଗରେ ଗୃହର ସମସ୍ତ କାର୍ଯ୍ୟକ୍ରମ ବାତିଲ୍ କରି ସ୍ୱତନ୍ତ୍ର ଆଲୋଚନା ଦାବିରେ ବିଜେଡି ବିଧାୟକମାନେ ଅଡ଼ି ବସିବା ସହ ଶନିବାର ମଧ୍ୟ ଗୃହରେ ପ୍ରବଳ ହଟ୍ଟଗୋଳ କରିଛନ୍ତି। ଉଭୟ ପ୍ରଥମାର୍ଦ୍ଧ ଏବଂ ଦ୍ୱିତୀୟାର୍ଦ୍ଧରେ ବିଜେଡି ବିଧାୟକଙ୍କ ନାରାବାଜି, ହଟ୍ଟଗୋଳ କାରଣରୁ ଗୃହ ମାତ୍ର ୧୬ ମିନିଟ ଚାଲିପାରିଥିଲା। ଏହି ୧୬ ମିନିଟରେ ୧୨ ମିନିଟ ଦିବଂଗତ ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥବା ବେଳେ ପ୍ରଶ୍ନକାଳ ୧ ମିନିଟ ଏବଂ ଦ୍ୱିତୀୟାର୍ଦ୍ଧରେ ଗୃହ ୩ ମିନିଟ ଚାଲିଥିଲା। ଯେପର୍ଯ୍ୟନ୍ତ ସାର ପ୍ରସଙ୍ଗରେ ଗୃହରେ ଆଲୋଚନା ହୋଇନାହିଁ, ସେଯାଏଁ ଗୃହ ଚଳାଇଦେବୁ ନାହିଁ ବୋଲି ବିଜେଡି ନିଜ ଜିଦ୍‌ରେ ଅଟଳ ରହିଥିବା ବେଳେ ବାଚସ୍ପତି ସୁରମା ପାଢ଼ୀ ଗୃହକୁ ସୋମବାର ସକାଳ ୧୦ଟା ୩୦ ଯାଏଁ ମୁଲତବୀ ରଖିଛନ୍ତି।



**ପ୍ରତିକ୍ରିୟା ରଖିଲେ ତାରା: ଆମେ ମଧ୍ୟ ଚାହୁଁଛୁ ଚାଷୀ ପ୍ରସଙ୍ଗରେ ଆଲୋଚନା ହେଉ**

**ଗୃହ ବାହାରେ ପ୍ରମିଳା ମଲ୍ଲିକଙ୍କ ପ୍ରତିକ୍ରିୟା: ଚାଷୀଙ୍କ ସମସ୍ୟା ପ୍ରତି ସରକାରଙ୍କର ଭ୍ରୂକ୍ଷେପ ନାହିଁ**

ଶନିବାର ଗୃହକାର୍ଯ୍ୟ ଆରମ୍ଭ ହେବା ପରେ ଗୃହରେ ପ୍ରଥମେ ବୀରମିତ୍ରପୁରର ଦିବଂଗତ ବିଧାୟକ ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଶ୍ରଦ୍ଧାଞ୍ଜଳି ପରେ ବିଜେଡି ବିଧାୟକମାନେ ଗୃହର ମଧ୍ୟଭାଗକୁ ଆସି ଶୁକ୍ରବାର ପରି ନାରାବାଜି ଆରମ୍ଭ କରିଥିଲେ। ବିଧାୟକମାନେ ହାତରେ ପ୍ଲାକାର୍ଡ, ପୋଷ୍ଟର ଧରି ପ୍ରବଳ ନାରାବାଜି କରିଥିବା ବେଳେ ପ୍ରଶ୍ନକାଳ ଚାଲି ପାରିନଥିଲା। ବିଜେଡି ବିଧାୟକଙ୍କୁ ନିଜ ନିଜ ଆସନକୁ ଫେରିଯିବା ପାଇଁ ବାଚସ୍ପତି ଅନୁରୋଧ କରିଥିଲେ ହେଁ ଏହାକୁ ଭ୍ରୂକ୍ଷେପ କରିନଥିଲେ ବିଜେଡି ବିଧାୟକ। ଫଳରେ ଗୃହ ମାତ୍ର ୧୩ ମିନିଟ ଚାଲିବା ପରେ ବାଚସ୍ପତି ▶ପୃଷ୍ଠା-୭

## ଜର୍ଜ ତିର୍କୀଙ୍କୁ ଶ୍ରଦ୍ଧାଞ୍ଜଳି

■ **ଭୁବନେଶ୍ୱର,୨୦।୯ (ସମିସ):** ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଦିବଂଗତ ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କୁ ବିଧାନସଭାରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଗୃହର ନେତା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱର୍ଗତ ତିର୍କୀଙ୍କ ଉଦ୍ଦେଶ୍ୟରେ ଶୋକ ପ୍ରସ୍ତାବ ଆଗତ କରିଥିଲେ। ପରେ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ସିପିଆଇଏମ୍ ବିଧାୟକ ଲକ୍ଷ୍ମଣ ମୁଣ୍ଡା ପ୍ରମୁଖ ଶୋକ ପ୍ରସ୍ତାବକୁ ସମର୍ଥନ କରି ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଶେଷରେ ବାଚସ୍ପତି ସୁରମା ପାଢ଼ୀ ଗୃହର ଦିବଂଗତ ସଦସ୍ୟଙ୍କ ଉଦ୍ଦେଶ୍ୟରେ ଶୋକବ୍ୟକ୍ତ କରିବା ପରେ ଆତ୍ମାର ସଦଗତି ନିମନ୍ତେ ଏକ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଗୃହ ମୁଲତବୀ ହେବା ▶ପୃଷ୍ଠା-୭

**ଅଶାନ୍ତ ଓଡ଼ିଶା** | ପାର୍ବଣ ପୂର୍ବରୁ ଗଡ଼ିଲା ଦୁଇ ମୁଣ୍ଡ

## ଟ୍ୟାକ୍ସି ଚାଳକଙ୍କୁ ଅପହରଣ ପରେ ହତ୍ୟା

**ଚନ୍ଦକା-ବାରଙ୍ଗ ମୁଖ୍ୟ ରାସ୍ତାରୁ ମିଳିଲା କ୍ଷତବିକ୍ଷତ ମୃତଦେହ**

**୨ କୋଟି ମୁକ୍ତିଜାମିନ୍ ଅର୍ଥ ନ ଦେବାରୁ ମାରିଦେଲେ: ପରିବାର**

**ହତ୍ୟା ପଛରେ ଚାକିରି ପାଇଁ ଟଙ୍କା ଠକେଇ ଅଭିଯୋଗ**

**ଟଙ୍କା ଦେଇଥିବା ଯୁବକଙ୍କୁ ପୁଲିସର ପଚରାଉଚରା**

■ **ଭୁବନେଶ୍ୱର, ୨୦।୯ (ସମିସ):** ପାର୍ବଣ ପୂର୍ବରୁ ରାଜଧାନୀ ଭୁବନେଶ୍ୱର ଅଶାନ୍ତ ହୋଇଉଠିଛି। ଗତ ସପ୍ତାହକ ମଧ୍ୟରେ ଭୁବନେଶ୍ୱରରେ ୪ଟି ହତ୍ୟାକାଣ୍ଡ ଘଟିଯାଇଥିବା ବେଳେ ପୁଣି ଜଣେ ଟାକ୍ସି ଡ୍ରାଇଭରଙ୍କୁ ଅପହରଣ ପରେ ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଅପହରଣର ୫ ଦିନ ପରେ ଚନ୍ଦକା-ବାରଙ୍ଗ ନିକଟ ରାସ୍ତାରୁ ଟ୍ୟାକ୍ସିଚାଳକଙ୍କ କ୍ଷତବିକ୍ଷତ ମୃତଦେହକୁ ପୁଲିସ ଜବତ କରିଛି। ହତ୍ୟାକାଣ୍ଡର କାରଣ ଜଣାପଡି ନ ଥିବା ବେଳେ ଚାକିରି ଠକେଇ (ଜବ୍ ସ୍କାମ୍) ମୁଖ୍ୟ କାରଣ ଥିବା ପୁଲିସ ସନ୍ଦେହ କରିଛି। ପୁଲିସ ସୂଚନା ମୁତାବକ, ଖୋର୍ଦ୍ଧା ବାଣପୁର ନିକଟ ଅରାଙ୍ଗ ଗାଁର ବିଦ୍ୟାଧର ସାହୁଙ୍କୁ ଅପହରଣ ▶ପୃଷ୍ଠା-୭



## ମା' ସାମ୍ନାରେ ହାଣିଦେଲେ

■ **ବଲାଙ୍ଗିର, ୨୦।୯ (ସମିସ):** ବଲାଙ୍ଗିରରେ ପାର୍ବଣ ପୂର୍ବରୁ ମୁଣ୍ଡ ଗଡ଼ିଛି। ଘର ଅଗଣାରେ ଜଣେ ଯୁବକଙ୍କୁ ଦିନ ଦ୍ୱିପହରରେ ଖଣ୍ଡାରେ ହାଣି ହତ୍ୟା କରାଯାଇଛି। ହତ୍ୟାକାଣ୍ଡର ଶିକାର ହୋଇଥିବା ଯୁବକ ଜଣକ ହେଲେ ବଲାଙ୍ଗିର ସହର ବରପଡ଼ାର ରାଜ ବେହେରା (୨୫)। ତାଙ୍କ ମା'ଙ୍କ ସାମ୍ନାରେ କେତେକ ଯୁବକ ହତ୍ୟା କରିଛନ୍ତି। ୩ ଜଣ ସାଙ୍ଗ ମିଶି ହତ୍ୟା କରିଥିବା ଅଭିଯୋଗ ହୋଇଛି। କେଉଁ କାରଣରୁ ହତ୍ୟା କରାଯାଇଛି ତାହା ସ୍ପଷ୍ଟ ହୋଇନାହିଁ। ରାଜ ଘର ସାମ୍ନାରେ ଥିବା ବେଳେ ଶନିବାର ▶ପୃଷ୍ଠା-୭



## 'କିଲର୍ ସ୍ୱାମୀ' ଦୀପକ ତଣ୍ଟିରେ ଦୁଇଟି ପତ୍ନୀହତ୍ୟାର କଣ୍ଟା





■ **ଭୁବନେଶ୍ୱର, ୨୦।୯ (ସମିସ):** ବହୁ ଚର୍ଚ୍ଚିତ 'କିଲର୍ ସ୍ୱାମୀ' କନେଷ୍ଟବଳ ଦୀପକ ତଣ୍ଟିରେ ଏବେ ଦୁଇ ଦୁଇଟି ପତ୍ନୀ ହତ୍ୟାର କଣ୍ଟା ପଶିଛି। ମହିଳା କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟାକାଣ୍ଡକୁ ୧୫ଦିନ ବିତିଛି। ଦ୍ୱିତୀୟ ପତ୍ନୀ ଶୁଭମିତ୍ରା ହତ୍ୟା ମାମଲାରେ ଗିରଫ ହୋଇଥିବା କନେଷ୍ଟବଳ ଦୀପକ ଏବେ ପ୍ରଥମ ପତ୍ନୀ ଅପର୍ଣ୍ଣା ହତ୍ୟା ମାମଲାରେ ମଧ୍ୟ ଛନ୍ଦି ହୋଇଛି।

**ଶୁଭମିତ୍ରା ମୃତ୍ୟୁ ମାମଲାରେ ଜେସିବି ମାଲିକ ଓ ଚାଳକଙ୍କୁ ଜେରା**

**ଅପର୍ଣ୍ଣା ଦୁର୍ଘଟଣା ମୃତ୍ୟୁ ମାମଲାର ନଥିପତ୍ର ଜବତ, ପରିବାରଲୋକଙ୍କ ବୟାନ ରେକର୍ଡ**

ଗୋଟିଏ ପଟେ କମିସନରେଟ ପୁଲିସ ଶୁଭମିତ୍ରା ହତ୍ୟାକାଣ୍ଡର ତଦନ୍ତ କରୁଥିବା ବେଳେ ▶ପୃଷ୍ଠା-୭

**ଚାଷୀଙ୍କ ପାଇଁ ସତର୍କ ଘଣ୍ଟି**

## ଧାନ ଚାଷକୁ 'ଲା-ନିନା' ବିପଦ

### ବାଧାପ୍ରାପ୍ତ ହେବ ଅମଳ; କମିବ ଉତ୍ପାଦର ମାନ

■ **ଭୁବନେଶ୍ୱର, ୨୦।୯ (ସମିସ):** ସମଗ୍ର ବିଶ୍ୱର ପାଣିପାଗ ଏବେ ଲା-ନିନା ଆଡ଼କୁ ମୁହାଁଉଛି। ଏଥର ଲା-ନିନା ବର୍ଷ ହୋଇଥିବାରୁ ଜଳବାୟୁରେ ବ୍ୟାପକ ପରିବର୍ତ୍ତନ ହେଉଛି। ଏହାର ପ୍ରଭାବରେ ବର୍ଷା, ଖରା ଓ ଶୀତରେ ବ୍ୟାପକ ଅନିୟମିତତା ପରିଲକ୍ଷିତ ହେଉଛି। ଜଳବାୟୁ ପରିବର୍ତ୍ତନର ପ୍ରଭାବ କୃଷି କ୍ଷେତ୍ରକୁ ମାତ୍ରାଧିକ ପ୍ରଭାବିତ କରିବା ସହ ଫସଲ ଅମଳ ବାଧାପ୍ରାପ୍ତ ହେବା ନେଇ କୃଷି ବିଶେଷଜ୍ଞ ଆକଳନ କରିଛନ୍ତି।

ଅକ୍ଟୋବରରୁ ଡିସେମ୍ବର ମଧ୍ୟରେ ଲା-ନିନା ପ୍ରଭାବରେ ୬୦ରୁ ୭୦ ପ୍ରତିଶତ ହେବାର ସମ୍ଭାବନା ରହିଛି। ଅକ୍ଟୋବରରୁ ନଭେମ୍ବର ଭିତରେ ଗୋଟିଏରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ଲଘୁଚାପ, ଅବପାତ ବା ଝଡ଼ବାତ୍ୟାରେ ଆଶଙ୍କା ରହିଛି। ଗତ ୨୪ ବର୍ଷ ଭିତରେ ୮ବର୍ଷ ଥିଲା ଲା-ନିନା ବର୍ଷ। ୨୦୧୦-୧୧, ୨୦୨୦-୨୧ରେ ନଭେମ୍ବରରେ ବର୍ଷା ଅଧିକ ହୋଇଥିଲା। ଲା-ନିନା ଡିସେମ୍ବରକୁ



ପ୍ରଭାବିତ କରି ନ ଥାଏ; ମାତ୍ର ଜାନୁଆରୀ ଓ ଫେବ୍ରୁଆରୀରେ କେତେକ ଲା-ନିନା ବର୍ଷରେ ପଶ୍ଚିମାଝଡ଼ ହେତୁ ବର୍ଷା ହୋଇଥାଏ। ଅଧିକ ପବନ ଓ ବର୍ଷା ଯୋଗୁଁ ଅମଳ ଉପଯୋଗୀ ଧାନ ଶୋଇପଡ଼ିବା ସହ ଗଜା ହୋଇଯିବାର ଆଶଙ୍କା ରହିଛି।

ଲା-ନିନା ସଂପର୍କରେ ବିଶିଷ୍ଟ କୃଷି ଓ ପାଣିପାଗ ବିଜ୍ଞାନୀ ପ୍ରଫେସର୍ ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ଅତ୍ୟଧିକ ବର୍ଷା ଯୋଗୁଁ ବିଲରେ ପାଣି ଜମି ରହିବ। ଏଥିପାଇଁ ବିଳମ୍ବରେ ଧାନ କାଟିବା ଓ ଶୁଖାଇବାରେ ଅସୁବିଧା ଯୋଗୁଁ ଫିମ୍ପି ମାରିବା ସହ ଅମଳ ନଷ୍ଟ ହେବାର ଆଶଙ୍କା ରହିଛି। ଏଥିସହ ଉପକୂଳ ଅଞ୍ଚଳରେ ସାମୁଦ୍ରିକ ଲୁଣା ପାଣି ମାଡ଼ି ଆସି କ୍ଷେତରେ ପଶିବାର ଆଶଙ୍କାକୁ ବି ଏଡ଼ାଇ ଦିଆଯାଇ ନ ପାରେ। ଧାନ ବ୍ୟତୀତ କପା ଓ ଅନ୍ୟାନ୍ୟ ଫସଲ ମଧ୍ୟ ନଷ୍ଟ ▶ପୃଷ୍ଠା-୭




### ଟ୍ରମ୍ପଙ୍କୁ ଜବରଦସ୍ତ ଝଟ୍‌କା

## ମାନହାନୀ ମାମଲାକୁ ଖାରଜ କଲେ ଆମେରିକା କୋର୍ଟ



ନ୍ୟୁୟର୍କ, ୨୦।୯(ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଜବରଦସ୍ତ ଝଟ୍‌କା ଲାଗିଛି। ସେ 'ଦ ନ୍ୟୁୟର୍କ ଟାଇମ୍ସ' ଖବର କାଗଜ ବିରୋଧରେ ୧୫୦୦ କୋଟି ଡଲାରର ମାନହାନୀ ମକଦ୍ଦମା ଦାଏର କରିଥିଲେ। କିନ୍ତୁ ଆମେରିକାର ଏକ କୋର୍ଟ ଏହାକୁ ଖାରଜ କରିଛନ୍ତି। ଦୀର୍ଘଦିନ ଧରି ମୋତେ, ମୋ ପରିବାର ଓ ବ୍ୟବସାୟକୁ ଆକ୍ଷେପ କରି ଏହି ଖବର କାଗଜ ବହୁତ ମିଥ୍ୟା ତଥ୍ୟ ଦେବା ସହ ଭିତ୍ତିହୀନ ଓ ଅମୂଳକ ଖବର ପ୍ରକାଶିତ କରୁଥିଲା ବୋଲି ଟ୍ରମ୍ପ ଅଭିଯୋଗ କରିଥିଲେ। ସେ ଫ୍ଲୋରିଡାର ମିଡିଲ ଡିଷ୍ଟ୍ରିକ୍ଟର ୟୁଏସ୍ ଡିଷ୍ଟ୍ରିକ୍ଟ କୋର୍ଟରେ ଏହି ମାନହାନୀ ମକଦ୍ଦମା ଦାଏର କରିଥିଲେ। ଆମେରିକାର ଅଧିକାଂଶ ଗଣମାଧ୍ୟମ ମୋ ବିରୋଧରେ ମିଥ୍ୟା ଖବର ପରିବେଶଣ କରିବା ସହ ମୋତେ ବଦନାମ କରିବାକୁ ବରାବର ପ୍ରୟାସ କରିଆସିଛନ୍ତି ବୋଲି ଟ୍ରମ୍ପ କହିଥିଲେ। ଟ୍ରମ୍ପ ୮୫ ପୃଷ୍ଠାର ଅଭିଯୋଗ ପତ୍ର ଦାଖଲ କରିଥିଲେ ଓ ଏହା ଫେଡେରାଲ ରୁଲ୍ ଅଫ୍ ସିଭିଲ ପ୍ରସିଡ୍ୟୁରର ଧାରା ୮ର ଉଲ୍ଲଙ୍ଘନ କରୁଛି ବୋଲି ବିଚାରପତି ଷ୍ଟିଭେନ ଡି ମେରୀଡେ କହିଛନ୍ତି। ଏହି ଅଭିଯୋଗ ତଥ୍ୟ ଉପରେ ଆଧାରିତ ହେବା ସହ ଛୋଟ ଓ ସଂକ୍ଷିପ୍ତ ହେବା ଆବଶ୍ୟକ ବୋଲି ବିଚାରପତି କହିଛନ୍ତି। ଏହି ଅଭିଯୋଗରେ ନ୍ୟାୟିକ ବୈଧତା କମ୍ ଓ ରାଜନୈତିକ ଆଭିମୁଖ୍ୟ ଅଧିକ ରହିଛି ବୋଲି ମେରୀଡେ କହିଛନ୍ତି। ସେଥିପାଇଁ ଏହି ମକଦ୍ଦମା ଗ୍ରହଣୀୟ ନୁହଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

### ଜୁବେନ ଗର୍ଗଙ୍କ ମୃତ୍ୟୁ ମାମଲା

## ତଦନ୍ତ କରିବ ସିଆଇଡି



ନୂଆଦିଲ୍ଲୀ, ୨୦।୯(ଏଜେନ୍ସି): ଜଣାଶୁଣା ଆସାମ ତଥା ବଲିଉଡ୍ ଗାୟକ ଜୁବେନ ଗର୍ଗଙ୍କ ମୃତ୍ୟୁ ମାମଲା ଏବେ ନୂଆ ମୋଡ ନେଇଛି। ସେ ହଂକଂରେ ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲରେ ଯୋଗ ଦେବାକୁ ଯାଇଥିଲେ। କିନ୍ତୁ ସେଠାରେ ସେ ସ୍କୁବା ଡାଇଭଂ କରିବା ଅବସରରେ ଦୁର୍ଘଟଣା ଶିକାର ହୋଇ ପ୍ରାଣ ହରାଇଥିଲେ। ମୃତ୍ୟୁ ପରେ ତାଙ୍କ ଫେଷ୍ଟିଭାଲ ଆୟୋଜକ ଶ୍ୟାମକାନୁ ମହନ୍ତ ଓ ମ୍ୟାନେଜର ସିଦ୍ଧାର୍ଥ ଶର୍ମାଙ୍କ ବିରୋଧରେ ଅଭିଯୋଗ ଆସିଛି। ଫଳରେ ଆସାମ ସରକାର ତଦନ୍ତ ଦାୟିତ୍ୱ ସିଆଇଡିକୁ ହସ୍ତାନ୍ତର କରିଛି। ୫୨ ବର୍ଷୀୟ ଜୁବେନ୍‌ଙ୍କ ଅନ୍ତିମ ଭିଡିଓ ଭାଇରାଲ ହୋଇଛି। ସେ ଲାଇଫ୍ ଜ୍ୟାକେଟ ପିନ୍ଧି ପାଣିକୁ ଡେଇଁଥିବାର ଦେଖାଯାଇଛି। ଡାଇଭିଂ କରିବା ଅବସରରେ ସେ ପ୍ରାଣ ହରାଇଥିଲେ। ଏହାପରେ ତାଙ୍କୁ ପାଣିରୁ ବାହାର କରାଯାଇ ହସ୍ପିଟାଲ ନିଆଯାଇଥିଲା। କିନ୍ତୁ ଡାକ୍ତରଙ୍କ ଶତଚେଷ୍ଟା ବିଫଳ ହୋଇଥିଲା ଓ ଶେଷରେ ତାଙ୍କୁ ମୃତ ଘୋଷିତ କରାଯାଇଥିଲା। ସିଙ୍ଗାପୁରରେ ତାଙ୍କ ମୃତଦେହର ବ୍ୟବଚ୍ଛେଦ କରାଯାଇଛି। ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ଲଗାତର ଏହି ମାମାଲ ଉପରେ ନଜର ରଖିଛନ୍ତି। ଏବେ ତାଙ୍କ ମୃତଦେହକୁ ଭାରତ ଅଣାଯିବ। ଜୁବେନଙ୍କ ଅନ୍ତିମ ଦର୍ଶନ ଲାଗି ତାଙ୍କ ପାର୍ଥୀବ ଶରୀରକୁ ଗୌହାଟୀର ସରୁସାଜାଇ ଷ୍ଟାଡିୟମରେ ରଖାଯିବ ବୋଲି ରାଜ୍ୟ ସରକାରଙ୍କ ତରଫରୁ କୁହାଯାଇଛି। ଗ୍ୟାଙ୍ଗଷ୍ଟର ସିନେମାର 'ୟା ଅଲି', ହୃତିକ ରୋଶନ ଅଭିନୀତ କ୍ରିସ-୩ ସିନେମାର 'ଦିଲ ତୁହି ବତା' ଓ ପ୍ୟାର କା ସାଇଡ ଇଫେକ୍ଟ ସିନେମାର 'ଜାନେ କ୍ୟା ଚାହେ ମନ' ଭଳି ଗୀତ ଗାଇ ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ବଲିଉଡ ସମେତ ସେ ଆସାମୀ, ବେଙ୍ଗଲି, ନେପାଳୀ ଓ ଅନ୍ୟ ଆଞ୍ଚଳିକ ସିନେମାରେ ଗୀତ ଗାଇ ଲୋକପ୍ରିୟତା ଅର୍ଜନ କରିଥିଲେ।

## ଦିଲ୍ଲୀରେ ସ୍କୁଲକୁ ପୁଣି ବୋମା ଧମକ

ନୂଆଦିଲ୍ଲୀ, ୨୦।୯(ଏଜେନ୍ସି): ଦିଲ୍ଲୀର କେତୋଟି ସ୍କୁଲକୁ ପୁଣି ବୋମା ଧମକ ମିଳିଛି। ଶନିବାର ଫୋନ୍ କଲ୍ କରି ଏହି ଧମକ ଦିଆଯାଇଥିଲା। ଡିପିଏସ୍ ଦ୍ୱାରକା, କ୍ରିଷ୍ଣା ମଡେଲ ପବ୍ଲିକ୍ ସ୍କୁଲ୍ ଓ ସର୍ବୋଦୟ ବିଦ୍ୟାଳୟକୁ ବୋମା ଧମକ ମିଳିଥିଲା। ଫଳରେ ବିଭାଗୀୟ କର୍ତ୍ତୃପକ୍ଷ ସ୍କୁଲଗୁଡିକୁ ଖାଲି କରିଥିଲେ। ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକ ଓ ଅନ୍ୟ କର୍ମଚାରୀମାନଙ୍କୁ ବାହାରକୁ ଆସିବାକୁ କୁହାଯାଇଥିଲା। ଏହାପରେ ବୋମା ନିଷ୍କ୍ରିୟକାରୀ ଦଳ ଓ ପୁଲିସ୍ ତୁରନ୍ତ ଆସି ଯାଞ୍ଚ ଆରମ୍ଭ କରିଥିଲା ପୂରା ସ୍କୁଲ ପରିସରରେ ଛାନ୍‌ଭିନ୍ କରିଥିଲା। ପରେ ଏହି ବୋମା ଧମକ ମିଥ୍ୟା ବୋଲି ଜଣାପଡ଼ିଥିଲା। ଡିପିଏସ୍ ଦ୍ୱାରକା ସ୍କୁଲରେ ଚାଲିଥିବା ପରୀକ୍ଷାକୁ ସ୍ଥଗିତ ରଖାଯାଇଛି। କିନ୍ତୁ ଏହି ସ୍କୁଲ୍‌ଗୁଡିକରେ ସେଭଳି କୌଣସି ଆପତ୍ତିଜନକ ଜିନିଷ ଦେଖିବାକୁ ମିଳିନଥିଲା। ଦିଲ୍ଲୀ ଓ ଏନ୍‌ସିଆରରେ ଥିବା ସ୍କୁଲଗୁଡିକୁ ଗତ କିଛିମାସ ହେବ ନିୟମିତ ଭାବେ ବୋମା ଧମକ ମିଳୁଛି। ସେହିପରି ଦିଲ୍ଲୀ ହାଇକୋର୍ଟକୁ ମଧ ବୋମା ଧମକ ମିଳିଥିଲା।

## ୟୁକ୍ରେନ୍‌ର ଡ୍ରୋନ୍ ଆକ୍ରମଣରେ ରୁଷିଆରେ ୪ ମୃତ

ମସ୍କୋ, ୨୦।୯(ଏଜେନ୍ସି): ରୁଷିଆର ଦକ୍ଷିଣ ପଶ୍ଚିମ ସମରା ଅଞ୍ଚଳରେ ୟୁକ୍ରେନ୍ ଡ୍ରୋନ୍ ଦ୍ୱାରା ଆକ୍ରମଣ କରିଛି ଓ ଏଥିରେ ୪ ଜଣ ଲୋକ ମୃତ୍ୟୁବରଣ କରିଛନ୍ତି ବୋଲି ଭ୍ୟାଚ୍ଚେସଲାଭ ଫେଡେରିସଚେଭ ଗଭର୍ଣ୍ଣର ଶନିବାର ସୂଚନା ଦେଇଛନ୍ତି। ଗତ ରାତିରେ ଦୁଇ ଦେଶ ପରସ୍ପରକୁ ଶହଶହ ଡ୍ରୋନ ଦ୍ୱାରା ଆକ୍ରମଣ କରିଥିଲେ। ଏଥିରେ ଜଣେ ଲୋକ ଆହତ ମଧ ହୋଇଛନ୍ତି। ଏହା ପୂର୍ବରୁ ରୁଷିଆ ୟୁକ୍ରେନର ବିଭିନ୍ନ ଅଞ୍ଚଳରେ ବହୁ ସଂଖ୍ୟାରେ ଡ୍ରୋନ୍ ଓ ମିସାଇଲ ଆକ୍ରମଣ କରିଥିଲା ଓ ଏଥିରେ ୩ ଜଣ ମୃତ୍ୟୁବରଣ କରିଥିବା ବେଳେ ଡଜନେରୁ ଉର୍ଦ୍ଧ୍ୱ ଲୋକ ଆହତ ହୋଇଥିଲେ ବୋଲି ୟୁକ୍ରେନର ଅଧିକାରୀମାନେ ସୂଚନା ଦେଇଛନ୍ତି। ୟୁକ୍ରେନର ୯ଟି ଅଞ୍ଚଳରେ ଆକ୍ରମଣ ହୋଇଥିଲା ବୋଲି ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି କହିଛନ୍ତି। ଏହି ଆକ୍ରମଣରେ ବିଭିନ୍ନ ଭିତ୍ତିଭୂମି, ସାଧାରଣ ଲୋକ ରହୁଥିବା ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି ବୋଲି ସେ କହିଛନ୍ତି।

## ମୁମ୍ବାଇ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ ଉଦ୍‌ଘାଟିତ

ମୁମ୍ବାଇ୨୦।୯(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଜରାଟର ଭାବନଗରରୁ ଆଭାସୀ ଭାବେ ମୁମ୍ବାଇର ଅତ୍ୟାଧୁନିକ ଅନ୍ତର୍ଜାତୀୟ କ୍ରୁଜ୍ ଟର୍ମିନାଲ ଉଦ୍‌ଘାଟନ କରିଛନ୍ତି। ଏହା ଦେଶର ସର୍ବବୃହତ କ୍ରୁଜ ଟର୍ମିନାଲ ବିବେଚିତ ହେଉଛି। ଏହାକୁ ଇନ୍ଦିରା ଡକ୍, ବେଲାର୍ଡ ପିୟର ଓ ମୁମ୍ବାଇ ବନ୍ଦରରେ ନିର୍ମାଣ କରାଯାଇଛି। ଏହାର ନାମ ମୁମ୍ବାଇ ଇଣ୍ଟରନ୍ୟାସନାଲ କ୍ରୁଜ୍ ଟର୍ମିନାଲ (ଏମ୍‌ଆଇସିଟି) ରଖାଯାଇଛି। ୫୫୬ କୋଟି ଟଙ୍କା ବିନିମୟରେ ଏହାର ନିର୍ମାଣ ହୋଇଛି। ଏହାକୁ ଭାରତୀୟ କ୍ରୁଜ୍ ପର୍ଯ୍ୟଟନର ଗେଟ୍ ୱେର ମାନ୍ୟତା ହାସଲ କରିବ। ଏହାର ଛାତ ସମୁଦ୍ରର ଲହଡି ଭଳି ଡିଜାଇନ୍ କରାଯାଇଛି। ଏହା ଭାରତର କ୍ରୁଜ୍ ପର୍ଯ୍ୟଟନକୁ ଆହୁରି ଗୋଟିଏ ପାଦ ଆଗକୁ ନେବ ବୋଲି କେନ୍ଦ୍ରୀୟ ପୋତ, ନୌବାହନୀ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ କହିଛନ୍ତି। ଏଠାକୁ ପ୍ରତିବର୍ଷ ୧୦ ଲକ୍ଷ ପର୍ଯ୍ୟଟକ ବୁଲିବାକୁ ଆସିବେ।

# ପିଓକେ ଛାଡୁଛନ୍ତି ଆତଙ୍କବାଦୀ



ନୂଆଦିଲ୍ଲୀ, ୨୦।୯(ଏଜେନ୍ସି): ଭାରତୀୟ ସେନାର ନିର୍ଣ୍ଣାୟକ ଅପରେସନ ସିନ୍ଦୂର ପରେ ବିଭିନ୍ନ ଆତଙ୍କବାଦୀ ସଂଗଠନ ପାକିସ୍ତାନ ଅଧିକୃତ କଶ୍ମୀର (ପିଓକେ) ଛାଡୁଛନ୍ତି। ଭାରତୀୟ ସେନାର ସମ୍ଭାବ୍ୟ ଆକ୍ରମଣକୁ ଦୃଷ୍ଟିରେ ରଖି ଜେଶ-ଏ- ମହମ୍ମଦ ଓ ହିଜବୁଲ ମୁଜାହିଦ୍ଦିନ ଭଳି ସଂଗଠନ ଖାଇବର ପଖତୁନଖ୍ୱାରେ ନିଜର ନୂଆ ଠିକଣା ସୃଷ୍ଟି କରୁଛନ୍ତି ବୋଲି ଭାରତୀୟ ପ୍ରତିରକ୍ଷା ଓ ସେନାର ସୂତ୍ରରୁ ଜଣାଯାଇଛି। ଏବେ ଏହି ସବୁ ଆତଙ୍କବାଦୀ ସଂଗଠନ ପିଓକେରେ ଅସୁରକ୍ଷିତ ମନେ କରୁଛନ୍ତି। ଖାସ୍ ଏଥିପାଇଁ ଏହି ସଂଗଠନଗୁଡିକ ଆଫଗାନିସ୍ତାନ ସୀମାରେ ଥିବା ଖାଇବର ପଖତୁନଖ୍ୱାର ପାହାଡି ଅଞ୍ଚଳରେ ସେମାନଙ୍କ ପାଇଁ ସୁରକ୍ଷିତ ଠିକଣା ଓ ଭିତ୍ତିଭୂମି ନିର୍ମାଣ କରୁଛନ୍ତି। ପାକିସ୍ତାନର ସରକାରୀ ସଂସ୍ଥାଗୁଡିକ ମଧ ଏହି ପ୍ରକ୍ରିୟାରେ ଏହି ସଂଗଠନଗୁଡିକ ସହଯୋଗ କରୁଛନ୍ତି। କିଛି ଦିନ ତଳେ ପାକିସ୍ତାନରେ ପୁଲିସର ସୁରକ୍ଷା ବଳୟରେ ଜେଶ-ଏ- ମହମ୍ମଦ ସଭା କରିଥିଲା। ସେହିପରି ଜମିୟତ ଉଲେମା-ଏ-ଇସଲାମ ଭଳି ରାଜନୈତିକ ତଥା ଧାର୍ମିକ ସଂଗଠନ ମଧ ଏହାକୁ ସମର୍ଥନ କରିଥିଲା। ସେପ୍ଟେମ୍ବର ୧୪ରେ ଅନୁଷ୍ଠିତ ଭାରତ-ପାକିସ୍ତାନ ଏସିଆକପ୍ କ୍ରିକେଟ ମ୍ୟାଚ ଅବସରରେ ଏକ ଧାର୍ମିକ କାର୍ଯ୍ୟକ୍ରମ ନାମରେ ସଂଗଠନଗୁଡିକ ପ୍ରଦାନ କରିଥିବା ଅଭିଯୁକ୍ତଙ୍କ ହାଜତ ଅବଧିକୁ ବୃଦ୍ଧି କରାଯାଇଛି। ନ୍ୟାସନାନ ଇନଭେଷ୍ଟିଗେସନ ଏଜେନ୍ସି (ଏନ୍‌ଆଇଏ)ର ଆବେଦନ କ୍ରମେ ଦୁଇ ଅଭିଯୁଙ୍କ ହାଜତ ଅବଧିକୁ ୪୫ ଦିନ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏହି ଅଭିଯୁକ୍ତଙ୍କଠାରୁ ପାକିସ୍ତାନ ଫୋନ୍ ନଂ ଥିବା ଜାଣିବାକୁ ମିଳିଥିଲା ବୋଲି

### ଖାଇବର ପଖତୁନଖ୍ୱାରେ ଏବେ ନୂଆ ଠିକଣା

ବିଭିନ୍ନ ଆତଙ୍କବାଦୀଙ୍କୁ ନିୟୋଜିତ କରିଥିଲେ। ଉଲ୍ଲେଖଥାଉ କି, ପହଲଗାମରେ ଆତଙ୍କବାଦୀ ଆକ୍ରମଣ ପରେ ଭାରତୀୟ ସେନା ଜବାବ ସ୍ୱରୂପ ମେ ୭ରେ ଅପରେସନ ସିନ୍ଦୂର ଆରମ୍ଭ କରିଥିଲା ଓ ପାକିସ୍ତାନର ୭ଟି ସହରରେ ୯ଟି ଆତଙ୍କବାଦୀଙ୍କ ଠିକଣାକୁ ଧ୍ୱଂସ କରି ଦେଇଥିଲା।

ଇତିମଧ୍ୟରେ ଗତ ଏପ୍ରିଲ ୨୨ରେ ହୋଇଥିବା ପହଲଗାମ ଆକ୍ରମଣରେ ଆତଙ୍କବାଦୀଙ୍କୁ ସହାୟତା ସରକାରୀ ଓକିଲ କହିଛନ୍ତି। ଅନ୍ୟପଟେ ୯୦ ଦିନ ସମୟ ମିଳିଥିଲେ ମଧ ଏନ୍‌ଆଇଏ ଯାଞ୍ଚ ପୂରା କରିବାରେ ବିଫଳ ହୋଇଛି ବୋଲି ପ୍ରତିପକ୍ଷ ଓକିଲ କୋର୍ଟରେ ଦଲିଲ ରଖିଥିଲେ। କିନ୍ତୁ କୋର୍ଟ ଏହି ଯୁକ୍ତିକୁ ଖାରଜ କରିଥିଲେ ଓ ଅଭିଯୋଗ ଗମ୍ଭୀର ହୋଇଥିବାରୁ ଓ ରାଷ୍ଟ୍ରୀୟ ସୁରକ୍ଷା ସହିତ ଜଡିତ ରହିଥିବାରୁ ହାଜତ ଅବଧିକୁ ବୃଦ୍ଧି କରାଯିବା ସପକ୍ଷରେ ରାୟ ଦେଇଥିଲେ।

## ୨୬ରେ ଅବସର ନେବ 'ମିଗ୍-୨୧'



ନୂଆଦିଲ୍ଲୀ, ୨୦।୯(ଏଜେନ୍ସି): ଭାରତୀୟ ବାୟୁସେନାର ମେରୁଦଣ୍ଡ ବିବେଚିତ ହେଉଥିବା ମିଗ୍-୨୧ ଲଢୁଆ ବିମାନ ଆସନ୍ତା ୨୬ ତାରିଖରେ ଆନୁଷ୍ଠାନିକ ଭାବେ ଅବସର ନେବ। ଦୀର୍ଘ ୬୨ ବର୍ଷ ହେବେ ଏହି ବିମାନ ବାୟୁସେନାର ନିରନ୍ତର ଭାବେ ସେବା କରିଆସୁଥିଲା। ଏହି ବିମାନ ୧୯୬୫ ଭାରତ- ପାକିସ୍ତାନ ଯୁଦ୍ଧ, ୧୯୭୧ ବାଂଲାଦେଶ ମୁକ୍ତି ସଂଗ୍ରାମ, ଭାରତ- ପାକିସ୍ତାନ କାରଗିଲ ଯୁଦ୍ଧ ଓ ବହୁ ମିଶନରେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ଏବେ ମିଗ୍-୨୧ ସ୍ଥାନରେ ତେଜସ ଏଲଏସି ମାର୍କ ୧ଏ ବିମାନକୁ ବାୟୁସେନାରେ ସାମିଲ କରାଯିବ। ଚଣ୍ଡିଗଡ଼ ଏୟାର ବେସ୍‌ରେ ମିଗ୍-୨୧କୁ ବିଦାୟ ଦିଆଯିବ। ଏହାପରେ ବାୟୁସେନାରେ ଏହି ବିମାନ ସେବା ଉପଲବ୍ଧ ହେବ ନାହିଁ। ୧୯୬୩ରେ ପ୍ରଥମଥର ପାଇଁ ମିଗ୍-୨୧କୁ ବାୟୁସେନାରେ ସାମିଲ କରାଯାଇଥିଲା। ଏହା ଭାରତର ପ୍ରଥମ ସୁପରସୋନିକ ଜେଟ୍ ଥିଲା। ଏହା ଶବ୍ଦ ତଥ ଧ୍ୱନୀର ଗତି (୩୩୨ ମିଟର ପ୍ରତି ସେକେଣ୍ଡ)ଠାରୁ ଅଧିକ ବେଗ୍‌ରେ ଗତି କରୁଥିଲା। ଏହି ଫାଇଟର ଜେଟ୍‌ର ଶେଷ ଦୁଇଟି ସ୍କ୍ୱାଡ୍ରନ (୩୬ଟି ମିଗ୍ ବିମାନ) ରାଜସ୍ଥାନର ବିକାନେରର ନାଲ ଏୟାରବେସ୍‌ରେ ନିୟୋଜିତ ରହିଛି। ଏହି ଦୁଇଟି ସ୍କ୍ୱାଡ୍ରନକୁ ନମ୍ବର ୩ ସ୍କ୍ୱାଡ୍ରନ କୋବରା ଓ ନଂ ୨୩ ସ୍କ୍ୱାଡ୍ରନ ପାନ୍ଥର୍ସ ବୋଲି କୁହାଯାଉଛି। ଏପର୍ଯ୍ୟନ୍ତ ୪୦୦ରୁ ଉର୍ଦ୍ଧ୍ୱ ମିଗ୍-୨୧ ବିମାନ ଦୁର୍ଘଟଣାରେ ଧ୍ୱଂସ ପାଇଛି ଓ ୨୦୦ରୁ ଉର୍ଦ୍ଧ୍ୱ ପାଇଲଟ୍ ମୃତ୍ୟୁବରଣ କରିଛନ୍ତି। ଖାସ ଏହି କାରଣ ପାଇଁ ମିଗ୍-୨୧କୁ ଉଡନ୍ତା କଫିନ ଓ ୱିଡୋ ମେକର ବୋଲି କୁହାଯାଉଥିଲା। ଭାରତ ମୋଟ୍ ଉପରେ ୯୦୦ ମିଗ୍-୨୧ ଜେଟ୍ କ୍ରୟ କରିଥିଲା ଓ ଏଥିରେ ଏବେ ମାତ୍ର ୩୬ଟି ବାକି ରହିଛି। ୬୬୦ଟି ବିମାନ ହିନ୍ଦୁସ୍ଥାନ ଏରୋନେଟିକ୍ସ ଲିମିଟେଡ (ଏଚ୍‌ଏଏଲ୍) ଭାରତରେ ହିଁ ତିଆରି କରିଥିଲା। ୨୦୨୧ ମିଗ୍-୨୧ ୭ ଥର ଦୁର୍ଘଟଣା ସମ୍ମୁଖୀନ ହୋଇଛି। ବାଲାକୋଟ ଏୟାର ଷ୍ଟ୍ରାଇକ୍‌ରେ ମଧ ୱିଙ୍ଗ୍ କାମାଣ୍ଡର ଅଭିନନ୍ଦନଙ୍କ ମିଗ୍- ୨୧ ବିମାନ କ୍ରାସ ହୋଇଥିଲା।

### ୯୦୦ରୁ ମାତ୍ର ୩୬ଟି ବିମାନ ବାକି ରହିଛି

## ସୁରକ୍ଷାବଳ- ଆତଙ୍କବାଦୀ ଗୁଳି ବିନିମୟରେ ଜଣେ ଯବାନ ସହିଦ

ଉଧାମପୁର, ୨୦।୯(ଏଜେନ୍ସି): ଜମ୍ମୁ-କଶ୍ମୀରର ଉଧାମପୁରରେ ସୁରକ୍ଷାବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଚାଲିଛି। ଶନିବାର ଏଥିରେ ଜଣେ ଯବାନ ସହିଦ ହୋଇଥିବା ବେଳେ ଏସ୍‌ପିଓଙ୍କ ସମେତ ଦୁଇଜଣ ପୁଲିସକର୍ମୀ ଆହତ ହୋଇଛନ୍ତି। ଶୁକ୍ରବାରଠାରୁ ଏହି ଏନ୍‌କାଉଣ୍ଟର ଆରମ୍ଭ ହୋଇଥିଲା। ଉଧାମପୁରର ଦୁଡୁ-ବସନ୍ତଗଡ଼ ଓ ଭଦେରୱାର ସୋଜଧାର ଜଙ୍ଗଲରେ ସେନା ଓ ସ୍ପେସିଆଲ ଅପରେସନ ଗ୍ରୁପ୍ ଓ ଆତଙ୍କବାଦୀଙ୍କ ମଧ୍ୟରେ ଚାଲିଥିବା ଏବେ ଏହି ଏନ୍‌କାଉଣ୍ଟର ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ଦୁଇଜଣ ଜୈଶ ଆତଙ୍କବାଦୀ ଛପି ରହିଥିବା ଜଣାଯାଇଛି। ଏନକାଉଣ୍ଟର ଚାଲିଥିବା ଅଞ୍ଚଳରେ ଶୁକ୍ରବାର ରାତିରେ ଘେରାବନ୍ଦୀ କରାଯାଇଥିଲା ଓ ସକାଳେ ପୁଣିଥରେ ସର୍ଚ୍ଚ ଅପରେସନ୍ ଆରମ୍ଭ କରାଯାଇଥିଲା। ଆକାଶରୁ ନିରୀକ୍ଷଣ କରିବା ପାଇଁ ଏହି ଅଞ୍ଚଳରେ ଡ୍ରୋନ୍, ହେଲିକପ୍ଟରର ବ୍ୟବହାର କରାଯାଉଛି। ସେହିପରି ଜଙ୍ଗଲ୍‌ରେ ଶିକାରୀ କୁକୁରଙ୍କ ସହ ଆତଙ୍କବାଦୀଙ୍କୁ ଖୋଜିବା ଜାରି ରହିଛି। ଜମ୍ମୁ-କଶ୍ମୀର ଜାତୀୟ ରାଜପଥରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି କଡ଼ାକଡି କରାଯାଇଛି। ସେପଟେ କିସ୍ତୱାରରେ ମଧ ଆତଙ୍କବାଦୀଙ୍କୁ ଖୋଜା ଜାରି ରହିଛି। ତେଣୁ ଏଠାରେ ସୁରକ୍ଷାବଳ ଓ ଆତଙ୍କବାଦୀଙ୍କ ମଧ୍ୟରେ ଗୁଳିବିନିମୟ ଚାଲିଛି।

## ଆତଙ୍କବାଦୀଙ୍କ ପାଇଁ ବୋମା ତିଆରି କରୁଥିଲେ ରାଞ୍ଚିର ଛାତ୍ର

ନୂଆଦିଲ୍ଲୀ, ୨୦।୯(ଏଜେନ୍ସି): ଭାରତର ଏକ ଛୋଟିଆ ସହରର ଛାତ୍ର ଆଇଏସ୍‌ଆଇଏସ୍ ଆତଙ୍କବାଦୀଙ୍କ ପାଇଁ ବୋମା ତିଆରି କରୁଥିଲା। ବିଶ୍ୱାସ ନ ହେଲେ ବି ଏହା ସତ। ଝାଡଖଣ୍ଡ ରାଜଧାନୀ ରାଞ୍ଚିର ଇସଲାମନଗର ଅଞ୍ଚଳରେ ଏକ ଅଜଣା ପରିତ୍ୟକ୍ତ ସ୍ଥାନରେ ଆସାର ଦାନିସ ନାମକ ଏକ ଯୁବକ ଷ୍ଟାଫ୍ ସିଲେକସନ କମିସନ (ଏସ୍‌ଏସ୍‌ସି) ଭଳି ସରକାରୀ ଚାକିରି ପାଇଁ ପ୍ରସ୍ତୁତି ତଥା ପଢ଼ାପଢ଼ି କରୁଛନ୍ତି। କିନ୍ତୁ ସେ ପ୍ରକୃତରେ ଆଇଏସ୍‌ଏସ୍ ଆତଙ୍କବାଦୀଙ୍କ ପାଇଁ ବୋମା ତିଆରି କରୁଥିଲେ। ଗତ ସପ୍ତାହରେ ଦିଲ୍ଲୀ ପୁଲିସ ଏ ବିଷୟରେ ଜାଣିବାକୁ ପାଇଥିଲା। ଆଫତାବ କୁରେସି ନାମକ ଜଣେ ଆତଙ୍କବାଦୀକୁ ଜେରା କରିବା ପରେ ଏହି ସ୍ଥାନ ଉପରେ ଚଢ଼ାଉ କରି ଦାନିସକୁ ଗିରଫ କରାଯାଇଥିଲା। ବରିଷ୍ଠ ନେତା ଖାସ୍ କରି ବିଜେପି ନେତାଙ୍କୁ ଟାର୍ଗେଟ କରି ଦାନିଶ ବୋମା ତିଆରି କରୁଥିଲା। ଦାନିସକୁ ଗିରଫ କରିବା ସହ ଏହି ସ୍ଥାନରୁ ପୋଟାସିୟମ ନାଇଟ୍ରେଟ୍, ବିସ୍ଫୋରକ ଓ ବିପୁଳ ପରିମାଣର ରାସାୟନିକ ପଦାର୍ଥ ଜବତ କରିଛି। ଏଠାରେ କେବଳ ବୋମା ତିଆରି ହେଉ ନଥିଲା, ଏଠାରେ ନୂଆ ଆତଙ୍କବାଦୀଙ୍କୁ ନିଯୁକ୍ତି ମଧ ଦିଆଯାଉଥିଲା। ଦାନିସକୁ ମଧ ଜଣେ ପାକିସ୍ତାନୀ ହ୍ୟାଣ୍ଡଲର ସାମାଜିକ ଗଣମାଧ୍ୟମ ଦ୍ୱାରା ନିଯୁକ୍ତି ଦେଇଥିଲା। ଏହି ମାମଲାରେ ଜଡିତ ଅନ୍ୟ ଲୋକଙ୍କୁ ପୁଲିସ ଖୋଜୁଛି। ପୁଲିସ ଦାନିସକୁ ଗିରଫ୍ କରିବା ସହ ଏକ ବଡ଼ ଆତଙ୍କବାଦୀ ନେଟୱର୍କ ବିଷୟରେ ଜାଣିବାକୁ ପାଇଛି।

## ବ୍ରିଟିଶ ବୃଦ୍ଧ ଦମ୍ପତିଙ୍କୁ ଛାଡ଼ିଲା ତାଲିବାନ

କାବୁଲ, ୨୦।୯(ଏଜେନ୍ସି): ଏକ ଉଲ୍ଲେଖନୀୟ ଘଟଣାକ୍ରମରେ ବ୍ରିଟେନର ଏକ ବୃଦ୍ଧ ଦମ୍ପତିଙ୍କୁ ତାଲିବାନ ଛାଡିଦେଇଛି। ୮୦ ବର୍ଷୀୟ ପିଟର ରିନୋଲ୍ଡ ଓ ତାଙ୍କ ପତ୍ନୀ ୭୬ ବର୍ଷୀୟା ବାରବାରାଙ୍କୁ ଗତ ଫେବୃଆରୀରେ ଗିରଫ କରାଯାଇଥିଲା। ଏବେ ଏହି ଦମ୍ପତି ଖୁସିରେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବାର ବାଟ ଫିଟିଛି। ୧୯୭୦ରେ ଏହି ଦମ୍ପତି ବିବାହ କରିଥିଲେ ଓ ଗତ କେତେ ଦଶନ୍ଧି ଧରି ଆଫଗାନିସ୍ତାନରେ ଅବସ୍ଥାନ କରୁଥିଲେ। ଏହି ପତିପତ୍ନୀ ଆଫଗାନିସ୍ତାନରେ ମହିଳା ଓ ଛୋଟପିଲା ପାଇଁ ଶିକ୍ଷାଗତ କାର୍ଯ୍ୟକ୍ରମ କରିଆସୁଥିଲେ ଓ ଏଥିପାଇଁ ତାଲିବାନ ରୋଷର ଶିକାର ହୋଇଥିଲେ। ଦୁହିଁଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଆଫଗାନିସ୍ତାନରେ ଶାସନ କରୁଥିବା ତାଲିବାନ ସେମାନଙ୍କୁ ଛାଡିବାକୁ ନିଷ୍ପତ୍ତି ନେଇଛି। ଏହି ଦୁଇଜଣଙ୍କୁ ଆମେ ଭଲ ଭାବେ ରଖିଛୁ ଓ ସବୁ ପ୍ରକାର ସୁବିଧା ସୁଯୋଗ ଉପଲବ୍ଧ କରାଇଛୁ ବୋଲି ତାଲିବାନ କହିଛି।

## ମୁନୀର ମାନସିକ ନିର୍ଯାତନା ଦେଉଛନ୍ତି: ଇମ୍ରାନ

ନୂଆଦିଲ୍ଲୀ, ୨୦।୯(ଏଜେନ୍ସି): ପାକିସ୍ତାନ ପୂର୍ବତନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ୍ ଦେଶର ସେନାଧ୍ୟକ୍ଷ ହାସିମ ମୁନୀରଙ୍କ ବିରୋଧରେ ନୂଆ ଅଭିଯୋଗ ଆଣିଛନ୍ତି। ୭୨ ବର୍ଷୀୟ ଇମ୍ରାନ ବିଭିନ୍ନ ମାମଲାରେ ଜଡିତ ହୋଇ ଗତ ୨ ବର୍ଷ ହେବ ଜେଲରେ ଅଛନ୍ତି। ଏବେ ସେ ରାୱଲପିଣ୍ଡିର ଆଦିଆଲା ଜେଲ୍‌ରେ ଅଛନ୍ତି। ତାଙ୍କ ପତ୍ନୀ ବୁସ୍‌ରା ବିବି ମଧ ଅଲ- କାଦିର ଟ୍ରଷ୍ଟ ମାମଲାରେ ଚଳିତ ବର୍ଷ ପ୍ରାରମ୍ଭରେ ଜେଲ୍‌ରେ ଅଛନ୍ତି। ଜେଲରେ ପତ୍ନୀଙ୍କ ସହ ମୋତେ ମାନସିକ ଭାବେ ନିର୍ଯାତନା ଦିଆଯାଉଛି ବୋଲି ସେ କହିଛନ୍ତି। ଏହା ଦ୍ୱାରା ଆମେ ଭାଙ୍ଗିପଡ଼ି ଆତ୍ମସମର୍ପଣ କରିବୁ ବୋଲି ମୁନୀର ଭାବୁଛନ୍ତି ବୋଲି ସେ କହିଛନ୍ତି। କିନ୍ତୁ ଯେ ପର୍ଯ୍ୟନ୍ତ ଆମେ ବଞ୍ଚିଥିବୁ ସେ ପର୍ଯ୍ୟନ୍ତ ଆମେ ଅନ୍ୟାୟ ଓ ଅତ୍ୟାଚାର ଆଗରେ ନଇଁବୁ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ଜେନେରାଲ ମୁନୀର ସେନାକୁ ବ୍ୟବହାର କରି ସାରା ଦେଶରେ ଏକଛତ୍ରବାଦ ଶାସନ ଚଳାଇବା ସହ ଭୟର ବାତାବରଣ ସୃଷ୍ଟି କରିଛନ୍ତି ବୋଲି ସେ କହିଛନ୍ତି।

# ଭାରତୀୟଙ୍କ ସ୍ୱପ୍ନ ଚୂର୍‌ମାର୍ କରିଦେଲେ ଟ୍ରମ୍ପ


ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ପୁଣି ଭାରତକୁ ବଡ଼ ଝଟ୍‌କା ଦେଇଛନ୍ତି। ଭାରତ ପ୍ରତି ବନ୍ଧୁତାର ହାତ ବଢ଼ାଇ ଆଉ ଥରେ ଧୋକା ଦେଇଛନ୍ତି। ଏଚ୍-୧ବି ଭିସାର ବାର୍ଷିକ ଦେୟ ବୃଦ୍ଧି କରି ଲକ୍ଷେ ଡଲାର କରିଦେଇଛନ୍ତି। ଏହାକୁ ନେଇ ଭାରତୀୟ ସର୍ବାଧିକ ଚିନ୍ତାରେ ଅଛନ୍ତି। କାରଣ ଏହି ଭିସାର ପ୍ରାୟ ୭୨ ପ୍ରତିଶତ ଭାରତୀୟଙ୍କୁ ମିଳୁଥିଲା। କୁଶଳୀ କର୍ମଚାରୀଙ୍କୁ ଆମେରିକା ଡାକୁଥିବା କମ୍ପାନୀଙ୍କୁ ଏହି ଭିସା ବାବଦ ଅର୍ଥ ଦେବାକୁ ପଡ଼ିବ। ସୂଚନା ଅନୁଯାୟୀ ଆମେରିକା ବର୍ଷକୁ ଜାରି କରୁଥିବା ୮୫ ହଜାର ଏଚ୍-୧ବି ଭିସାରୁ ୭୨ ପ୍ରତିଶତ ଭାରତୀୟଙ୍କୁ ମିଳିଥାଏ। ଏଭଳି ପଦକ୍ଷେପ ନେଇ ଘରଦ୍ୱାର ବିକି ଆମେରିକା ଯାଉଥିବାର ଭାରତୀୟଙ୍କ ସ୍ୱପ୍ନକୁ ଟ୍ରମ୍ପ ଚୁରମାର କରିଦେଇଛନ୍ତି। ଟ୍ରମ୍ପଙ୍କ ଏହି ପଦକ୍ଷେପ ଦ୍ୱାରା ଏଚ୍-୧ବି ଭିସା କାର୍ଯ୍ୟକ୍ରମ ପ୍ରାୟ ଶେଷ ହୋଇଯିବ ବୋଲି ଲାଗୁଛି। କାରଣ ଏହା ବାବଦ ଦେୟ ଭିସା ଧାରକଙ୍କ ବାର୍ଷିକ ଦରମାଠାରୁ ବି ଅଧିକ। ଭାରତୀୟଙ୍କ ପାଇଁ ଏହି ଭିସା ଅଧିକ ଗୁରୁତ୍ୱପୂର୍ଣ୍ଣ। ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ଏହି ଭିସା ଧାରକଙ୍କ ସଂଖ୍ୟା ଏକ ଚତୁର୍ଥାଂଶ ରହିଛି। ଚଢ଼ା ଶୁଳ୍କ ବିବାଦ ପରେ ଭାରତ ସହ ସମ୍ପର୍କକୁ ସୁଧାରିବା ପାଇଁ କହୁଥିବା ଟ୍ରମ୍ପ ଏଭଳି ପଦକ୍ଷେପ ନେଇଛନ୍ତି। ଗତ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାଇ ଟ୍ରମ୍ପ ଭାରତ-ଆମେରିକା ସମ୍ବନ୍ଧ ବିଷୟରେ ଉଲ୍ଲେଖ କରିଥିଲେ। ଉଭୟ ଦେଇ ଦ୍ୱିପାକ୍ଷିକ ବାଣିଜ୍ୟ ଚୁକ୍ତି (ବିଟିଏ) ଉପରେ ଚର୍ଚ୍ଚା କରୁଥିବା କହିଥିଲେ।

ଆମେରିକାରେ ପ୍ରାୟ ୩ ଲକ୍ଷ ଅଧିକ-କୁଶଳୀ ଭାରତୀୟ କର୍ମଚାରୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗରେ କାମ କରୁଛନ୍ତି। ଏଚ-୧ବି ଭିସାରେ ଏହି ଭାରତୀୟ ଆମେରିକାରେ ଅଛନ୍ତି। ଭାରତ ପରେ ଚୀନ୍ ନାଗରିକଙ୍କୁ ଏହି ଭିସାର ସର୍ବାଧିକ ଲାଭ ମିଳୁଛି। ତେବେ ଏହି ସଂଖ୍ୟା ମାତ୍ର ୧୧-୧୨ ପ୍ରତିଶତ ରହିଛି। ପୂର୍ବରୁ ଏଚ୍-୧ବି ଭିସା ପାଇଁ ୨୧୫ ଡଲାର ଦେବାକୁ ପଡୁଥିଲା। ଏହା ସହିତ ଆଉ ୭୫୦ ଡଲାର ଲାଗୁଥିଲା। କିଛି ମାମଲାରେ ଏଥିପାଇଁ ୫ ହଜାର ଡଲାର ଅର୍ଥାତ୍ ପ୍ରାୟ ୪.୫ ଲକ୍ଷ ଟଙ୍କା ଦେବାକୁ ପଡିଥାଏ। କିନ୍ତୁ ଏବେ ନୂଆ ଦେୟ ୨୦ରୁ ଶହେ ଗୁଣା ଅଧିକ ରହିଛି। ଏଥିପାଇଁ ପ୍ରାୟ ୮୮ ଲକ୍ଷ ଟଙ୍କା ଦେବାକୁ ପଡ଼ିବ। ଏଚ-୧ବି ଭିସା ଧାରକଙ୍କ ହାରାହାରି ବାର୍ଷିକ ଦରମାର ଏହି ନୂଆ ଦେୟ ୮୦ ପ୍ରତିଶତରୁ ଅଧିକ।

### ଏଚ୍-୧ବି ଭିସା ପାଇଛନ୍ତି ୨ ଲକ୍ଷ ୭ ହଜାର ଭାରତୀୟ

### ଆମାଜନ ୧୨ ହଜାର, ମେଟା ୫ ହଜାର ଭିସା ନେଇଛି

### ଭିସାର ଅପବ୍ୟବହାର ହେଉଛି କହିଲା ଆମେରିକା



ରିପୋର୍ଟ ଅନୁଯାୟୀ ଆମେରିକାରେ ପ୍ରାୟ ୩୦ ଲକ୍ଷ ଭାରତୀୟ-ଆମେରିକୀୟ ରହୁଛନ୍ତି। ୨୦୨୩ରେ ଏଚ-୧ବି ଭିସା ନେଇଥିବା ଲୋକଙ୍କ ମଧ୍ୟରେ ଲକ୍ଷେ ୯୧ ହଜାର ଭାରତୀୟ ଥିଲେ। ଏହା ୨୦୨୪ରେ ୨ ଲକ୍ଷ ୭ ହଜାରରେ ପହଞ୍ଚି ଯାଇଥିଲା। ଏକ ଅଧ୍ୟୟନରୁ ଜଣାପଡ଼ିଥିଲା ଯେ ଏହି ଭିସା ଯୋଗୁଁ ପ୍ରବାସୀ ଭାରତୀୟ ଆମେରିକାର ସର୍ବାଧିକ ଆୟକାରୀଙ୍କ ମଧ୍ୟରେ ସାମିଲ ଅଛନ୍ତି। ଏହି ଭିସା ସହାୟତାରେ ଭାରତୀୟ କମ୍ପାନୀଗୁଡିକ ନିଜ କର୍ମଚାରୀଙ୍କୁ ଆମେରିକା ପଠାଇଥାଆନ୍ତି। ଇନ୍‌ଫୋସିସ, ଟିସିଏସ ଏବଂ ୱିପ୍ରୋ ଭଳି ଭାରତୀୟ ଆଇଟି କମ୍ପାନୀଗୁଡିକ ଏଚ-୧ବି ଭିସା ବ୍ୟବହାରକରି ଜୁନିୟର ଏବଂ ମିଡ-ଲେଭୁଲ ଇଞ୍ଜିନିୟରଙ୍କୁ ଆମରିକା ପଠାଇ ଥାଆନ୍ତି। ଆମାଜନ ଏବଂ ମାଇକ୍ରୋସଫ୍ଟ ଭଳି ଆମେରିକା କମ୍ପାନୀଗୁଡିକ ମଧ ଭାରତର ଯୁବ ପ୍ରତିଭାଙ୍କୁ ଆମେରିକା ନେଇଥାନ୍ତି। ଚଳିତ ବର୍ଷର ପ୍ରଥମ ପର୍ଯ୍ୟାରେ ଆମାଜନ ଏବଂ ଏହାର ଶାଖା ଏଡବ୍ଲ୍ୟୁଏସ ୧୨ ହଜାର, ମାଇକ୍ରୋସଫ୍ଟ ଏବଂ ମେଟା ପ୍ଲାଟଫର୍ମକୁ ୫ ହଜାର ଏଚ୍-୧ବି ଭିସା ପାଇଁ ଅନୁମତି ମିଳିଥିଲା। କିନ୍ତୁ ଏବେ କର୍ମଚାରୀଙ୍କୁ ଆମେରିକା ପଠାଇବା ଲାଭଜନକ ହେବ ନାହିଁ। ଏହା ସହିତ ବୃତ୍ତିଗତ ଭାରତୀୟଙ୍କୁ ମଧ କମ୍ ସୁଯୋଗ ମିଳିବ।

ଆମେରିକ ବାଣିଜ୍ୟ ସଚିବ ହାଭର୍ଡ ଲୁଟନିକଙ୍କ ଅନୁଯାୟୀ ଏବେ ଏଚ-୧ବି ଭିସାରେ ପ୍ରଶିକ୍ଷାର୍ଥୀଙ୍କୁ ରଖିପାରିବେ ନାହିଁ। ଆର୍ଥିକ ଭାବେ ଏହା ଆଉ ସମ୍ଭବ ହେବନାହିଁ। ଯଦି ପ୍ରଶିକ୍ଷଣ ଦେବାକୁ ଅନ୍ୟ ଦେଶର କର୍ମଚାରୀଙ୍କୁ ଆଣୁଛନ୍ତି ତେବେ ଆମେରିକୀୟଙ୍କୁ ପ୍ରଶିକ୍ଷଣ ଦିଅନ୍ତୁ। ହ୍ୱାଇଟ ହାଉସର ଷ୍ଟାଫ ସେକ୍ରେଟାରୀ ୱିଲ ସାର୍ଫ କହିଛନ୍ତି ଯେ ଏଚ୍-୧ବି ଭିସାର ସର୍ବାଧିକ ଅପବ୍ୟବହାର ହୋଇଛି। ଅତ୍ୟନ୍ତ ଦକ୍ଷ କର୍ମଚାରୀଙ୍କୁ ଆମେରିକା ଆସିବା ପାଇଁ ଅନୁମତି ଦେବା ଏହାର ଉଦ୍ଦେଶ୍ୟ ଥିଲା।

# ବିଦ୍ୟୁତ୍ ଆଘାତରେ ଦୁଇ ଚାଷୀ ମୃତ




ଜଳେଶ୍ୱର, ୨୦।୯ (ସମିସ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ୍ ଅଧୀନ ନେତୁଆ ପଞ୍ଚାୟତ କପାସୁଦା ଗାଁରେ ଆଜି ଏକ ଦୁଃଖଦ ଘଟଣା ଘଟିଛି। ବିଦ୍ୟୁତ୍ ଆଘାତରେ ଦୁଇ ଚାଷୀଙ୍କ ମୃତ୍ୟୁ ଘଟିଛି। ମୃତକଦ୍ୱୟ ହେଲେ, ଗୋବିନ୍ଦ ଜେନାଙ୍କ ପୁଅ ରବୀନ୍ଦ୍ର ଜେନା (୪୦) ଓ ଭଗବାନ ଜେନାଙ୍କ ପୁଅ ଜଗନ୍ନାଥ ଜେନା (୪୫)। ଆଜି ସକାଳେ ଦୁହେଁ ଚାଷ କାମ ପାଇଁ ଜମିକୁ ଯାଇଥିବା ବେଳେ ଏହି ଅଘଟଣ ଘଟିଥିଲା। ବିଲରେ ଛିଡ଼ି ପଡ଼ିଥିବା ଏକ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସିବାରୁ ଦୁହିଁଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମର ସୁଦର୍ଶନ ମହାନ୍ତି ଏହା ଦେଖି ଗ୍ରାମବାସୀଙ୍କୁ ଖବର ଦେବା ପରେ ଘଟଣା ପଦାକୁ ଆସିଥିଲା। ଏହାକୁ ନେଇ ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ଏହି ଅଘଟଣ ପାଇଁ ପରିବାର ଲୋକେ ବିଦ୍ୟୁତ୍ ବିଭାଗକୁ ଦାୟୀ କରିବା ସହ କ୍ଷତିପୂରଣ ଦାବି କରିଥିଲେ। ନାମ୍ପୋ ପୁଲିସ୍ ଘଟଣାସ୍ଥଳରୁ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଅପରପକ୍ଷେ ଏହି ଅଘଟଣ ଯୋଗୁଁ ରବୀନ୍ଦ୍ରଙ୍କ ୩ ପୁଅ ଓ ସ୍ତ୍ରୀ ଏବଂ ଜଗନ୍ନାଥଙ୍କ ୨ ପୁଅ ଓ ସ୍ତ୍ରୀ ବେସାହାରା ହୋଇପଡ଼ିଛନ୍ତି। ସେମାନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଆଙ୍କୁଲା ନୂଆସାହି ଲଳିତ ସାହୁ ହତ୍ୟା ମାମଲା

# ବାପା ସମେତ ଦୁଇ ପୁଅଙ୍କୁ ଆଜୀବନ ଜେଲ୍

ଅନୁଗୋଳ,୨୦।୯ (ସମିସ): ଅନୁଗୋଳ ସଦର ଥାନା ଆଙ୍କୁଲା ନୂଆସାହି ଗ୍ରାମର ଲଳିତ ସାହୁ ହତ୍ୟା ମାମଲାର ଆଜି ରାୟ ପ୍ରକାଶ ପାଇଛି। ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ୍ ହୃଷୀକେଶ ଆଚାର୍ଯ୍ୟ ଏହି ମାମଲାର ବିଚାର କରି ଅଭିଯୁକ୍ତ ବାପା ଓ ଦୁଇ ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଦଣ୍ଡିତ ବାପ-ପୁଅ ହେଲେ, ସେହି ଗ୍ରାମର ବିଜୟ ସାହୁ ଏବଂ ତାଙ୍କ ପୁଅ ଦୁଷ୍ମନ୍ତ ସାହୁ ଓ ପିଣ୍ଟୁ ସାହୁ। ଏଥିସହ ୧୦ ହଜାର ଟଙ୍କା ଲେଖାଏଁ ଜରିମାନା ଆଦେଶ କରିଛନ୍ତି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ୍‌ଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି। ୧୮ ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

୨୦୨୨ ମେ' ୨୩ରେ ଦୁଷ୍ମନ୍ତଙ୍କ ଦୋକାନକୁ ଲଳିତ ସିଗାରେଟ୍ ଆଣିବାକୁ ଯାଇଥିଲେ। କିନ୍ତୁ ଦୁଷ୍ମନ୍ତ ସିଗାରେଟ୍ ଦେବାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ, ମାରପିଟ୍ ହୋଇଥିଲା। ସେଠାରୁ ଲଳିତ ଘରକୁ ଫେରିଯାଇଥିଲେ। ପରେ ଦୁଷ୍ମନ୍ତ, ତାଙ୍କ ଭାଇ ପିଣ୍ଟୁ ଏବଂ ବାପା ବିଜୟଙ୍କ ସମେତ ପରିବାରର କେତେଜଣ ମହିଳା ଠେଙ୍ଗାବାଡ଼ି ଓ ମରଣାସ୍ତ୍ର ଧରି ଲଳିତଙ୍କ ଘରେ ପହଞ୍ଚିଥିଲେ। ଲଳିତ ଘରେ ଏକୁଟିଆ ଥିବା ଦେଖି ସେମାନେ ତାଙ୍କୁ ଆକ୍ରମଣ କରିଥିଲେ। ସମସ୍ତେ ମିଶି ଲଳିତଙ୍କୁ ଜାବୁଡ଼ି ଧରିବା ପରେ ପିଣ୍ଟୁ ଧାରୁଆ ଅସ୍ତ୍ରରେ ତାଙ୍କ ବେକ କାଟି ଦେଇଥିଲେ। ଲଳିତ ରକ୍ତଜୁଡୁବୁଡୁ ଅବସ୍ଥାରେ ତଳେ ପଡ଼ିଯିବା ପରେ ଦୁଷ୍ମନ୍ତ ଏବଂ ବିଜୟ ତାଙ୍କ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ପରେ ସମସ୍ତେ ସେଠାରୁ ପଳାଇଥିଲେ। ପରିବାରଲୋକେ ଘରେ ପହଞ୍ଚିବା ପରେ ଲଳିତଙ୍କୁ ଏପରି ଅବସ୍ଥାରେ ଦେଖି ତୁରନ୍ତ ଡାକ୍ତରଖାନା ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ସମ୍ପର୍କରେ ଲଳିତଙ୍କ ଭାଇ ସଞ୍ଜୟ ସାହୁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଏକ ମାମଲା ରୁଜୁ କରି ବିଜୟ, ଦୁଷ୍ମନ୍ତ ଓ ପିଣ୍ଟୁଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ସରକାରଙ୍କ ପକ୍ଷରୁ ଆଡିସନାଲ ପବ୍ଲିକ୍ ପ୍ରସିକ୍ୟୁଟର୍ ତାପସ ରଞ୍ଜନ ମିଶ୍ର ଏହି ମାମଲା ପରିଚାଳନା କରୁଥିଲେ।

# ତ୍ରିଶୁଳିଆରେ ନିର୍ମାଣ ହେବ ଦ୍ୱିତୀୟ ବ୍ରିଜ୍

ଭୁବନେଶ୍ୱର,୨୦।୯ (ସମିସ): କଟକ ତ୍ରିଶୁଳିଆରେ ଦ୍ୱିତୀୟ ବ୍ରିଜ୍‌ର ନିର୍ମାଣ ହେବ। ଟ୍ୱିନ୍ ସିଟି କଟକ-ଭୁବନେଶ୍ୱର ମଧ୍ୟରେ ହେଉଥିବା ଭିଡ଼ କମାଇବା ଲାଗି ରାଜ୍ୟ ସରକାର ଏଭଳି ଯୋଜନା କରିଛନ୍ତି। ଏଥିପାଇଁ ଡିପିଆର୍ ପ୍ରସ୍ତୁତ କରାଯାଇ ଅନୁମୋଦନ ହୋଇ ସାରିଛି ବୋଲି ବିଧାନସଭାରେ ଉତ୍ତର ରଖିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ।

ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ ତାରକା ପ୍ରଶ୍ନରେ ଉତ୍ତର ରଖି ମନ୍ତ୍ରୀ କହିଛନ୍ତି ଯେ ତ୍ରିଶୁଳିଆରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ଲାଗି ଓବିସିସି ଟେଣ୍ଡର ପ୍ରକ୍ରିୟା ଜାରି ରଖିଛି। ଏଥିପାଇଁ ପ୍ରସ୍ତୁତ ଡିପିଆରକୁ ପ୍ରଶାସନିକ ଅନୁମୋଦନ ମିଳି ସାରିଛି । ଏହି ପ୍ରକଳ୍ପରେ ୨୯୭ କୋଟି ୫୯ ଲକ୍ଷ ୯୧ ହଜାର ୧୯୩ ଟଙ୍କା ଖର୍ଚ୍ଚ ଆକଳନ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ସରିବା ପରେ ଦ୍ୱିତୀୟ ବ୍ରିଜ୍ ନିର୍ମାଣ ଆରମ୍ଭ ହେବ ଏବଂ ସରକାର ୩୬ ମାସରେ ନିର୍ମାଣ କାର୍ଯ୍ୟ ସାରିବାକୁ ଲକ୍ଷ୍ୟ ରଖିଛନ୍ତି।

# ଓଡ଼ିଶା ହେବନି ମଦମୁକ୍ତ ରାଜ୍ୟ

### ବନ୍ଦ ଥିବା ୭୦ ମଦ ଦୋକାନକୁ ଖୋଲିବାକୁ ଅନୁମତି ■ ଆଉ ୪ ନୂଆ ଠିପି ଖୋଲା ମଦଦୋକାନ ଖୋଲିବାକୁ ପ୍ରସ୍ତାବ

ଭୁବନେଶ୍ୱର, ୨୦।୯ (ସମିସ): ଓଡ଼ିଶା ହେବନି ମଦମୁକ୍ତ ରାଜ୍ୟ। ଓଡ଼ିଶାକୁ ମଦମୁକ୍ତ ରାଜ୍ୟ କରିବା ପାଇଁ କୌଣସି ପ୍ରସ୍ତାବ ବିଚାରଧୀନ ନାହିଁ। ରାଜ୍ୟ ବିଧାନସଭାରେ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏଭଳି ଲିଖିତ ଉତ୍ତର ରଖିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ବନ୍ଦ ଥିବା ମଦ ଦୋକାନଗୁଡ଼ିକ ମଧ୍ୟରୁ ୭୦ଟି ମଦ ଦୋକାନ ପୁନଃ ଖୋଲିବା ପାଇଁ ଅନୁମତି ଦିଆଯାଇଛି। ମନ୍ତ୍ରୀ ବିଧାନସଭାରେ ଏଭଳି ତଥ୍ୟ ପ୍ରଦାନ କରିବା ପରେ ଏହାକୁ ନେଇ ରାଜନୀତି ଆରମ୍ଭ ହୋଇଛି। ପୂର୍ବରୁ ମଦମୁକ୍ତ ରାଜ୍ୟ ଓ ମଦ ବନ୍ଦ କରିବାକୁ ବିଜେପି ବାରମ୍ବାର ଦାବି କରିଆସୁଥିଲା। ଏମିତିକି, ରାଜ୍ୟରେ ସରକାର ଗଠନ କଲେ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ଗଠନ କରିବା ନେଇ ବିଜେପି ନିଜ ନିର୍ବାଚନୀ ଇସ୍ତାହାର (ସଂକଳ୍ପପତ୍ର)ରେ ଦର୍ଶାଇଥିଲା। ହେଲେ, ସରକାରକୁ ଆସିବା ପରେ ମଦ ବନ୍ଦ ଓ ମଦମୃତ୍ୟୁ ପ୍ରସଙ୍ଗରୁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ମୁହଁ ଫେରାଇ ନେଇଥିବା ବିଭିନ୍ନ ମହଲରେ ଅଭିଯୋଗ ହୋଇଛି।

ମଦମୁକ୍ତଓଡ଼ିଶା ଦୂରର କଥା, ବର୍ତ୍ତମାନ ରାଜ୍ୟ ସରକାର ମଦକୁ ପ୍ରୋତ୍ସାହନ କରୁଥିବା ଜଳଜଳ ଦେଖାଯାଉଛି। ରାଜ୍ୟରେ ଯେଉଁ ମଦ ଦୋକନଗୁଡ଼ିକ ବନ୍ଦ ରହିଥିଲା, ସେଥିମଧ୍ୟରୁ ୭୦ଟିକୁ ପୁନଃ ଖୋଲିବା ପାଇଁ ରାଜ୍ୟ ସରକାର ଅନୁମତି ଦେଇଛନ୍ତି। ଏଥିରେ ବାଲେଶ୍ୱରରେ ସର୍ବାଧିକ ୧୭ଟି ମଦ ଦୋକାନ ରହିଥିବା ବେଳେ ଜଗତସିଂହପୁରରେ ୧୦ଟି ନୟାଗଡ଼ରେ ୯ଟି, ନବରଙ୍ଗପୁରରେ ୮ଟି, କଟକରେ ୭ଟି, ରାଉରକେଲାରେ ୫ଟି, ବ୍ରହ୍ମପୁରରେ ୪ଟି, କନ୍ଧମାଳ ଓ କେନ୍ଦୁଝରରେ ୩ଟି ଲେଖାଏଁ, ବଲାଙ୍ଗିରରେ ୨ ଏବଂ ମାଲକାନଗିରି ଓ ସମ୍ବଲପୁରରେ ଗୋଟିଏ ଲେଖାଏଁ ରହିଛି। ଏହାବ୍ୟତୀତ, ସରକାରଙ୍କ ନିକଟରେ ୪ଟି ନୂଆ ଠିପିଖୋଲା ମଦ ଦୋକାନ ଏବଂ ୩ଟି ନୂଆ ମଦ କାରଖାନା ଖୋଲିବାକୁ ପ୍ରସ୍ତାବ ରହିଛି। ସେଥିମଧ୍ୟରୁ ୩ଟି ପୁରୀରେ ହେବାକୁ ଥିବା ବେଳେ ଗୋଟିଏ ଭୁବନେଶ୍ୱର ପାଇଁ ପ୍ରସ୍ତାବ ରହିଛି। ଏହାସହ ମଦ କାରଖାନା ମଧ୍ୟରେ ଗୋଟିଏ କଟକ ଓ ଦୁଇଟି ଢେଙ୍କାନାଳରେ କରିବାକୁ ବିଚାରଧୀନ ରହିଥିବା ବିଭାଗୀୟ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବିଧାନସଭାରେ ଉତ୍ତର ରଖିଛନ୍ତି।

■ ଢେଙ୍କାନାଳ ଓ କଟକ ଜିଲ୍ଲାରେ ଖୋଲିବ ୩ ମଦ କାରଖାନା

■ ୨୦୨୯ ସୁଦ୍ଧା ନିଶାମୁକ୍ତ ଓଡ଼ିଶା ଗଠନ କରିବାକୁ ସଂକଳ୍ପପତ୍ରରେ କହିଥିଲା ବିଜେପି

ରାଜ୍ୟରେ ସରକାର ପରବର୍ତ୍ତନ ପରେ ପରେ ଚିକିଟି ମଦ ମୃତ୍ୟୁକୁ ନେଇ ତମ୍ବିତୋଫାନ ହୋଇଥିଲା। ଏହି ଘଟଣାରେ ୫ ଜଣଙ୍କର ପ୍ରାଣହାନି ହୋଇଥିବା ବେଳେ ନୂଆ ସରକାରଙ୍କୁ କଡ଼ା ସମାଲୋଚନାର ଶିକାର ହେବାକୁ ପଡ଼ିଥିଲା। ଗୋଟିଏପଟେ ପ୍ରତିଦିନ ବିଭିନ୍ନ ଅଞ୍ଚଳରେ ଅପମିଶ୍ରିତ ମଦ କାରବାର ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ଅପରାଧିକ ମାମଲା ମଧ୍ୟ ବଢ଼ୁଛି। ଅନେକ ସମୟରେ ରାଜ୍ୟରେ ବିଭିନ୍ନ ସ୍ଥାନରେ ମଦମୃତ୍ୟୁ ଭଳି ଘଟଣା ସାମନାକୁ ଆସୁଛି। ଯଦିଓ ସରକାର ଏଭଳି ଘଟଣା ରୋକିବା ଓ ନିଶା ସେବନଠାରୁ ରାଜ୍ୟବାସୀଙ୍କୁ ଦୂରରେ ରଖିବା ପାଇଁ ନିୟମିତ ଧରପଗଡ଼ କରୁଛନ୍ତି ବୋଲି କହୁଛନ୍ତି, ମାତ୍ର ପରୋକ୍ଷରେ ମଦ ଦୋକାନ ବଢ଼ାଇ ଏହାକୁ ପ୍ରୋତ୍ସାହିତ କରୁଥିବା ଅଭିଯୋଗ ହୋଇଛି।

ଏହାବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ଅବସରରେ ଆସନ୍ତା ୨୧ ତାରିଖ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ଗଣଦୌଡ଼ର ଆୟୋଜନ କରାଯାଇଛି। ଏହି ଗଣଦୌଡ଼ର ବାର୍ତ୍ତା ହେଉଛି "ନିଶାମୁକ୍ତ ଭାରତ'। କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏହି ଗଣଦୌଡ଼ ଆୟୋଜନ କରାଯାଉଥିବା ବେଳେ ଏହାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ। ଏକ ମହତ୍ ବାର୍ତ୍ତା ନେଇ ଆୟୋଜନ ହେଉଥିବା ଏହି ଗଣଦୌଡ଼ରେ ବହୁ ସଂଖ୍ୟାରେ ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। କିନ୍ତୁ ଅଜବ କଥା ହେଲା, ନିଶାମୁକ୍ତିର ବାର୍ତ୍ତା ଦେଇ ଗୋଟିଏପଟେ ସରକାର ଯୁବ ସମାଜକୁ ସୁଧାରିବା ପାଇଁ ଚେଷ୍ଟା କରୁଥିବା ବେଳେ ଅନ୍ୟପଟେ ବନ୍ଦ ଥିବା ମଦ ଦୋକାନକୁ ଖୋଲି ନିଶାକୁ ପ୍ରୋତ୍ସାହିତ କରୁଛନ୍ତି। ତେଣୁ, ସରକାରଙ୍କ ପ୍ରକୃତ ଆଭିମୁଖ୍ୟକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଦୋକାନ ସହ ଜଳିଗଲେ ଯୁବକ

### ସଙ୍କଟାପନ୍ନ ଅବସ୍ଥାରେ ମେଡିକାଲରେ ଭର୍ତ୍ତି



କଣିହାଁ, ୨୦।୯ (ସମିସ): କଣିହାଁ ବ୍ଲକ୍ ରେଙ୍ଗାଳି ଥାନା ଅନ୍ତର୍ଗତ କରଡ଼ାଖମଣ ଗାଁରେ ଏକ ବଡ଼ଧରଣର ଅଘଟଣ ଘଟିଛି। ପେଟ୍ରୋଲ ନିଆଁରେ ଦୋକାନ ସହ ଜଣେ ଯୁବକ ଜଳି ଯାଇଛନ୍ତି। ସଂକଟାପନ୍ନ ଅବସ୍ଥାରେ ତାଙ୍କୁ ପ୍ରଥମେ ଖମାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେ ହେଲେ, ସେହି ଗ୍ରାମର ବନୋଜ କୁମାର ସାହୁ। ତାଙ୍କ ଶରୀରର ୬୦ ପ୍ରତିଶତ ପୋଡ଼ିଯାଇଥିବା ମେଡିକାଲ ପକ୍ଷରୁ କୁହାଯାଇଛି।

ବନୋଜଙ୍କ ଏକ ତେଜରାତି ଦୋକାନ ଅଛି। ଆଜି ସେ ଦୋକାନରେ ଥିବା ବେଳେ କୌଣସି କାରଣରୁ ନିଆଁ ଲାଗିଯାଇଥିଲା। ଦୁର୍ଭାଗ୍ୟକୁ ଦୋକାନରେ ବିକ୍ରି ଉଦ୍ଦେଶ୍ୟରେ ଥିବା ପେଟ୍ରୋଲରେ ଲାଗିଯିବାରୁ ନିଆଁ କ୍ଷିପ୍ର ଗତିରେ ବ୍ୟାପିଯାଇଥିଲା। ଫଳରେ ଦୋକାନ ସହ ବନୋଜ ଜଳିଯାଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ପରିବାରଲୋକ ତାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରାଇଥିଲେ। ତେବେ କେଉଁ କାରଣରୁ ନିଆଁ ଲାଗିଲା, ଏଥିରେ କାହାର ଅପରାଧିକ ଷଡ଼ଯନ୍ତ୍ର ରହିଛି କି ନାହିଁ, ତାହା ସ୍ପଷ୍ଟ ହୋଇନାହିଁ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଏନେଇ ତଦନ୍ତ ଆରମ୍ଭ କରିଛି।

### ଚୂଡ଼ାନ୍ତ ହେଲା କାର୍ତ୍ତିକ ନୀତି

# ଏଥର ପଞ୍ଚୁକ ୪ ଦିନ; ହେବନି ବାଙ୍କଚୂଡ଼ା ବେଶ



ପୁରୀ, ୨୦।୯ (ସମିସ): ଆଶ୍ୱିନ ଶୁକ୍ଳ ଏକାଦଶୀ ଅର୍ଥାତ୍ ଅକ୍ଟୋବର ୩ ତାରିଖଠାରୁ ଶ୍ରୀମନ୍ଦିରରେ ଆରମ୍ଭ ହେବ କାର୍ତ୍ତିକ ମାସ ବାଳଧୂପ ନୀତି। ମହାପ୍ରଭୁଙ୍କ ରାଧାଦାମୋଦର ବେଶ ଆଶ୍ୱିନ ଶୁକ୍ଳ ଏକାଦଶୀରୁ ଆରମ୍ଭ ହୋଇ କାର୍ତ୍ତିକ ଶୁକ୍ଳ ଦଶମୀ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହାପରେ ପଞ୍ଚୁକ ଚାଲିବ। ଚଳିତବର୍ଷ ପଞ୍ଚୁକ ୪ଦିନ ପଡ଼ିଛି। ଫଳରେ, ଏଥର ବାଙ୍କଚୂଡ଼ା ବା ବାମନ ବେଶ ଅନୁଷ୍ଠିତ ହେବ ନାହିଁ। ତେବେ, ଏହି ସ୍ୱତନ୍ତ୍ର ନୀତିକାନ୍ତି କିପରି ସୁରୁଖୁରୁରେ ସମ୍ପନ୍ନ ହେବ, ସେନେଇ ଶନିବାର ଅନୁଷ୍ଠିତ ହୋଇଥିଲା ଛତିଶା ନିଯୋଗ ବୈଠକ। ଏଥିରେ ନୀତି ସବ୍-କମିଟି ଦ୍ୱାରା ପ୍ରସ୍ତୁତ ନୀତିକାନ୍ତି ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇ କାର୍ତ୍ତିକ ମାସ ନୀତି ନିର୍ଘଣ୍ଟ ହୋଇଛି। ଏତଦ୍‌ବ୍ୟତୀତ ଭକ୍ତ ଏବଂ ହବିଷ୍ୟାଳିଙ୍କ ଶୃଙ୍ଖଳିତ ଦର୍ଶନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ବାଳଭୋଗ, ଠିକ୍ ସମୟରେ ମହାପ୍ରସାଦ ବାହାରିବା ଏବଂ ପଞ୍ଚୁକରେ ଭିଡ଼ ନିୟନ୍ତ୍ରଣ ଉପରେ ଆଲୋଚନା କରାଯାଇଛି।

**ଭୋର୍ ୫ଟାରେ ମଙ୍ଗଳ ଆଳତି**

**ସକାଳ ସାଢ଼େ ୬ରେ ରାଧାଦାମୋଦର ବେଶ**

**ଅକ୍ଟୋବର ୨୭ରେ ହରିହର ବେଶ**

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ହୋଇଥିବା ନୀତି ନିର୍ଘଣ୍ଟ ଅନୁଯାୟୀ, କାର୍ତ୍ତିକ ମାସରେ ରାତି ୧୨ଟାରେ ପହୁଡ଼ ସମ୍ପନ୍ନ ହୋଇ ରାତି ୪ଟାରେ ଦ୍ୱାର ଫିଟାଯିବ। ସାଢ଼େ ୪ଟାରେ ଭିତରଶୋଧ କରାଯାଇ ଭୋର୍ ୫ଟାରେ ମଙ୍ଗଳ ଆଳତି କରାଯିବାକୁ ନୀତି ନିର୍ଘଣ୍ଟ ହୋଇଛି। ଧର୍ମମାସ କାର୍ତ୍ତିକର ମୁଖ୍ୟ ଆକର୍ଷଣ ରାଧାଦାମୋଦର ବେଶ ସକାଳ ସାଢ଼େ ୬ଟାରୁ ସାଢ଼େ ୭ଟାରେ ସମ୍ପନ୍ନ ହେବ। ସାଢ଼େ ୮ଟାରୁ ସାଢ଼େ ୯ଟା ସକାଳ ଧୂପ (କେବଳ କୋଠଭୋଗ) ପରେ ପୂର୍ବାହ୍ନ ୧୦ଟାରୁ ସାଢ଼େ ୧୦ଟା ମଧ୍ୟରେ ବାଳଧୂପ ବଢ଼ିବ। ସେହିପରି ପଞ୍ଚୁକକୁ ନେଇ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସାହ ଥିବା ବେଳେ ଏହାର ତାରିଖ ନିର୍ଘଣ୍ଟ ହୋଇଛି। ଏଥର ପଞ୍ଚୁକ ୪ ଦିନ ପଡ଼ିଛି। ନଭେମ୍ବର ୨ରେ ମହାପ୍ରଭୁଙ୍କ ଠିଆକିଆ ବା ଲକ୍ଷ୍ମୀନାରାୟଣ ବେଶ ସହ ହରି ଉତ୍‌ଥାପନ ନୀତି ରହିଛି। ହେଲେ, ଏଥର ପଞ୍ଚୁକର ଦ୍ୱିତୀୟ ବେଶ ଅର୍ଥାତ୍ ବାଙ୍କଚୁଡ଼ ବା ବାମନ ବେଶ ଦର୍ଶନରୁ ବଞ୍ଚିତ ହେବେ ଶ୍ରଦ୍ଧାଳୁ। ଏବର୍ଷ ଏହି ବେଶ ହେବନାହିଁ। ନଭେମ୍ବର ୩ରେ ଡାଳିକିଆ ବା ତ୍ରିବିକ୍ରମ ବେଶ, ୪ରେ ଲକ୍ଷ୍ମୀନୃସିଂହ ବେଶ ଏବଂ ପଞ୍ଚୁକର ଶେଷ ଦିନ ଅର୍ଥାତ୍ ନଭେମ୍ବର ୫ରେ ମହାପ୍ରଭୁଙ୍କ ସୁନାବେଶ ତଥା ରାଜାଧିରାଜ ବେଶ ଅନୁଷ୍ଠିତ ହେବ। ଅନ୍ୟପକ୍ଷରେ ଦୀପାବଳି ଅମାବାସ୍ୟାଠାରୁ ପଞ୍ଚୁକ ମଧ୍ୟରେ ସୋମବାର ପଡ଼ିଲେ ବଡ଼ ଠାକୁରଙ୍କ ବାଡ଼ରେ ହରିହର ବେଶ ହେବାର ବିଧି ରହିଛି। ତେଣୁ ଅକ୍ଟୋବର ୨୭ ତାରିଖ ଅବକାଶ ନୀତି ପରେ ହରିହର ବେଶ ଅନୁଷ୍ଠିତ ହେବ।

ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂ, ଛତିଶା ନିଯୋଗ ନାୟକ, ମନ୍ଦିର କମାଣ୍ଡର, ପରିଚାଳନା କମିଟି ସେବାୟତ ପ୍ରତିନିଧି ଏବଂ ସମସ୍ତ ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ନିର୍ମାଣ ହେବ ନୂଆ ଲୋକସେବା ଭବନ

ଭୁବନେଶ୍ୱର,୨୦।୯ (ସମିସ): ରାଜ୍ୟରେ ନୂଆ ଲୋକସେବା ଭବନ ନିର୍ମାଣ ହେବ ବୋଲି ବିଧାୟିକା ସୁଭାଷିନୀ ଜେନାଙ୍କ ଏକ ଅଣତାରକା ପ୍ରଶ୍ନର ଉତ୍ତରରେ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। ମନ୍ତ୍ରୀ କହିଛନ୍ତି ଯେ ନୂଆ ଲୋକସେବା ଭବନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ ଦାୟିତ୍ୱ ସେତୁ ଓ ନିର୍ମାଣ ନିଗମକୁ ଦାୟିତ୍ୱ ଦିଆଯାଇଛି। ମାଷ୍ଟର ପ୍ଲାନ ଅନୁମୋଦନ ପରେ ଲୋକସେବା ଭବନରେ ପାଇଁ ବ୍ୟୟ ଅଟକଳ ହେବ। ବର୍ତ୍ତମାନର ଲୋକସେବା ଭବନ ୬୮ ବର୍ଷ ପୁରୁଣା ଅଟେ । ଏଠାରେ ଗୁରୁତର ପାର୍କିଂ ସମସ୍ୟା ରହୁଛି, ତେଣୁ ନୂଆ ଲୋକସେବା ଭବନ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି।

# ଚଳିତ ଆର୍ଥିକ ବର୍ଷରେ ନିର୍ମାଣ ହେବ ୫୭ ନୂଆ ସେତୁ

ଭୁବନେଶ୍ୱର,୨୦।୯ (ସମିସ): ଚଳିତ ଆର୍ଥିକ ବର୍ଷରେ ରାଜ୍ୟରେ ୨୬୨୩.୯୦ କିଲୋମିଟର ନୂତନ ରାସ୍ତା, ୫୭ ଗୋଟି ସେତୁ, ୩ଟି ରେଲୱେ ଓଭର ବ୍ରିଜ(ଆରଓବି) ଏବଂ ୧୦୬ଟି ନୂତନ ସରକାରୀ କୋଠା ନିର୍ମାଣ ହେବ। ଏଥିପାଇଁ ମୋଟ ୯୫୦୦ କୋଟି ଟଙ୍କାର ବଜେଟ ଅନୁମୋଦନ କରାଯାଇଅଛି ବୋଲି ବିଧାନସଭାରେ ଲିଖିତ ଉତ୍ତର ରଖିଛନ୍ତି ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ଏତଦ୍ ବ୍ୟତୀତ ରାଜ୍ୟରେ ୧୫୦ କି.ମି. ନୂତନ ଜାତୀୟ ରାଜପଥ ନିର୍ମାଣ କରିବା ପାଇଁ ୧୩୨୯ କୋଟି ଟଙ୍କା (ନିର୍ମାଣ ଓ ଜମି ଅଧିଗ୍ରହଣ) ବିନିଯୋଗ କରିବା ପାଇଁ ନିଷ୍ପତ୍ତି ହୋଇଛି ବୋଲି ସେ ସୂଚନା ଦେଇଛନ୍ତି। ବିଧାୟକ ପବିତ୍ର ସାଉନ୍ତାଙ୍କ ଅଣତାରକା ପ୍ରଶ୍ନର ଉତ୍ତର ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ନିର୍ମାଣ ହେବାକୁ ଥିବା ସମସ୍ତ ଛୋଟ ବଡ ପ୍ରକଳ୍ପ ଗୁଡିକର ସର୍ଭେ, ଅନୁମୋଦିତ ଡିଜାଇନ, ଏଷ୍ଟିମେଟ ଓ ଡିପିଆର ପ୍ରସ୍ତୁତି ପାଇଁ ଘରୋ କନସଲଟାନ୍ସି ସର୍ଭିସଙ୍କ ସହଯୋଗ ନିଆଯାଉଅଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

### ରାଜ୍ୟରେ ଉତ୍କଟ ସାର ସଙ୍କଟ

# ରାଜ୍ୟପାଳଙ୍କ ଦ୍ୱାରସ୍ଥ ହେଲା ବିଜେଡି



ଭୁବନେଶ୍ୱର, ୨୦।୯ (ସମିସ): ରାଜ୍ୟରେ ଉତ୍କଟ ସାର ଅଭାବ ଏବଂ କଳାବଜାରୀ ପ୍ରସଙ୍ଗରେ ଶନିବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ନିକଟରେ ଫେରାଦ ହୋଇଛି ବିଜେଡି। ରାଜ୍ୟରେ ଚାଷୀଙ୍କୁ ଯେପରି ସଠିକ୍ ପରିମାଣ ଏବଂ ମୂଲ୍ୟରେ ସାର ମିଳିପାରିବ, ସେନେଇ ରାଜ୍ୟପାଳ ତୁରନ୍ତ ହସ୍ତକ୍ଷେପ କରିବାକୁ ପ୍ରତିନିଧି ଦଳ ରାଜ୍ୟପାଳଙ୍କ ନିକଟରେ ଦାବି ଜଣାଇଛି। ଏହାସହ ସାର କଳାବଜାରୀ ଓ ବେଆଇନ ମହଜୁଦକାରୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ମାର୍କଫେଡ, ପାକ୍ସ ଓ ଲାମ୍ପ୍ସ ପରି ସରକାରୀ ସଂସ୍ଥା ଯେପରି ଚାଷୀଙ୍କୁ ସରକାରୀ ଦରରେ ସାର ଯୋଗାଇବେ, ସେନେଇ ଉତ୍ତରଦାୟିତ୍ୱ ଧାର୍ଯ୍ୟ କରିବାକୁ ପ୍ରତିନିଧି ଦଳ ସ୍ମାରକପତ୍ରରେ ଉଲ୍ଲେଖ କରିଛି।

ପ୍ରତିନିଧି ଦଳ କହିଛି ଯେ ରାଜ୍ୟର ଚାଷୀକୂଳ ସାର ମୁଠାଏ ପାଇବା ପାଇଁ ବିଭିନ୍ନ ସମବାୟ ସମିତି ଆଗରେ ଘଣ୍ଟା ଘଣ୍ଟା ଧରି ଲମ୍ବା ଧାଡ଼ିରେ ଠିଆ ହେଉଛନ୍ତି। ମାତ୍ର ସେମାନଙ୍କୁ ସାର ମିଳୁନାହିଁ। ଯାହାଫଳରେ ସେମାନେ ବାଧହୋଇ ରାଜରାସ୍ତାକୁ ଓହ୍ଲାଇ ଏନେଇ ପ୍ରତିବାଦ ମଧ୍ୟ କରୁଛନ୍ତି। ମାତ୍ର ରାଜ୍ୟ ସରକାର ଏନେଇ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସାରର ଅଭାବ ସମ୍ପର୍କରେ କେନ୍ଦ୍ର ସାର, ରସାୟନ ମନ୍ତ୍ରୀଙ୍କୁ ଚିଠି ଲେଖି ତୁରନ୍ତ ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଥିଲେ। ଏହାସତ୍ତ୍ୱେ ମଧ୍ୟ ରାଜ୍ୟ ସରକାର ସାର ସଙ୍କଟ ଓ ଚାଷୀ ସମସ୍ୟାର ସମାଧାନ ଦିଗରେ କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କଲେନାହିଁ। ରାଜ୍ୟର ଅର୍ଥନୀତିରେ କୃଷିର ପ୍ରମୁଖ ଭୂମିକା ରହିଛି। ରାଜ୍ୟ ଜନସଂଖ୍ୟାର ୭୦ ପ୍ରତିଶତ ଲୋକେ କୃଷିକରି ନିଜ ପରିବାର ପ୍ରତିପୋଷଣ କରନ୍ତି। ଗତ ବିଜେଡି ସରକାରଙ୍କ ପଦକ୍ଷେପ ଏବଂ ଚାଷୀଙ୍କ କଠିନ ପରିଶ୍ରମ କାରଣରୁ ଓଡ଼ିଶା ଏବେ ଏକ ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟରେ ପରିଣତ ହୋଇପାରିଛି। ଏହି ଅଗ୍ରଗତି ଆଧୁନିକ କୃଷି ଜ୍ଞାନକୌଶଳ, ଜଳସେଚନ ଭିତ୍ତିଭୂମିରେ ବିକାଶ ସହ ସଠିକ ସମୟରେ ସଠିକ୍ ମୂଲ୍ୟରେ ସାର ଯୋଗାଣ ଯୋଗୁଁ ସମ୍ଭବ ହୋଇପାରିଛି। ମାତ୍ର ରାଜ୍ୟ ବିଜେପି ସରକାରଙ୍କ ଏକ୍ଷେତ୍ରରେ ଉଦାସୀନତା ଏବଂ ଯୋଜନାର ଅଭାବ କାରଣରୁ ରାଜ୍ୟ କୃଷି କ୍ଷେତ୍ର ଏହି ସଙ୍କଟ ମଧ୍ୟକୁ ଠେଲି ହୋଇଯାଇଛି ବୋଲି ପ୍ରତିନିଧି ଦଳ ସ୍ମାରକପତ୍ରରେ ଉଲ୍ଲେଖ କରିଛି। ଭୟଙ୍କର ସାର ସଙ୍କଟ କାରଣରୁ ଖରିଫ୍ ଚାଷ ଗୁରୁତର ଭାବେ ପ୍ରଭାବିତ ହୋଇଛି। ରାଜ୍ୟ ସରକାର ସାର ଯୋଗାଇବାରେ, ସାରର କଳାବଜାରୀ ରୋକିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ୪୫ କେଜି ସାର ବ୍ୟାଗ୍ର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ, ଏହା ବଜାରରେ ୮୦୦ରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ମୂଲ୍ୟରେ ବିକ୍ରି ହେଉଛି। ତେଣୁ ସମସ୍ୟାର ସମାଧାନ ପାଇଁ ତୁରନ୍ତ ଚାଷୀଙ୍କୁ ସଠିକ୍ ସମୟରେ ଏବଂ ସଠିକ୍ ମୂଲ୍ୟରେ ପର୍ଯ୍ୟାପ୍ତ ସାର ଯୋଗାଇଦେବାକୁ ବିଜେଡି ଦାବି କରିଛି। ସେହିପରି ସାର କଳାବଜାରୀ, ବଆଇନ ମହଜୁଦକାରୀ ଏବଂ ସାର ଦୁର୍ନୀତିର ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପ୍ରତିନିଧି ଦଳ ନିଜ ଦାବିପତ୍ରରେ ଉଲ୍ଲେଖ କରିଛି। ଏହି ପ୍ରତିନିଧି ଦଳରେ ବିରୋଧୀ ଦଳ ନେତା ପ୍ରସନ୍ନ ଆଚାର୍ଯ୍ୟ, ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ, ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ଡ. ଅରୁଣ ସୁମାର ସାହୁ, ବଦ୍ରି ନାରାୟଣ ପାତ୍ର, ଡ. ବ୍ୟୋମକେଶ ରାୟ, ଗଣେଶ୍ୱର ବେହେରା, ମନୋହର ରାନ୍ଧାରୀଙ୍କ ସମେତ ଦଳର ପ୍ରାୟ ସମସ୍ତ ବିଧାୟକ ଉପସ୍ଥିତ ଥିଲେ।

**ସ୍ମାରକ ପତ୍ର ପ୍ରଦାନ, ଚାଷୀଙ୍କୁ ସାର ଯୋଗାଣ ପାଇଁ ତୁରନ୍ତ ହସ୍ତକ୍ଷେପ କରନ୍ତୁ ରାଜ୍ୟପାଳ**

**କଳାବଜାରୀ, ବେଆଇନ ମହଜୁଦକାରୀଙ୍କ ବିରୋଧରେ ନିଆଯାଉ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ: ବିରୋଧୀ**

**ସରକାରଙ୍କ ଉଦାସନୀତା କାରଣରୁ ସୃଷ୍ଟି ହୋଇଛି ସମସ୍ୟା**

### ଦିନରେ ପ୍ରବଳ ଗୁଳୁଗୁଳି

# ଅପରାହ୍ଣରେ ଡରାଇଲା ବିଜୁଳି, ଘଡ଼ଘଡ଼ି

ଭୁବନେଶ୍ୱର,୨୦।୯ (ସମିସ): ରାଜ୍ୟରେ ଶୁକ୍ରବାର ପ୍ରବଳ ବିଜୁଳି-ଘଡ଼ଘଡ଼ି ଅନୁଭୂତ ହୋଇଛି। ବିଶେଷ କରି ଉପକୂଳବର୍ତ୍ତୀ ଜିଲ୍ଲା କେନ୍ଦ୍ର ଓ ଜଗତସିଂହପୁରରେ ବଜ୍ରପାତର ପ୍ରଭାବ ସବୁଠୁ ଅଧିକ ରହିଥିବା ବେଳେ କଟକ ଓ ଭୁବନେଶ୍ୱରରେ ମଧ୍ୟ ବିଜୁଳି ଘଡ଼ଘଡ଼ି ଲୋକଙ୍କୁ ଡରାଇଛି। ଦିନ ତମାମ ଗରମ ଗୁଳୁଗୁଳିରେ ଲୋକ କଲବଲ ହୋଇଥିବା ବେଳେ ଅପରାହ୍ଣ ପରେ ପାଗରେ ପରବର୍ତ୍ତନ ଆସିବା ସହ ଏପରି ସ୍ଥିତି ସୃଷ୍ଟି ହୋଇଛି। ଶୁକ୍ରବାର ବିହାରଠାରୁ ଗୋଟିଏ ଟ୍ରଫ୍ ଲାଇନ ବିଦର୍ଭ ପର୍ଯ୍ୟନ୍ତ ଲମ୍ବିଥିଲା। ଏଥିପାଇଁ ରାଜ୍ୟକୁ ବଙ୍ଗୋପସାଗରୀୟ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଥିଲା। ଅନ୍ୟପଟେ ମୌସୁମୀ ଦୁର୍ବଳ ଯୋଗୁଁ ବର୍ତ୍ତମାନ ମେଘମୁକ୍ତ ଆକାଶ ରହୁଛି। ତେଣୁ ଆଜି ଦିନ ତମାମ ଖରା ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଅନୁଭୂତ ହୋଇଛି। ଉତ୍ତପ୍ତ ବାୟୁମଣ୍ଡଳ ସହିତ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ସଂସ୍ପର୍ଶରେ ଆସିବା ହେତୁ ପ୍ରବଳ ବଜ୍ରପାତ ଯୋଗୁଁ ପାଗ ଅନୁକୂଳ ହୋଇଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବିଜୁଳି ଘଡ଼ଘଡ଼ି ଅନୁଭୂତ ହୋଇଥିବା ବେଳେ ଅନେକ ସ୍ଥାନରେ ଭଲ ବର୍ଷା ମଧ୍ୟ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ, ଶନିବାର ସନ୍ଧ୍ୟା ସାଢ଼େ ୫ ଟା ସୁଦ୍ଧା ବାଲେଶ୍ୱରରେ ୧୭ ମିମି ବର୍ଷା ହୋଇଥିବା ବେଳେ ବାରିପଦା ୧୫, ନୟାଗଡ଼ ୧୫, ଦାରିଙ୍ଗବାଡ଼ି ପୁରୀ ୧୩ ଓ ଦାରିଙ୍ଗବାଡ଼ିରେ ୧୨ ମିମି ବର୍ଷା ରେକର୍ଡ ହୋଇଛି।

ଅନ୍ୟପଟେ ଅପରାହ୍ଣ ପରେ ସାମାନ୍ୟ ବର୍ଷା ଯୋଗୁଁ ଗୁଳୁଗୁଳିରୁ କିଛିକାଂଶରେ ଆଶ୍ୱସ୍ତି ମିଳିଛି। ବର୍ଷା ଓ ବିଜୁଳି-ଘଡଘଡି ପ୍ରଭାବରେ ରାଜଧାନୀ ଭୁବନେଶ୍ୱରରେ ଆଜିର ତାପମାତ୍ରା ୩୪.୫ ଡିଗ୍ରୀରୁ ଖସି ୨୮.୬ରେ ପହଞ୍ଚିବା ସହ ତାପମାତ୍ରାରେ ପାଖାପାଖି ୫.୯ ଡିଗ୍ରୀ ହ୍ରାସ ପାଇଛି। ଏହା ପ୍ରଭାବରେ ଗୁଳୁଗୁଳିରୁ ସାମାନ୍ୟ ଆଶ୍ୱସ୍ତି ମିଳିଛି। ଅନ୍ୟପଟେ ଆଜି ଉପକୂଳ ଓଡ଼ିଶାରେ ଉଷ୍ମଆର୍ଦ୍ର ପାଣିପାଗ ସ୍ଥିତି ସୃଷ୍ଟି ହୋଇଛି। ଆଜି ଦିନ ୧୧ଟା ୩୦ ସମୟରେ ବିଭିନ୍ନ ସ୍ଥାନରେ ରେକର୍ଡ ତାପମାତ୍ରା ଏବଂ ଆର୍ଦ୍ରତା ପରିମାଣ ଅଧିକ ରହିବା ହେତୁ ଲୋକେ ନାହିଁ ନ ଥିବା କଷ୍ଟ ଭୋଗିଛନ୍ତି। ଦିନ ୧୧ ଟା ୩୦ରେ ଗୋପାଳପୁର: ୩୫ ଡିଗ୍ରୀ ତାପମାତ୍ରା ସହ ୬୮ ପ୍ରତିଶତ ଆର୍ଦ୍ରତା ରହିଥିବା ବେଳେ ବାଲେଶ୍ୱରରେ ୩୪.୬ ଡିଗ୍ରୀ ତାପମାତ୍ରା ସହ ୬୯ ପ୍ରତିଶତ ଆର୍ଦ୍ରତା ରହିଥିଲା।

# ‘ସୁବର୍ଣ୍ଣ ଭରତ’ ବୃଦ୍ଧାଶ୍ରମ ଶୁଭାରମ୍ଭ



ଛତ୍ରପୁର,୨୦।୯ (ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲିସ୍ଥିତ କେରାଣ୍ଡିତୋଳା ନାରାୟଣପୁରରେ ଏକ “ସୁବର୍ଣ୍ଣ ଭରତ’ ବୃଦ୍ଧାଶ୍ରମ ଆନୁଷ୍ଠାନିକ ଭାବେ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ବୃଦ୍ଧାଶ୍ରମର ପ୍ରତିଷ୍ଠାତା ବୀରକିଶୋର ପ୍ରଧାନଙ୍କ ଅକ୍ଳାନ୍ତ ପରିଶ୍ରମ ଓ ଦୃଢ ମନୋବଳ ଯୋଗୁ ଛତ୍ରପୁର ଅଞ୍ଚଳରେ ଏକମାତ୍ର ଅନୁଷ୍ଠାନ ତା’ର ସ୍ୱତନ୍ତ୍ର ପରିଚୟ ପାଇପାରିଛି। ଉକ୍ତ କାର୍ଯ୍ୟକ୍ରମରେ ଉଦ୍‌ଘାଟକ ଭାବେ ଡ଼ାକ୍ତର ସୁରକିଶୋର ମିଶ୍ର ଯୋଗ ଦେଇଥିବାବେଳେ ମୁଖ୍ୟ ଅତିଥି ଭାବେ ଡ଼ାକ୍ତର ଇନ୍ଦିରା ପାଲ ଏବଂ ସମ୍ମାନିତ ଅତିଥି ଭାବେ ଡାକ୍ତର ମନୋଜ କୁମାର ସେଠୀ ଯୋଗ ଦେଇଥିଲେ। ଏହାସହ ଗ୍ରାମ୍ୟ କମିଟି ସଭାପତି ଅମରେଶ୍ୱର ସାହୁ ଏବଂ ଉପଦେଷ୍ଟା ତଥା ଅବସରପ୍ରାପ୍ତ ଶିକ୍ଷକ କୋରା ମହାରଣା ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ।

# ଦୁର୍ଗତିନାଶିନୀ ମା’ ସିଂହାସନୀ... ଚଇତ୍ର ଓ ନବରାତ୍ରରେ ସ୍ୱତନ୍ତ୍ର ବିଧିବିଧାନ

ବ୍ରହ୍ମପୁର,୨୦।୯ (ସମିସ)

ଆଦିଶକ୍ତି, ସଂକଟତାରିଣୀ, ମହିଷାମର୍ଦ୍ଦିନୀ, ରକ୍ତ ବିନାଶିନୀ, ରଣପ୍ରିୟା ମା’ ଦୁର୍ଗେ। ସୁଖ ସମୃଦ୍ଧି ଓ ବିଶ୍ୱାସର ଦେବୀ ମା’ ସିଂହାସିନୀ। ଗଞ୍ଜାମ ଜିଲ୍ଲାର ଅନନ୍ୟ ପ୍ରମୁଖ ଶକ୍ତିପୀଠ। ପ୍ରତିବର୍ଷ ମା’ ସିଂହାସନୀ ଶକ୍ତିପୀଠରେ ନବରାତ୍ର ପୂଜା, ଆଶ୍ୱିନ ମାସ ଅମାବାସ୍ୟା ପରଦିନଠାରୁ ବହୁ ଆଡ଼ମ୍ବର ସହକାରେ ପାଳନ କରାଯାଏ। ଧରାପୃଷ୍ଠରେ ମା’ଙ୍କ ଆବିର୍ଭାବ ପରେ ଚଳଚଞ୍ଚଳ ହୋଇ ଉଠେ କଷିପଡ଼ା ଗ୍ରାମର ଏହି ଆଦିଶକ୍ତି ମା’ ସିଂହାସନୀଙ୍କ ଶକ୍ତି ପୀଠ। ଏପରିକି ମା’ ଆଦିଶକ୍ତିଙ୍କ ଆବିର୍ଭାବ ପରେ ନବରାତ୍ରର ମଧ୍ୟରାତିରେ ସ୍ୱତନ୍ତ୍ର ପୂଜାର୍ଚ୍ଚନାରେ ଚଣ୍ଡିପାଠ କରାଯାଏ। ପାର୍ବଣର ପ୍ରଥମ ଦିନରୁ ଆରମ୍ଭ ହୋଇ ଦଶମୀ ପର୍ଯ୍ୟନ୍ତ ବହୁ



ଆଡ଼ମ୍ବର ସହକାରେ ପାଳିତ ହୋଇଥାଏ ନବରାତ୍ର ପୂଜାର୍ଚ୍ଚନା। ମା’ ସିଂହାସନୀଙ୍କ ପ୍ରମୁଖ ପର୍ବପର୍ବାଣି ମଧ୍ୟରେ ରଜପର୍ବ ମୁଖ୍ୟ। ସେହିପରି ଚଇତପର୍ବ, ନବରାତ୍ର ଓ ପ୍ରତ୍ୟେକ ସଂକ୍ରାନ୍ତିରେ ସ୍ୱତନ୍ତ୍ର ବିଧିବିଧାନ ଅନୁସାରେ ପୂଜାର୍ଚ୍ଚନା କରାଯାଏ।

କିମ୍ବଦନ୍ତୀ ଅନୁସାରେ ବହୁ ବର୍ଷ ପୂର୍ବେ ଘଞ୍ଚ ଜଙ୍ଗଲର ପରିଧି ଭିତରେ କଷିପଡ଼ା ଗ୍ରାମରେ କନ୍ଧ ସଂପ୍ରଦାୟର ଜାନୀ ଲୋକମାନେ ବସବାସ କରୁଥିଲେ। ଈଶ୍ୱର ବିଶ୍ୱାସୀ ଜଣେ ଜାନୀଙ୍କ ଗାଈଟି ପ୍ରତିଦିନ ମଧ୍ୟରାତ୍ରରେ ନିଜ ବେକରୁ ପଘା ଫିଟାଇ ଘଞ୍ଚ ଜଙ୍ଗଲରେ କେଉଁ ଆଡ଼େ ଚାଲିଯାଏ। ପରେ ସକାଳ ପାହିବା ପୂର୍ବରୁ ଘରକୁ ଫେରିଆସେ। ନିତିଦିନିଆ ଏସବୁ ଘଟଣା ଜାଣିବା ପରେ ଜାନୀ ଦେଖିବାକୁ ପାଇଲା ଅବଳା ଗାଈଟିର ସ୍ତନ ଚିରରୁ କ୍ଷୀରସ୍ରାବ ହେଉଛି। ସେହି ରାତିରେ ଜାନୀ ଗାଈକୁ ନଜରବନ୍ଦୀ କରି ନିଜେ ଜଗି ରହିଲା। ହେଲେ ପୂର୍ବ ପରି ମଧ୍ୟରାତ୍ରରେ ଆପେ ଆପେ ଗାଈ ବେକରୁ ପଘା ଖୋଲି ଘଞ୍ଚ ଜଙ୍ଗଲ ଆଡ଼କୁ ଦୌଡ଼ିଲା। ଜାନୀ ଗାଈର ପଛେପଛେ ଯାଇ ଦେଖିବାକୁ ପାଇଲା ଯେ, ଏକ ପଥରଶିଳା ଆକୃତି ଉପରେ ଅବଳା ଗାଈଟି ନିଜର ସ୍ତନ ଚିରରୁ କ୍ଷୀରସ୍ରାବ କରୁଛି। ଏଭଳି ଅଲୌକିକ ଶକ୍ତିର ଆବିର୍ଭାବ ନେଇ ମା’ ସିଂହାସନୀ ଠାକୁରାଣୀ ସେହି ଜାନୀକୁ ସ୍ୱପ୍ନାଦେଶ କରି ତାଙ୍କ ପୂଜାର୍ଚ୍ଚନା ପାଇଁ କହିଥିଲେ। ସେବେଠାରୁ ସେହି ସ୍ଥାନରେ ପୂଜା ପାଉଛନ୍ତି ଆଦ୍ୟାଶକ୍ତି ମା’ ସିଂହାସନୀ ଠାକୁରାଣୀ। ଜାନୀ ମଧ୍ୟ ମା’ଙ୍କ ସେବାରେ ନିଜକୁ ସମର୍ପିତ କରିବା ସହ ପୁରା ଜାନୀ ସଂପ୍ରଦାୟ ସେବକମାନେ ବର୍ତ୍ତମାନ ମା’ଙ୍କ କୀର୍ତ୍ତି ଓ ଅଲୌକିକ ଶକ୍ତିର ଗୁଣଗାନ କରି ସେବା କରୁଛନ୍ତି।

ପୋଲସରା ସହରଠାରୁ ମାତ୍ର ୨୮ କିଲୋମିଟର ଦୂର ଘଞ୍ଚ ଜଙ୍ଗଲ ଓ ପାହାଡ଼ ପର୍ବତ ଶିଖର କଷିପଡା ଗ୍ରାମ ନିକଟରେ ଅବସ୍ଥିତ ମା’ ସିଂହାସନୀଙ୍କ ମନ୍ଦିର। ପର୍ଯ୍ୟଟକଙ୍କୁ ଆକୃଷ୍ଟ କଲା ଭଳି ପ୍ରାକୃତିକ ସବୁଜ ବନାନୀ ଏଠାରେ ଭରି ରହିଛି। ଏଠାକାର ସୌନ୍ଦର୍ଯ୍ୟ ମଧ୍ୟ ଅଭୂଲା। ମନ୍ଦିର ଚତୁଃପାଶ୍ୱର୍ରେ ଥିବା ଉଚ୍ଚ ପାହାଡ଼ର ଧୂସର କଅଁଳ ଖରାରେ ମୟୂରଙ୍କ ନୃତ୍ୟ ବେଶ୍ ଆତ୍ମତୃପ୍ତି ପ୍ରଦାନ କରେ ଶ୍ରଦ୍ଧାଳୁଙ୍କୁ।

# ସାମୁଦ୍ରିକ ଥାନା ପକ୍ଷରୁ ସଫେଇ କାର୍ଯ୍ୟକ୍ରମ



ଛତ୍ରପୁର,୨୦।୯ (ସମିସ): ଅନ୍ତର୍ଜାତୀୟ ଉପକୂଳ ସଫେଇ ଦିବସ ଅବସରରେ ଗଞ୍ଜାମ ପୁଲିସ ଜିଲ୍ଲା ଅନ୍ତର୍ଗତ ଆର୍ଯ୍ୟପଲ୍ଲୀ ସାମୁଦ୍ରିକ ଥାନା ଏକ କମ୍ୟୁନିଟି ପୋଲିସିଂ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ ଏବଂ ଆର୍ଯ୍ୟପଲ୍ଲୀସ୍ଥିତ ସମୁଦ୍ର ବେଳାଭୂମି ସଫା କରାଯାଇଥିଲା। ଥାନା ଅଧିକାରୀ ବିଦ୍ୟା ଭାରତୀ ନାୟକଙ୍କ ତତ୍ତ୍ୱାବଧାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବ୍ଲକସ୍ତରୀୟ ସାମାଜିକ ଜନଶୁଣାଣି

ରଙ୍ଗେଇଲୁଣ୍ଡା,୨୦।୯ (ସମିସ): ବ୍ଲକସ୍ତରୀୟ ସାମଜିକ ସମୀକ୍ଷା ଜନ ଶୁଣାଣି ଶିବର ରଙ୍ଗେଇଲୁଣ୍ଡା ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସଦ୍‌ଭାବନା ଗୃହରେ ଏବିଡ଼ିଓ ସଂଗୀତା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏବିଇଓ ସୁକାନ୍ତ କୁମାର ଜେନା, ଜିଲ୍ଲା ସାମାଜିକ ସମୀକ୍ଷକ ରବୀନ୍ଦ୍ର ନାଥ ମଲାଣା, ବ୍ଲକ ଯୋଗାଣ ଅଧିକାରୀ ଶକ୍ତି ପ୍ରସାଦ ରାମ ଯୋଗଦେଇଥିଲେ। ଏପିଓ ଗୋପାଳ ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିବା ସହ ୨୦୨୪-୨୫ ଆର୍ଥିକ ବର୍ଷର ବିବରଣୀ ପାଠ କରିଥିଲେ। ବ୍ଲକ୍‌ରେ ୪ ଲକ୍ଷ ୬୦ ହାଜର ଶ୍ରମ ଦିବସ ସୃଷ୍ଟି ଲକ୍ଷ୍ୟ ଧାର୍ଯ୍ୟ ଥିବାବେଳେ ୧ ଲକ୍ଷ ୭୭ ହଜାର ୬ ଶହ ୭ ଦିବସ ପୂରଣ ହୋଇଛି। ୬ କୋଟି ୩୮ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ଉନ୍ନୟନ କାର୍ଯ୍ୟ ହୋଇଛି। ୫୮ ପରିବାର ୧୦୦ଦିନର କାମ କରିଛନ୍ତି। ୯୩୯ଟି ପ୍ରକଳ୍ପ କାର୍ଯ୍ୟ ଶେଷ ହୋଇଛି। ୧୪ ହଜାର ୪ ଶହ ୮୨ ଶ୍ରମ କାର୍ଡ କାର୍ଯ୍ୟ କରୁଛି।

ପଞ୍ଚାୟତରେ ଯାହା ବି ସମସ୍ୟା ରହିଛି ସମାଧାନ କରାଯିବା ଓ ଉନ୍ନୟନ କାର୍ଯ୍ୟ କରାଯିବ ବୋଲି କୁହାଯାଇଥିଲା। ୩୨ ପଞ୍ଚାୟତରେ ହୋଇଥିବା ଉନ୍ନୟନ କାର୍ଯ୍ୟ ସମ୍ପର୍କରେ କୁହାଯାଇଥିଲା। ବିଶ୍ୱନାଥପୁରା ପଞ୍ଚାୟତରେ ୧୩ ହଜାର ୪ ଶହ ୮୭ ଦିନ ଶ୍ରମ ଦିବସ ସୃଷ୍ଟି ହୋଇଥିବା ସର୍ବନିମ ରଣ୍ଡା ପଞ୍ଚାୟତରେ ଶ୍ରମ ଦିବସ ୩୪୫ ସୃଷ୍ଟି ହୋଇଛି। ଏହି ଅବସରରେ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ।

# ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ



ଛତ୍ରପୁର,୨୦।୯ (ସମିସ): ଭାଟକୁମରଡ଼ା ଶ୍ରୀନରସିଂହ ପଣ୍ଡା ଉଚ୍ଚ ବିଦ୍ୟାଳୟରେ ହିନ୍ଦୀ ଦିବସ ପାଳିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବାସନ୍ତୀ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ନିଖିଳ ଉତ୍କଳ ଶିକ୍ଷକ ମହାସଂଘର ଅଧ୍ୟକ୍ଷ ତଥା ପ୍ରାକ୍ତନ ପ୍ରଧାନ ଶିକ୍ଷକ କାମରାଜୁ ମହାରଣା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହିନ୍ଦୀ ଭାଷାର ଅଧିକ ପ୍ରସାର ପାଇଁ ହିନ୍ଦୀ ଭାଷାରେ ଏକ ଛୋଟ କବିତା ସଂକଳନ ପ୍ରସ୍ତୁତ ପାଇଁ ପ୍ରସ୍ତାବ ଦେଇଥିଲ। ମୁଖ୍ୟବକ୍ତା ଭାବେ ଯୋଗଦେଇ ଆସିକା ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼ଃ ଭଗବାନ ତ୍ରିପାଠୀ ହିନ୍ଦୀ ଭାଷାର ଇତିବୃତ୍ତି, ଏହାର ପ୍ରସାର, ରାଜଭାଷାର ମାନ୍ୟତା ଉପରେ ବିସ୍ତୃତ ବିବରଣୀ ପ୍ରଦାନ କରି ଜାତୀୟ ସଂହତି ସୁରକ୍ଷାରେ ହିନ୍ଦୀ ଭାଷାର ଅଧିକ ପ୍ରଚାର ହେବା ଜରୁରି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଗତ ଦଶମ ବୋର୍ଡ ପରୀକ୍ଷାରେ ହିନ୍ଦୀ ବିଷୟରେ ସର୍ବୋଚ୍ଚ ନମ୍ବର ରଖିଥିବା ବିଦ୍ୟାର୍ଥୀ କୁସୁମ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ହିନ୍ଦୀ ଶିକ୍ଷକ ଅନ୍ତର୍ଯ୍ୟାମୀ ଗୌଡ଼ ସଭା ସଂଚାଳନ କରି ଧନ୍ୟବାଦ ଅର୍ପଣ କରିଥିଲେ।

# ସନ୍ତୋଷୀ ମା’ ମନ୍ଦିରର ବାର୍ଷିକୋତ୍ସବ



ଛତ୍ରପୁର,୨୦।୯ (ସମିସ): ସ୍ଥାନୀୟ ରିକାପଲ୍ଲୀ ମୋଚିସାହିରେ ଥିବା ଜୟ ସନ୍ତୋଷୀ ମାଁ ମନ୍ଦିରର ୪୦ ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟିର ସଭାପତି ଏନ୍.ସୂର୍ଯ୍ୟନାରାୟଣ,ସଂପାଦକ ଏନ୍.ଶିବପ୍ରସାଦ, ପରିଚାଳକ ଏନ୍.ପ୍ରକାଶ, ପ୍ରଚାରକ ଏସ୍.ମାଧବୀ ରାଓ, ଉପଦେଷ୍ଟା ଆର୍.ନାଗେଶ୍ୱର, ଆଇନ ପରାମର୍ଶଦାତା ଏନ୍.ଗୋପି, କୋଷାଧ୍ୟକ୍ଷ ଏନ୍.ମଧୁଙ୍କ ମନ୍ଦିର କମିଟିର ଅନ୍ୟାନ୍ୟ ସଦସ୍ୟମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବିଦେଶୀ ମଦ ଜବତ, ଦୁଇ ଗିରଫ

ମୋହନା,୨୦।୯ (ସମିସ): ଗଜପତି ଜିଲ୍ଲା ଆର.ଉଦୟଗିରି ଅବକାରୀ ବିଭାଗ ଚଢ଼ଉ କରି ବିଭିନ୍ନ ଦୋକାନରୁ ବିଦେଶୀ ମଦ ଜବତ କରିବା ସହ ଦୁଇ ଜଣଙ୍କୁ ଗିରଫ କରିଛି। ଅବକାରୀ ବିଭାଗର ଏକ ଟିମ୍ ଆର.ଉଦୟଗିରି ଥାନା ମହେନ୍ଦ୍ରଗଡ ଅଞ୍ଚଳରେ ଚଢ଼ଉ କରି କିଛି ଦୋକାନରୁ ୧୦ ଲିଟରରୁ ଉର୍ଦ୍ଧ୍ୱ ବିଦେଶୀ ମଦ ଜବତ କରିବା ସହ ଦୁଇ ଜଣ ବ୍ୟବସାୟୀଙ୍କୁ ଗିରଫ କରି ଶନିବାର ଅପରାହ୍ନରେ କୋର୍ଟ ଚାଲାଣ କରିଥିବା ଅବକାରୀ ବିଭାଗ ଅଧିକାରୀ ଏନ୍. ତ୍ରିପତି ରାଓ ସୂଚନା ଦେଇଛନ୍ତି।



# ଶିଶୁ ମନ୍ଦିରରେ ଜ୍ଞାନବିଜ୍ଞାନ ମେଳା

ରମ୍ଭା,୨୦।୯ (ସମିସ): ସ୍ଥାନୀୟ ରଘୁନାଥପୁର ମୟୂରବିହାରଠାରେ ସ୍ଥାପିତ ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିରରେ ବିଦ୍ୟାଳୟସ୍ତରୀୟ ଜ୍ଞାନବିଜ୍ଞାନ ମେଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୋପାଳକୃଷ୍ଣ ଉଚ୍ଚବିଦ୍ୟାଳୟ ସୁବଳୟାର ବିଜ୍ଞାନ ଶିକ୍ଷୟିତ୍ରୀ ମନିଷା ବିଶ୍ୱାସ ଓ ଲଙ୍ଗଳେଶ୍ୱର ହାଇସ୍କୁଲର ଗଣିତ ଶିକ୍ଷକ ପ୍ରମୋଦ କୁମାର ମହାରଣା ଯୋଗଦେଇ ପ୍ରକଳ୍ପଗୁଡିକୁ ଅନୁଧ୍ୟାନ କରିବା ସହ ମୂଲ୍ୟାଙ୍କନ କରିଥିଲେ। କାର୍ଯ୍ୟକ୍ରମକୁ ଗୁରୁମା ଅଞ୍ଜନା ମୁଦୁଲି ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ପ୍ରତିଷ୍ଠାତା ପୂର୍ଣ୍ଣଚନ୍ଦ୍ର ପଣ୍ଡା ସଂଯୋଜନା ଓ ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ସିଏସ୍‌ଆର୍ ଆଦାନୀ ଫାଉଣ୍ଡେସନ ମୁଖ୍ୟ ଦେବଦତ୍ତ ମିଶ୍ର ଯୋଗଦେଇ ବିଜ୍ଞାନର ସମାଜରେ ଉପଯୋଗିତା ଉପରେ ଧାରଣା ଦେଇଥିଲେ। ସମ୍ମାନିତ ଅତିଥି ରୂପେ ରମ୍ଭା ସରକାରୀ ଡାକ୍ତରଖାନାର ଡାକ୍ତର ମୀରା ପଣ୍ଡା ଯୋଗଦେଇ ନିଜର କବିତା, ପ୍ରେରଣାଦାୟକ ଉପଦେଶ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନ ପ୍ରତି ଆଗ୍ରହୀ ଓ ସୃଜନଶୀଳ କରିଥିଲେ। ମେଳାରେ ୫୦ଗୋଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା।ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲାବେଳେ ଗୁରୁମା ସସ୍ମିତା ମହାରଥୀ ଧନ୍ୟବାଦ ଅର୍ପଣ କରିଥିଲେ। ରାମଗଡ଼ ଅଞ୍ଚଳର ପୂର୍ବତନ ନାଏବ ସରପଞ୍ଚ କାମେଶ୍ୱର ପଲାଇଙ୍କ ସହ ରମ୍ଭା ଯୁବ ନେତା ରାମ ପ୍ରସାଦ ସେନାପତି ଯୋଗଦେଇ ଥିଲେ।

କାର୍ଯ୍ୟକ୍ରମକୁ ସମସ୍ତ ଗୁରୁଜୀ ଗୁରୁମା ଜ୍ୟୋତିର୍ମୟୀ ଦାଶ, ଦୀପା ସାହୁ, ସ୍ୱପ୍ନାରାଣୀ ପାତ୍ର, ପି. ସଂଧ୍ୟା ପ୍ରଧାନ, ମାମାଲି ସାହୁ, ଜାଗୃତି ସାହୁ, ବିଦେଶିନୀ ମାଳି, ପୂଜା ସ୍ୱାଇଁ, ସିଲି ପଲାଇ, ସୁନିତା ସାହୁ, ସୂର୍ଯ୍ୟକାନ୍ତି ନାହାକ, ସ୍ମୃତି ରେଖା ବେହେରା, ଧୂଷାସନ ସାହୁ ସମେତ ସମସ୍ତ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ।

## ଜିଲ୍ଲାର ୩ ବ୍ଲକ୍ ଚିହ୍ନଟ

# ପ୍ରବାସୀ ଶ୍ରମିକଙ୍କୁ ସଚେତନ କରିବ ଭ୍ରାମ୍ୟମାଣ ରଥ

ଛତ୍ରପୁର,୨୦।୯ (ସମିସ): ପ୍ରବାସୀ ଶ୍ରମିକଙ୍କୁ ସଚେତନ କରିବ ଭ୍ରାମ୍ୟମାଣ ସାଧନ କେନ୍ଦ୍ର ରଥ। ରାଜ୍ୟରେ କେନ୍ଦ୍ରପଡ଼ା ଓ ଗଞ୍ଜାମ ଜିଲ୍ଲାର ୫ଟି ବ୍ଲକକୁ ପ୍ରଥମେ ପାଇଲଟ୍ ପ୍ରୋଜେକ୍ଟ ଭାବେ ନିଆଯାଇଛି।

ଏହି ଅବସରରେ ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଭ୍ରାମ୍ୟମାଣ ସାଧନ କେନ୍ଦ୍ର ରଥର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାରେ ୩ଟି ବ୍ଲକ ଗଞ୍ଜାମ, ଖଲ୍ଲିକୋଟ ଓ ଚିକିଟି ବ୍ଲକ ସାମିଲ ହୋଇଛି। ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ, ଖାଦ୍ୟ ଓ କୃଷି ସଂଗଠନ ଓ ଅନ୍ତର୍ଜାତୀୟ ପ୍ରବାସ ସଂଗଠନର ମିଳିତ ସହଯୋଗ ଓ ଜାତିସଂଘ ପ୍ରବାସୀ ମଲ୍ଟି ପାର୍ଟନର ଟ୍ରଷ୍ଟ ଫଣ୍ଡର ସମର୍ଥନ ଓ ଏଡ୍ ଏଟ୍ ଏକ୍ସନ ସହଯୋଗରେ ଏହା କାର୍ଯ୍ୟକାରୀ କରାଯାଉଛି। ମହିଳା, ଯୁବବର୍ଗ, ଫେରନ୍ତା ପ୍ରବାସୀଙ୍କ ପାଇଁ ବିଭିନ୍ନ ଜୀବିକା ବିକାଶ କାର୍ଯ୍ୟକ୍ରମ, ନିଯୁକ୍ତି ସଂଯୋଜନ ପଦକ୍ଷେପମାନ ଗ୍ରହଣ କରାଯାଉଛି। ନିଜ ଅଞ୍ଚଳରେ ରୋଜଗାର ଯୋଗାଇ ସେମାନଙ୍କୁ ସ୍ୱାବଲମ୍ବୀ କରିବାକୁ ଏହି ପ୍ରୟାସ ଆରମ୍ଭ ହୋଇଛି। ଏହି ଭ୍ରାମ୍ୟମାଣ ପ୍ରବାସୀ ସାଧନ କେନ୍ଦ୍ର ରଥ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନତା କରିବ। ଏହା ସହ ନିଶୁଳ୍କ ପ୍ରବାସୀ ହେଲ୍ପ ଲାଇନ୍ ନମ୍ବର (୧୮୦୦-୩୪୫-୭୮୮୫) ଜାରି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡା, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଅଜୟ କୁମାର କର, ଏଡ୍‌ଏଟ୍‌ଏକ୍ସନର ପୋଗ୍ରାମ ମ୍ୟାନେଜର ଜ୍ୟୋତି ପ୍ରକାଶ ବର୍ମା, ଅନ୍ତର୍ଜାତୀୟ ପ୍ରବାସ ସଂଗଠନର ରାଜ୍ୟ ପରମର୍ଶଦାତା ନବନିତା ଦାଶ, ଛତ୍ରପୁର ଶ୍ରମ ଅଧିକାରୀ ବର୍ଷାରାଣୀ ଜେନା, ବ୍ରହ୍ମପୁର ଶ୍ରମ ଅଧିକାରୀ ଶୁଭଲକ୍ଷ୍ମୀ ବେହେରା, ଓରମାସ ଡେପୁଟି ସିଇଓ ରାଜ ଗୋପାଳ ଦାଶ, ପ୍ରବାସୀ ସାଧନ କେନ୍ଦ୍ରର ସଂଯୋଜକ ବିପ୍ଲବ କୁମାର ବେହେରା ପ୍ରମୁଖ ଉପସ୍ଥି ଥିଲେ।




# ସାର ପାଇଁ ହାହାକାର: ବଳରାମପୁରରେ ଅଧାରୁ ବନ୍ଦ, ବାହାରପୁରରେ ମିଳୁନି

ଧରାକୋଟ,୨୦।୯ (ସମିସ)

ଚାଷୀର ଆର୍ଥିକ ବିକାଶ ପଛରେ ସମବାୟ ସମିତିର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଧରାକୋଟ ବ୍ଲକ ଅଧିନରେ ରହିଛି ୧୫ ଗୋଟି ସେବା ସମବାୟ ସମିତି। ଏହି ସମିତି ଗୁଡ଼ିକ ସହ ପ୍ରାୟ ୪୦ ହଜାର ଚାଷୀ କୃଷି ଋଣ ନେବା, ମଣ୍ଡି ମାଧ୍ୟମରେ ଧାନ ଦେବା, ଖରିଫ ଓ ରବି ଋତୁରେ ବିହନ, ସାର ନେବା ଭଳି କାର୍ଯ୍ୟ ଯୋଗୁ ପ୍ରତ୍ୟକ୍ଷ ଭାବେ ଉପକୃତ ହୁଅନ୍ତି। ହେଲେ ଚଳିତବର୍ଷ ସମବାୟ ସମିତି ଗୁଡ଼ିକ ଉପରୁ ଚାଷୀଙ୍କ ଭରସା ତୁଟି ଗଲାଣି। ସାର ପାଇଁ ଚାରିଆଡ଼େ ଯେପରି ହାହାକାର ପଡ଼ିଛି ତାକୁ ନେଇ ଏବେ ଲୋକେ ସମବାୟ ସମିତି ଓ ସରକାରଙ୍କ ଉପରେ ଖପ୍ପା।


ଚଳିତବର୍ଷ ସ୍ୱାଭାବିକ ଓ ସମୟୋପଯୋଗୀ ବର୍ଷା ଯୋଗୁ ବ୍ଲକର ଅଧିକାଂଶ ଅଞ୍ଚଳରେ ଧାନ ଫସଲ ଭଲ ହୋଇଛି। ଧାନ ବୁଣା ଓ ରୁଆ ସମୟରେ ଚାଷୀ ସାର ସଂଗ୍ରହ କରି ନିଜ ନିଜ ଜମିରେ ପକାଇଥିଲେ। ବର୍ତ୍ତମାନ ଧନ ଫଳ ହୋଇ ପୁଡ଼ା ହେବା ସମୟ। ଏଭଳି ସ୍ଥିତିରେ ସାରର ଆବଶ୍ୟକତା ଅପରିହାର୍ଯ୍ୟ ହୋଇଥିବାବେଳେ ସମବାୟ ସମିତି ଗୁଡ଼ିକ ଏବେ ସାର ଶୂନ୍ୟ ହୋଇଯାଇଛି। ଯେଉଁ କେତେକ ସମିତିରେ ସାର ପହଞ୍ଚିଛି ତାହା ସମୁଦ୍ରକୁ ଶଙ୍ଖେ ଭଳି। ଏଣୁ ସବୁଠି ଚାଷୀ ଅସନ୍ତୋଷ ବଢ଼ିବାରେ ଲାଗିଛି।



ଏହାର ଜ୍ୱଳନ୍ତ ଉଦାହରଣ ଦେଖିବାକୁ ମିଳିଛି ବଳରାମପୁର ସମବାୟ ସମିତିରେ। ଶନିବାର ଏହି ସମିତିରେ ମହଜୁଦ ଥିବା ୪୫୦ ବସ୍ତା ସାର ବଣ୍ଟନ ପାଇଁ ଲୋକଙ୍କ ଲମ୍ବା ଲାଇନ ଲାଗିଥିଲା। ତହସିଲଦାର ଲମ୍ବୋଦର ମାରାଣ୍ଡି, ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରା, ସହ କୃଷି ଅଧିକାରୀ ଅନିଲ କୁମାର ବେହେରା ପ୍ରମୁଖ ବଳରାମପୁରରେ ପହଞ୍ଚି ସ୍ଥିତି ପରଖିବା ସମୟରେ ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳିଥିଲା। ପୁଲିସ ଉପସ୍ଥିତ ଥିବା ବେଳେ ପ୍ରାୟ ୧୫୦ ଚାଷୀ ସାର ନେବାପରେ ହଠାତ ମହିଳା ଚାଷୀ ଉତ୍‌କ୍ଷିପ୍ତ ହୋଇ ଧସେଇ ପଶିଥିଲେ। ସେମାନଙ୍କୁ ସାର ଦେବାକୁ ଜିଦ ଧରିବାରୁ ଅଧାରୁ ବଣ୍ଟନ ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା। ସୀମିତ ସଂଖ୍ୟକ ସାର ପ୍ୟାକେଟ୍ ତୁଳନାରେ ଚାଷୀଙ୍କ ସଂଖ୍ୟା ଯଥେଷ୍ଟ ଅଧିକ ରହିଥିଲା। ଏଣୁ ଗଣ୍ଡଗୋଳ ଆଶଙ୍କା କରି ଅଧାରୁ ଏହି ପ୍ରକ୍ରିୟାକୁ ବନ୍ଦ କରିବାରୁ ଚାଷୀମାନେ ନିରାଶାରେ ଫେରିଥିଲେ। ସମ୍ପ୍ରତି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ପାଲଟିଛି ବାହାରପୁର ସେବା ସମବାୟ ସମିତିର ସ୍ଥିତି। ଏହି ସମିତିରେ ପାଖାପାଖି ୩ ହଜାର ଚାଷୀ ନାମ ପଞ୍ଜୀକରଣ କରିଥିବା ବେଳେ ୬୫୦ ଜଣ ଚାଷୀ ସମିତିରୁ ଋଣ ନେଇଛନ୍ତି ଓ ୬୫୦ ଜଣ ଚାଷୀ ମଣ୍ଡିରେ ଧାନ ବିକ୍ରୟ ପାଇଁ ଆବେଦନ କରିଛନ୍ତି। ଏହି ସମିତି ଅଧୀନରେ ୨୨ ଗୋଟି ଗାଁ ରହିଛି। ବର୍ତ୍ତମାନ ଚାଷୀମାନଙ୍କୁ ସାରର ଆବଶ୍ୟକତା ରହିଥିବାବେଳେ ଏଠାକୁ ଆଦୌ ସାର ଆସିନାହିଁ। ପାଖ ସମିତିକୁ ସାର ପହଞ୍ଚିଥିଲେ ମଧ୍ୟ ବାହାରପୁରକୁ କେବେ ମିଳିବ ଚାଷୀ ଚାହିଁ ବସିଛନ୍ତି।

ବାହାରପୁର ସମିତି ସରକାରଙ୍କ ସାବତ ପୁଅ କି? ଋଣ ଆଣିବା, ପରିଶୋଧ କରିବା ସହ ସମିତିର ସମସ୍ତ ମାନଦଣ୍ଡକୁ ଚାଷୀ ପୂରଣ କରୁଥିଲେ ମଧ୍ୟ ଏହି ସମିତିକୁ ସାର ନ ଆସିବା ପଛରେ କି ରହସ୍ୟ ରହିଛି ତାହା ସାଧାରଣ ଚାଷୀ ବୁଝି ପାରୁ ନାହାଁନ୍ତି। ଆଜିର ଘଟଣା ସମ୍ପର୍କରେ ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ସହ ଯୋଗାଯୋଗ ବେଳେ ସାର ଯୋଗାଣ ଠିକରେ ଚାଲିଥିବା ବେଳେ ମହିଳା ଚାଷୀ ଲାଇନ୍ ଭାଙ୍ଗି ସାର ନେବାକୁ ଜିଦ୍ ଧରିବାରୁ ବଣ୍ଟନ ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା ବୋଲି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ବ୍ଲକ କୃଷି ଅଧିକାରୀ ବିଶ୍ୱନାଥ ବେହେରାଙ୍କ ସହ ଯୋଗାଯୋଗ ବେଳେ ବ୍ଲକ ଅଧିନରେ ରହିଥିବା ସମସ୍ତ ୧୫ଟି ସମବାୟ ସମିତିକୁ ଚାଷୀମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ତିନି ଗାଡି ଲେଖାଏଁ ସାର ଯୋଗାଇ ଦେବାକୁ ଚିଠି ଲେଖା ଯାଇଛି, ଖୁବ୍‌ଶୀଘ୍ର ସମସ୍ତ ପାକ୍ସରେ ସାର ପହଞ୍ଚିବ ଓ ଚାଷୀମାନେ ସାର ପାଇବେ ବୋଲି ପ୍ରକାଶ କରିଛନ୍ତି। ହେଲେ ଚାଷୀଙ୍କ ପ୍ରଶ୍ନ ‘ଛାମୁ ଯାହା ଦେଲେ ହରଷେ, ପାଉ ପାଉ ଗଲା ବରଷେ’ ଭଳି ସ୍ଥିତି ଉପୁଯିବନିତ।

# ନିରୁଦ୍ଦିଷ୍ଟ



ବଅଁରପାଳ, ୨୦/୯ (ସମିସ): ଅନୁଗୋଳ ଜିଲ୍ଲା ବଅଁରପାଳ ଥାନା (ପଠାନସାହି)ର ମିରି ମହମ୍ମଦ(୫୨)ଙ୍କ ନାତି ମହମ୍ମଦ ଆବିଦ (୧୫) ଗତ ୬.୮.୨୫ ରଖି ଦିନ ପ୍ରାୟ ୧ ଟା ବେଳେ ବଜାରକୁ ଯାଉଛି କହି ଗଲା ଆଉ ଫେରି ନଥିଲା। ଗଲାବେଳେ ଏକ ନୀଳ ପ୍ୟାଣ୍ଟ, ନାଲି ଫୁଲ ସାର୍ଟ ସହ ଏକ ଗାମୁଛା ବେକରେ ପକାଇ ଥିଲା ତାର ଉଚ୍ଚତା ୫’୫ଇଞ୍ଚ, ରଙ୍ଗ ଗୋରା ଅଟେ, ତାକୁ ଖୋଜା ଖୋଜି ପରେ ସନ୍ଧାନ ନପାଇବାରୁ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ତାର ଯଦି କୌଣସି ସହୃଦୟ ବ୍ୟକ୍ତି ସନ୍ଧାନ ପାଆନ୍ତି ତାହା ହେଲେ ୯୬୬୮୭୫୦୪୭୩ ନମ୍ବରକୁ ଜଣାଇବାକୁ ଅନୁରୋଧ।

ଜନ୍ମଦିନର ଶୁଭେଚ୍ଛା ଓ ଅଭିନନ୍ଦନ



ପ୍ରଫୁଲ୍ଲ ବାରିକ
ଜନ୍ମ: ୨୧.୦୯.୧୯୬୦
ଶିରିଡ଼ିସାଇ ଆଶ୍ରିତ ଓ ସମାଜସେବୀ
ଗ୍ରାମ/ପୋଷ୍ଟ:ବରଦା, ଜିଲ୍ଲା: ଯାଜପୁର
ଭାଇ ତୁମର ୬୫ତମ ଜନ୍ମଦିନ ଅବସରରେ ପ୍ରଭୁ ଜଗନ୍ନାଥ ତମକୁ ଆଶୀର୍ବାଦ ପ୍ରଦାନ କରନ୍ତୁ ଓ ଆହୁରି ଉନ୍ନତିମୂଳକ କାର୍ଯ୍ୟରେ ଆଗେଇ ଚାଲନ୍ତୁ। ଏହା ହିଁ ଭଗବାନଙ୍କ ପାଖରେ ପ୍ରାର୍ଥନା।
ଶୁଭେଚ୍ଛା ସହ:
କବିତା ସେଠୀ (ସରପଞ୍ଚ, ବରଦା ଗ୍ରାମପଞ୍ଚାୟତ), ଅଶୋକ ସାମଲ, ସାରଦା ପୃଷ୍ଟି, ମନ୍ମଥ ସାମଲ

## ମହିଳାଙ୍କୁ ହତ୍ୟା ଅଭିଯୋଗ; ସ୍ୱାମୀ ଗିରଫ

ବ୍ରହ୍ମପୁର,୨୦।୯ (ସମିସ): ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଗୋଦାବରୀଶ ନଗର ଦ୍ୱିତୀୟ ଲାଇନ୍‌ରେ ରହୁଥିବା ଜନୈକା ମହିଳା ଯସ୍ମିନ ସାହୁ(୩୫)ଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଥିଲା। ତାଙ୍କୁ ତାଙ୍କ ସ୍ୱାମୀ ଓ ଶଶୁର ଘର ଲୋକ ନିର୍ଯାତନା ଦେବା ସହ ହତ୍ୟା କରିଥିବା ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ମୃତ ଯସ୍ମିନଙ୍କ ସ୍ୱାମୀ ଶରତ ଚନ୍ଦ୍ର ସାହୁଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଛି। ଗୋଷାଣୀନୂଆଗାଁ ଥାନା ଅନ୍ତର୍ଗତ ହାଉସିଂବୋଡର୍‌ରେ ରହୁଥିବା ମଞ୍ଜୁଳା ସାହୁଙ୍କ ଝିଅ ଯସ୍ମିନ ଗୋଦାବରୀଶ ନଗରରେ ରହୁଥିବା ଶରତ ଚନ୍ଦ୍ର ସାହୁଙ୍କୁ ବିବାହ କରିଥିଲେ। ସ୍ୱାମୀ ଓ ସ୍ତ୍ରୀ'ଙ୍କ ମଧ୍ୟରେ ପାରିବାରିକ କଳହ ଲାଗି ରହିଥିଲା। ଶୁକ୍ରବାର ସକାଳେ ଯସ୍ମିନିଙ୍କ ମୃତ୍ୟୁ ଘଟିଥିବା ବେଳେ ଝିଅକୁ ହତ୍ୟା କରାଯାଇଥିବା ବାପଘର ଲୋକେ ଥାନାରେ ଅଭିଯୋଗ କରିଥିଲେ।

## ଘର ଗ୍ରୀଲ୍ ଭାଙ୍ଗି ଚୋରି

ବ୍ରହ୍ମପୁର,୨୦।୯ (ସମିସ): ଘର ଗ୍ରୀଲ ଭାଙ୍ଗି ସୁନା ଅଳଙ୍କାର ଓ ମୋବାଇଲ୍ ଫୋନ୍ ଚୋରି ହୋଇଥିବା ବଡ଼ବଜାର ଥାନରେ ଅଭିଯୋଗ ହୋଇଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଲକ୍ଷ୍ମୀନୃସିଂହ ସାହି ୩ୟ ଲାଇନ୍‌ର ପି. ରାଜା ରାଓଙ୍କ ଘରୁ ଗୁରୁବାର ରାତିରେ ଚୋରି ହୋଇଥିଲା। ଘରେ ସମସ୍ତେ ଶୋଇଥିବାବେଳେ ଲୁହାଗ୍ରୀଲ୍‌କୁ ଭାଙ୍ଗି ଘରେ ପଶି ସୁନା ଅଳଙ୍କାର ଓ ଦୁଇଟି ମୋବାଇଲ ଫୋନ୍ କେହି ଦୁର୍ବୃତ୍ତ ଚୋରି କରିନେଇଛି।

## ଦାଦାବଟି ନଦେବାରୁ ଯୁବକଙ୍କୁ ଆକ୍ରମଣ

ବ୍ରହ୍ମପୁର,୨୦।୯ (ସମିସ): ଜଣେ ଯୁବକଙ୍କୁ ଦାଦାବଟି ମାଗିବା ସହ ସଂଘବଦ୍ଧ ଆକ୍ରମଣ ନେଇ ବଡ଼ବଜାର ଥାନରେ ଅଭିଯୋଗ ହୋଇଛି। ଅଭିଯୋଗ ପ୍ରକାରେ, ପାଣିଗ୍ରାହୀପେଣ୍ଠର ମୋହନ ସାହୁ ଗୁରୁବାର ରାତିରେ କାମ ସାରି ଘରକୁ ଫେରୁଥିଲେ। ଏହି ସମୟରେ କିଛି ଯୁବକ ତାଙ୍କୁ ଅଟକାଇ ଦାଦାବଟି ମାଗିଥିଲେ। ସେ ନ ଦେବାରୁ ତାଙ୍କୁ ଆକ୍ରମଣ କରିଥିଲେ। ଏନେଇ ମୋହନ ବଡ଼ବଜାର ଥାନରେ ଅଭିଯୋଗ କକରିବା ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

## ଯୁବକଙ୍କୁ ଆକ୍ରମଣ; ୨ଅଟକ

ବ୍ରହ୍ମପୁର,୨୦।୯ (ସମିସ): ଆଙ୍କୁଲି ପୋଖରୀକୁ ଶୌଚ ହେବାକୁ ଯାଇଥିବା ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ୭ରୁ ୮ ଜଣ ଯୁବକ ତାଙ୍କୁ ବିଭିନ୍ନ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ହେବା ସହ ପୁଲିସ ତଦନ୍ତ ଆରମ୍ଭ କରିଛି।

ସୂଚନାପ୍ରକାରେ, ଆଙ୍କୁଲି ହାଡ଼ିସାହିର ବିକ୍ରମ ନାୟକ ଆଜି ସକାଳେ ନିକଟସ୍ଥ ପୋଖରୀକୁ ଶୌଚ ପାଇଁ ଯାଇଥିଲେ। ଏହି ସମୟରେ ଆଙ୍କୁଲି କୁମ୍ଭାରପଲ୍ଲୀର ଲିଟୁ ପାଣିଗ୍ରାହୀ ନାମକ ଜଣେ ଯୁବକ ନିଜର ୭ରୁ ୮ ସହଯୋଗୀଙ୍କୁ ଧରି ପୋଖରୀ ନିକଟରେ ପହଞ୍ଚି ବିକ୍ରମଙ୍କୁ ଗାଳିଗୁଲଜ ହ ଜାତିଆଣ ଆକ୍ଷେପ କରିଥିଲେ। ଏହି ପୋଖରୀରେ କାହିଁକି ଗାଧୋଉଛୁ ବୋଲି ପ୍ରଶ୍ନ କରିଥିଲେ। ଏନେଇ ବିକ୍ରମ ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ବିକ୍ରମ ଏମ୍‌କେସିଜିକୁ ଯାଇ ଚିକିତ୍ସା ହେବାପରେ ବୈଦ୍ୟନାଥପୁର ଥାନାକୁ ଯାଇ ଅଭିଯୋଗ କରିଥିଲେ। ଏହି ଘଟଣାରେ ପୁଲିସ ୨ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।

## ସଫେଇ ସୁପରଭାଇଜରଙ୍କୁ ବ୍ଲେଡ୍‌ରେ ଆକ୍ରମଣ

ବ୍ରହ୍ମପୁର,୨୦।୯ (ସମିସ): ଏମ୍‌କେସିଜି ମେଡିକାଲରେ ଆଉଟସୋର୍ସିଂ ସଂସ୍ଥା ଅଧୀନରେ କାର୍ଯ୍ୟ କରୁଥିବା ଜଣେ ସଫେଇ ସୁପରଭାଇଜରଙ୍କୁ ବ୍ଲେଡ୍‌ରେ ଆକ୍ରମଣ ହୋଇଛି। ସେହି ସଂସ୍ଥାର ଅନ୍ୟଜଣେ ସୁପରଭାଇଜର ହିଁ ଏହି ଆକ୍ରମଣ କରିଛନ୍ତି। ଏହାକୁ ନେଇ ସଫେଇ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ଲାଗିରହିଛି। ଆକ୍ରମଣର ଶିକାର ହୋଇଥିବା ସଫେଇ ସୁପରଭାଇଜର ଜଣଙ୍କ ହେଲେ ପୋଲସରା ନିକଟ କଳମ୍ବର ବିଛେଦ କୁମାର ନାୟକ। ଏନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ସୂଚନାପ୍ରକାରେ, ବିଛେଦ ଆଜକୁ ୭ ବର୍ଷ ହେବ ଏମ୍‌କେସିଜିରେ ସଫେଇ ସୁପରଭାଇଜର ଭାବେ କାମ କରୁଛନ୍ତି। ଗତକାଲି ସନ୍ଧ୍ୟାରେ ଡ୍ୟୁଟି ସାରି ପୁରୁଣା ଇନ୍‌ଡୋର କୋଠାର ଏକ ରୁମ୍‌କୁ ଦସ୍ତଖତ କରିବାକୁ ଯିବାବେଳେ ସେହି ଆଉଟସୋର୍ସିଂ ସଂସ୍ଥାର ଅନ୍ୟଜଣେ ସୁପରଭାଇଜର ଶଙ୍କର ସାମନ୍ତରାୟ ତାଙ୍କ ପଛପଟୁ ଆସି ଏକ ବ୍ଲେଡରେ ଆକ୍ରମଣ କରିଥିଲେ। ଆକ୍ରମଣର ଶିକାର ହେବା ପରେ ବିଛେଦ ଦୌଡି ଯାଇ କୋଠରୀ ଭିତରେ ପଶି କବାଟ ବନ୍ଦ କରିଦେଇଥିଲେ। କିଛି ସମୟ ପରେ ଅନ୍ୟ ସଫେଇ କମର୍ଚାରୀ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରିବା ସହ ଚିକିତ୍ସା ପାଇଁ ନେଇଥିଲେ। ତେବେ ଶଙ୍କର ମଦ୍ୟପାନ କରି ଏଭଳି କରିଥିବା ବିଛେଦ ଅଭିଯୋଗରେ ଦର୍ଶାଇଛନ୍ତି। ଘଟଣାପରେ ସଫେଇ କର୍ମଚାରୀମାନେ ନିଜକୁ ଅସୁରକ୍ଷିତ ମନେକରି ନିଜ ଭିତରେ ବୈଠକ କରିଛନ୍ତି। ପୁଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛି।

### ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଜବ ନୀତି

# ସୁରକ୍ଷା ନ ଦେଇ ଶିଶୁ ଉଦ୍ୟାନରେ ତାଲା, ନଷ୍ଟ ହେଉଛି ସାମଗ୍ରୀ

ବ୍ରହ୍ମପୁର,୨୦।୯ (ସମିସ)




ଶିଶୁର ଶାରୀରିକ ଓ ମାନସିକ ବିକାଶ ନିମନ୍ତେ ବ୍ରହ୍ମପୁର ମହାନଗର ନିଗମ ଏବଂ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଛି। ଏଥିରେ ଶିଶୁଙ୍କ ଶାରୀରିକ ବିକାଶ ନିମନ୍ତେ ଆବଶ୍ୟକ ରହିଥିବା କ୍ରୀଡ଼ା ସାମଗ୍ରୀର ବ୍ୟବସ୍ଥା କରାଯାଇଛି। ପ୍ରତ୍ୟେକ ଶିଶୁ ଉଦ୍ୟାନ ନିମନ୍ତେ ଲକ୍ଷାଧିକ ଟଙ୍କା କରାଯାଉଛି। କିନ୍ତୁ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଜବ ନୀତି ଯୋଗୁ ଏଗୁଡ଼ିକ ଖତ ଖାଇବାରେ ଲାଗିଛି। ଅସାମାଜିକଙ୍କ କବଳରୁ ସହରର ଶିଶୁ ଉଦ୍ୟାନ ଗୁଡ଼ିକୁ ସୁରକ୍ଷା ଦେବା ବଦଳରେ ଏହାକୁ ତାଲା ପକାଇ ଦିଆଯାଇଛି। ଫଳରେ ଶିଶୁ ଉଦ୍ୟାନ ମଧ୍ୟରେ ଥିବା ବିଭିନ୍ନ ସାମଗ୍ରୀ ବ୍ୟବହାର ନହୋଇ ନଷ୍ଟ ହେଲାଣି। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଏଭଳି ନିଷ୍ପତିକୁ ନେଇ ସହର ବାସିନ୍ଦାଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁର ମହାନଗର ନିଗମ ୪୨ନମ୍ବର ୱାଡର୍ ଅନ୍ତର୍ଗତ ବୀମାନଗରରେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ପକ୍ଷରୁ କିଛିବର୍ଷ ପୂର୍ବେ ଲକ୍ଷାଧିକ ଟଙ୍କା ବ୍ୟୟରେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଥିଲା। ଏହାର ଚର୍ତୁପାଶ୍ୱର୍ରେ ପାଚେରି ସାଙ୍ଗକୁ ପଡ଼ିଆ ପରିସରରେ ଫେଭର ବ୍ଲକ ଆଚ୍ଛାଦିତ ଚଲାପଥ ମଧ୍ୟ ନିର୍ମାଣ କରାଯାଇଛି। ଉଦ୍ୟାନରେ ଶିଶୁଙ୍କ ପାଇଁ ଆବଶ୍ୟକ ଖେଳସାମଗ୍ରୀ ରହିଛି। କିନ୍ତୁ ଯେଉଁ ଉଦ୍ଦେଶ୍ୟରେ ଉକ୍ତ ଶିଶୁ ଉଦ୍ୟାନ ନିର୍ମାଣ ହୋଇଥିଲା ତାହା ଏବେ କାର୍ଯ୍ୟରେ ଲାଗୁନି।

ଗତ କିଛିମାସ ହେବ ଉଦ୍ୟାନର ମୁଖ୍ୟ ଫାଟକରେ ତାଲା ଝୁଲୁଥିବା ବେଳେ ଭିତରେ ଜରାଜୀର୍ଣ୍ଣ ଅବସ୍ଥା ଦେଖିବାକୁ ମିଳିଛି। ଫଳରେ ସ୍ଥାନୀୟ ଅଞ୍ଚଳର ଛୋଟ ଶିଶୁମାନେ ପଡ଼ିଆରେ ବିଭିନ୍ନ ଖେଳ ଖେଳିବା ଓ ଭରପୁର ମନୋରଞ୍ଜନରୁ ବଞ୍ଚିତ ହେଉଛନ୍ତି। ଏନେଇ ଦୈନିକ ଖବରକାଗଜ "ସକାଳ'ରେ ଏକ ଖବର ପ୍ରକାଶ ପାଇଥିଲା। ଯାହାକୁ ନେଇ ରୋହିତ ଦଳାଇ ନାମଙ୍କ ଜଣେ ଯୁବକ ସୋସିଆଲ ମିଡ଼ିଆ ଏକ୍ସରେ ଅଭିଯୋଗ କରିଥିବା ବେଳେ ୭ବର୍ଷ ହେବ ବୀମାନଗର ଶିଶୁ ଉଦ୍ୟାନ ଖୋଲା ହୋଇଥିଲା। କାଳକ୍ରମେ ଏହି ଶିଶୁ ଉଦ୍ୟାନ ଅସାମାଜିକ ଯୁବକଙ୍କୁ ଆ‡ାସ୍ଥଳ ପାଲଟିଥିଲା। ଅସାମାଜିକ ଯୁବକଙ୍କ କବଳରୁ ରକ୍ଷା ନିମନ୍ତେ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ଶିଶୁ ଉଦ୍ୟାନରେ ତାଲା ପକାଇଥିବା ଜଣାଇଛନ୍ତି। ବିମାନଗର ଅଞ୍ଚଳର ବିଭିନ୍ନ ସଂଘ ସହ ଆଲୋଚନା କରି ଶିଶୁ ଉଦ୍ୟାନ ଖୋଲିବା ନିମନ୍ତେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ପକ୍ଷରୁ କୁହାଯାଇଛି।

## ଟ୍ରକ୍ ପଛକୁ ଧକ୍କାଦେଲା ଟ୍ରକ୍; ଚାଳକ ଗୁରୁତର

ଖଲ୍ଲିକୋଟ,୨୦।୯ (ସମିସ): ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର କେଶପୁର ସ୍ଥିତ ଦମକଳ କେନ୍ଦ୍ର ସମ୍ମୁଖରେ ଟ୍ରକ ପଛକୁ ଆଉଏକ ଟ୍ରକ୍ ଧକ୍କା ଦେବାରୁ ଜଣେ ଚାଳକ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଟ୍ରକ୍ କ୍ୟାବିନ୍‌ରେ ଚାପି ହୋଇ ରହିଯାଇଥିଲେ ଚାଳକ। ଗ୍ୟାସ୍‌କଟର ସାହାଯ୍ୟରେ ଟ୍ରକ୍ ଡୋର୍ କାଟି ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଖଲ୍ଲିକୋଟ ମେଡ଼ିକାଲରେ ଭର୍ତ୍ତି କରିଛନ୍ତି।




ସୂଚନା ଅନୁଯାୟୀ, ଆଜି ସନ୍ଧ୍ୟା ୭ଟାରେ ଭୁବନେଶ୍ୱର ପଟୁ ବ୍ରହ୍ମପୁର ଅଭିମୁଖେ ଆସୁଥିବା ଏକ ଟ୍ରକ୍ କେଶପୁର ସ୍ଥିତ ଦମକଳ କେନ୍ଦ୍ର ସମ୍ମୁଖରେ ଆଗରେ ଯାଉଥିବା ଆଉ ଏକ ଟ୍ରକ୍ ପଛକୁ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ଟ୍ରକ ଚାଳକ ଜଣଙ୍କ କ୍ୟାବିନ୍ ଭିତରେ ଚାପି ହୋଇ ରହିଯାଇଥିଲେ। ଖବର ପାଇ ତୁରନ୍ତ ଅଗ୍ନିଶମ ବାହିନୀ ପହଞ୍ଚି ଗ୍ୟାସ କଟର ସାହାଯ୍ୟରେ ଟ୍ରକ୍‌କୁ କାଟି ଚାଳକକୁ ଉଦ୍ଧାର କରି ଚିକିତ୍ସା ମେଡିକାଲ ନେଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଖବର ପାଇ ଖଲ୍ଲିକୋଟ ଥାନା ଅଧିକାରୀ ରମେଶ କୁମାର ପ୍ରଧାନ, ଏସ୍‌ଆଇ କେଶବ ଷଡ଼ଙ୍ଗୀ ପୁଲିସ ଟିମ୍ ସହ ଦୁର୍ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଦୁଇ ଟ୍ରକ୍‌କୁ ଜବତ କରି ଟ୍ରାଫିକ୍ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳିଛି।

## ଚାକିରି ନାଁରେ ୧୦ଲକ୍ଷ ଠକେଇ

ବ୍ରହ୍ମପୁର,୨୦।୯ (ସମିସ): ସରକାରୀ ଚାକିରି କରାଇଦେବା ନାଁରେ ଜଣେ ବ୍ୟକ୍ତିଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଠକେଇ ହୋଇଛି। ଏନେଇ ବୈଦ୍ୟନାଥପୁର ଥାନାରେ ଏକ ମାମଲା ରୁଜୁ ସହ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ସୂଚନାପ୍ରକାରେ ଆଙ୍କୁଲି ଗଙ୍ଗାନଗର ୩ୟ ଲାଇନର ପ୍ରଫୁଲ ଚୌଧୁରୀଙ୍କ ପୁଅ ପାଠପଢା ଶେଷ ପରେ ଚାକିରି ସନ୍ଧାନରେ ରହିଥିଲେ। ଆଜକୁ ବର୍ଷେ ତଳେ ଚିକିଟି ଓଳପୁର ଗ୍ରାମର ନୀଳମାଧବ ବେହେରାଙ୍କ ସହ ପ୍ରଫୁଲଙ୍କ ପରିଚୟ ହୋଇଥିଲା। ପ୍ରଫୁଲଙ୍କ ପୁଅ ପାଇଁ ସରକାରୀ ଚାକିରି କରାଇଦେବେ ବୋଲି ନୀଳମାଧବ ପ୍ରତିଶ୍ରୁତି ଦେଇଥିଲେ। ସେହିକ୍ରମରେ ପ୍ରଫୁଲ ତାଙ୍କୁ ୧୦ଲକ୍ଷ ଟଙ୍କା ଦେଇଥିଲେ। ଟଙ୍କା ନେବା ପରେ ନୀଳମାଧବ ଚାକିରି ସମ୍ପର୍କିତ କିଛି କାଗଜପତ୍ର ପ୍ରଫୁଲଙ୍କୁ ଦେଇଥିଲେ। ହେଲେ ଟଙ୍କା ନେବାର ଅନେକ ମାସ ପରେ ପ୍ରଫୁଲଙ୍କ ପୁଅଙ୍କୁ ଚାକିରି ମିଳିନଥିଲା। ଏନେଇ ପ୍ରଫୁଲ ପ୍ରଶ୍ନ କରିବା ପରେ ନୀଳମାଧବ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ। ସେହିପରି ପ୍ରଫୁଲ କିମ୍ବା ତାଙ୍କ ପରିବାର ଲୋକଙ୍କ ଫୋନ ଗ୍ରହଣ କରିନଥିଲେ। ଠକେଇର ଶିକାର ହୋଇଥିବା ଜାଣିବା ପରେ ପ୍ରଫୁଲ ନୀଳମାଧବଙ୍କୁ ଖୋଜାଖୋଜି କରିଥିଲେ ମଧ୍ୟ ସେ ଠିକଣା ବଦଳାଇ ଦେଇଥିବାରୁ ତାଙ୍କ ପତ୍ତା ମିଳିନଥିଲା। ଏପରିକି ଫୋନ କରି ଟଙ୍କା ମାଗିବାରୁ ନୀଳମାଧବ ଓ ତାଙ୍କ ସହଯୋଗୀମାନେ ପ୍ରଫୁଲଙ୍କୁ ଧମକ ଦେଇଥିଲେ। ଥାନା କିମ୍ବା ପୁଲିସରେ ଅଭିଯୋଗ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଶେଷରେ ଅନ୍ୟ ଉପାୟ ନପାଇ ପ୍ରଫୁଲ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ।

### ସୁନାମି ମୁକାବିଲା ପ୍ରଶିକ୍ଷଣ ଶିବିର

## 'ପଛଘୁଞ୍ଚା ନଦେଇ କର୍ତ୍ତବ୍ୟ କଲେ ସହଜ ହେବ ମୁକାବିଲା'

ଛତ୍ରପୁର,୨୦।୯ (ସମିସ): ଗଞ୍ଜାମ ଜିଲ୍ଲାରେ ସୁନାମି ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ ଶିବିର ଓ ପ୍ରସ୍ତୁତି ବୈଠକ ଶନିବାର ଜିଲ୍ଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ଦେବଦତ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।



ପ୍ରାରମ୍ଭରେ ଜିଲ୍ଲା ଜରୁରୀକାଳୀନ ବିଭାଗର ଡେପୁଟି କଲେକ୍ଟର ଅଭିଷେକ ସାହୁ ସମସ୍ତଙ୍କୁ ସ୍ୱାଗତ କରିବା ସହ କହିଥିଲେ ଯେ, ଗଞ୍ଜାମ ଜିଲ୍ଲା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଜିଲ୍ଲା। ଏହା ଉପକୂଳବର୍ତ୍ତି ଜିଲ୍ଲା ହୋଇଥିବାରୁ ବାତ୍ୟା ଓ ସୁନାମୀ ପ୍ରବଣ ଜିଲ୍ଲା ଭାବେ ପରିଚିତ। ଗଞ୍ଜାମ ଜିଲ୍ଲାର ଚାରି ଗୋଟି ବ୍ଲକ୍‌ର ୪୨ଟି ଗ୍ରାମ ଓ ଦୁଇ ଗୋଟି ବିଜ୍ଞାପିତ ଅଞ୍ଚଳ ପରିଷଦର ୨୩ଟି ୱାର୍ଡ ସୁନାମି ପ୍ରବଣ ଅଟେ। ସୁନାମୀ ମୁକାବିଲା ନିମନ୍ତେ ସମସ୍ତ ପ୍ରକାର ପ୍ରସ୍ତୁତି କାର୍ଯ୍ୟକ୍ରମ ସରକାର ହାତକୁ ନେଇଛନ୍ତି। ୨୦୨୦ ମସିହାରେ ଜିଲ୍ଲାର ଭେଙ୍କଟ ରାୟପୁର ଗ୍ରାମ ଏବଂ ୨୦୨୪ରେ ପ୍ରୟାଗୀ, କଣ୍ଟିଆଗଡ,ଉପୁଲାପୁଟି ଓ ମାର୍କଣ୍ଡି ଗ୍ରାମକୁ 'ସୁନାମୀ ରେଡି' ଗ୍ରାମ ଭାବେ ମାନ୍ୟତା ମିଳିଥିବା କହିଥିଲେ। ବୈଠକରେ ଅଧ୍ୟକ୍ଷତା କରି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପଣ୍ଡା କହିଥିଲେଯେ, ଜିଲ୍ଲାର ରଙ୍ଗେଇଲୁଣ୍ଡା, ଗଞ୍ଜାମ, ଛତ୍ରପୁର ଓ ଚିକିଟି ଏହି ଚାରିଗୋଟି ବ୍ଲକ୍ ସୁନାମି ପ୍ରବଣ ଅଟେ। ଜିଲ୍ଲାର ସମସ୍ତ ବିଭାଗର ସମନ୍ୱୟରେ ସୁନାମି ଭଳି ପ୍ରାକୃତିକ ବିପର୍ଯ୍ୟୟର ମୁକାବିଲା କରିପାରିବା। ବିପର୍ଯ୍ୟୟ ସମୟରେ ପଛଘୁଞ୍ଚା ନ ଦେଇ କର୍ତ୍ତବ୍ୟରେ ଲାଗିଲେ ଆମେ ଏହାର ସହଜରେ ମୁକାବିଲା କରିପାରିବା। ଜିଲ୍ଲା ପ୍ରକଳ୍ପ ଅଧିକାରୀ ଦେବେନ୍ଦ୍ର ନାୟକ ସୁନାମି ସମୟରେ କିପରି ସତର୍କତା ଅବଲମ୍ବନ କରାଯାଇପାରିବ ବୁଝାଇଥିଲେ। ଏଥିସହ ସୁନାମୀ ସମୟରେ ମତ୍ସ୍ୟଜୀବୀ ଓ ସ୍ଥାନୀୟ ଲୋକେ କିପରି ସତର୍କ ରହିବେ ସେନେଇ ଆଲୋଚନା କରାଯାଇଥିଲା। ବୈଠକରେ ସମସ୍ତ ବ୍ଲକ୍ ନୋଡାଲ ଅଧିକାରୀ, ବ୍ଲକ୍ ପ୍ରୋଜେକ୍ଟ କୋ ଅର୍ଡିନେଟର, ଶିକ୍ଷକଶିକ୍ଷୟିତ୍ରୀ, ଅଗ୍ନିଶମ ସେବା ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ମତ୍ସ୍ୟ ବିଭାଗ, ଓଡ୍ରାଫ୍ ଟିମ୍, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ଅନ୍ୟାନ୍ୟ ଲାଇନ୍ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

### ୨୭ରେ ପ୍ରଧାନମନ୍ତ୍ରୀଙ୍କ ବ୍ରହ୍ମପୁର ଗସ୍ତ

## ସ୍ଥିତି ଅନୁଧ୍ୟାନ କଲେ ପୁଲିସ ଡିଜି



ବ୍ରହ୍ମପୁର, ୨୦।୯ (ସମିସ): ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ରଙ୍ଗେଇଲୁଣ୍ଡା ବିମାନବନ୍ଦରରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଆୟୋଜନ ପାଇଁ ସ୍ଥାନ ଆପାତତଃ ଚୂଡ଼ାନ୍ତ ହୋଇଥିବା ଜଣାପଡ଼ିଛି। ହାତରେ ଆଉ କମ୍ ଦିନ ଥିବା ବେଳେ ଆଜି ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ ଓ ଅତିରିକ୍ତ ଡିଜି ସଂଜୟ କୁମାର ସ୍ଥିତି ଅନୁଧ୍ୟାନ କରିଛନ୍ତି। ଦିନିକିଆ ଗସ୍ତରେ ଆସି ଡିଜି ପ୍ରଥମେ ରଙ୍ଗେଇଲୁଣ୍ଡା ବିମାନବନ୍ଦରକୁ ଯାଇ ସେଠାରେ ସ୍ଥିତି ଅନୁଧ୍ୟାନ କରିଥିଲେ। ପରେ ଅଧିକାରୀଙ୍କ ସହିତ ସୁରକ୍ଷାବଳୟ ଓ ସୁରକ୍ଷାକର୍ମୀଙ୍କ ନିୟୋଜନ ସହିତ ଟ୍ରାଫିକ ସମ୍ପର୍କିତ ବିସ୍ତୃତ ଆଲୋଚନା କରିଥିଲେ। ପରେ, ମାଓବାଦୀଙ୍କ ଗୁଳିରେ ଆହତ ହୋଇ ବ୍ରହ୍ମପୁର ମେଡିକାଲରେ ଚିକିତ୍ସାଧୀନ ଥିବା ଏସଓଜି ଯବାନ ପ୍ରେମସିଂ ମାଝିଙ୍କୁ ଭେଟିବା ସହ ତାଙ୍କ ପରିବାର ସଦସ୍ୟଙ୍କ ମନୋବଳ ବଢ଼ାଇଥିଲେ। ଏହି ସମୟରେ ଖଣି ଓ ପରିବହନ ମନ୍ତ୍ରୀ ବିଭୂତି ଜେନାଙ୍କ ସମେତ ଦକ୍ଷିଣାଞ୍ଚଳ ଆଇଜି ନିତି ଶେଖର, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର, ବ୍ରହ୍ମପୁର ଏସପି ଡା. ସର୍ବଣା ବିବେକ ଏମ ଓ ଏମକେସିଜି ମେଡିକାଲର ଅଧୀକ୍ଷକ ପ୍ରଫେସର୍ ଦୁର୍ଗାମାଧବ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

### ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପରିଷଦର ବୈଠକ

# ୬୩.୫୩ ଲକ୍ଷ ଟଙ୍କାର ବଜେଟ୍ ଉପସ୍ଥାପନ

ବ୍ରହ୍ମପୁର,୨୦।୯ (ସମିସ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସିନେଟ୍ ହଲ୍‌ଠାରେ ଆଜି ୨୦୨୫-୨୬ ବର୍ଷ ପାଇଁ କ୍ରୀଡ଼ା ପରିଷଦ ପକ୍ଷରୁ ସାଧାରଣ ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଚଳିତ ବର୍ଷ ପାଇଁ ୬୩ ଲକ୍ଷ ୫୩ ହଜାର ୧୮୦ ଟଙ୍କାର ବଜେଟ୍ ପ୍ରସ୍ତୁତ କରି ଉପସ୍ଥାପନ କରାଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଯୋଗଦେଇ ବିଶ୍ୱବିଦ୍ୟାଳୟ ଏବଂ ଅଧୀନରେ ଥିବା ସମସ୍ତ କଲେଜର କ୍ରୀଡ଼ାବିତ୍‌ମାନେ ଉତ୍ସାହିତ ହୋଇ ବିଭିନ୍ନ ପ୍ରତିଯୋଗିତାରେ କିପରି ଭାଗନେବେ ସେନେଇ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, କୁଳସଚିବ ସଚ୍ଚିଦାନନ୍ଦ ନାୟକ, ପୂର୍ବତନ କ୍ରୀଡ଼ା ପରିଷଦର ସମ୍ପାଦକ ଡ଼. ସାରଦା ପ୍ରସାଦ ସାହୁ, ନୂତନ ଭାବେ ଦାୟିତ୍ୱ ନେଇଥିବା କ୍ରୀଡ଼ା ପରିଷଦର ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା ମଂଚାସୀନ ଥିଲେ। ୨୦୨୪ -୨୫ ବର୍ଷରେ କ୍ରୀଡ଼ା ପରିଷଦର ବଜେଟ୍ ୬୦ ଲକ୍ଷ ୭୦ ହଜାର ଟଙ୍କା ରହିଥିବା ବେଳେ ପୂର୍ବାଞ୍ଚଳ ମହିଳା ହ୍ୟାଣ୍ଡବଲ୍ ପ୍ରତିଯୋଗିତା ନିମନ୍ତେ ୫ ଲକ୍ଷ ୮୩ ହଜାର ୭୪୭ ଟଙ୍କା ଅଧିକ ଖର୍ଚ୍ଚ ହୋଇଥିଲା। ଚଳିତବର୍ଷ ବଜେଟ୍‌ର ଆକାରକୁ ବୃଦ୍ଧି କରାଯାଇ ୬୩ ଲକ୍ଷ ୫୩ ହଜାର ୧୮୦ ଟଙ୍କା ପ୍ରାୟ ୨୯ଟି (ପୁରୁଷ/ମହିଳା) ଇଭେଣ୍ଟ ସହ ଓ ଆଇୟୁସି ୧୮ଟି ଇଭେଣ୍ଟକୁ ନେଇ ବଜେଟ ପ୍ରସ୍ତୁତି ହୋଇଛି। ବୈଠକରେ ବିଭିନ୍ନ ଖେଳ ପାଇଁ ବିଭିନ୍ନ କଲେଜ ଓ ବିଶ୍ୱବିଦ୍ୟାଳୟ ଚୟନ ହୋଇଛି।

ଏହି ଅବସରରେ କାର୍ଯ୍ୟକାରୀ ସଦସ୍ୟ ଚୟନ ହୋଇଥିଲା। କୁଳପତିଙ୍କ ପ୍ରତିନିଧି ଭାବେ ପିଜି କାଉନ୍‌ସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ସମସ୍ତ କଲେଜର ପ୍ରତିନିଧି ଭାବେ ଜିଲ୍ଲା ଆଥ୍‌ଲେଟିକ୍ ଆସୋସିଏସନର ସାଧାରଣ ସମ୍ପାଦକ ଜେ. କାମେଶ୍ୱର ରାଓ, ଖଲ୍ଲିକୋଟ ଆର୍‌ସିଏମ୍ ସାଇନ୍ସ କଲେଜର ଟି. ଶିବାନନ୍ଦ ବର୍ମା, ପୁରୁଷୋତ୍ତମପୁର ତାରାତାରିଣୀ କଲେଜର ଶିବ ପ୍ରସାଦ ବେହେରା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍କୁଲ ଅଫ ଏଜୁକେସନର ସହଯୋଗୀ ପ୍ରାଧ୍ୟାପିକା ସୁନିତା ପାତ୍ରଙ୍କୁ ସର୍ବସମତି ଭାବେ ଚୟନ ହୋଇଛନ୍ତି। ବୈଠକରେ ଯୁଗ୍ମ କୁଳସଚିବ ଡ଼. ବାବୁଜୀ ସାମଲ, ସହ କୁଳସଚିବ ଡ. ସରୋଜ କୁମାର ଦାଶ, ପ୍ରଫେସର ଜୋତ୍ସ୍ନା ସାହୁ, କୋଚ ରାଜେଶ କୁମାର ମହାନ୍ତି, ପିଇଓ ରବି ଚରଣ ମିଶ୍ରଙ୍କ ସମେତ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା କଲେଜର ପ୍ରତିନିଧି ଭାବେ ପ୍ରାୟ ୮୦ ଜଣ ଯୋଗ ଦେଇଥିଲେ।

ଏହି ଅବସରରେ କୁଳପତି ଗତବର୍ଷର ରହିଥିବା ପ୍ରସ୍ତାବକୁ କାର୍ଯ୍ୟକାରୀ କରିଥିବା ବେଳେ କୋଚ୍, ଚୟନ କମିଟି, ଅଫିସିଆଲଙ୍କ ପାଇଁ ପ୍ରୋତ୍ସାହନ ଏକ ଶହ ଟଙ୍କା ବୃଦ୍ଧି ହୋଇଛି। ଏହାସହ ଚଳିତବର୍ଷ ପାଇଁ ୪୦୦ ମିଟର ଦୌଡ଼ ପାଇଁ ସିନ୍ଥେଟିକ ଟ୍ରାକ୍, ଆଲୋକୀକରଣ, ଇନ୍‌ଡୋର ହଲର ଉନ୍ନତିକରଣ, ଜିମର ଆଧୁନିକୀକରଣ, ୨ଟି ବାସ୍କେଟବଲ୍ ସିନ୍ଥେଟିକ୍ କୋର୍ଟ, ସଭା ମଣ୍ଡପ ଉନ୍ନତିକରଣ, ଗ୍ୟାଲେରି ସମ୍ପ୍ରସାରଣ, ଆଖପାଖ ଅଂଚଳର ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀଙ୍କ ଖେଳକୁଦ ପାଇଁ ପରାମର୍ଶ ଦେଇଛନ୍ତି। କ୍ରୀଡ଼ା ପରିଷଦର ପୂର୍ବତନ ସମ୍ପାଦକ ଡ଼ ସାହୁ ଗତବର୍ଷ ବଜେଟର ବିବରଣୀ ପାଠ ଓ ଧନ୍ୟବାଦ ଅର୍ପଣ କରିଥିଲେ। କ୍ରୀଡ଼ା ପରିଷଦ ସମ୍ପାଦକ ପ୍ରଫେସର ଧ୍ରୁବ ଚରଣ ପଣ୍ଡା ଅତିଥି ପରିଚୟ ସହ ଚଳିତ ବର୍ଷର ବଜେଟ ଉପସ୍ଥାପନ କରିଥିଲେ। ଏଥିରେ ରାମ ନାରାୟଣ ସାହୁ, ମନୋଜ କୁମାର ତ୍ରିପାଠୀ,ମହେଶ ରଞ୍ଜନ ମିଶ୍ର, ଧନେଶ୍ୱର ଦାସ ସହଯୋଗ କରିଥିଲେ।

## ସୁଦୃଢ଼ ବିଜୁଳି ଭିତ୍ତିଭୂମି ପ୍ରତିଷ୍ଠା କଲା ଟିପିଏସ୍‌ଓଡିଏଲ୍

ବ୍ରହ୍ମପୁର,୨୦।୯ (ସମିସ): ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍‌ଓଡିଏଲ୍) ପକ୍ଷରୁ ହିଞ୍ଜିଳି ଗ୍ରୀଡ୍ ସବଷ୍ଟେସନରୁ ଶେରଗଡ଼ ପ୍ରାଇମେରୀ ସବ୍‌ଷ୍ଟେସନ ପର୍ଯ୍ୟନ୍ତ ଏକ ନୂତନ ୩୩ କେଭି ଲାଇନ କାର୍ଯ୍ୟକ୍ଷମ ହୋଇଛି। ମୁଖ୍ୟମନ୍ତ୍ରୀ ଶକ୍ତି ବିକାଶ ଯୋଜାନା ଅଧିନରେ ୬କୋଟି ଟଙ୍କାରେ ଏହାକୁ କାର୍ଯ୍ୟକ୍ଷମ କରାଯାଇଥିବା ବେଳେ ଏହି ନୂତନ ଭିତ୍ତିଭୂମି ପାଖାପାଖି ୪୦ହଜାର ଉପଭୋକ୍ତାଙ୍କୁ ଗୁଣାତ୍ମକ ବିଜୁଳି ସେବା ଯୋଗାଇବ। ଶେରଗଡ଼ ବ୍ଲକର ୨୨ଟି ପଞ୍ଚାୟତବାସୀ ଉପକୃତ ହେବେ। ଏହି ନୂଆ ଲାଇନ୍ ୧୮ କିଲୋମିଟର ଲମ୍ବା ହୋଇଥିବା ବେଳେ ଆଡ଼ପଡ଼ା, ଶେରଗଡ଼, କରଡାକଣା ଓ ପଳାଶପୁର ଅଞ୍ଚଳର ଉପଭୋକ୍ତାଙ୍କ ନିମନ୍ତେ ଉଦ୍ଦିଷ୍ଟ ରହିଛି। ବର୍ତ୍ତମାନ ପର୍ଯ୍ୟନ୍ତ ଶେରଗଡ଼ ଗୋଟିଏ ଫିଡର ଉପରେ ନିର୍ଭରଶୀଳ ରହିଆସୁଥିଲା। ତେଣୁ ଯାନ୍ତ୍ରିକ ତ୍ରୁଟି କିମ୍ବା ବିଜୁଳି ମରାମତି କାର୍ଯ୍ୟ ହେଲେ ହଜାର ହଜାର ଉପଭୋକ୍ତା ପ୍ରଭାବିତ ହେଉଥିଲେ। ତେଣୁ ହିଞ୍ଜିଳି ଗ୍ରୀଡ୍ ସବ୍‌ଷ୍ଟେସନରୁ ଏକ ନୂଆ ଲାଇନ ଶେରଗଡ଼ ପ୍ରାଇମେରୀ ସବଷ୍ଟେସନକୁ ଅଣାଯାଇଛି। ଫଳରେ ଉପଭୋକ୍ତାଙ୍କୁ ବିଜୁଳି ଯୋଗାଇବା ନିମନ୍ତେ କମ୍ପାନୀ ପାଖରେ ଏକ ବିକଳ୍ପ ମାର୍ଗ ରହିଛି। ଏହି ନୂତନ ଭିତ୍ତିଭୂମି ସମଗ୍ର ଅଞ୍ଚଳର ଉପଭୋକ୍ତାଙ୍କୁ ଅଧିକ ନିର୍ଭରଯୋଗ୍ୟ ବିଜୁଳି ଯୋଗାଇବାରେ ସମର୍ଥ ହେବ ବୋଲି ଟିପିଏସ୍‌ଓଡିଏଲ୍ ପକ୍ଷରୁ ଆଶା କରାଯାଉଛି। ଗ୍ରାହକମାନେ ବର୍ତ୍ତମାନ ଉଚ୍ଚ ଭୋଲଟେଜର ବିଜୁଳି ପାଇବେ। ଜଳସେଚନ ପମ୍ପ ବ୍ୟବହାର ମଧ୍ୟ ସହଜରେ ହୋଇପାରିବ। ଦୋକାନୀ ଓ କ୍ଷୁଦ୍ର ଉଦ୍ୟୋଗମାନେ ବିନା ବାଧାରେ ନିଜ ବ୍ୟବସାୟ ଚଳାଇପାରିବେ। ଶେରଗଡ଼ ଅଞ୍ଚଳର ସାମଗ୍ରିକ ପ୍ରଗତି କ୍ଷେତ୍ରରେ ଏହି ନୂଆ ବିଜୁଳି ଲାଇନ ବିଶେଷ ଭାବେ ସହାୟକ ହେବ।




ଏ ସମ୍ପର୍କରେ ଟିପିଏସ୍‌ଓଡିଏଲ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି ଯେ, ଏହି ପ୍ରକଳ୍ପ ଗ୍ରାମୀଣ ବିଜୁଳି ଭିତ୍ତିଭୂମିକୁ ଅଧିକ ସଶକ୍ତ କରିବା କ୍ଷେତ୍ରରେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ନୂତନ ଲାଇନ ସହିତ ଶେରଗଡ଼ର ଗ୍ରାହକମାନେ ଅଧିକ ଭରସାଯୋଗ୍ୟ, ସ୍ଥିର ଓ ଗୁଣାତ୍ମକ ବିଜୁଳି ସେବାର ସୁବିଧା ପାଇବେ। କୃଷି ଓ ବ୍ୟବସାୟକୁ ସମର୍ଥନ କରିବା ସହ ସମସ୍ତ ଉପଭୋକ୍ତା ସମ୍ପ୍ରଦାୟଙ୍କ ନିମନ୍ତେ ଏକ ଗୁଣାତ୍ମକ ନେଟୱାର୍କ ନିର୍ମାଣ ଉପରେ କମ୍ପାନୀ ଧ୍ୟାନ କେନ୍ଦ୍ରୀଭୂତ କରିଛି।

- ଉପକୃତ ହେବେ ଗଞ୍ଜାମର ୪୦ ହଜାର ଉପଭୋକ୍ତା
- ଶେରଗଡ଼ ବ୍ଲକରେ ୧୮ କିମି ଲମ୍ବା ୩୩ କେଭି ଲାଇନ କାର୍ଯ୍ୟକ୍ଷମ

ସୃଜନିକା

ସକାଳ
THE SAKALA
www.sakalaepaper.com

# ଦୁଇଟି ମିନି ଗପ



ମୃଣାଳ



## ଭୀମସେନର ପ୍ରେମ

ଭୀମସେନ ଜୀବନରେ ପ୍ରେମ ଯେତେ ଥର ହୋଇଛି, ବ୍ରେକ୍-ଅପ୍ ହୋଇଛି ତା'ଠୁଁ ସତର ଥର ଅଧିକ । ଆପଣ କହିବେ, ଏହା କେମିତି ?

କିଛି ଝିଅଙ୍କୁ ସେ ମନେ ମନେ ପ୍ରେମ କରିଥିଲା; ତା'ପରେ ସେମାନଙ୍କ କାରବାର ଦେଖି ସେ ନିଜେ ନିଜେ ଓହରି ଆସିଛି । ତା'ପରେ ଭୀମସେନ ଭାବିଲା ଆରେଞ୍ଜ ମ୍ୟାରେଜ୍ କରିବ । ବାହା ହୋଇ ସାରିଲା ପରେ ପତ୍ନୀକୁ ମନ ଭରି ପ୍ରେମ କରିବ । କିନ୍ତୁ 'ହନିମୁନରେ ଯାଇଥିବା ପତ୍ନୀ ପ୍ରେମିକ ସାହାଯ୍ୟରେ ପତିଙ୍କୁ ହତ୍ୟା କଲା', 'ପତ୍ନୀ ପ୍ରେମିକ ସହିତ ମିଶି ପତିଙ୍କୁ ଖଣ୍ଡ ଖଣ୍ଡ କରି କାଟି ଡ୍ରମରେ ପୂରେଇ, ସିମେଣ୍ଟରେ ସିଲ୍ କରି ପ୍ରେମିକଙ୍କ ସହିତ ବୁଲି ଚାଲିଗଲା'- ଏଇ ଜାତୀୟ ଖବର ପଢ଼ି ଭୀମସେନ ଭୀଷଣ ଡରିଗଲା । ଜୀବନକୁ ଡର କାହାର ନାହିଁ କହୁନାହାନ୍ତି !

ଏବେ ଭୀମସେନ କରେ କ'ଣ ! ତା' ଛାତି ଭିତରେ ପ୍ରେମ ଲହଡ଼ି ଭାଙ୍ଗୁଛି । ବୁଦ୍ଧି ଦେଲା ତା'ର ଘଣି ସାଙ୍ଗ ହାବୁଲ ।

ଭୀମସେନ ଗୋଟେ ଝିଅ ନାଁରେ ଫେକ୍ ଆଇଡି ଖୋଲିଲା । ତା' କଳ୍ପନାରେ ପ୍ରେମିକାର ମୁଖଶ୍ରୀ, ଚେହେରା ଯେମିତି ହେବା କଥା - ସେମିତି ଭାବେ ସଜେଇଲା । ଆଉ ତାକୁଇ ପ୍ରେମ କରି ବସିଲା । ଗଭୀର ପ୍ରେମ ।

ଭୀମସେନ ଏବେ ଶାନ୍ତିରେ ଅଛି । ନା ବ୍ରେକ୍-ଅପ୍‌ର ଦୁଃଖ, ନା ଜୀବନର ଭୟ । ନା ପ୍ରେମିକାର ନଖରା, ନା ତା' ପଛରେ ଖର୍ଚ୍ଚ । ■



## ପ୍ରଶ୍ନ

- ଆଚ୍ଛା କହିଲୁ ଆମେ କ'ଣ ସ୍ୱାଧୀନ ?

ପ୍ରତି ବର୍ଷ ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ସ୍ୱାଧୀନତା ଦିବସ ଆଉ ସାଧାରଣତନ୍ତ୍ର ଦିବସ ଦିନ ବସନ୍ତ ବାବୁ ରାସ୍ତାରେ ଯାହାକୁ ଦେଖନ୍ତି ତାକୁ ଏ ପ୍ରଶ୍ନ ପଚାରନ୍ତି । ସେମିତି ପ୍ରତ୍ୟେକ ପୂଜା ପରେ, ଜମାଣ ଭସାଣି ଶୋଭାଯାତ୍ରା ପରେ ସେ ଲୋକନାକୁ ଡାକି ଡାକି ପଚାରନ୍ତି, ଆଚ୍ଛା କହିଲ ଭସାଣିରେ ନାଚକୁଦ କ'ଣ ଦରକାର ? ଏତେ ହଲୋଳ, ଏତେ ଅପବ୍ୟୟ କ'ଣ ନିହାତି ଦରକାର ?

ବର୍ଷକୁ ବର୍ଷ ତାଙ୍କର ପ୍ରଶ୍ନ ବଢ଼ି ବଢ଼ି ଚାଲିଛି । ଆଚ୍ଛା କହିଲ, ଭୋଟ ପ୍ରଚାରରେ ଏତେ ଖର୍ଚ୍ଚ କରିବା କ'ଣ ଦରକାର ? ଲୋକମାନଙ୍କର ସେବା କରିବା ପାଇଁ ପରସ୍ପର ଭିତରେ ମାରପିଟ ଲାଗିବେ କାହିଁକି ? ସ୍କୁଲ କଲେଜ, କୋର୍ଟ କଚେରିରେ ଏତେ ଛୁଟି କାହିଁକି ହେବ? ଆଚ୍ଛା, ରାସ୍ତା ଘାଟରେ ଏତେ ଖାଲଖମା କାହିଁକି ହେବ, ପୋଲଗୁଡ଼ିକ ଏତେ ଶୀଘ୍ର କାହିଁକି ଭାଙ୍ଗିବ?

ସେ ବହୁବର୍ଷ ଧରି ଲୋକଙ୍କୁ ଏସବୁ ପ୍ରଶ୍ନ ପଚାରନ୍ତି । ତାଙ୍କ ଘର ଲୋକ କହନ୍ତି, ଅଧିକା ପାଠ ପଢ଼ି ତାଙ୍କ ମୁଣ୍ଡଟା ଖରାପ ହୋଇ ଯାଇଛି, ସେଇଥିପାଇଁ... ।

ସମସ୍ତେ ତାଙ୍କ କଥାରେ ହସନ୍ତି । ଆଉ କିଛି ଉତ୍ତର ନ ଦେଇ ନିଜ ବାଟରେ ଚାଲିଯାଆନ୍ତି ।

ସମସ୍ତେ ଏ ପ୍ରଶ୍ନଗୁଡ଼ିକ ନିଜକୁ ଏବଂ ହୁଏତ ପରସ୍ପରକୁ ପଚାରିବାକୁ ଚାହାନ୍ତି ।

ହୁଏତ ଏ ପ୍ରଶ୍ନଗୁଡ଼ିକରୁ କେତୋଟିର ଉତ୍ତର କାହାକୁ କାହାକୁ ଜଣା । କିନ୍ତୁ କେହି ସେ ଉତ୍ତର ସାଧାରଣରେ ଦେବାକୁ ଚାହାନ୍ତି ନାହିଁ । ■

ସଂଚାର ମାର୍ଗ, ଢେଙ୍କାନାଳ
ପିନ୍: ୭୫୯୦୦୧

# କେଉଁଠି ସେମାନେ

ମୌସୁମୀ ଦାସ୍



ଯେଉଁମାନେ କହିଥିଲେ
ପୁଣିଥରେ କଟାପାପୁଲି ସବୁକୁ ଯୋଡ଼ିଦେବାର କଥା
ଦୃପ୍ତ ସ୍ୱରରେ ...
ଯେଉଁମାନେ ଦାମ୍ଭିକ ପ୍ରତିଜ୍ଞାରେ କହିଥିଲେ
ଘରେଘରେ ଭରିଦେବେ ଅମାର
ନିଜ ପାଇଁ ଆସନ ମାଗିବାବେଳେ...
ଏବେ କେଉଁଠି ସେମାନେ...??

ଧାର୍-କରା ଧନ ଓ ଧାନରେ
ନୂଆ ଖାଇ, ହାତ ଆଞ୍ଚେଇ
ସନାତନମାନେ ଉଠିଗଲେଣି
ବାହାରେ ହର୍ଣ୍ଣ ମାରୁଥିବା ଟ୍ରକ୍‌ଡାଲାକୁ,

ହାଣ୍ଡି ଶୁଖି ଚଢ଼କି ଗଲାଣି ତାଡି
ଚାଳଫୁଟି ଦିଶିଲାଣି ତାରାଙ୍କ ଆସର
ବିଲସାରା ବାଲୁଙ୍ଗାଙ୍କ ଉଗ୍ର ବାଲୁଙ୍ଗାମି
ବନ୍ଧପାଣି ଗୋଲାପୀ ଦଳରେ ଗୋଳିଆ ଛଳଛଳ ।

ଶୂନ୍ୟଆଖି ଦରାଣ୍ଡୁଛି ବାଟ
ଦାଦନ ଦେଶରୁ ଫେରାଇ ଆଣିବାର
ପ୍ରତିଶ୍ରୁତି ଦେଇଥିଲେ ଯେଉଁମାନେ
ତାତିଲା ଖରାବେଳର ବରଗଛ ତଳେ
କୋଉଠି ହଜିଗଲେ ସେମାନେ ?

ଦଦରା ଶରୀରଟେ ଏବେ ଓହ୍ଲେଇ ଆସୁଛି ପୁଣି
ସଞ୍ଜ ବୁଡ଼ିଯାଉଥିବା ଆକାଶର ନିଃସଙ୍ଗ କୋଣରୁ,
ପବନରେ କୁଟାଖିଏ ଭଳି ଉଡୁଛି କାମିଜର
ବାହାହୀନ ହାତ,
ଗାଆଁ ମୁଣ୍ଡରେ ଅସହାୟ ବୁଢ଼ାବାପାର ଲୁହରେ
ଓଦା ସରସର ଆତୁର ଜୁଇଟିଏ ଜଳୁଛି
ଜୁଆନ ଦାଦନିଆ ପୁଅର,

ସାଉଁଟା ଛିଣ୍ଡା ପଲିଥିନ ଛାତ ତଳେ
ବିଞ୍ଚି ହେଇଯାଉଛି ଟୁକୁରା ଟୁକୁରା ହେଇ

ପାଣିକାଚ ମୁଠାକ
ବାଲୁତର ଭୋକିଲା କାନ୍ଦରେ ବି ତରଳୁନି
ଈଶ୍ୱରୀର ପଥର-ଅନ୍ତର,

ଯେଉଁମାନେ କହିଥିଲେ
ତୋଳି ଆଣିଦେବେ ଆକାଶରୁ ଜହ୍ନର ଗୀତ
ତାରାଙ୍କ ଆଲୋକିତ ଅଗଣା
ନିଜନିଜ ନିଅନ୍ ଆଲୁଅ ତଳେ ସେମାନେ
ଉତ୍ସବରେ ମସଗୁଲ ଏବେ ।

କହି ଜାଣନ୍ତି ବୋଲି ତ ସେମାନେ
ବାଜି ମାରିନିଅନ୍ତି କାଳକାଳ,
ମୋହରା ସାଜିପାରନ୍ତି ବୋଲି ହିଁ
ସନାତନମାନେ ହାରୁଥାଆନ୍ତି
ଥରକୁ ଥର ଚିରକାଳ । ■

ସୂଚନା ଓ ଲୋକସମ୍ପର୍କ ବିଭାଗ
ଲୋକସମ୍ପର୍କ ଭବନ
ଭୁବନେଶ୍ୱର-୧

# ନଈ

ନରେନ୍ଦ୍ର କୁମାର ଭୋଇ



ଏ ନଈ ଭସାଇ ନିଏ ନାହିଁ
ମୁଁ ଭାସିଯାଏ ନଈର ସୁଅରେ!

ନଈରେ ପହଁରୁଥିବା ମାଛ
ମୋର ଅବୟବ
ହାତ ଗୋଡ଼
ମୁଁ ହଲାଇ ପହଁରିଯାଏ ସାରା ନଈ ।

ଯୋଉଠି ଶୃଙ୍ଖଳା ବାଲିକୁଦ
ମୋ ଜୀବନର ଦୁଃଖାଂଶ
ଜଳ ବିହୁନେ ଛଟପଟ
ଯୋଉଠି ଭଉଁରି ସେଇଠି ସୁଖାଂଶ
ମୁଁ ମତୁଆଲା ମାଛ ପରି
ଜଳକ୍ରୀଡ଼ା ରତ ।

ମୁଁ ଆରତ! ତ୍ରାଣକର ବୋଲି
ଘୋଷି ପାରେନା ପ୍ରାର୍ଥନା
ତୁମେ ମହାବାହୁ ବୋଲି
ପ୍ରସାରି ଦିଅନା ହାତ
ଯେ ଝା' ଜାଗାରେ ଥାଉଁ
ଯଥାପର ତଥା ପୂର୍ବ
ବେଳ ଉଦୁଥାଉ ବୁଡୁଥାଉ
କାଳକାଳ ଅନବରତ ।



ମାଛର ଆଖିକୁ ବାଣ ଯୋଖି
କିଏ ହୁଏତ ଜିତିପାରେ ବାଜି
କି ସ୍ୱୟଂବର ନାଁରେ ନାରୀ
ମୁଁ କିନ୍ତୁ ମାଛର ଆଖି ନେଇ
ପହଁରିଯାଏ ସଂସାର ନଈ ।

ନଈର ଧାର ପରି
ସଂସାରର ଅନେକ ପକ୍ଷ
ମୁଁ ସେଠି ବିଜଡ଼ିତ ସଂସାରୀ
ଘରେ ବାହାରେ
ଅନେକ କଣ୍ଟା ଅନେକ ଜାଲ
ମୁଁ ଗିଳିଦେଲେ ଚରା
ତଣ୍ଟିରେ କଣ୍ଟା ଛଟପଟ
ଗିଳି ନପାରିଲେ ସଂସାର ଅସାର
ଦହଗଞ୍ଜ ସଂସାରୀ ବୈରାଗ୍ୟ
ଜଳରେ ଘର ମୋର
ମୋ ଭିତରେ ପ୍ରବହମାନ
ସରୁ ନଈର ଧାର ।

ଏ ନଈ ଭସାଇ ନିଏ ନାହିଁ ମୋତେ
ମୁଁ ନଈଟିଏ ହୋଇ ବହି ଯାଉଥାଏ
ମୋ ଭିତରେ ଧୀରେ ଧୀରେ । ■

ନୂର୍ପା, ବୌଦ୍ଧ -୭୬୨୦୧୬
ମୋ: ୮୮୯୫୨୫୪୫୯୨

# ରାଧାମୋହନଙ୍କ ଗାଥା କବିତାର ବୈଶିଷ୍ଟ୍ୟ

ସଂଗ୍ରାମ କେଶରୀ ପୃଷ୍ଟି



ଆଧୁନିକ କବିତାରେ ମୁକ୍ତ ଛନ୍ଦର ପ୍ରବର୍ତ୍ତନ ସାଙ୍ଗକୁ ଗାଥାର ସଫଳ ପ୍ରୟୋଗ ଧାରାରେ ପ୍ରାତଃ ସ୍ମରଣୀୟ ସାରସ୍ୱତ ସ୍ରଷ୍ଟା ହେଉଛନ୍ତି, ପଦ୍ମଶ୍ରୀ ରାଧାମୋହନ ଗଡ଼ନାୟକ । କାହାଣୀ ଶିଳ୍ପର ସମସ୍ତ ଆଙ୍ଗିକ ବିଭବ ତାଙ୍କ କାବ୍ୟକୃତିକୁ ଯେପରି ମନୋଜ୍ଞ କରିପାରିଛି, ତା'ଠୁ ଅଧିକ କରିପାରିଛି ଜୀବନ୍ତ । ପୁରାଣ, ଇତିହାସ, ଲୋକକଥା, କିମ୍ବଦନ୍ତୀ ଆଧାରରେ ଲିଖିତ ତାଙ୍କର ଗାଥା କବିତାଗୁଡ଼ିକ ବେଶ୍ ପ୍ରଭାବଶାଳୀ । କାବ୍ୟ ଜୀବନର ଆରମ୍ଭରୁ ପରିଣତ ବୟସ ପର୍ଯ୍ୟନ୍ତ ପ୍ରକାଶ ଭଙ୍ଗୀର ସ୍ୱଚ୍ଛତା ହେଉଛି ରାଧାମୋହନଙ୍କ ଗାଥା କବିତାର ଏକ ବୈଶିଷ୍ଟ୍ୟ । ଗାଥା କବିତାର ମୁଖ୍ୟ ଉତ୍ସ ହେଉଛି ଲୋକ କାହାଣୀ । ଗାଥା କବିତାରେ କବି ଗଡ଼ନାୟକଙ୍କ ସରଳ ପଦ ସଂଯୋଜନା, ବର୍ଣ୍ଣନାରେ ନାଟକୀୟତା, ନିରାଡ଼ମ୍ବର ଭାବର ଅପୂର୍ବ ସମନ୍ୱୟ ଦେଖିବାକୁ ମିଳିଥାଏ । ତାଙ୍କର ଗାଥା କବିତା ଛାନ୍ଦସିକତା ଓ ଗୀତିମୟତାରେ ସମୃଦ୍ଧ । ସେହିପରି ପରିମାଣ ଦୃଷ୍ଟିରୁ ଦେଖିବାକୁ ଗଲେ ତାଙ୍କର ଗାଥା କବିତା ଯେପରି ସଂଖ୍ୟାଧିକ, ଗୁଣାତ୍ମକ ଦୃଷ୍ଟିରୁ ମଧ୍ୟ ସେପରି ରସୋତ୍ତୀର୍ଣ୍ଣ । ତାଙ୍କର ସମଗ୍ର ସୃଷ୍ଟି ମଧ୍ୟରେ ଗାଥା କବିତା ଶ୍ରେୟ ଓ ପ୍ରେୟ ଭାବରେ ପ୍ରଣିଧାନଯୋଗ୍ୟ । ସୁତରାଂ ଗାଥା କବିତା ହିଁ ରାଧାମୋହନ ଗଡ଼ନାୟକଙ୍କ ସର୍ବୋତ୍ତମ ପରିଚୟ ।

ରାଧାମୋହନଙ୍କ 'ସ୍ମରଣିକା', 'ଉତ୍କଳିକା', 'ଶାମୁକାର ସ୍ୱପ୍ନ', 'ପଶୁପକ୍ଷୀର କାବ୍ୟ' ପ୍ରଭୃତି କବିତା ସଂକଳନ ଗାଥା କବିତାର ଅପୂର୍ବ ନିଦର୍ଶନ । କୌଣସି ଗୋଟିଏ କିମ୍ବଦନ୍ତୀ ବା ଘଟଣାକୁ କେନ୍ଦ୍ର କରି ମାନବାନୁଭୂତିର ଆବେଗମୟ ଅଭିବ୍ୟକ୍ତି ତାଙ୍କ ଗାଥା କବିତାରେ ଦେଖିବାକୁ ମିଳିଥାଏ । କାହାଣୀ ସହିତ ଗାଥା କବିତାର ଆଙ୍ଗିକ ଓ ଆତ୍ମିକ ଭାବର ଅପୂର୍ବ ସମନ୍ୱୟ ହିଁ ଗାଥା କବିତାକୁ ବିଶେଷ ମହତ୍ତ୍ୱ ପ୍ରଦାନ କରିଛି ।

ସଙ୍ଗୀତ ମାଧ୍ୟମରେ କାହାଣୀ ଭାଗକୁ ନାଟକୀୟ ଢଙ୍ଗରେ ଉପସ୍ଥାପନା କରି ପାଠକୀୟ ତୃଷା ମେଣ୍ଟାଇବା ହିଁ ଗାଥା କବିତାର ମୂଳ ଲକ୍ଷ୍ୟ, ଯାହା କବି ଗଡ଼ନାୟକଙ୍କ ଗାଥା କବିତାରେ ପରିଦୃଷ୍ଟ । ଭାବଭୂମି ଆଧାରରେ ତାଙ୍କ ଲିଖିତ ଗାଥା କବିତାକୁ ମୁଖ୍ୟତଃ ଆଠ ଭାଗରେ ବିଭକ୍ତ କରାଯାଇପାରେ । ସେଗୁଡ଼ିକ ହେଲା , ପୁରାଣ ଓ ଇତିହାସ ଆଧାରିତ, କିମ୍ବଦନ୍ତୀ ଓ ଲୋକକଥା, ସମ୍ବାଦଧର୍ମୀ, ମାନବେତର ଜୀବ, ବ୍ୟକ୍ତିତ୍ୱ ପ୍ରଧାନ, ଗାନ୍ଧୀ ସମ୍ବନ୍ଧୀୟ ଏବଂ ପାଶ୍ଚାତ୍ୟ କବିତାର ଅନୁସରଣ ।

କବି ରାଧାମୋହନ ଗଡ଼ନାୟକଙ୍କ କାବ୍ୟ ନାୟିକା, ଉତ୍କଳିକା, ସ୍ମରଣିକା, ମୌସୁମୀ, ମେଘଦୂତ, ପଶୁପକ୍ଷୀର କାବ୍ୟ, ଧୂସର ଭୂମିକା, ଶାମୁକାର ସ୍ୱପ୍ନ, ଦୁଇଟି ଡାହାର ଡେଣା, କୁମାର ସମ୍ଭବ, ସୋରାବ ଓ ରସ୍ତମ, କୈଶୋରିକା, ଦୀପଶିଖା, ବନରାଜି ନୀଳା, ଛାୟା ତଥା ସୂର୍ଯ୍ୟ ଓ ଅନ୍ଧକାର ଆଦି ସୃଷ୍ଟି ସାମ୍ରାଜ୍ୟ ଓଡ଼ିଆ ସାହିତ୍ୟ ସାମ୍ରାଜ୍ୟକୁ କରିଛି ଋଦ୍ଧିମନ୍ତ । ଏ ସମସ୍ତ ସୃଷ୍ଟିକୁ ଅନୁଶୀଳନ କଲେ ସେଥିମଧ୍ୟରୁ ଗାଥା କବିତାର ଧାରା ସ୍ୱତଃ ଝରି ଆସେ ।

'କାବ୍ୟନାୟିକା' ସଂକଳନରେ ସ୍ଥାନୀତ 'ପିଙ୍ଗଳାର ଅଭିସାର', 'ଲଳିତା', 'ଉଠ ଆଗୋ ପାଷାଣୀ', 'ଶବରୀ', 'ଗୋପବାଳାର କୃଷ୍ଣ', 'ବିଭୀଷଣ', 'କୃଷ୍ଣ ବିରହିଣୀ' ଓ 'ଉର୍ମିଳା' ଆଦି ଗାଥା କବିତାଗୁଡ଼ିକରେ ଫୁଟି ଉଠିଛି ମାନବୀୟ ଭାବବୋଧର ମହନୀୟତା । ରାମାୟଣ କଥାବସ୍ତୁ ଆଧାରିତ 'ଶବରୀ' କବିତା ଓ ମହାଭାରତର କଥାବସ୍ତୁ ଆଧାରିତ 'ପ୍ରତିଶୋଧ' କବିତା ଗାଥା କବିତାର ସାର୍ଥକ ନିଦର୍ଶନ । ସେହିପରି 'ମାଟି' କବିତାରେ ନାରୀ ଜାତିର ମହନୀୟତା, ଉଦାରତା ଓ ସମର୍ପିତ ଭାବନା ସ୍ପଷ୍ଟ ବାରି ହୋଇ ପଡ଼ିଥାଏ ।

'ଶାମୁକାର ସ୍ୱପ୍ନ' ସଂକଳନରେ ସ୍ଥାନୀତ 'ବାଲ୍ମୀକି', 'ଶ୍ରବଣାର ଅତିଥି ଚର୍ଚ୍ଚା', 'ଆନନ୍ଦ ଓ ପ୍ରକୃତି' ଏବଂ 'ଅବାଚୀର ତାରା' ପୁସ୍ତକରେ ସଂକଳିତ 'ମଣିଷ ସୁନ୍ଦର' ଆଦି କବିତାଗୁଡ଼ିକ ପୌରାଣିକ କଥାବସ୍ତୁ ଅବଲମ୍ବନରେ ଲିଖିତ । 'ଉତ୍କଳିକା' ପୁସ୍ତକର 'ଭାଇ', 'ବୀରରାଣୀ ଶୁକଦେଈ', 'ବିସର୍ଜନ', 'ମଣିକାଞ୍ଚନ ଯୋଗ','କୈଶୋରିକା'ରେ ସଂକଳିତ 'ମାତଙ୍ଗିନୀ ଦେବୀ', 'ଅବାଚୀର ତାରା' ସଂକଳନର 'ତମାଦୋରା ଓ ହୁସେନ ଗଁଗୁ' ଆଦି କବିତା ଇତିହାସ ପୃଷ୍ଠଭୂମି ଉପରେ ଆଧାରିତ ଗୋଟିଏ ଲେଖାଏଁ ସାର୍ଥକ ଗାଥା କବିତା । 'ଉତ୍କଳିକା' ସଂକଳନରେ ସ୍ଥାନୀତ ୧୬ଟି କବିତା ମଧ୍ୟରୁ ୮ଟି କବିତାକୁ ଜନଶ୍ରୁତି ଆଧାରରେ କବି ଗଡ଼ନାୟକ ରଚନା କରିଛନ୍ତି ।

'କୈଶୋରିକା'ର 'ତଅପୋଇ' କବିତା ମାଧ୍ୟମରେ କବି ଭାଇ - ଭଉଣୀର ପବିତ୍ର ସଂପର୍କ ଓ 'ଦୁଇଟି ଡାହାର ଡେଣା' ପୁସ୍ତକରେ ସ୍ଥାନୀତ 'କାମସୂତ୍ର' କବିତାରେ ଜଣେ ନାରୀର ସ୍ୱଷ୍ଟବାଦୀତା ପ୍ରସଙ୍ଗକୁ ଗାଥା କବିତା ମାଧ୍ୟମରେ ପରିପ୍ରକାଶ କରିଛନ୍ତି । ଗୌତମ ବୁଦ୍ଧଙ୍କ ବାଲ୍ୟକାଳ ସହିତ ଜଡ଼ିତ ଜୀବେଦୟା ମନ୍ତ୍ରକୁ ଗାଥା କବିତାର ରୂପ ଦେବାକୁ ଯାଇ କବି ରଚନା କରିଛନ୍ତି 'ବାଳବୁଦ୍ଧ' କବିତା । ସେହିପରି ସତ୍ୟ ଓ ଶକ୍ତି କବିତାଟି ମାଦଳା ପାଞ୍ଜିରେ ବର୍ଣ୍ଣିତ ବୌଦ୍ଧ ଏବଂ ବ୍ରାହ୍ମଣଙ୍କ ଉପାଖ୍ୟାନ ଉପରେ ଆଧାରିତ ।

ସମ୍ବାଦପତ୍ର କଥାବସ୍ତୁ ଆଧାରରେ କବି ଗଡ଼ନାୟକଙ୍କ କୋଟନିସ୍ ଆଉ ଫେରିନାହିଁ, ଗୁର୍ଖା ସିପାହୀ ଓ ସତୀ ଆଦି ଗାଥା କବିତା ସମୃଦ୍ଧ, ଯାହାକି ତାଙ୍କ 'ସ୍ମରଣିକା' ପୁସ୍ତକରେ ସ୍ଥାନ ପାଇଛି । କବିଙ୍କ କେନ୍ଦ୍ର ସାହିତ୍ୟ ଅକାଦେମୀ ପୁରସ୍କାର ପ୍ରାପ୍ତ ପୁସ୍ତକ 'ସୂର୍ଯ୍ୟ ଓ ଅନ୍ଧକାର'ରେ ପ୍ରକାଶିତ 'ଚନ୍ଦକାବଣର ଏକ ତରୁଣୀ ବାଘୁଣୀ' ଓ 'ସରସ୍ୱତୀ ବାଈ' ହେଉଛି ଦୁଇଟି ସାର୍ଥକ ଗାଥା କବିତା । ପଶୁପକ୍ଷୀଙ୍କ ଭିତରେ ମାନବତାର ଭାବ ଦର୍ଶାଇବାକୁ ଯାଇ କବି 'ଭୂମିକା' ଓ 'ପଶୁପକ୍ଷୀର କାବ୍ୟ' ସଂକଳନର ପରିକଳ୍ପନା କରିଛନ୍ତି । ପ୍ରାୟତଃ କବିତାରେ କବି ପଶୁପକ୍ଷୀ ଚରିତ୍ରଗୁଡ଼ିକରେ ମଣିଷ ସୁଲଭ ସମ୍ବେଦନା, ପ୍ରଣୟ, ବିରହ ଓ ଯାତନାକୁ ପ୍ରାଧାନ୍ୟ ଦେବା କାରଣରୁ ଏହା ବେଶ୍ ପାଠକୀୟ ଆଦୃତି ଲାଭ କରିପାରିଛି ।

ଉତ୍କଳୀୟ ମହନୀୟ କଥା ଓ ଗାଥାକୁ ନେଇ ସମୃଦ୍ଧ ଗାଥା କବିତା ସଂକଳନ 'ଉତ୍କଳିକା' । ଉତ୍କଳ ପ୍ରତି ସମର୍ପିତ ବ୍ୟକ୍ତିଙ୍କ ବ୍ୟକ୍ତିତ୍ୱ ସମ୍ଭବତଃ କବିଙ୍କୁ ପ୍ରଭାବିତ କରିପାରିଛି, ତାହା ଏ ପୁସ୍ତକ ପଢ଼ିଲେ ଜଣାପଡ଼େ । ସେହିପରି 'କୈଶୋରିକା' ପୁସ୍ତକର 'ସୁଭାଷ ଓ ଗୁଣିଆ', 'ମାତଙ୍ଗିନୀ ଦେବୀ' ଆଦି କବିତାରେ ଦେଶପ୍ରେମ ଝଙ୍କୃତ ହୋଇଛି । 'ଦୀପଶିଖା' ପୁସ୍ତକର 'ସାରଳା ଦାସ' ଓ 'ଜଗନ୍ନାଥ ଦାସ', 'ଶାମୁକାର ସ୍ୱପ୍ନ' ସଂକଳନର 'ରାଇଦାସ', 'ରକ୍ତ ଓ ଦୁଗ୍ଧ', 'ରାମୀ ଓ ରାମଚଣ୍ଡୀ', 'ଅବାଚୀର ତାରା' ପୁସ୍ତକର 'ଦୀନବନ୍ଧୁ ପାଇଁ ଜଣେ ସେ ଜଣେ', 'ହୀରାଖଣ୍ଡ ଗାଥା' ସଂକଳନର 'ମୋ ଜୀବନ ପଛେ ନର୍କେ ପଡ଼ିଥାଉ', 'ଅଦ୍ୱିଜର ହୋଇପାରେ ଦ୍ୱିଜପରାକ୍ରମ' ଓ 'ପୀତବାସ ଷଡ଼ଙ୍ଗୀ' ଗୋଟିଏ ଲେଖାଏଁ ସାର୍ଥକ ଗାଥା କବିତା । ରାଧାମୋହନଙ୍କ 'ଗାନ୍ଧିଗାଥା' ସଂକଳନଟି ମହାତ୍ମା ଗାନ୍ଧୀଙ୍କ ଜୀବନାନୁଭୂତିର ଏକ ସାର୍ଥକ ପ୍ରତିଫଳନ ବୋଲି କୁହାଯାଇପାରେ ।

କବି ରାଧାମୋହନ ଗଡ଼ନାୟକଙ୍କ ଗାଥା କବିତା ସମୂହ ପାଠକୀୟ ପ୍ରାଣକୁ ବେଶ୍ ପ୍ରଭାବିତ କରିବାରେ ସାମର୍ଥ୍ୟ ରଖେ । କବିତାର ପଦ ସଂଯୋଜନା ସାଙ୍ଗକୁ ଚମତ୍କାର ବିଷୟବସ୍ତୁ ଚୟନ କାରଣରୁ ତାଙ୍କର ପ୍ରତ୍ୟେକଟି ଗାଥା କବିତା ବେଶ୍ ହୃଦୟସ୍ପର୍ଶୀ । ଏହାର ଆଙ୍ଗିକ ଓ ଆତ୍ମିକ ଦିଗର ସୂକ୍ଷ୍ମ ଅନୁଭବ ହିଁ ଗାଥା କବିତାକୁ କରିପାରିଛି ରସସିକ୍ତ । ଏହା ଅନ୍ତଃକରଣରେ ଏକ ଅନିର୍ବଚନୀୟ ଆନନ୍ଦ ଦେବାକୁ ସମର୍ଥ ହୋଇପାରିଛି । ସୁତରାଂ ଓଡ଼ିଆ ବାଣୀ ଭଣ୍ଡାରକୁ କବି ରାଧାମୋହନ ଗଡ଼ନାୟକଙ୍କ ଗାଥା କବିତାଗୁଡ଼ିକ ଗୋଟିଏ ଲେଖାଏଁ ଅମୂଲ୍ୟ ଉପହାର । ■

ଶିକ୍ଷକ, ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ,
କିଶୋରନଗର, ଜି - ଅନୁଗୋଳ,
ପିନ୍ - ୭୫୯୧୨୬
ମୋ- ୯୪୩୭୫୪୭୧୪୬

## ପୁସ୍ତକ ପରିଚୟ

### ନୂଆ ସକାଳର ବାସ୍ନା

ପୀତାମ୍ବର ମହାପାତ୍ର




ଆଷାଢ଼
ଆନନ୍ଦ ବଜାର, ମଧ୍ୟ ଶାସନ
ଜଗତସିଂହପୁର
ପ୍ରଥମ ପ୍ରକାଶନ: ୨୦୨୫
ମୂଲ୍ୟ: ୧୦୦ ଟଙ୍କା

ସମାଜର ସାଧାରଣ ଚରିତ୍ର, ଘଟଣା, କିଛି ଅନୁଭୂତି ଓ ଅନୁଭବକୁ ନେଇ ଗତିଶୀଳ ହୋଇଉଠେ ତାଙ୍କ ଗପଗୁଡ଼ିକ । ଏମିତି ନିଆରା ଚରିତ୍ର, ଦୁର୍ଲଭ ଘଟଣା, ବିରଳ ଅନୁଭୂତିକୁ ନେଇ ରଚିତ ପୀତାମ୍ବର ମହାପାତ୍ରଙ୍କ 'ନୂଆ ସକାଳର ବାସ୍ନା' । ପୁସ୍ତକରେ ମୋଟ ୪୮ ଟି ଗପ ସଂକଳିତ ହୋଇଛି । ପ୍ରତିଟି ଗପରେ ସାମାଜିକ ଆବେଦନ ଓ ମାନବୀୟ ଭାବାବେଗ ମର୍ମସ୍ପର୍ଶୀ ହୋଇଛି । 'ନୂଆ ସକାଳର ବାସ୍ନା', 'ସାହସ', 'ପ୍ରତୀକ୍ଷା', 'ଅଜାଗା ଘା', 'ବାପାଙ୍କ ଘର', 'ଅଲିଭା ଗାର', ' ଅପଢ଼ା ଉପନ୍ୟାସ', 'ଈଶ୍ୱର', 'ପାଣିର ଗାର', ' ଅନ୍ତରାୟ', 'ବୁଢ଼ା', 'ନୀତିବାଣୀ' ଆଦି ଗପଗୁଡ଼ିକ ମନଛୁଆଁ ହୋଇଛି । ପ୍ରେମ ମଣିଷର ଜୀବନକୁ ଅଧିକ ଚଳଚଞ୍ଚଳ କରେ । ନିରାଶା ଭିତରେ ଆଶାର କିରଣ ଖେଳାଇ ଦିଏ । ଯେମିତି ହୋଇଛି 'ନୂଆ ସକାଳର ବାସ୍ନା' ଗପରେ । ଜୟନ୍ତ ଓ ଜୟନ୍ତୀ ବିବାହ କରି ନଥିଲେ ମଧ୍ୟ ପରସ୍ପର ପ୍ରତି ଭଲ ପାଇବା କଦାପି କମି ଯାଇନାହିଁ । ସେହିପରି 'ଆକଟ' ଗପରେ ପାରିବାରିକ ସ୍ନେହ, ମମତା, ଆକଟର ଚିତ୍ର ପ୍ରତିଫଳିତ ହୋଇଛି । ଏହି ପୁସ୍ତକର ଅନେକ ଗପରେ ପାରିବାରିକ ସମ୍ବନ୍ଧ, ସାମାଜିକ ବାସ୍ତବତାର ପ୍ରତିଛବି ଅତି ମାର୍ମିକ ଭାବେ ପ୍ରସ୍ଫୁଟିତ ହୋଇଉଠିଛି । 'ନୂଆ ସକାଳର ବାସ୍ନା'ର ଗପଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ହୋଇପାରିବ ବୋଲି ଆଶା କରାଯାଏ । ■

### ପ୍ରିୟତମ ପ୍ରଭୁ

ବଦ୍ରୀ ମହାନ୍ତି




ଗାୟତ୍ରୀ
ବଡ଼ଗଡ଼, ଭୁବନେଶ୍ୱର-୧୮
ପ୍ରଥମ ସଂସ୍କରଣ: ୨୦୨୫
ମୂଲ୍ୟ: ୧୯୫ ଟଙ୍କା

ସେ ଜଗତର ନାଥ ଜଗନ୍ନାଥ । ସେ ସମସ୍ତଙ୍କ ପ୍ରିୟ ଠାକୁର । ମହାପ୍ରଭୁ ଜଗନ୍ନାଥଙ୍କୁ ନେଇ ରହିଛି କେତେ କଥା, କେତେ କିମ୍ବଦନ୍ତୀ । ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀମନ୍ଦିରକୁ ନେଇ ହୋଇଛି ଅନେକ ଆଲୋଚନା, ଗବେଷଣା । ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିରକୁ ନେଇ ପ୍ରକାଶ ପାଇଛି ବଦ୍ରୀ ମହାନ୍ତିଙ୍କ 'ପ୍ରିୟତମ ପ୍ରଭୁ' ପୁସ୍ତକ । 'ମହାବାହୁଙ୍କ ରୂପକଳ୍ପନା', 'ଶ୍ରୀମନ୍ଦିର', 'ମହାଚେତନାର ଆଲେଖ୍ୟ – 'ମହାପ୍ରସାଦ', 'ରଥଯାତ୍ରା', 'ଶ୍ରୀଚକ୍ର ଓ ଚକ୍ରରାଜ ସୁଦର୍ଶନ', 'ବିଗ୍ରହଙ୍କ ଅଜ୍ଞାତବାସ', 'ଶ୍ରୀଜିଉଙ୍କ ନବକଳେବର', 'ଶ୍ରୀମନ୍ଦିର ଓ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ', 'କାଳିଆ ପ୍ରେମରେ ଶ୍ରୀଚୈତନ୍ୟ', 'ଶ୍ରୀଜଗନ୍ନାଥ ଓ ଜୟଦେବ' ଆଦି ପ୍ରବନ୍ଧଗୁଡ଼ିକରେ ଶ୍ରୀଜଗନ୍ନାଥ ସଂସ୍କୃତି, ଶ୍ରୀମନ୍ଦିର, ଶ୍ରୀଚକ୍ର, ଶ୍ରୀଜୀଉଙ୍କ ନବକଳେବର, ଶ୍ରୀକ୍ଷେତ୍ର ସହିତ ଶଙ୍କରାଚାର୍ଯ୍ୟ, ଜୟଦେବ ଓ ଶ୍ରୀଚୈତନ୍ୟଙ୍କ ସଂପର୍କ ଆଦି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରାଯାଇଛି । ଭବ୍ୟ ଶ୍ରୀମନ୍ଦିର, ବେଢ଼ା ଦେବଦେବୀ, ଶ୍ରୀମନ୍ଦିରର ଭିତର ଓ ବାହାର ମଣ୍ଡପ, ଶ୍ରୀଜୀଉଙ୍କ ନୀତିକାନ୍ତି, ପର୍ବପର୍ବାଣି ଆଦି ସଂପର୍କରେ ଅନେକ ଅଜଣା ତଥ୍ୟ ରହିଛି ଏହି ପୁସ୍ତକରେ । ତଥ୍ୟ ଭିତ୍ତିକ ଓ ଭାବପୂର୍ଣ୍ଣ 'ପ୍ରିୟତମ ପ୍ରଭୁ' ପୁସ୍ତକଟି ପାଠକୀୟ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ । ■

### କୃଷି ପରିବେଶ ଓ ଗ୍ରାମ ବିକାଶ

ବିଦ୍ୟାଧର ମହାରଣା



ଶିକ୍ଷା ସନ୍ଧାନ
ଭି.ଆଇ.ପି. ଏରିଆ
ଆଇ.ଆର୍.ସି. ଭିଲେଜ,
ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୫
ମୂଲ୍ୟ: ୧୫୦ ଟଙ୍କା

ଗ୍ରାମାଞ୍ଚଳର ଅଧିକାଂଶ ଲୋକ ଜୀବିକାର୍ଜନ ପାଇଁ କୃଷି ଉପରେ ନିର୍ଭରଶୀଳ । ତେବେ ଜଳବାୟୁ ପରିବର୍ତ୍ତନ, ଜମି ଓ ଜଳ ସଂପଦର ଅବକ୍ଷୟ ସହିତ ଆଉ କେତେକ କାରଣ କୃଷି କାର୍ଯ୍ୟରେ ବାଧା ସୃଷ୍ଟି କରୁଛି । ଏହି ପରିପ୍ରେକ୍ଷୀରେ କୃଷି ଓ କୃଷକର ବିକାଶ, ଜଳସେଚନର ସୁପରିଚାଳନା, କୃଷି ନୀତି , ପରିବେଶ ପ୍ରଦୂଷଣ ଆଦି ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରକାଶ ପାଇଛି ବିଦ୍ୟାଧର ମହାରଣାଙ୍କ 'କୃଷି, ପରିବେଶ ଓ ଗ୍ରାମ ବିକାଶ' ପୁସ୍ତକ । ଏହି ପୁସ୍ତକରେ 'କୃଷି ଓ କୃଷକ' ବିଭାଗରେ 'ଭାରତ ପାଇଁ ଚିର ସବୁଜ ବିପ୍ଳବ', 'କେତେ ସୁରକ୍ଷିତ ଆମ ଦେଶର କୃଷକ?', 'କୃଷି ବିକାଶର ବୀଜ ମନ୍ତ୍ର', 'ଓଡ଼ିଶାରେ ପୁଷ୍ଟି-ସମ୍ବେଦୀ କୃଷିର ଆବଶ୍ୟକତା', 'କୃଷକଙ୍କ ଆୟ, ହତାଶା ଓ ଆତ୍ମହତ୍ୟା' ଆଦି ଲେଖାଗୁଡ଼ିକରେ କୃଷକଙ୍କ ବିଭିନ୍ନ ସମସ୍ୟା ଓ ସମାଧାନର ପଥ ଉପରେ ଆଲୋଚନା କରାଯାଇଛି । ଜଳବାୟୁ ପରିବର୍ତ୍ତନର କାରଣ, କୃଷି, କୃଷକ, ପରିବେଶ ସୁରକ୍ଷା, ଗ୍ରାମ ବିକାଶ ସଂପର୍କରେ ଜାଣିବା ପାଇଁ ଏହା ଏକ ଉପାଦେୟ ପୁସ୍ତକ । ■

### ଦୁର୍ନୀତି ପ୍ରତି ଶୂନ୍ୟ ଶହନଶୀଳତା ଘୋଷଣାକୁ ଉପହାସ

# ଦୁର୍ନୀତିରେ ଉବୁଟୁବୁ ରାଜ୍ୟ ବିଜେପି ସରକାର: କଂଗ୍ରେସ



ଭୁବନେଶ୍ୱର, ୨୦।୯ (ସମିସ): ଦୁର୍ନୀତି କ୍ଷେତ୍ରରେ ଶୂନ୍ୟସହନଶୀଳତା ନୀତି କଡାକଡି ଗ୍ରହଣ କରାଯିବ ବୋଲି ରାଜ୍ୟ ବିଜେପି ସରକାର ଘୋଷଣା କରିଥିଲେ। କିନ୍ତୁ ସରକାର ଆଜି ଦୁର୍ନୀତିର କାଦୁଅରେ ବୁଡି ଯାଇଥିବା କଂଗ୍ରେସ ଅଭିଯୋଗ କରିଛି।

ଶନିବାର କଂଗ୍ରେସ ଭବନଠାରେ ଦଳ ପକ୍ଷରୁ ଆୟୋଜିତ ସମ୍ବାଦିକ ସମ୍ମିଳନୀରେ ମିଡିଆ ସେଲ୍ ଅଧକ୍ଷ ଅରବିନ୍ଦ ଦାସ କହିଛନ୍ତି, ଦୁର୍ନୀତି ଉପରେ ଶୂନ୍ୟସହନଶୀଳତା ଅବଲମ୍ବନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଏକାଧିକ ଥର ଘୋଷଣା କରିଆସିଛନ୍ତି। କିନ୍ତୁ ବର୍ତ୍ତମାନ ମନ୍ତ୍ରୀ, ବିଧାୟକ ଖୋଲାଖୋଲି ଦୁର୍ନୀତି କରୁଛନ୍ତି। ସେହିପରି ବିଜେପି ସରକାର ଦୁର୍ନୀତିର ସାହାଣ ମେଲା, ମୁହାଣ ଖୋଲା ବୋଲି ମିଡିଆ ସେଲ୍ ଉପାଧ୍ୟକ୍ଷ ଅମୀୟ ପାଣ୍ଡବ ବ୍ୟଙ୍ଗ କରିବା ସହ କହିଛନ୍ତି, ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପୁଅ ପ୍ରତୀକ ରଞ୍ଜନ ଦାସ

### ପୁଲିସ ହାଉସିଂ କର୍ପୋରେସନ କାମରେ ବ୍ୟାପକ ଦୁର୍ନୀତି

### ବିଜେପି ବିଧାୟକଙ୍କ ପୁଓ ଓ ଯୁବ ନେତାଙ୍କୁ ଅହେତୁକ ଅନୁକମ୍ପା

ଠିକାଦାରୀ ଲାଇସେନ୍ସ ପାଇଁ ଗତ ୧୯ ଜୁନ୍‌ରେ ଆବେଦନ କରିଥିଲେ। ସେ ପୁଲିସ ହାଉସିଂ କର୍ପୋରେସନ ସହିତ ଅନୁବନ୍ଧିତ ନୁହନ୍ତି; କିନ୍ତୁ ଲାଇସେନ୍ସକୁ ବର୍ଷେ ନ ପୂରୁଣୁ ତାଙ୍କୁ ବେନିୟମ ଭାବେ ୧ କୋଟିରୁ ଅଧିକ ମୂଲ୍ୟର କାମ ଦିଆଯାଇଛି। ଏହାସହିତ ବିଜେପି ଯୁବମୋର୍ଚ୍ଚା ନେତା ଶଶିକାନ୍ତ ମିଶ୍ରଙ୍କ କମ୍ପାନୀକୁ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ନିର୍ମାଣ କାର୍ଯ୍ୟ ପାଇଁ ୯୬ ଲକ୍ଷ ଟଙ୍କାର କାମ ଦିଆଯାଇଛି। ଏଇ କମ୍ପାନୀ ମଧ ପୁଲିସ ହାଉସିଂ କର୍ପୋରେସନ ସହିତ ଅନୁବନ୍ଧିତ ନୁହେଁ। ତେବେ କିଏ ଏଭଳି ବେଆଇନ ଭାବେ ବିଜେପି ନେତାଙ୍କ ପୁଅ ଓ ଦଳୀୟ କର୍ମକର୍ତ୍ତାଙ୍କୁ ସରକାରୀ କାମ ପ୍ରଦାନ କରୁଛି ବୋଲି ଶ୍ରୀ ପାଣ୍ଡବ ପ୍ରଶ୍ନ କରିଛନ୍ତି।

ଦଳର ବରିଷ୍ଠ ମୁଖପାତ୍ର ରଜନୀ କୁମାର ମହାନ୍ତି କହିଛନ୍ତି, ଓଡିଶା ପୁଲିସ ହାଉସିଂ କର୍ପୋରେସନ ସରକାରୀ ଦଳର ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସଙ୍କ ପୁଅ ପ୍ରତୀକ ରଞ୍ଜନ ଦାସଙ୍କୁ ଦିଆଯାଇଥିବା କାମକୁ ଦୁଇଟି କ୍ଲଷ୍ଟର କରି ଦିଆଯାଇଛି। ଗୋଟିଏ ବାରିପଦା ଜେଲ୍‌ରେ କ୍ୟୁବିକାଲ ରୋପଣ କାମ ଏବଂ ଅନ୍ୟଟି ବାଲେଶ୍ୱରରେ ଯାହା ସମ୍ପୂର୍ଣ୍ଣ ବେଆଇନ। ଅନ୍ୟ ଏକ ଦୁର୍ନୀତିର ତଥ୍ୟ ପ୍ରକାଶ କରି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ଯେ ସଂଗ୍ରାମ କେଶରୀ ସାମଲ ନାମକ ଜଣେ ବିଜେପି ଯୁବମୋର୍ଚ୍ଚା ନେତାଙ୍କୁ ମଧ କେନ୍ଦୁଝର ବସଷ୍ଟାଣ୍ଡରେ ଆଲୋକୀକରଣ ଏବଂ ସିସିଟିଭି ଖଞ୍ଜା ପାଇଁ ୭୬ ଲକ୍ଷ ୧୧ ହଜାର ଟଙ୍କାର କାମ ମିଳିଛି। ଏହା ମଧ ପୁଲିସ ହାଉସିଂ କର୍ପୋରେସନ ସହ ଅନୁବନ୍ଧନ ନାହିଁ। କେନ୍ଦୁଝର ବସଷ୍ଟାଣ୍ଡରେ ୨୩ଟି କାମ ପାଇଁ ମୋଟ ୧୩ କୋଟି ୪୩ ଲକ୍ଷ ଟଙ୍କା ଖର୍ଚ୍ଚ ହେବ। ଆଶ୍ଚର୍ଯ୍ୟର ବିଷୟ ୨୩ଟି କାମ ପାଇଁ ପୃଥକ ଇ-ଟେଣ୍ଡର ହେବା କଥା। କିନ୍ତୁ ଏଥିପାଇଁ ଟେଣ୍ଡର ଡକାଯାଇ ନାହିଁ, ଯାହା ସମ୍ପୂର୍ଣ୍ଣ ବେଆଇନ। ଓଡ଼ିଶା ପୁଲିସ ହାଉସିଂ କର୍ପୋରେସନର ମୁଖ୍ୟଯନ୍ତ୍ରୀ କାହିଁକି ଟେଣ୍ଡର ଡାକିଲେନି, ତାହାର ଜବାବ ଦେବାକୁ କଂଗ୍ରେସ ଦାବି କରିଛି।

### ମେଧା ତାଲିକାରେ ସ୍ଥାନୀତ ହୋଇ ମଧ ଶିକ୍ଷା ସହାୟକ ନିଯୁକ୍ତିରୁ ବଞ୍ଚିତ ପ୍ରସଙ୍ଗ

# ୧୦ ହଜାର ତଣ୍ଡ ଗଣିବେ ଦୋଷୀ ଅଧିକାରୀ

କଟକ,୨୦।୯(ସମିସ): ଦୀର୍ଘ ୧୯ବର୍ଷ ପୂର୍ବରୁ ହୋଇଥିବା ଏକ ଶିକ୍ଷା ସହାୟକ ନିଯୁକ୍ତି ପ୍ରକ୍ରିୟାରେ ଅଂଶଗ୍ରହଣ କରି ମେଧା ତାଲିକାର ଚତୁର୍ଥ ସ୍ଥାନରେ ରହିଥିବା ଜଣେ ପ୍ରାର୍ଥୀଙ୍କୁ ନିଯୁକ୍ତିରୁ ବଞ୍ଚିତ କରାଯିବା ପ୍ରସଙ୍ଗକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଦୋଷୀ ଅଧିକାରୀଙ୍କ ତ୍ରୁଟି ପାଇଁ ସମ୍ପୃକ୍ତ ପ୍ରାର୍ଥୀ ତଥା ଆବେଦନକାରୀଙ୍କୁ ଅନେକ ମକଦ୍ଦମାର ସମ୍ମୁଖୀନ ହେବାକୁ ପଡ଼ିଛି। ଅଧିକାରୀଙ୍କ ଦୋଷ ପାଇଁ ସାମ୍ବିଧାନିକ ଭାବରେ ସଂଗଠିତ ଏକ କଲ୍ୟାଣକାରୀ ରାଜ୍ୟରେ ନାଗରିକଙ୍କୁ ଦଣ୍ଡ ଦିଆଯାଇପାରିବ ନାହିଁ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏଥିପାଇଁ ସରକାରଙ୍କ ପକ୍ଷରୁ ଆବେଦନକାରୀଙ୍କୁ ୧୦ହଜାର ଟଙ୍କା ତଣ୍ଡ ଆକାରରେ ଆସନ୍ତା ୩୦ଦିନ ମଧ୍ୟରେ ପଇଠ କରାଯିବ ଓ ଏହା ସମ୍ପୃକ୍ତ ଦୋଷୀ ଅଧିକାରୀଙ୍କଠାରୁ ଭରଣା କରାଯିବ। ବିଳମ୍ବ ହେଲେ, ପ୍ରତିଦିନ ପାଇଁ ୧୦୦ଟଙ୍କା ଯୋଡ଼ାଯିବ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବସନ୍ତ କୁମାର ସାହୁଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଦୀକ୍ଷିତ କୃଷ୍ଣା ଶ୍ରୀପଦ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ କଟକ ଜିଲ୍ଲାପାଳଙ୍କ ଆଦେଶକୁ ଖାରଜ କରିଛନ୍ତି ଅଦାଲତ।

# ଓୟୁଏଟି ଦ୍ୱାରା ୮ ଉଦ୍ୟାନ ଫସଲ କିସମ ବିକଶିତ

ଭୁବନେଶ୍ୱର, ୨୦।୯ (ସମିସ): ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ ( ଓୟୁଏଟି) ଦ୍ୱାରା ବିକଶିତ ୮ ଉଦ୍ୟାନ ଫସଲ କିସମକୁ ରାଜ୍ୟ ସ୍ତରୀୟ କିସମ ଅନୁମୋଦନ କମିଟି ପକ୍ଷରୁ ଅନୁମୋଦନ ପରେ ରାଜ୍ୟର କୃଷକ ମାନଙ୍କ ସେବାରେ ଲୋକାର୍ପିତ କରାଯାଇଛି। ଏହି ସବୁ ଅଧିକ ଅମଳକ୍ଷମ, ପୋଷକ ତତ୍ତ୍ୱଯୁକ୍ତ, ପ୍ରକ୍ରିୟାକରଣ ଉପଯୋଗୀ ଓ ରୋଗପୋକ ସହନଶୀଳ କିସମ କୃଷକମାନଙ୍କ ଆର୍ଥିକ ଅଭିବୃଦ୍ଧି ସହ ରାଜ୍ୟ ସରକାରଙ୍କ ଫସଲ ବିବିଧକରଣ ଯୋଜନାକୁ ତ୍ୱରାନିତ୍ୱ କରିବାରେ ସହାୟକ ହେବ। ଏହି ଫସଲ କିସମଗୁଡିକ କାଜୁ (ସୁଭଦ୍ରା), ଆଳୁ (ଫୁଲବାଣୀ ଆଳୁ), ଆମ୍ବ ଅଦା (କୋରାପୁଟ ଆମ୍ବ ଅଦା), କଳା ହଳଦୀ (କୋରାପୁଟ କଳା ହଳଦୀ), ବାଇଗଣ (ଅଭିଶେକ), ବିଲାତି ବାଇଗଣ (ନିର୍ମଳା), ଲଙ୍କା (ଗଗନ) ଓ ଖଡା (ମୟୂରୀ) ଆଦି ନିଜସ୍ୱ ସ୍ୱତନ୍ତ୍ର ବିଶେଷତା ଯୋଗୁଁ କୃଷକଙ୍କ ମଧ୍ୟରେ ଆଦୃତ ହେବ ବୋଲି କୁଳପତି ପ୍ରଫେସର ପ୍ରଭାତ କୁମାର ରାଉଳ ଆଶାବ୍ୟକ୍ତ କରିଛନ୍ତି। କୋରାପୁଟ ଆମ୍ବ ଅଦା ଓ କୋରାପୁଟ କଳା ହଳଦୀ ଅନନ୍ୟ ସୁବାସ, ଔଷଧୀୟ ଗୁଣ ଏବଂ ଉତ୍କୃଷ୍ଟ ଖାଦ୍ୟ ଗୁଣବତ୍ତା ଯୋଗୁ ଅର୍ଥକାରୀ ଫସଲ କିସମ ଭାବରେ ରାଜ୍ୟ ଓ ରାଜ୍ୟ ବାହାରର କୃଷକ ଓ କୃଷି ଉଦ୍ୟୋଗପତିଙ୍କୁ ଆକୃଷ୍ଟ କରି ପାରିବ।


**AFFIDAVIT**

By virtue of an affidavit No. 2146 on dt. 20.09.2025. sworn before the Executive Magistrate, Bhadrak I, Binapani Mohanty, W/o- Mihir Kumar Mohanty, At/Po- Erada, Ps- Sabarang, Dist-Bhadrak, Pin-756123, Odisha declare that My husband name Mihir Kumar Mohanty and Mihir Mohanty are same person and father of Diptimayee Mohanty in the child's birth certificate. I have sworn an affidavit for correction and hereby notify that my husband's correct name is **Mihir Kumar Mohanty** for all future references.

**AFFIDAVIT**

By virtue of an affidavit No. 5467, sworn before the Executive Magistrate Champua, dated- 11/09/2025. I **Anju Jamuda,** W/o- Rahul Kumar Jamuda, resident of At- Bankamaruni, Po- Palaspanga, Ps- Sadar, Dist- Keonjhar, Odisha, Pin-758031, declare that I have changed my name from **Anju Jamuda** (old name) to **Anju Soren** (new name). Henceforth I shall be known as **Anju Soren,** W/o- Rahul Kumar Jamuda for all future purposes.

**Anju Soren**

**AFFIDAVIT**

I, Goutam Mohapatra, son of Mahendra Mohapatra, resident of At- Dalabehera Sahi, PO-Muktapur, Khordha, Odisha, Pin-752055, hereby declare that my name has been wrongly mentioned as Goutam Mahapatra in my BBA Provisional Certificate and 1st to 6th Semester Mark Sheets (Roll No. 66303UT17013) issued by Utkal University, Odisha. My correct and actual name is **Goutam Mohapatra**. This notice is for public information and necessary correction. Affidavit CF No.16, Dated: 19/09/2025. This is for future reference.

Sd/- **Goutam Mohapatra**


## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ୨ ହଜାର ଟଙ୍କାରେ...

ଫାର୍ମାକୋଲୋଜିରେ ଗ୍ରାଜୁଏଟ କରିଥିଲେ। ସେ ୟୁପିଏସ୍‌ସିରେ ୬୩୭ ର୍ୟାଙ୍କ ପାଇ ଭାରତୀୟ ପୁଲିସ ସେବା ପାଇଁ ଯୋଗ୍ୟ ହୋଇଥିଲେ। ମସୁରୀ ସ୍ଥିତ ଲାଲ ବାହାଦୂର ଶାସ୍ତ୍ରୀ ନ୍ୟାସନାଲ ଏକାଡେମୀରୁ ଉଭୟଙ୍କ ପ୍ରେମ କାହାଣୀ ଆରମ୍ଭ ହୋଇଥିଲା। ବନ୍ଧୁତା ପ୍ରେମରେ ପରିଣତ ହୋଇଯାଇଥିଲା। ବିବାହ ପରେ ଯୁବରାଜ ନିଜ କ୍ୟାଡର ବଦଳାଇ ଦେଇଥିଲେ। ଏବେ ଉଭୟେ ତେଲଙ୍ଗାନା ରାଜ୍ୟ ପ୍ରଶାସନିକ ସେବାରେ କାର୍ଯ୍ୟରତ ଅଛନ୍ତି।

### ପୋଷି ନ ପାରିଲେ...

ଏଭଳି ବିବାହ ହେଉଛି। ଅଦାଲତ କୌଣସି ମୁସଲିମ ବ୍ୟକ୍ତିଙ୍କୁ ପ୍ରଥମ, ଦ୍ୱିତୀୟ କିମ୍ବା ତୃତୀୟ ବିବାହ କରିବାକୁ ସହଜରେ ଅନୁମତି ଦେବେ ନାହିଁ। ମୁସଲିମ ପୁରୁଷ ଚାହିଁଲେ ଏକାଧିକ ବିବାହ କରିପାରିବେ ବୋଲି ଭ୍ରାନ୍ତ ଧାରଣା ସୃଷ୍ଟି ହୋଇଛି। ତେବେ ଏଭଳି ବିବାହ ପାଇଁ ସାମର୍ଥ୍ୟ ରହିବା ଦରକାର।

### ଶୁଳ୍କ ପରେ...

ଏହିସବୁ ବହୁରାଷ୍ଟ୍ରୀୟ କଂପାନୀରେ ଆମେରିକାର ନାଗରିକଙ୍କୁ ଅଧିକ ନିଯୁକ୍ତି ଦେବା ଲକ୍ଷରେ ଭିସା ଫି' ବୃଦ୍ଧି କରାଯାଇଛି ବୋଲି ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି। ଆମେରିକୀୟ ପ୍ରଫେସନାଲଙ୍କ ସ୍ୱାର୍ଥର ସୁରକ୍ଷା ଲାଗି ଏହା ଜରୁରି। ଏହି କଟକଣା ଦ୍ୱାରା କଂପାନୀମାନେ କେବଳ ଅତ୍ୟନ୍ତ ଦକ୍ଷ ପ୍ରଫେସନାଲଙ୍କୁ ବିଦେଶରୁ ଆଣି ନିଯୁକ୍ତି ଦେଇପାରିବେ। ଏଚ୍-୧ବି ଭିସାରେ ଆମାଜନରେ ସର୍ବାଧିକ ୧୦ ହଜାର ପ୍ରଫେସନାଲ କାମ କରୁଥିବା ବେଳେ ଏହା ପଛକୁ ରହିଛି ଟାଟା କନସଲଟାନ୍ସି (୫୫୦୦), ମାଇକ୍ରୋସଫ୍ଟ (୫୨୦୦), ମେଟା (୫୧୦୦), ଆପଲ (୪୨୦୦), ଗୁଗୁଲ (୪୧୮୦), ଡେଲଏଟ୍ (୨୩୫୦), ଇନଫୋସିସ୍ (୨୦୦୦), ୱିପ୍ରୋ (୧୫୨୦) ଏବଂ ଟେକ୍ ମହିନ୍ଦ୍ରା ଆମେରିକାନ୍ସ (୯୫୦)। ଏହା ସହିତ ଟ୍ରମ୍ପ ଭିସାର ମଧ ବ୍ୟବସାୟୀକରଣ କରିଦେଇଛନ୍ତି। ସେ ଏଚ୍-୧ବିରେ ପରିବର୍ତ୍ତନ କରିବା ସହିତ ୩ ପ୍ରକାରର ନୂଆ ଭିସା କାର୍ଡ ଆଣିଛନ୍ତି। 'ଟ୍ରମ୍ପ ଗୋଲ୍ଡ କାର୍ଡ', 'ଟ୍ରମ୍ପ ପ୍ଲାଟିନମ୍ କାର୍ଡ', 'କର୍ପୋରେଟ ଗୋଲ୍ଡ କାର୍ଡ'ର ଶୁଭାରମ୍ଭ କରିଛନ୍ତି। ଗୋଲ୍ଡ କାର୍ଡ ନେବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ୮.୮ କୋଟି ଟଙ୍କା ଦେବାକୁ ପଡ଼ିବ। ଏଥିରେ ଆମେରିକାରେ ସବୁଦିନ ପାଇଁ ରହିବାକୁ ଅଧିକାର ମିଳିବ। ନାଗରିକତା ପାଇବାରେ ସହାୟକ ହେବ। ପ୍ରତିବର୍ଷ ୮୦ ହଜାର ଗୋଲ୍ଡ କାର୍ଡ ଜାରି କରାଯିବ ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ଆମେରିକା ନାଗରିକ ପାଉଥିବା ସବୁ ପ୍ରକାରର ସୁବିଧା ଏହି କାର୍ଡ ମାଧ୍ୟମରେ ମିଳିବ। କେବଳ ପାସପୋର୍ଟ ଏବଂ ଭୋଟ ଦେବାର ଅଧିକାର ମିଳିବ ନାହିଁ। ସେହିପରି କର୍ପୋରେଟ ଗୋଲ୍ଡ କାର୍ଡର ମୂଲ୍ୟ ୧୭.୬ କୋଟି ଟଙ୍କା ରଖାଯାଇଛି। ଏହି ଭିସାକୁ କମ୍ପାନୀ ଅନ୍ୟ କର୍ମଚାରୀଙ୍କୁ ଟ୍ରାନ୍ସଫର (ହସ୍ତାନ୍ତର) କରିପାରିବେ। ଏଥିପାଇଁ ଆଉ ୧.୭୬ କୋଟି ଟଙ୍କା ଦେବାକୁ ପଡ଼ିବ ନାହିଁ। ଏହା ବ୍ୟତୀତ ପ୍ଲାଟିନମ କାର୍ଡର ମୂଲ୍ୟ ୪୧.୫ କୋଟି ଟଙ୍କା ରଖାଯାଇଛି। ଏହି କାର୍ଡ ପାଇଥିବା ବ୍ୟକ୍ତି ବିନା ଟିକସରେ ୨୭୦ ଦିନ ପର୍ଯ୍ୟନ୍ତ ଆମେରିକାରେ ରହିପାରିବେ। ଏଥିପାଇଁ ଟ୍ରାଭେଲ ଭିସାର ଆବଶ୍ୟକତା ପଡ଼ିବ ନାହିଁ।

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଯେ 'ଏହି ଭିସା କାର୍ଯ୍ୟକ୍ରମ ଧନୀ ବିଦେଶୀଙ୍କ ପାଇଁ ଉଦ୍ଦିଷ୍ଟ। ସେ ୧୦ ଲକ୍ଷ ଡଲାର ଦେଇ ଆମେରିକାରେ କାମ କରିପାରିବେ। ଏବେ ଆମେରିକା କେବଳ ଅତ୍ୟନ୍ତ ଦକ୍ଷ ଲୋକଙ୍କୁ ଭିସା ଦେବ। ଚାକିରି ଛଡ଼େଇ ନେଉଥିବା ଲୋକଙ୍କୁ ଆମେରିକାର ଭିସା ପ୍ରଦାନ କରାଯିବ ନାହିଁ। ଏହି ଭିସାରୁ ମିଳିବାକୁ ଥିବା ଅର୍ଥକୁ ଟିକସ ହ୍ରାସ ଏବଂ ସରକାରୀ ଋଣ ପରିଶୋଧ କରିବାରେ ଖର୍ଚ୍ଚ କରାଯିବ। ଯଦି ଟ୍ରମ୍ପଙ୍କ ନିଷ୍ପତ୍ତିକୁ ନେଇ ଆଇନଗତ ସମସ୍ୟା ସୃଷ୍ଟି ନ ହୁଏ, ତେବେ ଭିସା ବାବଦ ଦେୟ ବୃଦ୍ଧି ପାଇବ।

### ମାଲାୟଲମ୍ ସୁପରଷ୍ଟାର୍...

ଭାବେ ମୁନ୍ଥିରିଭଲିକଲ (୨୦୧୬) ଜାତୀୟ ପୁରସ୍କାର ପାଇଥିଲା। ଦୃଶ୍ୟମ୍, କାଲାପାନି, ଲୁସିଫର, ଜନଥା ଗ୍ୟାରେଜ, ବଂଶମ୍, ଦୃଷ୍ଟିକନ୍, ବୋଇଙ୍ଗ ବୋଇଙ୍ଗ ଭଳି ଚର୍ଚ୍ଚିତ ଚଳଚ୍ଚିତ୍ରରେ ମୋହନଲାଲ ଅଭିନୟ କରିଛନ୍ତି।

୨୦୦୧ରେ ଭାରତ ସରକାର ମୋହନଲାଲଙ୍କୁ ପଦ୍ମଶ୍ରୀ ଏବଂ ୨୦୧୯ ରେ ପଦ୍ମଭୂଷଣରେ ସମ୍ମାନିତ କରିଥିଲେ। ସିନେମା କ୍ଷେତ୍ରକୁ ଯୋଗଦାନ ପାଇଁ ତାଙ୍କୁ 'ଦ କମ୍ପ୍ଲିଟ ଆକ୍ଟର' ଉପାଧି ମଧ ଦିଆଯାଇଛି। ଭାରତୀୟ ସେନା ମଧ ମୋହନଲାଲଙ୍କୁ ଅନରାରୀ 'ଲେଫ୍ଟନାଣ୍ଟ କର୍ଣ୍ଣେଲ' ପଦବୀ ଦେଇ ସମ୍ମାନିତ କରିଛି। ଅଭିନେତାଙ୍କ ଘନିଷ୍ଠଙ୍କ ଅନୁଯାୟୀ ଏହି ପୁରସ୍କାର ଘୋଷଣା ହେବା ପରେ ମୋହନଲାଲ ଅତ୍ୟନ୍ତ ଭାବୁକ ହୋଇ ଯାଇଥିଲେ। ଏହା ତାଙ୍କ ପାଇଁ ଗର୍ବର ମୁହୂର୍ତ୍ତ ବୋଲି କହିଥିଲେ। ସେ ନିଜ ସମର୍ଥକ, ନିର୍ଦ୍ଦେଶକ-ଲେଖକଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିଛନ୍ତି। ଏହା କେବଳ ମୋର ନୁହେଁ; ସମ୍ପୂର୍ଣ୍ଣ ମାଲାୟଲମ ଚଳଚ୍ଚିତ୍ର ଜଗତର ବୋଲି କହିଛନ୍ତି। ଏହି ପୁରସ୍କାର ପାଇଁ ମୋହନଲାଲଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇଛନ୍ତି।

### ଦ୍ୱିତୀୟ ଦିନ...

ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ ରଖିଥିଲେ। ଦ୍ୱିତୀୟାର୍ଦ୍ଧରେ ଗୃହ ଆରମ୍ଭ ହେବା ପରେ ବିଜେଡି ବିଧାୟକ ସମାନ ଢଙ୍ଗରେ, ସମାନ ଦାବି ରଖି ପୁନର୍ବାର ଗୃହ ମଧ୍ୟକୁ ମାଡ଼ି ଆସିଥିଲେ। ମୋହନ ସରକରା ହାଏ ହାଏ, ଚାଷୀଙ୍କୁ ସାର ଯୋଗାଣ ଆମର ଦାବି, କଳାବଜାରୀ ଚଳିବ ନାହିଁ ଆଦି ନାରାରେ ଗୃହ କମ୍ପାଇଥିଲେ। ଏହି ସମୟରେ କଂଗ୍ରେସ ବିଧାୟକମାନେ ନିଜ ନିଜ ଆସନରେ ଛିଡ଼ା ହୋଇ ରହିଥିଲେ। ମାତ୍ର ୩ ମିନିଟ ଗୃହ ଚାଲିବା ପରେ ବାଚସ୍ପତି ସୋମବାର ଯାଏଁ ଗୃହକୁ ମୁଲତବୀ ରଖିଛନ୍ତି।

ଅପରପକ୍ଷେ ଗୃହରେ ବିଜେଡିର ପ୍ରତିବାଦ ନେଇ ଗୃହ ବାହାରେ ପ୍ରତିକ୍ରିୟା ରଖିଛନ୍ତି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ। ସେ କହିଛନ୍ତି ଯେ ଯଦି ସରକାରଙ୍କ ଆଗ୍ରହ ଥାଆନ୍ତା, ତାହେଲେ ବିଧାନସଭାରେ ବାଚସ୍ପତି ଚାଷୀଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ଅନୁମତି ଦେଇଥାନ୍ତେ। ଚାଷୀମାନେ ସାର ନପାଇ ରାସ୍ତାରେ ଆନ୍ଦୋଳନ କରୁଛନ୍ତି। ମାତ୍ର ସରକାର ଏକଥାକୁ ଖାତିର କରୁନାହାନ୍ତି। ଚାଷୀଙ୍କୁ ଉପଯୁକ୍ତ ପରିମାଣରେ ସାର ଯୋଗାଇବାରେ ସରକାର ବିଫଳ ହୋଇଥିବା ବେଳେ ସାର କଳାବଜାରୀଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହାନ୍ତି। ତେଣୁ ସରକାର ଜାଣିଶୁଣି ବିଧାନସଭାରେ ଏନେଇ ଆଲୋଚନା କରିବାକୁ ପଛଘୁଞ୍ଚା ଦେଉଛନ୍ତି। ସମସ୍ତ କାର୍ଯ୍ୟକ୍ରମକୁ ବାତିଲ୍ କରି ସାର ସମ୍ପର୍କରେ ଆଲୋଚନା କରିବାକୁ ଆମେ ବାରମ୍ବାର ଦାବି କରୁଛୁ। ମାତ୍ର ଚାଷୀଙ୍କ ଏହି ମୌଳିକ ସମସାର ସମାଧାନ ପାଇଁ ସରକାରଙ୍କର ଆଦୌ ଆନ୍ତରିକତା ନାହିଁ ବୋଲି ଶ୍ରୀମତି ମଲ୍ଲିକ ଅଭିଯୋଗ କରିଛନ୍ତି।

ସେହିପରି କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତି ଗୃହ ବାହାରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ରାଜ୍ୟରେ ଚାଷୀଙ୍କୁ ସାର ମିଳୁନାହିଁ। ଚାଷୀମାନେ ହନ୍ତସନ୍ତ ହେଉଛନ୍ତି। ସେମାନଙ୍କ ସମସ୍ୟା ନେଇ ଆମେ ମଧ ଆଲୋଚନା କରିବାକୁ ଚାହୁଁଛୁ। ଏଥିପାଇଁ ଆମେ ମଧ ନିଜ ଆସନରେ ଛିଡ଼ା ହୋଇ ଆଲୋଚନା କରିବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲୁ। ରାଜ୍ୟର ଗରିବ, ଖଟିଖିଆ, ଚାଷୀଙ୍କ ଅର୍ଥରେ ବିଧାନସଭା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି। ତେଣୁ ଚାଷୀଙ୍କ ସ୍ୱାର୍ଥ ପାଇଁ ବିଧାନସଭାରେ ଆଲୋଚନା ସହ ଚାଷୀଙ୍କୁ ସାର ମିଳିବା ଆବଶ୍ୟକ। ମାତ୍ର ଏନେଇ ଆଲୋଚନା ନକରାଯାଇ, ବିଧାନସଭାକୁ ଉଦ୍ଦେଶ୍ୟମୂଳକ ଭାବେ ଠପ୍ କରିଦେବା ଦୁର୍ଭାଗ୍ୟଜନକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

### ଜର୍ଜ ତିର୍କୀଙ୍କୁ...

ପରେ ବିଧାନସଭା ପରିସରରେ ସ୍ୱର୍ଗତ ତିର୍କୀଙ୍କୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ସ୍ୱର୍ଗତ ତିର୍କୀଙ୍କ ମରଶରୀରକୁ ବାଚସ୍ପତି, ମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟ ଏବଂ ବିଧାୟକମାନେ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି।

### ଟ୍ୟାକ୍ସି ଚାଳକଙ୍କୁ...

କରାଯାଇଥିବା ନେଇ ଗତ ୧୫ ତାରିଖରେ ବଡ଼ଗଡ଼ ଥାନାରେ ଅଭିଯୋଗ ହୋଇଥିଲା। ଅପହରଣକାରୀମାନେ ତାଙ୍କୁ ମୁଣ୍ଡଜାମିନ ରଖି ପରିବାର ଲୋକଙ୍କୁ ୨ କୋଟି ଟଙ୍କା ଦାବି କରିଥିଲେ। ତେବେ ପୁଲିସ ଏହାକୁ ଗୁରୁତ୍ୱର ସହ ନେଇ ନ ଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେମାନେ ଥାନାରେ ଅଭିଯୋଗ କରିବା ପରେ ଅପହରଣକାରୀମାନେ ତାଙ୍କୁ ନିର୍ଯାତନା ଦେଇ ହତ୍ୟା କରିଥିବା କହିଛନ୍ତି ପରିବାର ଲୋକ। ବିଦ୍ୟାଧରଙ୍କ ଗାଡ଼ି ବାରଙ୍ଗ-ଚନ୍ଦକା ରାସ୍ତାରେ ଛିଡ଼ା ହୋଇଥିବା ବେଳେ ମୃତଦେହ ରାସ୍ତା କଡ଼ରେ ଥିବା ପାଚେରି କଡ଼ରେ ପଡ଼ିଥିଲା। ଦେହରେ ଏକାଧିକ କ୍ଷତ ଚିହ୍ନ ଥିବା ସହ ବେକରେ ଏକ ଗାମୁଛା ପଡ଼ିଥିଲା। ପାଖଘର ଗାଡ଼ି ଚାବି, ପାଣି ବୋତଲ ଏବଂ ଛତା ରହିଥିଲା। ରାସ୍ତା ଉପରେ ଥିବା କାର୍ ଭିତରେ ମଦ ବୋତଲ ଏବଂ ବିଦ୍ୟାଧରଙ୍କ ମନି ପର୍ସକୁ ପୁଲିସ ଜବତ କରିଛି।

ବିଦ୍ୟାଧର ଭୁବନେଶ୍ୱର ଓ କଟକରେ ଟାକ୍ସି ଚଳାଉଥିଲେ। ଜଣେ ମହିଳାଙ୍କୁ ସେ ପ୍ରତିଦିନ ଭୁବନେଶ୍ୱରରୁ କଟକ ନେବା ଆଣିବା କରୁଥିଲେ ବୋଲି ତାଙ୍କର ସଂପର୍କୀୟ କହିଛନ୍ତି। ଗତ ୧୫ ତାରିଖ ଦିନ ଯାଜପୁର ଭଡ଼ାରେ ଯାଇ ଆଉ ତାଙ୍କର ଖୋଜ ଖବର ମିଳି ନ ଥିଲା। ଶୁକ୍ରବାର ମଙ୍ଗୁଳି ଟୋଲ୍ ଗେଟ ପାର୍ ହୋଇଥିବା ନେଇ ଟୋଲ୍ ଗେଟ୍ ଫି' ମେସେଜ୍ ସହ ଆସିଥିଲା ଦୁର୍ବୃତ୍ତଙ୍କ କଲ୍। ଘର ଲୋକଙ୍କୁ ଫୋନ୍ କରି ଦୁର୍ବୃତ୍ତମାନେ ୨କୋଟି ଟଙ୍କା ମୁଣ୍ଡ ଜାମିନ୍ ମାଗିଥିଲେ। ବଡ଼ଗଡ଼ ଥାନାରେ ଏନେଇ ଏତଲା ଦେଇଥିଲେ ପରିବାର ଲୋକେ। ହତ୍ୟା ପଛରେ ଟଙ୍କା କାରବାର କଥା ସାମ୍ନାକୁ ଆସୁଛି। ପୁଲିସ ସେହି ଦିଗରେ ତଦନ୍ତ କରୁଛି। ଚାକିରି ଦେବାକୁ କହି ବିଦ୍ୟାଧର ଏକାଧିକ ପିଲାଙ୍କଠାରୁ ଅର୍ଥ ନେଇଥିବା ଅଭିଯୋଗ ହୋଇଛି। ସମୟ ମଧ୍ୟରେ ଚାକିରି ଦେଇ ନ ପାରିବାରୁ ଟଙ୍କା ଦେଇଥିବା ଯୁବକମାନେ ଫୋନ୍ କରିଥିଲେ ମଧ ସେ ଉଠାଉ ନ ଥିଲେ। ତେଣୁ ଯୋଜନାବଦ୍ଧ ଭାବେ ସେମାନେ ବିଦ୍ୟାଧରଙ୍କୁ ଉଠାଇ ନେଇଥିଲେ। ଟଙ୍କା ନ ମିଳିବାରୁ ସେମାନେ ବିଦ୍ୟାଧରଙ୍କୁ ହତ୍ୟା କରି ଫିଙ୍ଗି ଦେଇଥିବା ପୁଲିସ ସନ୍ଦେହ କରୁଛି। ତେଣୁ ପୁଲିସ ବିଦ୍ୟାଧରଙ୍କ ମୋବାଇଲ୍ କଲ୍ ରେକର୍ଡ ଯାଞ୍ଚ କରୁଛି। ବିଦ୍ୟାଧରଙ୍କୁ ଫୋନ୍ କରିଥିବା କିଛି ଯୁବକଙ୍କୁ ଉଠାଇଆଣି ପୁଲିସ ପଚରାଉଚରା କରୁଛି।

### ମା' ସାମ୍ନାରେ...

ଦ୍ୱିପହରରେ ୩ ଜଣ ଯୁବକ ଆସି ତାଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସେ ଚିତ୍କାର କରି ତାଙ୍କ ମା' ବାସନ୍ତୀଙ୍କୁ ଡାକିଥିଲେ। ବାସନ୍ତୀ ଆସି ସଂପୃକ୍ତ ଯୁବକମାନଙ୍କୁ ମନା କରିବା ବେଳେ ତାଙ୍କୁ ମଧ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ରାଜ୍ ମାଙ୍କୁ ବଞ୍ଚାଇବାକୁ ଆସିବା ପରେ ତାଙ୍କୁ ହତ୍ୟା କରି ସେମାନେ ଫେରାର ମାରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ଆଣିଥିବା ବେଳେ ତାଙ୍କ ମୃତ୍ୟୁ ଘଟିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟା ହୋଇଥିବା ଆଲୋଚନା ହେଉଛି। ଟାଉନ ପୁଲିସ ତନାଘନା ଆରମ୍ଭ କରିଛି। ଏହି ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଅଟକ ରଖିଛି।

### ଧାନ ଚାଷକୁ...

ହେବା ନେଇ ସର୍ବାଧିକ ଆଶଙ୍କା ରହିଛି। ତେବେ ଲା-ନିନା ବର୍ଷରେ ଶୀତ ଅଧିକ ହୋଇଥାଏ। ଡିସେମ୍ବର ସର୍ବନିମ୍ନ ତାପମାତ୍ରା ୦.୫ ଡିଗ୍ରୀରୁ ୧.୫ ଡିଗ୍ରୀ କମିଥାଏ। ସର୍ବାଧିକ ତାପମାତ୍ରା ବିଶେଷ ପ୍ରଭାବିତ ହୁଏ ନାହିଁ। ରାତି ତାପମାତ୍ରା କମିବା ସହିତ ପାଗ ଶୁଖିଲା ହେତୁ ଶିଶିରପାତ ଅଧିକ ହୁଏ, ଯାହାକି ତୈଳବୀଜ ତଥା ଡାଲି ଜାତୀୟ ଓ ପନିପରିବା ଚାଷ ପାଇଁ ଭଲ। ଅକ୍ଟୋବର -ନଭେମ୍ବର ମାସରେ ବର୍ଷା ହେତୁ ରବି ଫସଲ ପାଇଁ ମାଟି ବତର ରହିବ। ଧାନ ପରବର୍ତ୍ତୀ ପଡ଼ିଆ ଜମିରେ ମୁଗ, ବିରି, ସୋରିଷ, ଫସଲ ଲଗାଇବା ପାଇଁ ପାଗ ଅନୁକୂଳ ରହିବ ବୋଲି ପ୍ରଫେସର୍ ପଶୁପାଳକ କହିଛନ୍ତି। ଲା-ନିନା ଜନିତ ଫସଲ କ୍ଷତିକୁ କମାଇବା ପାଇଁ ଗାଁ, ପଞ୍ଚାୟତ ଓ ବ୍ଲକ୍‌ସ୍ତରରେ ଜଳ ନିଷ୍କାସନ, ଫସଲ ଶୁଖିବା ପାଇଁ ମୋବାଇଲ୍ ଡ୍ରାଏର୍, ଥ୍ରେସିଙ୍ଗ ଫ୍ଲୋର୍‌ର ବ୍ୟବସ୍ଥା କରିବା ଆବଶ୍ୟକ। ଏଥିସହ ଉଚ୍ଚ ନିରାପଦ ସ୍ଥାନରେ ଅମଳ ଫସଲ ସାଇତି ରଖିବା, ଗୋ-ଖାଦ୍ୟର ଉପଲବ୍ଧତା ଏବଂ ବୀମାର ପ୍ରାପ୍ୟ ପାଇଁ ଫଟୋ ଏବଂ ରେକର୍ଡ ପ୍ରସ୍ତୁତ କରିବାକୁ ପ୍ରଫେସର ପଶୁପାଳକ ପରାମର୍ଶ ଦେଇଛନ୍ତି।

### 'କିଲର୍ ସ୍ୱାମୀ' ଦୀପକ...

ଅନ୍ୟପଟେ କଟକ ଗ୍ରାମାଞ୍ଚଳ ପୁଲିସ ଅପର୍ଣ୍ଣା ହତ୍ୟା ଅଭିଯୋଗର ତଦନ୍ତ ଚଳାଇଛି। ଦୁଇଟିଯାକ ଘଟଣାର ପ୍ରତ୍ୟକ୍ଷଦର୍ଶୀ ନ ଥିବାରୁ ପୁଲିସ ଗୋଟିଏ ବି ଛୋଟ ପ୍ରମାଣକୁ ମଧ ହାତଛଡ଼ା କରିବାକୁ ଚାହୁଁନାହିଁ। ଆଜି ଶୁଭମିତ୍ରା ହତ୍ୟାକାଣ୍ଡର ତଦନ୍ତକାରୀ ଅଧିକାରୀଙ୍କ ସମେତ ଅନ୍ୟ ପୁଲିସ ଅଧିକାରୀ ଘଟଗାଁ ଯାଇଥିଲେ। ଶୁଭମିତ୍ରାଙ୍କ ହତ୍ୟା ପୂର୍ବରୁ ଗାତ ଖୋଳିଥିବା ଓ ପୋତିଥିବା ଜେସିବି ଚାଳକ ଓ ମାଲିକଙ୍କୁ ତଦନ୍ତ ପରିସରଭୁକ୍ତ କରିଛି ପୁଲିସ। ଦୁହିଁଙ୍କୁ ଘଟଗାଁ ଥାନାକୁ ଡକାଇ ପଚରାଉଚରା କରିବା ସହ ବୟାନ ରେକର୍ଡ କରିଛି। ଜେସିବି ମେସିନକୁ କିଏ, କେତେବେଳେ ଓ କେତେଥର ଡକାଇଥିଲା, ସେନେଇ ପଚରାଉଚରା କରିଛି। ଜେସିବି ଚାଳକ ମଧ ଆରମ୍ଭରୁ ଶେଷଯାଏଁ ଗୋଟିଗୋଟି କରି ସବୁକଥା ପୁଲିସ ଆଗରେ ବଖାଣିଛି। ଶୁଭମିତ୍ରାଙ୍କ ଶବ ଜବତ ହୋଇଥିବା ଜମିର ମାଲିକ ଜଟିଆ ତାଙ୍କୁ ପ୍ରଥମ ଦିନ ଡକାଇ ଏକ ପରିତ୍ୟକ୍ତ ଚାଳଘର ଭାଙ୍ଗିଥିଲା ଓ ଦୁଇଦିନ ପରେ ପୁଣିଥରେ ଡକାଇ ପାଇଖାନା ଟାଙ୍କି ପାଇଁ ଗାତ ଖୋଳାଇଥିଲା ବୋଲି ଚାଳକ କହିଛି। ଏଥିସହ ମୃତଦେହ ପୋତିବା ପରେ ମଧ ଜେସିବି ମେସିନ୍ ଡକାଇ ଗାତକୁ ପୋତିଥିଲେ ବୋଲି ସେ କହିଛି। ହେଲେ ସେତେବେଳେ ଗାତରେ ମୃତଦେହ ପୋତା ହେଉଥିବା ନେଇ ସେ ଜାଣିନଥିବା ପୁଲିସ ଆଗରେ କହିଛି। ସେପଟେ, ଜେସିବି ମେସିନ୍ ମାଲିକ ମଧ ପୁଲିସ ଆଗରେ ନିଜ ବୟାନ ରଖିଛନ୍ତି। ମୋଟ ୩ଥର ଜେସିବି ପଠାଇଥିବା ବେଳେ ସେହି ଦିନଗୁଡ଼ିକରେ ଅନ୍ୟ କେଉଁଠି ଜେସିବି ମେସିନ୍ ପଠାଇ କାମ କରିଛନ୍ତି, ସେନେଇ ପୁଲିସକୁ କହିଛନ୍ତି।

୨୦୨୨ ମାର୍ଚ୍ଚ ୧୭ ତାରିଖ ଦିନ ପ୍ରଥମ ପତ୍ନୀ ଅପର୍ଣ୍ଣା ଓ ଦୀପକ କାର୍ ଯୋଗେ ଭୁବନେଶ୍ୱର ଆସୁଥିଲେ। ଖୁଣ୍ଟୁଣୀ ଥାନା ରାଧାକିଶୋରପୁରଠାରେ ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଏକ ଟ୍ରକ୍ ଧକ୍କା ଦେଇଥିଲା ଓ ପରବର୍ତ୍ତୀ ସମୟରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଦୀପକ ଖୁଣ୍ଟୁଣୀ ଥାନାରେ ଅଭିଯୋଗ କରିଥିଲା। ପୁଲିସ ତଦନ୍ତ କରିଥିଲେ ମଧ ଟ୍ରକର ସଂପୃକ୍ତି ସ୍ପଷ୍ଟ ନହେବାରୁ ମାମଲା ବନ୍ଦ ବା ଫାଇନାଲ ଫର୍ମ (ଏଫ୍‌ଆରଟି ନୋ କ୍ଲୁ) କରି ଦେଇଥିଲା। ହେଲେ ଗତକାଲି ଅପର୍ଣ୍ଣାଙ୍କ ଭଉଣୀ ରୋଜାଲିନ ରାଉତଙ୍କ ଅଭିଯୋଗ ଆଧାରରେ ଖୁଣ୍ଟୁଣୀ ଥାନା ପୁଲିସ ହତ୍ୟା ମାମଲା ରୁଜୁ କରିଛି। ଅପର୍ଣ୍ଣା ହତ୍ୟା ମାମଲାର ତଦନ୍ତକାରୀ ଅଧିକାରୀ ତଥା କଟକ ଗ୍ରାମାଞ୍ଚଳ ପୁଲିସ ମୁଖ୍ୟାଳୟର ଡିଏସପି ଅଜୟ କୁମାର ଦାସ ତଦନ୍ତ ଆରମ୍ଭ କରିଛନ୍ତି। ଶ୍ରୀ ଦାସ ଖୁଣ୍ଟୁଣୀ ଥାନାରୁ ଅପର୍ଣ୍ଣା ହତ୍ୟା ମାମଲା ଓ ପୂର୍ବରୁ ରୁଜୁ ହୋଇଥିବା ଦୁର୍ଘଟଣା ମାମଲାର ଏଫ୍‌ଆଇଆର୍ ନେଇଛନ୍ତି। ଏଥିସହ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟ, ଦୁର୍ଘଟଣା ମାମଲାର ସାକ୍ଷୀମାନଙ୍କ ବୟାନ, ଜବତ ତାଲିକା ଓ ଫାଇନାଲ୍ ଫର୍ମ (ମାମଲା ବନ୍ଦ) ଜବତ କରିଛନ୍ତି। ଏସବୁ କାଗଜପତ୍ର ଜବତ ପରେ ଅପର୍ଣ୍ଣାଙ୍କ ପରିବାର ସଦସ୍ୟଙ୍କୁ ପଚରାଉଚରା କରାଯାଇଛି। ଅପର୍ଣ୍ଣାଙ୍କ ବାପା, ମାଆ, ଭଉଣୀ ଓ ଅନ୍ୟ ସଦସ୍ୟମାନଙ୍କୁ ତଦନ୍ତ ପରିସରଭୁକ୍ତ କରି ସେମାନଙ୍କ ବୟାନ ରେକର୍ଡ କରିଛି ପୁଲିସ।


**AFFIDAVIT**

By virtue of an affidavit sworn before the Notary Public, Baripada, Mayurabhanj, dated 18-09-2025 I Sri Pasupati Dehuri s/o- Tarapada Dehuri, At-khaikhia, Po- Dhemanasole, Ps- Chandua, Dist- Mayurbhanj declare that the actual and correct Date of Birth(DOB) of my daughter Sonali Dehury(Rakhi) is 10-11-2025. Which is mentioned in her Birth Certificate. But in her SLC the DOB is wrongly mentioned as 12-11-2025, Henceforth her Birth Certificate DOB will be use for all purposes. **Sd/-Pasupati Dehuri**

**AFFIDAVIT**

I, Harekrishna Mohanta, aged about 67 years, S/o- Late Dukhu Mohanta, resident of At- Banasahi, Ward No-15, Ps- Karanjia, Dist- Mayurbhanj, Odisha, Pin-757037 declare by this affidavit No. 1886, dtd-12.09.2025, that now onwards I shall be known as **HAREKRUSHNA MOHANTA** for all future purposes

**AFFIDAVIT**

By virtue of an affidavit sworn before the Executive Magistrate, Padampur on dated-20/09/2025. I, **Thabira Chhechua,** S/o Prahallad Chhechua, permanent & current resident of At- Paramanandapur, PO- Katabahal, PS- Gaisilat, Dist- Bargarh, PIN- 768036, Odisha declare that I have changed my name from **Thabira Sachea** (old name) to **Thabira Chhechua** (new name). Henceforth, I shall be known as **Thabira Chhechua** (new name) for all purposes.

**Thabira Chhechua**

**AFFIDAVIT**

I, Lakhan Jani, S/o- Rajmani Jani resident of Vill.- Kumbharguda, Po.- Singsari, Ps.- Dabugam, Dist.- Nabarangpur, Odisha, Pin-764072 vide affidavit no.6084 dated 19.09.2025 state that, I have changed my name from **LAKHAN BHATRA** to **LAKHAN JANI**. Henceforth I shall be known as **LAKHAN JANI** for all future purposes.

Sd/- **Lakhan Jani**

**Office of the Principal Sri Ram Higher Secondary School, Kashinagar, Gajapati**

**WALK-IN-INTERVIEW**

A Walk-In-Interview for the post of **Guest faculty in Mathematics** will be held in the Sri Ram Higher Secondary School, Kashinagar on **26/09/2025 at 11 am**. Candidates having 55% or more marks at Master Degree may attend the interview in the office of the undersigned with complete Biodata and a set of self-attested xerox copy of certificates along with original certificates, experience certificate, if any. No TA, DA will be provided for attending the interview. The undersigned reserves the right to cancel the interview without assigning any reason thereof.

Sd/- PRINCIPAL
Sri Ram Higher Secondary School
Kashinagar, Gajapati, Mobile - 9692803572

By Speed Post / e-Mail / WhatsApp

**ପୌର ପରିଷଦ କାର୍ଯ୍ୟାଳୟ, ପାରଳାଖେମୁଣ୍ଡି, ଗଜପତି** C-1137

**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**

E-mail: parala.mply@gmail.com

No. 3137 | Date: 19.09.2025

**QUOTATION CALL NOTICE**

The Executive Officer, Paralakhemundi Municipality invites quotations in sealed cover from the intending Suppliers / Dealers / Manufacturers having expertise in STQC Certified CCTV System for supply and installation of CCTV at Office of Paralakhemundi Municipality. The quotation paper may be obtained from the office only during working hours by paying Rs. 2,000/- towards paper cost (non-refundable) in shape of cash or DD in any nationalized bank. The quotation must reach the undersigned on or before Dt. 04-10-2025 upto 1.00 PM Through Regd. Post / Speed Post. The quotation paper should be accompanied with valid GST registration Certificate and PAN Card. The bid will be opened on Dt. 04-10-2025 at 04.00 PM by the Tender Committee in presence of the quotationers or their authorized representatives.

The undersigned reserves the right to reject/accept any or all the quotation received without any reason thereof.

OIPR-13145/11/0038/2526 | Sd/- Executive Engineer, Paralakhemundi Municipality

No.: 733 | **TENDER CALL NOTICE** | Date: 20.09.2025

**Supply, Instllation and Commissioning of 60 MT capacity fully electronic Weighbridge (Type-Pitless kind) with ancillary infrastructure on Turn Key basis with A.M.C. at Model Mandi, Chatra Market Yard under R.M.C., Jagatsinghpur**

The Sub-Colector-cum-Chairman, R.M.C., Jagatsinghpur invites sealed tender (in two bid system) from reputed manufacturer/Authorized Dealers having valid License "For manufacturer, supply, installation and commissioning of 1 (one) 60 MT Weighbridge (Pitless type) with ancillary infrastructure on turn key basis." The detail information and tender document shall be hanged in the notice board of R.M.C., Jagatsinghpur which can be collected from the office of the R.M.C., Jagatsinghpur and submitted alongwith tender paper cost of Rs.5,000.00 (non-refundable) inclusive of GST and EMD as prescribed in the DTCN. The last date and time for submission of tender in the office of the R.M.C., Jagatsinghpur is Dt.03.10.2025 by 2.00 P.M. and the Techno Commercial Bid will be opened on Dt.03.10.2025 at 4.30 P.M. The authority reserves the right to accept or reject any or all the tender or cancel the entire tender without assigning any reason thereof.

Sd/- Sub-Colector-cum-Chairman
R.M.C., Jagatsinghpur

**ADVERTISEMENT FOR WALK-IN-INTERVIEW AT EMRS, RAMPILO, JAJPUR**

**Walk-in-Interview for Guest staff (Non-Teaching) — Academic Session 2025-26**

Eklavya Model Residential School (EMRS). Rampilo invites applications for attending an walk-in-interview on 17 October 2025 from interested and eligible agencies for the following outsourcing guest staff in Ekalavya model residential Rampilo jajpur. The posts are purely temporary in nature. A detail of the posts and application form can be obtained from the district NIC website: (WWW.JAJPUR.NIC.IN) and (HTTPS:// NESTS.TRIBAL.GOV.IN )

| | | | | | |
|---|---|---|---|---|---|
| 1. | Male Warden - 01 post | 2. | Female Warden - 01 post | 3. | Counsellor - 01 post |
| 4. | Female Staff Nurse - 01 post | 5. | Assistant Cook - 04 post | 6. | Electrician-cum-Plumber - 01 post |
| 7. | Housekeeping Staff - 01 post | 8. | Peon - 01 post | 9. | Chowkidar - 02 post |
| 10. | JSA - 01 post | | | | |

**Eligibility:** The eligibility criteria will be as per Letter No. - 1. Letter No - NESTS/NESTS-Circulars/129/2025-26 dtd 29/08/2025, 2. Letter No - NESTS/H-1/124/NESTS-Guidelines/2025-26 dtd 26/08/2025, 3. Letter No - NESTS/Admin/Recruitment & RO/2023 dtd 26/07/2024 **Or** •Letter No- 405/omtes-Epu-misc-0013-2024/OMTES, Bhubaneswar dt. 07-04-2025 •Letter No- NESTS/H-1/121/NESTS-Guidelines/2025-26 dtd 26-08-2025

**Selection Process:** The selection process will be conducted as per the previous three years' service records.

**How to Apply:** Interested and eligible agencies must submit their application forms along with self-attested copies of the required documents to the school office on or before 16 October 2025. A copy of which is enlosed with this notification.

**Sd/- Principal, EMRS, Rampilo**

## ଫିରିଙ୍ଗିଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ

# ପିଲାଙ୍କୁ ପାଠ ପଢ଼ାଇଲେ ଜିଲ୍ଲାପାଳ

ଫିରିଙ୍ଗିଆ,୨୦।୯ (ସମିସ)

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆସ୍ଥିତ ଉନ୍ନୀତ ଉଚ୍ଚ ବିଦ୍ୟାଳୟକୁ ଶନିବାର ସୌଜନ୍ୟମୂଳକ ପରିଦର୍ଶନ କରି ଜିଲ୍ଲାପାଳ ବେଦଭୂଷଣ ସ୍ଥିତି ଅନୁଧ୍ୟାନ କରିଛନ୍ତି। ସୂଚନା ଅନୁସାରେ ଏହି ବିଦ୍ୟାଳୟର ଅବ୍ୟବସ୍ଥାକୁ ନେଇ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଅଞ୍ଚଳର କିଛି ବ୍ୟକ୍ତି ବିଶେଷ ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟା ଓ ତା'ର ସମାଧାନ ପାଇଁ ଆଗରୁ ଜିଲ୍ଲାପାଳଙ୍କୁ ଲିଖିତ ଭାବରେ ମଧ୍ୟ ଜଣାଇଥିଲେ। ହଠାତ୍ ଶନିବାର ଜିଲ୍ଲାପାଳ ବିଦ୍ୟାଳୟରେ ପହଞ୍ଚି ଛାତ୍ରଛାତ୍ରୀଙ୍କୁ ପାଠ




ପଢ଼ାଇବା ସହ ବିଦ୍ୟାଳୟ ପରିସରରେ ଥିବା କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ବୁଲି ଦେଖିଥିଲେ। ଏହି ବିଦ୍ୟାଳୟ ପରିସରରେ ନିର୍ମାଣ କରାଯାଉଥିବା ଛାତ୍ରୀନିବାସ କୋଠାର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାସହ ଜିଲ୍ଲାପାଳ ବ୍ଲକସ୍ତରୀୟ ବିଜ୍ଞାନ ସେମିନାରକୁ ଅନୁଷ୍ଠାନିକ ଭାବରେ

### ଉଦ୍‌ଘାଟନ କଲେ ବିଜ୍ଞାନ ସେମିନାର

ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀଙ୍କୁ ପ୍ରାୟ ଘଣ୍ଟାଏ ସମୟ ଧରି ଫିଜିକ୍ସ ବିଷୟରେ ପାଠ ପଢ଼ାଇଥିଲେ। ବିଦ୍ୟାଳୟରେ କିଛି ଶିକ୍ଷକ ଓ ଶିକ୍ଷୟିତ୍ରୀ ୧୦ ବର୍ଷରୁ ଅଧିକ ସମୟ ଧରି ଗାଦି ମାଡ଼ି ରହିଥିବା ଓ ବିଦ୍ୟାଳୟର ଲଗାତର ଭାବରେ ନୈରାଶ୍ୟ ଜଣକ ମାଟ୍ରିକ ଫଳାଫଳ ଜାଣିବା ପରେ କ୍ଷୋଭ ପ୍ରକାଶ କରିବା ସହ ଠିକ ଭାବରେ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନ ପାଇଁ ତାଗିଦ୍ କରିଥିଲେ। ଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ରାଜେଶ କୁମାର ସ୍ୱାଇଁଙ୍କ ସହ ଫିରିଙ୍ଗିଆ ଗୋଷ୍ଠି ଶିକ୍ଷା ଅଧିକାରୀ ଆଲୋକ କୁମାର ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କୁମାରୀ ପୁନମ, କସ୍ତୁରବା ଗାନ୍ଧୀ ଆବାସିକ ବିଦ୍ୟାଳୟ ପରିଚାଳିକା ବାସନ୍ତୀ ଦେଇ, ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରକ୍ତଦାନ ଶିବିର



**ଗୁମ୍ମା,୨୦।୯ (ସମିସ):** ବ୍ଲଡ଼ ବ୍ୟାଙ୍କରେ ରକ୍ତ ଅଭାବ ଅନୁଭବ କରି ବିଭିନ୍ନ ସରକାରୀ, ବେସରକାରୀ ଅନୁଷ୍ଠାନ ପକ୍ଷରୁ ଦେଶସାରା ରକ୍ତ ସଂଗ୍ରହ କରାଯାଉଛି। ଏନେଇ ଗଜପତି ଜିଲ୍ଲା ଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ଗୁମ୍ମା ବ୍ଲକର ସମସ୍ତ ଅନୁଷ୍ଠାନକୁ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବାକୁ ଅନୁରୋଧ କରାଯାଇଥିଲା। ଶୁକ୍ରବାର ଆୟୋଜିତ ଶିବିରରେ ମୁଖ୍ୟଅତିଥି ଭାବେ ଡ଼ା. ପ୍ରାର୍ଥ ପ୍ରୀତମ ପଣ୍ଡାଙ୍କ ସମେତ, ଡ଼ା. ଜି. ଦୁର୍ଯ୍ୟୋଧନ, କ୍ଷୀରୋଦ କୁମାର ଦୋରା, ଆଲୋକ କୁମାର ବିଶ୍ୱାଳ, ଗୌରାଙ୍ଗ ଗୁପ୍ତା, ସ୍ମୃତି ରଞ୍ଜନ ସାହୁ ଓ ଅଭିନାଶ ପରିଛା ଯୋଗ ଦେଇଥିଲେ। ପରେ ଗୁମ୍ମା ବ୍ଲକର ସାମ୍ବାଦିକ, ଗୁମ୍ମା ଖ୍ରୀଷ୍ଟିୟାନ ସାହିର ଯୁବକ ଓ ସ୍ୱେଚ୍ଛାସେବୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏଥିରେ ୨୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। କାର୍ଯ୍ୟକ୍ରମକୁ ଟିଓ ଖଗେଶ୍ୱର ବେହେରା, ଡ଼ିଏମଏ ପିଙ୍କି ପାଣ୍ଡେ, ଗଣେଶ ବିଶ୍ୱାଳ, ସୂର୍ଯ୍ୟନାରାୟଣ ପଣ୍ଡା, କେ.ନାଗରାଜୁ, ମଙ୍ଗୁଲୁ ବେହେରା, ଆମୋନ ଗମାଙ୍ଗ ଓ ପ୍ରଫୁଲ ପାଣି ସହଯୋଗ କରିଥିଲେ।

## ଜୀବନ ଜ୍ୟୋତି କଲେଜରେ 'ସ୍ୱଚ୍ଛତା ହିଁ ସେବା' କାର୍ଯ୍ୟକ୍ରମ

**ରାଇକିଆ,୨୦।୯ (ସମିସ):** ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ଶନିବାର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସେପ୍ଟେମ୍ବର ୧୭ରୁ ଅକ୍ଟୋବର ୨ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମର ପ୍ରାରମ୍ଭିକ ଦିବସରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଉମାକାନ୍ତ ରଥଙ୍କ ତତ୍ତ୍ୱାବଧାନରେ



ଜାତୀୟ ସେବା ଯୋଜନାର ୟୁନିଟ-୧ ସଂଯୋଜକ ସାରଙ୍ଗଧର ମାମ୍ବାଲାକା ଓ ୟୁନିଟ-୨ର ଫିର୍ଦୋଷୀ ପ୍ରଧାନ ଏବଂ ଯୁବ ରେଡକ୍ରସର ସଂଯୋଜକ ବିଶ୍ୱବିହାରୀ ଦଳେଇ ଏହାର ଦାୟିତ୍ୱ ନେଇଥିଲେ। କାର୍ଯ୍ୟକ୍ରମରେ ଅଧ୍ୟାପକ ଡ଼. ସନ୍ତୋଷ କୁମାର ନାୟକ, ଦିଲୀପ କୁମାର ନାୟକ, ପ୍ରମୋଦ କୁମାର ନାୟକ, ବିଶ୍ୱବିହାରୀ ଦଳେଇ, ସୁକାନ୍ତ କୁମାର ନାୟକ, ଗୀତାଞ୍ଜଳି ଗନ୍ତାୟତ, ବେଣୁପାଣି ମହାପାତ୍ର, ଜଗନ୍ନାଥ ଦାସ ସମେତ ମହାବିଦ୍ୟାଳୟର ସମସ୍ତ ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଶ୍ରେଣୀକକ୍ଷ, ମହାବିଦ୍ୟାଳୟ ପରିସର ଓ ଖେଳ ପଡ଼ିଆ ଆଦିର ସଫେଇ କରିଥିଲେ।

## ଚୋରାରେ ବାଣ ବିକ୍ରି ପାଇଁ ସଜବାଜ

ପାରଳାଖେମୁଣ୍ଡି, ୨୦।୯ (ସମିସ)

ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସହରରେ ବାଣ ବିକ୍ରୟକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। କିଛିବର୍ଷ ପୂର୍ବେ ଜନବସତିରୁ ବାଣ ଦୋକାନ ଗୁଡ଼ିକୁ ଜନଶୂନ୍ୟ ସ୍ଥାନକୁ ସ୍ଥାନାନ୍ତର କରିବାକୁ ପ୍ରୟାସ ହୋଇଥିଲା। ତେବେ ଏହି ପ୍ରୟାସ ବଳରେ ଅନେକ ଦୋକାନୀ ଜଣକ ପରେ ଜଣେ ପ୍ରତିଦ୍ୱନ୍ଦିତା ମନୋଭାବରେ ଦୋକାନ ପାଖରେ ଦୋକାନ କରି ବାଣ ଦୋକାନ ଖୋଲିଲେ। ତେବେ ଏହି ବାଣ ଦୋକାନୀଙ୍କ ମନମୁଖୀ ଓ ସାଧାରଣଲୋକଙ୍କ ପ୍ରତି ବିପଦ ବିକ୍ରୟ ପ୍ରଣାଳୀକୁ ରୋକ୍ ଲଗାଇବା ପାଇଁ ଜିଲ୍ଲା ପ୍ରଶାସନ ସିଲ୍ ମଧ୍ୟ କରିଥିଲା। କିନ୍ତୁ ସେହି ସିଲ୍ ଗୁଡିକ ହେବା ସମୟରେ ପ୍ରଶାସନ ଯେପରି ସୂଚନା ଦେଇଥିଲା ସେହି ସିଲ୍ ଖୋଲାଯିବା ସୂଚନା ଆଉ ମିଳିଲା ନାହିଁ। ବାଣ ଅନୁମତି ମିଳିବା ପୂର୍ବରୁ ବାଣ ବ୍ୟବସାୟୀମାନେ ସୁନ୍ଦର ରଙ୍ଗଦେଇ ଦୋକାନକୁ ସଜବାଜ କରିସାରିଲେଣି। କିଏ ଗୋଟିଏ ଜିଏସ୍‌ଟି ନମ୍ବରରେ ଏକାଧିକ ଦୋକାନ ଚଳାଉଛି ତ ଆଉକିଏ ପ୍ରଶାସନ କରିଥିବା ସିଲ୍ ଥାଇ ମଧ୍ୟ ବହୁଦିନ ପୂର୍ବରୁ ବାଣ ବିକ୍ରୟ ଆରମ୍ଭ କରିଦେଇଛନ୍ତି। ଏପରିକି ପାରଳାଖେମୁଣ୍ଡି ଅଞ୍ଚଳରେ ସୂଚନା ଅଧିକାର ଆଇନ ମାଧ୍ୟମରେ ମିଳିଥିବା ତଥ୍ୟ କହୁଛି ୧୭ ଜଣ ବାଣ ବ୍ୟବସାୟୀ ବାଣ ବିକ୍ରୟ ପାଇଁ ଆବେଦନ କରିଥିବା ବେଳେ କାହାକୁ ମଧ୍ୟ ଅନୁମତି ମିଳିନାହିଁ। ତେବେ ଉକ୍ତ ଦୋକାନ ଗୁଡ଼ିକୁ ଅନୁମତି ଦିଆଯାଇପାରିବ କି ନାହିଁ ସେହି କାର୍ଯ୍ୟର ସମୀକ୍ଷା ଓ ଅନୁସନ୍ଧାନ ପାଇଁ ଗଜପତି ପୁଲିସ୍ ଓ ପାରଳାଖେମୁଣ୍ଡି ତହସିଲଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

ସେପଟେ ଗଚ୍ଛିତ ହୋଇଥିବା କୋଟି କୋଟି ଟଙ୍କାର ବାଣ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣ ପରେ କିଏ ବାରିପଟେ ବିକୁଛି ତ ଆଉକିଏ ବିଳମ୍ବିତ ରାତ୍ରରେ ବିକୁଛି । ଏପରିକି ପ୍ରତ୍ୟେକ ଦୋକାନ ମୁହଁରେ ଦୁଇରୁ ତିନିଜଣ ବ୍ୟକ୍ତି ତାଲା ଧରି ଦିନ ତମାମ ମହଜୁଦ ରହୁଛନ୍ତି। କିଛି ଦୋକାନରେ ମଧ୍ୟ ବାଣ ଗଚ୍ଛିତ ହେଉଥିବା ସ୍ୱତନ୍ତ୍ର ଯାନରେ ଆସିଥିବା ଦେଖିବାକୁ ମିଳିଛି।

## ୮ ଫୁଟିଆ ଅଜଗର ଉଦ୍ଧାର

**ଜି.ଉଦୟଗିରି,୨୦।୯ (ସମିସ):** ଜି. ଉଦୟଗିରି ନିକଟସ୍ଥ ଶ୍ରୀରାମପଦା ତାରିଣୀ ମନ୍ଦିର ନିକଟରୁ ଏକ ୮ ଫୁଟିଆ ଅଜଗର ସାପକୁ ଉଦ୍ଧାର କରିଛି ସ୍ନେକ ହେଲ୍ପ ଲାଇନ୍ ଟିମ। ଅଜଗରକୁ ଦେଖି ଲୋକେ ସ୍ନେକ ହେଲ୍ପଲାଇନ୍‌କୁ ଖବର ଦେବାପରେ ଟିମ ସଦସ୍ୟ ପହଞ୍ଚି ସାପକୁ ଧରିଥିଲେ। ଏହାସହିତ ଶ୍ରୀକୃଷ୍ଣ ନଗରରୁ ଏକ ପାହାଡିଆ ଚିଟି ସାପ ମଧ୍ୟ ଉଦ୍ଧାର କରାଯାଇଛି। ବଜାରରେ ଏହି ସାପକୁ ଦେଖିବାକୁ ଲୋକଙ୍କ ଭିଡ ଲାଗି ଜମିଥିଲା। ଟିମ୍ ସଦସ୍ୟ ରାଜୀବ ଦଳବେହେରା ଓ ଲାଲୁ ପରିଛା ସାପ ଦୁଇଟିକୁ ଉଦ୍ଧାର କରିଥିବାବେଳେ ଏହାକୁ ନିକଟସ୍ଥ କଳିଙ୍ଗା ଜଙ୍ଗଲରେ ଛାଡ଼ି ଦିଆଯାଇଛି।



## ସ୍ଥାୟୀ ଜୀବିକା ପାଇଁ ଫଳଚାରା ବଣ୍ଟନ



**ରାୟଗଡ଼,୨୦।୯ (ସମିସ):** ରାୟଗଡ଼ ବ୍ଲକ ପ୍ରଶାସନ ପକ୍ଷରୁ ଲିନ୍‌ସି ଫାଉଣ୍ଡେସନର ସହଯୋଗରେ ଏଫ୍‌ଏଫ୍‌ଭିଡିପି କାର୍ଯ୍ୟକ୍ରମ ଅନ୍ତର୍ଗତ ଦୁଇଟି ଗ୍ରାମର ୧୯ ପରିବାରଙ୍କୁ ଲେମ୍ବୁ, ଲିଚୁ, ସପେଟା, ସଜନା ଓ ନଡିଆ ସହିତ ବିଭିନ୍ନ ହାଇବ୍ରିଡ୍ ଫଳ ଚାରା ବଣ୍ଟନ କରାଯାଇଛି। ଏହି ପଦକ୍ଷେପ ଜରିଆରେ ଗ୍ରାମୀଣ ପରିବାରଙ୍କ ଆୟକୁ ସ୍ଥାୟୀ ଓ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖାଯାଇଛି। ସେଥିପାଇଁ ସିସିଡି କୃଷି ଉଦ୍ୟାନ ବିଭାଗର ସହଯୋଗରେ ଗ୍ରାମରେ ଆମ୍ବ, କାଜୁ, ପଣସ ଓ କଦଳୀ ଚାରାଗଛ ବଣ୍ଟନ କରାଯାଇଛି। ଏହା ଦୀର୍ଘ ମିଆଦିରେ ଗ୍ରାମୀଣ ଅର୍ଥନୀତିକୁ ଶକ୍ତିଶାଳୀ କରିବା ସହିତ ସ୍ଥାୟୀ ଜୀବିକା ସୁଯୋଗ ସୃଷ୍ଟି କରିବ। କାର୍ଯ୍ୟକ୍ରମରେ ପରିବାରଙ୍କୁ ରୋପଣ ପ୍ରଣାଳୀ, ଚାଷ ପରିଚାଳନା ଓ ଦୀର୍ଘମିଆଦିନ ଯତ୍ନ ସମ୍ବନ୍ଧରେ ପରାମର୍ଶ ଦିଆଯାଇଥିଲା। କାର୍ଯ୍ୟକ୍ରମ ପ୍ରୋଗ୍ରାମ ମେନେଜର ବିଜୟ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଏବଂ ପ୍ରୋଜେକ୍ଟ ଅଫିସରଙ୍କ ଦ୍ୱାରା ପରିଚାଳନାରେ ଆୟୋଜିତ ହୋଇଥିଲା।

## ଆନ୍ଧ୍ରରୁ ଚୋରା ବାଲି ଆଣି ଓଡ଼ିଶାରେ ବିକ୍ରି

କାଶୀନଗର,୨୦।୯ (ସମିସ)

ଗଜପତି ଜିଲ୍ଲା କାଶୀନଗର ବ୍ଲକ ହାଡୁଭାଙ୍ଗି ଗ୍ରାମରେ ଶୁକ୍ରବାର ରାତିରେ ଏକ ବେଆଇନ ବାଲି ବୋଝେଇ ଟିପ୍ପରକୁ ଜିଲ୍ଲା ଖଣି ବିଭାଗ ପକ୍ଷରୁ ଜବତ କରାଯାଇଛି। ଜିଲ୍ଲା ଖଣି ଅଧିକାରୀ ଦୀପେନ ପରିଡ଼ା ଓ କନିଷ୍ଠ ଖଣି ଅଧିକାରୀ ବିଶ୍ୱଜିତ ଶୁକ୍ରବାର ରାତିରେ ହାଡୁଭାଙ୍ଗି ଅଞ୍ଚଳରୁ ଏହି ବାଲି ବୋଝେଇ ଟିପ୍ପରକୁ ଅଟକାଇ କାଗଜପତ୍ର ମାଗିବାରୁ ଚାଳକ ଦେଖାଇପାରିନଥିଲେ। ଫଳରେ ଗାଡ଼ିଟିକୁ କାଶୀନଗର ଥାନା ନିକଟରେ ରଖାଯାଇଛି ଓ ୪ଲକ୍ଷ ଟଙ୍କାର ଜରିମାନା କରାଯାଇଥିବା ଜିଲ୍ଲା ଖଣି ଅଧିକାରୀ କହିଛନ୍ତି।




ଟିପ୍ପର ଜବତ କଲେ ଖଣି ଅଧିକାରୀ

ସୂଚନା ମୁତାବକ, କିଛି ବାଲିମାଫିଆ ଆନ୍ଧ୍ରର ନିୟୁଗାମ ଗ୍ରାମରୁ ବାଲି ଚୋରିକରି ଆଣି ପାରଳାଖେମୁଣ୍ଡି, କାଶୀନଗର, ଗୁଣୁପୁର ଆଦି ବିଭିନ୍ନ ଅଞ୍ଚଳରେ ବେଆଇନ ଭାବେ ବିକ୍ରି କରୁଛନ୍ତି। ବହୁଦିନ ହେଲା ରାତିରେ ଏଭଳି ବାଲି ଚୋରାଚାଲାଣ ହେଉଥିବା ସ୍ଥାନୀୟ କିଛି ଲୋକେ କହିଛନ୍ତି। ହେଲେ ବାଲି ମାଫିଆ ରାଜନୈତିକ ଦଳର କର୍ମୀ କହି ଦାଦାଗିରି ଦେଖାଇବା ସହ ଏହି ବେଆଇନ ବାଲି ଚାଲାଣ କରୁଥିବା ଜଣାପଡ଼ିଛି। ବର୍ତ୍ତମାନ କାଶୀନଗର ଅଞ୍ଚଳରେ ବାଲି ଘାଟ ବନ୍ଦ ଥିବାରୁ କିଛି ବାଲି ମାଫିଆ ବାଲି ଚୋରାଚାଲାଣରେ ମାତିଛନ୍ତି। କିଛିଦିନ ପୂର୍ବେ ଉକ୍ତ ଅଞ୍ଚଳରେ ଜିଲ୍ଲା ଖଣି ଅଧିକାରୀ ବେଇଆଇନ ବାଲି ବୋଝେଇ ଟ୍ରକକୁ ଜବତ କରି ୫ଲକ୍ଷ ଜରିମାନା ଆଦାୟ କରିଥିବା ବେଳେ ବର୍ତ୍ତମାନ ଉକ୍ତ ଜବତ ବେଆଇନ ବାଲି ବୋଝେଇ ଗାଡ଼ିରୁ କେତେ ଜରିମାନା ଆଦାୟ କରାଯାଉଛି ତାହା ଆଲୋଚନାର ବିଷୟ ହୋଇଛି। ଏଭଳି ବେଆଇନ ବାଲି ଚୋରାଚାଲାଣ ପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବା ସହ ଉଚିତ୍ ପଦକ୍ଷେପ ନେବାକୁ ଦାବି ହେଉଛି।

## ବିଭିନ୍ନ ସ୍ଥାନରେ ଏଡ୍‌ସ ସଚେତନତା ଶିବିର




**ବାଲିଗୁଡା,୨୦।୯ (ସମିସ):** ଭୁବନେଶ୍ୱରସ୍ଥିତ ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସଂସ୍ଥା ତଥା ସ୍ୱେଚ୍ଛାସେବୀ ସଙ୍ଗଠନ 'ସ୍ୱାତୀ' ତରଫରୁ ଏଡ୍‌ସ ସଚେତନତା ଶିବିର ବାଲିଗୁଡ଼ାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ କଲେଜରେ ଅଧ୍ୟକ୍ଷ ଲକ୍ଷ୍ମଣ ପାଲୋଙ୍କ ଉପସ୍ଥିତିରେ ସମାବେଶ ତଥା ରାଲି କରାଯାଇଥିଲା। ତତ୍‌ସହିତ ବାଲିଗୁଡା ଉପଖଣ୍ଡ କାରାଗାରରେ ଅଧ୍ୟକ୍ଷଙ୍କ ଉପସ୍ଥିତିରେ ସମନ୍ୱିତ ପରାମର୍ଶ ଓ ପରୀକ୍ଷା ଶିବିର ହୋଇଥିଲା। କାରାଗାରରେ ୨୩୮ ଜଣ କଏଦୀ ଥିବାବେଳେ ୧୦୦ରୁ ଊର୍ଦ୍ଧ୍ୱ କଏଦୀଙ୍କ ରକ୍ତ ନମୁନା ଲାବ ଟେକ୍ନିସିଆନ୍ ଉଲ୍ଲାସ ଚରଣ ସ୍ୱାଇଁ ସଂଗ୍ରହ କରିଥିଲେ। ସେହିପରି ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କ କାର୍ଯ୍ୟାଳୟରେ ଥିବା ବିଏସଏଫ ଯବାନଙ୍କ ରକ୍ତ ନମୁନା ସଂଗ୍ରହ ସହ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଠାରେ ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟର ଏଚ୍‌ଆଇଭି/ଏଡସ କାଉନସିଲର ଗୀତାଞ୍ଜଳି ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ସଚେତନତା ଓ ମାଗଣା ରକ୍ତ ପରୀକ୍ଷା ନିମନ୍ତେ ବାର୍ତ୍ତା ପ୍ରଦାନ କରିଥିଲେ। ଏଥିରେ ସ୍ୱାତୀର ସ୍ନେହଲତା ନାଏକ ଓ ସୀତା ରଣା ସହଯୋଗ କରିଥିଲେ।

## ବାଲିଗୁଡ଼ାରେ ସ୍ୱଚ୍ଛ ଉତ୍ସବ



**ବାଲିଗୁଡ଼ା,୨୦।୯ (ସମିସ):** ସ୍ୱଚ୍ଛ ଭାରତ ମିଶନ ପଞ୍ଚାୟତ ସମିତି ବାଲିଗୁଡ଼ା ତରଫରୁ ସ୍ୱଚ୍ଛ ଉତ୍ସବରେ ଏକ ମେଗା ସ୍ୱାସ୍ଥ୍ୟମେଳା ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ଅକ୍ଷୟ କୁମାର ମଲ୍ଲିକ ଏହାକୁ ଉଦ୍‌ଘାଟନ କରିଥିଲେ। ବାଲିଗୁଡା ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଡ଼ାକ୍ତର ଅଭିଷେକଙ୍କ ଉପସ୍ଥିତି ରହି ବାଲିଗୁଡା ବ୍ଲକର ସମସ୍ତ ସରପଞ୍ଚ, ସ୍ୱୟଂ ସହାୟକ ଗୋଷ୍ଠୀ ମଣ୍ଡଳୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସଂସ୍ଥାର ଟେକ୍ନିସିଆନ ଉଲ୍ଲାସ ଚରଣ ସ୍ୱାଇଁ ଓ ସୁନିଲ କୁମାର ନାୟକ ରକ୍ତନମୁନା ସଂଗ୍ରହ କରିଥିଲେ। ତତ୍‌ସହିତ ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଆଇସିଟିସି କାଉନସିଲର ଗୀତାଞ୍ଜଳି ପଣ୍ଡା ଏଡ୍‌ସର କାରଣ, ନିରାକରଣ ଓ ସଚେତନତା ପାଇଁ ବିସ୍ତୃତ ଆଲୋଚନା କରିଥିଲେ।

## ଫିରିଙ୍ଗିଆରେ ବ୍ଲକସ୍ତରୀୟ ମନରେଗା ଜନଶୁଣାଣି

**ଫିରିଙ୍ଗିଆ,୨୦।୯ (ସମିସ):** ଫିରିଙ୍ଗିଆ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ମନରେଗା ଜନ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଫିରିଙ୍ଗିଆ ବ୍ଲକରେ କାର୍ଯ୍ୟରତ ମନରେଗା ସମ୍ପ୍ରସାରଣ ଅଧିକାରୀ ସୁମନ୍ତ ଉଠାଣସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜନଶୁଣାଣିରେ ଆଦିବାସୀ ଉନ୍ନୟନ ବିଭାଗର ପ୍ରକଳ୍ପ ପ୍ରଶାସକ ଗଦାଧର ପାତ୍ର ମୁଖ୍ୟଅତିଥି ଭାବରେ ଯୋଗଦେଇ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିବା ସହ ମନରେଗାରେ ପଞ୍ଜୀକୃତ ଶ୍ରମିକଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାର କିଭଳି ଭାବରେ ସହାୟତା ଯୋଗାଇ ଦେଉଛନ୍ତି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ନମିତା କହଁର, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅନୁପ ଅଭିଷେକ ବେହେରା, ସହକାରୀ ଯନ୍ତ୍ରୀ ଜୟପ୍ରକାଶ ଜେନା, ମନରେଗା ସଂଯୋଜକ ସଞ୍ଜୟ କୁମାର ଦିଗାଲ, ମନରେଗା ସମୀକ୍ଷକ ମହାଦେବ ସାହୁ ଓ ସାମାଜିକ କର୍ମୀ ଅକ୍ଷୟ କୁମାର ନାଏକଙ୍କ ସହ ବ୍ଲକ ଅଧିନସ୍ଥ ସମସ୍ତ ସରପଞ୍ଚ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ, ସମସ୍ତ ଏଡିଓ, ସମସ୍ତ ଗାଁସାଥୀ, ସ୍ୱୟଂ ସହାୟକ ଗୋଷ୍ଠୀ ଭିଆର୍‌ପି ଓ ବିଭିନ୍ନ ବିଭାଗ ଅଧିକାରୀ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମହାଦେବ ସାହୁ ପରିଚାଳନା କରିଥିବା ବେଳ ଏପିଓ ସୁମନ୍ତ ଉଠାଣ ସିଂ ବାର୍ଷିକ ବିବରଣୀ ପାଠ କରିଥିଲେ। ଫିରିଙ୍ଗିଆ ବ୍ଲକରେ ବିଗତ ବର୍ଷ ମାନଙ୍କ ପରି ଚଳିତ ବର୍ଷ ମଧ୍ୟ ମନରେଗା ଦ୍ୱାରା ହେଉଥିବା ଉନ୍ନୟନ କାର୍ଯ୍ୟ ଗୁଡିକର ସଫଳ ରୂପାୟନ ପାଇଁ ଉପସ୍ଥିତ ଅଧିକାରୀ ଖୁସି ବ୍ୟକ୍ତ କରିଥିଲେ। କିଛିଦିନ ହେଲା ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ନାମ ଫଳକ ଲାଗିନଥିବାରୁ ଉପସ୍ଥିତ ଅଧିକାରୀ ଯଥାଶୀଘ୍ର ଫଳକ ଲଗାଇବାକୁ ଗାଁ ସାଥୀ ଓ ଏଡିଓଙ୍କୁ ତାଗିଡ କରିଥିଲେ।



## ଟିକାବାଲି କଲେଜରେ ଏଡ୍‌ସ ସଚେତନତା କାର୍ଯ୍ୟକ୍ରମ




**ଟିକାବାଲି,୨୦।୯ (ସମିସ):** ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ ଅଧ୍ୟକ୍ଷ ଦୀନବନ୍ଧୁ ମହାନ୍ତିଙ୍କ ନେତୃତ୍ୱରେ ଏଡ଼ସ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ୱାତୀ ସ୍ୱେଚ୍ଛାସେବୀ ସଂଗଠନର ପ୍ରକଳ୍ପ ସଂଯୋଜକ ବିଶ୍ୱରଂଜନ କର ଏହିରୋଗର ଲକ୍ଷଣ, କିପରି ବ୍ୟାପେ ଏବଂ ଏହାର ନିରାକାରଣ କିପରି କରିପାରିବା ଅକ୍ଷଲୋଚନା କରିଥିଲେ। ଯୁବ ରେଡ଼କ୍ରସର ସଂଯୋଜକ ଅଧ୍ୟାପକ ରତନ କୁମାର ଡିଗାଲ, ଜାତୀୟ ସେବା ଯୋଜନାର ପ୍ରୋଗ୍ରାମ ଅଫିସର ଅଧ୍ୟାପିକା ଚମ୍ପା ସୋରେନ, ଅଧ୍ୟାପକ ଜ୍ଞାନରଞ୍ଜନ ଭୋଇ ପରିଚାଳନା କରିଥିଲେ। ବିଷୟବସ୍ତୁ କୁ ନେଇ କୁଇଜ ପ୍ରତିଯୋଗିତା ହୋଇଥିଲା। ଛାତ୍ରୀ ସ୍ୱାଗତିକା ନାୟକ, ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ ପ୍ରଥମ, ଅଂକିତା ପ୍ରିୟଦର୍ଶିନୀ ଦ୍ୱତୀୟ, ଛାତ୍ର ଶିବୁ ପ୍ରଧାନ ତୃତୀୟ ହୋଇ ମାନପତ୍ର ସହ ଟ୍ରଫି ଗ୍ରହଣ କରିଥିଲେ।

## କଳିଙ୍ଗା ଘାଟିରେ ଭୂ-ସ୍ଖଳନକୁ ବିତିଲା ୫ଦିନ

# ଅସ୍ଥାୟୀ ରାସ୍ତା ପାଇଁ ଉଦ୍ୟମ ଜାରି

ଜି.ଉଦୟଗିରି,୨୦।୯ (ସମିସ)

ଗଞ୍ଜାମ-କନ୍ଧମାଳ ସୀମାନ୍ତ କଳିଙ୍ଗା ଘାଟିରେ ମଙ୍ଗଳବାର ଭୂ-ସ୍ଖଳନରେ ୫୦ ଫୁଟ ରାସ୍ତା ଶହେ ଫୁଟ ତଳକୁ ଧସିଯାଇଥିଲା। ଫଳରେ ୫ଦିନ ପରେ ବି ସ୍ୱାଭାବିକ ହୋଇପାରୁନି ଯାତାୟାତ। ଅସ୍ଥାୟୀ ରାସ୍ତା ବାହାର କରିବା ମଧ୍ୟ କଷ୍ଟକର ହୋଇପଡିଛି। ଉପରୁ ଆସୁଥିବା ଝରଣା ପାଣି ନିୟନ୍ତ୍ରଣ, ତଳୁ ଗାର୍ଡୱାଲ ଦେବା, ପଥର କାଟି ରାସ୍ତା ବାହାର କରିବା ପାଇଁ ସବୁପ୍ରକାର ଉଦ୍ୟମ ଜାରି ରହିଛି। ଜାତୀୟ ରାଜପଥ ପ୍ରାଧିକରଣ ମୁଖ୍ୟଯନ୍ତ୍ରୀ ନାରାୟଣ ପଟେଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମରାମତି କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ଯେତେ ଶୀଘ୍ର ଅସ୍ଥାୟୀ ରାସ୍ତା ବାହାରିଲେ ଯାତାୟାତ ସ୍ୱାଭାବିକ ହୋଇପାରିବ। ଏଥିପାଇଁ ଆଜି ଗାର୍ଡୱାଲ ପାଇଁ ବାଲିବସ୍ତା, ପଥର ଫଟାଇବା ପାଇଁ ମେସିନ, ପାଣି ପାଇଁ ବଡ଼ ବଡ଼ ସିମେଣ୍ଟ ପାଇପ ଆସିଛି। ଯାହାକୁ ବ୍ୟବହାର କରି ଅସ୍ଥାୟୀ ରାସ୍ତା ନିର୍ମାଣ କରାଯିବ।




ଅନ୍ୟପଟେ ଯାତାୟାତ ବନ୍ଦ ହେବା ଫଳରେ ଦିନକୁଦିନ ସମସ୍ୟା ବଢ଼ିବାରେ ଲାଗିଛି। ଗାଡ଼ିଘୋଡା ବିକଳ୍ପ ରାସ୍ତାରେ ୫୦ କିମି ବୁଲି ଦୟନୀୟ ଅବସ୍ଥାରେ ଯାତାୟାତ କରୁଥିବାବେଳେ ଗାଡ଼ିଗୁଡ଼ିକ ଯାତ୍ରୀଭଡ଼ା ସହିତ ମାଲ୍‌ଭଡା ମଧ୍ୟ ବଢ଼ିବାରେ ଲାଗିଛି। ଏହାର ପ୍ରଭାବ ପନିପରିବା ଦରଦାମ ଉପରେ ପଡିଛି। ଗାଡ଼ି ବ୍ୟବସାୟ ମଧ୍ୟ ଠିକ୍‌ରେ ହେଉନଥିବା ବେଳେ ବହୁ ଗାଡ଼ି ଯାତାୟାତ ବନ୍ଦ କରି ଦେଇଛନ୍ତି। ଆଗକୁ ପାର୍ବଣ ଥିବାବେଳେ ଅଧିକ ଭଡ଼ା ପାଇଁ ବ୍ୟବସାୟୀ ଠିକ୍‌ରେ ମାଲ ମଗେଇବାକୁ ଭୟ କରୁଛନ୍ତି। କନ୍ଧମାଳର ପୁରା ବ୍ୟବସାୟ ବ୍ରହ୍ମପୁର ବଜାର ଉପରେ ନିର୍ଭର କରୁଥିବା ବେଳେ ଶୀଘ୍ର ରାସ୍ତା ମରାମତି ଶେଷ ସହିତ ଯାତାୟାତ ସ୍ୱାଭାବିକ ହେବାକୁ ଚାହିଁ ବସିଛନ୍ତି ଅଞ୍ଚଳବାସୀ ଓ ବ୍ୟବସାୟୀ।

# ଲୁଟ୍ ଅଭିଯୋଗରେ ୩ ଗିରଫ

ସେମିଳିଗୁଡା, ୨୦।୯ (ସମିସ): ଲୁଟ୍ ଅଭିଯୋଗରେ କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ପୁଲିସ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତମାନେ କୋରାପୁଟ ଟାଉନ ଥାନା ପରଜା ଲିମିକା ଗ୍ରାମର ଦୁଇ ଭାଇ ବୁଲୁ ଟାକ୍ରି (୨୭) ଦୈତାରୀ ଟାକ୍ରୀ (୨୯) ଏବଂ ସୁନାବେଡ଼ା ଥାନା ଚେରେଙ୍ଗାଗୁଡ଼ା ଗ୍ରାମର ସଞ୍ଜୟ କୁଳଦୀପ ବୋଲି ଜଣା ପଡ଼ିଛି । ପୁଲିସ ନିକଟରୁ ହସ୍ତଗତ ସୂଚନା ଅନୁଯାୟୀ, ୧୪ ତାରିଖ ଅପରାହ୍ନରେ ନନ୍ଦପୁର ରୋଡ଼ରେ ଥିବା ରେଲିଆନ୍ସ ପଏଣ୍ଟର ଗୌତମ ଗୁପ୍ତା ଭାରତ ମାଳା ଏକ୍ସପ୍ରେସ ହାଇୱେ ଦେଇ ପଟାଙ୍ଗି ଠାରୁ ସେମିଳିଗୁଡା ଫେରୁଥିଲେ । ସେହି ସମୟରେ ଦୁଇଜଣ ଯୁବକ ଓଡି ୧୦ ଏନ୍ ୧୧୧୮ ନମ୍ବର ଏକ ୟାମା ସଲୁଟୋ ବାଇକରେ ଆସି ଗୌତମ ଗୁପ୍ତାଙ୍କ ଗାଡ଼ି ବଳ ପୂର୍ବକ ଅଟକାଇ ଥିଲେ । ଗାଡ଼ି ଅଟକାଇବା ପରେ ଅଳ୍ପ ଦୂରରେ ଏକ କାରରେ ଥିବା ଅନ୍ୟ ଜଣେ ସେଠାରେ ପହଞ୍ଚିବା ପରେ ସମସ୍ତେ ମିଶି ଗୌତମଙ୍କ ଠାରୁ ୮୦୦୦ ଟଙ୍କା ଲୁଟି ନେବା ସହ ମୋବାଇଲ ଫୋନ୍ ମାଗି କେତେ ଟଙ୍କା ଅଛି ବୋଲି ଫୋନ୍ ପେ ଯାଞ୍ଚ କରିଥିଲେ । ହେଲେ ଫୋନ୍ ପେରେ କିଛି ନଥିବାରୁ ମୋବାଇଲ ଫୋନ୍ ଫେରାଇ ଦେଇ ଘଟଣା ସମ୍ପର୍କରେ କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ । ତେବେ ଲୁଟର ଶିକାର ହୋଇଥିବା ଗୌତମ ଅତି ଚତୁରତା ସହକାରେ ମୋବାଇଲରେ କାରର ଫଟୋ ଉଠାଇ ନେଇଥିଲେ । ପରେ ସେଠାରୁ ଆସି ଘଟଣା ସମ୍ପର୍କରେ ସେମିଳିଗୁଡା ଥାନାରେ ଅଭିଯୋଗ କରିଥିଲେ । ପୁଲିସ କାର ଫଟୋରୁ ନମ୍ବର ଜାଣି ତଲାସି ଆରମ୍ଭ କରିଥିଲେ । ଅଭିଯୁକ୍ତ ବ୍ୟବହାର କରିଥିବା ଓଡି ୦୫ ଏପି -୧୫୯୨ ନମ୍ବର କାର ସେମିଳିଗୁଡା ସହରରେ ବୁଲୁଥିବା ବେଳେ ପୁଲିସ ଉକ୍ତ କାର ସହ ବୁଲୁ ଟାକ୍ରିକୁ ଧରିବାରେ ସକ୍ଷମ ହୋଇଥିଲେ । ପରବର୍ତ୍ତୀ ସମୟରେ ବୁଲୁ ଠାରୁ ତଥ୍ୟ ନେଇ ଦୈତାରି ଟାକ୍ରି ଏବଂ ସଞ୍ଜୟ କୁଳଦୀପକୁ ଗିରଫ କରିଥିଲେ । ଗିରଫ ଅଭିଯୁକ୍ତମାନଙ୍କ ଠାରୁ କାର, ବାଇକ ଓ ନଗଦ ୫ ହଜାର ଟଙ୍କା ଜବତ କରାଯାଇଥିଲା । ଅଭିଯୁକ୍ତମାନଙ୍କ ବିରୋଧରେ ବିଏନଏସ ୩୦୯ (୬) ରେ ଏକ ମାମଲା (୧୧୯/୨୫) ରୁଜୁ କରି ତଦନ୍ତ ଚାଲିଥିବାବେଳେ ଗିରଫ ତିନିଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି ।



# ଡକାୟତି ଘଟଣାରେ ୫ ଗିରଫ

କୋରାପୁଟ/ସେମିଳିଗୁଡା, ୨୦।୯ (ସମିସ)

ପିସ୍ତଲ ଦେଖାଇ ଜଣେ ବ୍ୟକ୍ତିଙ୍କ ଠାରୁ ଟଙ୍କା ଓ ମୋବାଇଲ ଫୋନ୍ ଲୁଟି ନେବା ଅଭିଯୋଗରେ ୨ ନାବାଳକଙ୍କ ସହ ୫ ଜଣଙ୍କୁ ଧରିଛି । ୨ ନାବାଳକଙ୍କୁ ଜୁଭେନାଇଲ୍ ଜଷ୍ଟିସ ବୋର୍ଡ ନିକଟରେ ହାଜର କରିଥିବା ବେଳେ ଅନ୍ୟ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅତିରିକ୍ତ ଏସ୍‌ପି ଅମ୍ରିତ ମହାନ୍ତି ସୂଚନା ଦେଇଛନ୍ତି । ସୂଚନା ଅନୁଯାୟୀ, କୁନ୍ଦୁଲି ସ୍ଥିତ ବିଦେଶୀ ମଦ ଦୋକାନର କର୍ମଚାରୀ ମଧୁ ସୁଦନ ମହାନ୍ତି ୧୭ ତାରିଖ ସନ୍ଧ୍ୟାରେ ଫେରୁଥିବା ବେଳେ ନବ ନିର୍ମିତ ଭାରତ ମାଳା ଏକ୍ସପ୍ରେସ ହାଇୱେ ବାଙ୍ଗରୁଗୁଡ଼ା ଛକ ନିକଟରେ ୫ ଜଣ ଅଜଣା ଯୁବକ ତାଙ୍କୁ ଅଟକାଇ ପିସ୍ତଲ ଦେଖାଇ ଏକ ଭିଭୋ କମ୍ପାନୀର ଭି-୭୨ ମୋବାଇଲ ଫୋନ୍ ଏବଂ ନଗଦ ୧୫ ହଜାର ଟଙ୍କା ଲୁଟି ନେଇଥିଲେ । ଶ୍ରୀ ମହାନ୍ତି ତୁରନ୍ତ ଏ ସମ୍ପର୍କରେ ସେମିଳିଗୁଡ଼ା ଥାନାରେ ଏତଲା ଦେବା ପରେ ସବ ଇନ୍ସପେକ୍ଟର ବାବାଜୀ କହଁରଙ୍କ ନେତୃତ୍ୱରେ ଏକ ଟିମ୍ ଛାନଭିନ ଆରମ୍ଭ କରିଥିଲେ । ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ପୁଲିସ ଟିମ୍ ଅଚାନକ ଚଢ଼ଉ କରି ପଟାଙ୍ଗି ଥାନା ଗାଙ୍ଗରାଜପୁର ଗ୍ରାମର କୁନା ବାଙ୍କା (୨୯), ପଟାଙ୍ଗି ହରିଜନ ସାହିର ଅମର ଖୋସଲା ଓରଫ ରୋହିତ ଖୋସଲା (୧୯) ଏବଂ ସେମିଳିଗୁଡା ଥାନା ପିତାଗୁଡ଼ା ପଞ୍ଚାୟତ ଡମ୍ବଗୁଡ଼ା ଗ୍ରାମର ଆକାଶ କୁଳଦୀପ (୨୮) ସମେତ ଅନ୍ୟ ୨ ଜଣ ନାବାଳକଙ୍କୁ ଥାନାକୁ ଆଣି ଜେରା କରିବା ପରେ ସେମାନେ ଡକାୟତି କରିଥିବା ସ୍ୱୀକାର କରିଥିଲେ । ସେମିଳିଗୁଡ଼ା ପୁଲିସ ଅଭିଯୁକ୍ତ ମାନଙ୍କ ବିରୋଧରେ ବିଏନଏସ ଆଇନ ଅନ୍ତର୍ଗତ ଧାରା ୩୧୦(୨), ଆର୍ମ ଆକ୍ଟ ୨୫/୨୬ ରେ ମାମଲା ରୁଜୁ କରି ତିନିଜଣଙ୍କୁ କୋର୍ଟ ଚାଲାଣ କରିଥିବା ବେଳେ ଦୁଇ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଇଛନ୍ତି । ଅଭିଯୁକ୍ତମାନଙ୍କ ଠାରୁ ପୁଲିସ ୯୬୦୦ ଟଙ୍କା, ଏକ ବାଇକ, ଗୋଟିଏ କାର ଏବଂ ୯ ଏମଏମ ପିସ୍ତଲ ଭଳି ଦେଖାଯାଉଥିବା ଗୁଳି ନଥିବା ଏକ ହାତ ତିଆରି ପିସ୍ତଲ ଜବତ କରିଥିବା ଅତିରିକ୍ତ ଏସପି ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି ।



**ପିସ୍ତଲ, ବାଇକ ଓ କାର୍ ଜବତ**

## ପାଣି ମିଟର ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୨୦।୯ (ସମିସ): ଜନସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପାନୀୟ ଜଳ ଲାଇନ ନେଇଥିବା ପ୍ରତ୍ୟେକ ଘରେ ସଂଯୋଗ କରାଯାଇଥିବା ମିଟର ଚୋରି କରିବା ଅଭିଯୋଗରେ ଜୟପୁର ଟାଉନଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ସ୍ଥାନୀୟ ବାପୁଜୀ ନଗରର ଶୁଭମ ପାଢ଼ୀ ଓରଫ ପଦ୍ମନ । ଗତଦୁଇ ଦିନ ତଳେ ଜୟପୁର ସହରର ପ୍ରାୟ ଏକଶହରୁ ଊର୍ଦ୍ଧ୍ୱ ପାଣି ମିଟର ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଭିତ୍ତିକରି ଟାଉନ ପୁଲିସ ଏକ ମାମଲା ରୁଜୁ କରିବା ପରେ ତଦନ୍ତ ଆରମ୍ଭ କରିଥିଲା । ଏସଆଇ ରାଜେନ୍ଦ୍ର ପାଙ୍ଗି ଅଭିଯୁକ୍ତକୁ ଗିରଫ କରିବା ସହ ତାଙ୍କ ନିକଟରୁ ଚୋରି ହୋଇଥିବା ୨୮ ଟି ମିଟର ଜବତ କରିଛନ୍ତି ।

## ନବରଙ୍ଗପୁରର ମହିଳା ଉମ୍ପୁରୀ ଗ୍ରାମରୁ ନିଖୋଜ

ଜୟପୁର, ୨୦।୯ (ସମିସ): ନବରଙ୍ଗପୁର ଜିଲ୍ଲା ଝରିଗାଁ ଥାନା ଚଚା ଗ୍ରାମର ମହିଳା ଲଚିମଦେଈ ହାଲବା (୪୨) ନିଜ ଝିଅ ରଞ୍ଜିତା ହାଲବା ଏବଂ ତାଙ୍କ ଶାଶୁଙ୍କ ସହିତ ଜୟପୁର ସଦରଥାନା ଉମରୀ ଗ୍ରାମକୁ ବୁଲିବାକୁ ଆସିଥିବାବେଳେ ଗତ ବୁଧବାର ପୂର୍ବାହ୍ନରେ କେଉଁ ଆଡେ ଚାଲିଯାଇଥିବା ନେଇ ଝିଅ ରଞ୍ଜିତା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିବା ପରେ ଗତକାଲି ଥାନାରେ ଅଭିଯୋଗ କରାଯାଇଛି । ଏନେଇ ପୁଲିସ ପକ୍ଷରୁ ଏକ ନିରୁଦ୍ଦିଷ୍ଟ ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଥିବା ନେଇ ଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି ।

## ଦେଶୀମଦ ଚଲାଣ ଅଭିଯୋଗରେ ମହିଳାଙ୍କ ସମେତ ୩ ଗିରଫ

ଜୟପୁର, ୨୦।୯ (ସମିସ): ଦେଶୀମଦ ଚଲାଣ କରି ଅଭିଯୋଗରେ ଜୟପୁର ଅବକାରୀ ଥାନା ପକ୍ଷରୁ ଜଣେ ମହିଳାଙ୍କ ସମେତ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି । ଗିରଫ ଅଭିଯୁକ୍ତମାନେ ହେଲେ ଦାମାପୁଟ ଗ୍ରାମର ମହିଳା ମଣି ହରିଜନ (୩୩), ଗଡ଼ପଦର ଗ୍ରାମର ଜଗନ୍ନାଥ ଟାକ୍ରି (୫୧) ଏବଂ ସାଜନ ହରିଜନ (୨୧) । ଅବକାରୀ ଏସ୍‌ଆଇ ସୁବ୍ରତ କେଶରୀ ହିରନଙ୍କ ସୂଚନା ଅନୁଯାୟୀ ଗିରଫ ମହିଳା ଜଣକ ନିଜେ ମଦ ବିକ୍ରି କରିବା ସହ ଚାଲଣ କରୁଥିବା ବେଳେ ତାଙ୍କ ନିକଟରୁ ଏକ ୮ ଲିଟର ବେଆଇନ ଦେଶୀ ମଦ ଜବତ କରାଯାଇଥିଲା । ଗଡପଦର ନିକଟସ୍ଥ ଡମଗୁଡାର ଅଭିଯୁକ୍ତ ଜଗନ୍ନାଥ ୧୫ ଲିଟର ବେଆଇନ ଦେଶୀମଦ ଚାଲାଣ କରୁଥିବା ଓ ଗଡ଼ପଦର ଅଭିଯୁକ୍ତ ସାଜନ ୧୭ ଲିଟର ବେଆଇନ ଦେଶୀମଦ ଚାଲାଣ କରୁଥିବା ବେଳେ ଅବକାରୀ ବିଭାଗ ଦଳ ଦ୍ୱାରା ଧରାପଡ଼ି ଗିରଫ ହୋଇଥିଲେ । ସମସ୍ତ ଅଭିଯୁକ୍ତମାନେ ଗାଡି ଚକା ଟ୍ୟୁବ ମାଧ୍ୟମରେ ଏହି ଦେଶୀ ମଦ ଚାଲାଣ କରୁଥିଲେ ।

**ଅର୍ଦ୍ଧନିର୍ମିତ ଅଙ୍ଗନବାଡ଼ି କେନ୍ଦ୍ର**

## ଆଶାକର୍ମୀଙ୍କ ଘର ବାରଣ୍ଡାରେ ଚାଲୁଛି ପାଠପଢ଼ା



ବୈପାରିଗୁଡ଼ା, ୨୦।୯ (ସମିସ): ୫ ବର୍ଷ ଧରି ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ି ରହିଛି ଅଙ୍ଗନବାଡ଼ି କେନ୍ଦ୍ର । ଜଣେ ଆଶା କର୍ମୀଙ୍କ ଘର ବାରଣ୍ଡାରେ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି ଅଙ୍ଗନବାଡିର କୋମଳମତି ଶିଶୁ । ଦୀର୍ଘ ୫ ବର୍ଷ ତଳେ ବୈପାରିଗୁଡ଼ା ବ୍ଲକର କେନ୍ଦୁଗୁଡ଼ା ପଞ୍ଚାୟତର ବ୍ରାହ୍ମଣଗୁଡାଠାରେ ନୂତନ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣ ପାଇଁ ଟଙ୍କା ମଞ୍ଜୁର ହୋଇଥିଲା । ନୂତନ ଗୃହରେ ବର୍ଷା ଖରାକୁ ନଡରି ପିଲା ନିର୍ଭୟରେ ପ୍ରାକ୍ ଶିକ୍ଷା ଗ୍ରହଣ କରିବେ ବୋଲି ଆଶା କରିଥିଲେ ଅଭିଭାବକ । କିନ୍ତୁ ୫ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ । ଅଙ୍ଗନବାଡ଼ି କର୍ମୀ ବାଧହୋଇ କୋମଳମତି ଶିଶୁମାନଙ୍କୁ ସେହି ଗ୍ରାମର ଜଣେ ଦୟାଳୁ ଆଶା କର୍ମୀଙ୍କ ଘର ବାରଣ୍ଡାରେ ଜାଗା ଖଣ୍ଡିକ ଦେଇଥିବାରୁ ପିଲା ସେଠାରେ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି । ବାରମ୍ବାର ଅଭିଯୋଗ ହେବାପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ ଅଙ୍ଗନବାଡି କେନ୍ଦ୍ର ଗୃହ । ଏ ସମ୍ପର୍କରେ ବୈପାରିଗୁଡ଼ା ସିଡ଼ିପିଓ ସବିତା ବ୍ରହ୍ମାଙ୍କୁ ପଚାରିବାରୁ, ଗୃହ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ପାଇଁ ବିଡ଼ିଓଙ୍କୁ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଉଛି । ଏପରିକି ଲିଖିତ ଆକାରରେ ମଧ୍ୟ ଦିଆଯାଇଛି ବୋଲି ପ୍ରକାଶ କରିଥିଲେ । ସ୍ଥାନୀୟ ସରପଞ୍ଚ ଅଭିମନ୍ୟୁ ନାୟକଙ୍କ ସହ ଯୋଗାଯୋଗ କରିବାରୁ ଅଙ୍ଗନବାଡ଼ି କେନ୍ଦ୍ର ଗୃହ ନିର୍ମାଣ ବାବଦକୁ ବଳକା ଟଙ୍କା ରହିଛି ଓ ଯଥାଶୀଘ୍ର ସମ୍ପୂର୍ଣ୍ଣ କରାଯିବ ବୋଲି କହିଥିଲେ ।

## ମହାବିଦ୍ୟାଳୟରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ




ସେମିଳିଗୁଡ଼ା, ୨୦।୯ (ସମିସ): କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟ ସ୍ୱାବଲମ୍ବୀ ଭାରତ ଅଭିଯାନ ଅନ୍ତର୍ଗତ ମହାବିଦ୍ୟାଳୟ ପ୍ରାଙ୍ଗଣରେ 'ଉଦ୍ୟମିତା ପ୍ରୋତ୍ସାହନ' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥି ଭାବରେ ସ୍ୱଦେଶୀ ଯୁବ ପ୍ରମୁଖ ତନ୍ମୟ ପ୍ରଧାନ ଏବଂ ନଗର ସହ ସଂଯୋଜକ ପ୍ରଦୀପ୍ତ ବାରିକ ଯୋଗଦେଇଥିଲେ । ମହାବିଦ୍ୟାଳୟର ଅଧକ୍ଷା ଝାନ୍ସୀ ସିଂହ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ବର୍ତ୍ତମାନର ଯୁବପିଢ଼ି ଚାକିରୀ ଖୋଜିବା ପରିବର୍ତ୍ତେ ଚାକିରୀ ଦେବା ଆଡ଼କୁ ଧ୍ୟାନ ଦିଅନ୍ତୁ ବୋଲି ଶ୍ରୀ ପ୍ରଧାନ କହିଥିଲେ । ଶ୍ରୀ ବାରିକ ଯୁବମାନେ ନିଜ ମାଟି, ନିଜ ସମ୍ପଦ ଓ ନିଜ ପାରମ୍ପରିକ ଜ୍ଞାନକୁ ପୁନରୁଦ୍ଧାର କରି ଏକ ସମୃଦ୍ଧ ଭାରତ ଗଠନରେ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ । ଅଧକ୍ଷା ଝାନ୍ସୀ ସିଂହ ବର୍ତ୍ତମାନର ପ୍ରତିଯୋଗିତାମୂଳକ ଯୁଗରେ ଛାତ୍ରଛାତ୍ରୀମାନଙ୍କୁ ଶିକ୍ଷିତ ହେବାସହ ସ୍ୱାବଲମ୍ବୀ ହେବାପାଇଁ ପ୍ରେରିତ କରାଯିବା ଆବଶ୍ୟକ ବୋଲି କହିଥିଲେ । କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶୁଭ୍ରାଂଶୁ ସୁନ୍ଦର ଦାସ, ଦେବରାଜ ନାୟକ, ଶିବାଶିଷ ପଟନାୟକ, ରତ୍ନମଣି କହ୍ନର, ଦିଗେଶ୍ୱରୀ ଶିଖା, ଲକ୍ଷ୍ମୀପ୍ରିୟା ଖରା, ରୋନାଲି ନାୟକ, ଆମିଶା ପାଢ଼ୀ ଓ ଅନ୍ୟ ଅଧ୍ୟାପକ ଓ ଅଧ୍ୟାପିକା, ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

## ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନାଚକ୍ର

କୋରାପୁଟ, ୨୦।୯ (ସମିସ): ପିଏମ୍ ଶ୍ରୀ କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟଠାରେ ଜିଲ୍ଲାସ୍ତରୀୟ ବିଜ୍ଞାନ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଛି । କ୍ୱାଣ୍ଟମ ଯୁଗ ଆରମ୍ଭ, ସମ୍ଭାବ୍ୟତ ଓ ଆହ୍ୱାନ ବିଷୟବସ୍ତୁ ଉପରେ ଅନୁଷ୍ଠିତ ବିଜ୍ଞାନ ଆଲୋଚନା ଚକ୍ରରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୩ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ । କୋଟପାଡ଼ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ବନ୍ଦନା ପ୍ରିୟଦର୍ଶିନୀ ରଥ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଲମତାପୁଟ ବ୍ଲକର ଅଙ୍କିତ ରାଜ ବାଙ୍କିଆ ଦ୍ୱିତୀୟ ଏବଂ ବନ୍ଧୁଗାଁ ବ୍ଲକର ରୋସନ ପଣ୍ଡିତ ତୃତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଛନ୍ତି । ବିଚାରକ ଭାବେ ପଦାର୍ଥ ବିଜ୍ଞାନ ଅଧ୍ୟାପକ ଲକ୍ଷ୍ମୀପ୍ରିୟା ଶ୍ରୀଚନ୍ଦନ ଓ ଅଜୟ କୁମାର ବେହେରା ଦାୟିତ୍ୱ ତୁଲାଇଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି, ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅନନ୍ତ କୁମାର ଦଳପତି, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରିତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ବରିଷ୍ଠ ଶିକ୍ଷୟିତ୍ରୀ ସଙ୍ଗୀତା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।



## ଚୋରି ମାମଲାରେ ୩ ଜଣଙ୍କୁ ୩ ବର୍ଷ ଜେଲ୍

ରାୟଗଡ଼ା, ୨୦।୯ (ସମିସ): ରାୟଗଡ଼ ଏସ୍‌ଡିଜେଏମ୍ ଏକ ବାଇକ ଚୋରି ମାମଲାର ବିଚାର କରି ୩ ଜଣ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡ ସହ ୧୦ ହଜାର ଜୋରିମାନା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି । ଜୋରିମାନା ଅନାଦେୟ ସ୍ଥଳେ ଅତିରିକ୍ତ ୬ ମାସ କାରାଦଣ୍ଡ ନିମନ୍ତେ ରାୟରେ ଉଲ୍ଲେଖ କରିଛନ୍ତି । ଚଳିତ ବର୍ଷ ଏପ୍ରିଲ ୩ ତାରିଖରେ ଚାନ୍ଦିଲି ଥାନା ଅନ୍ତର୍ଗତ ତାମ୍ପରଗୁଡ଼ା ଗ୍ରାମରୁ ବାଳକୃଷ୍ଣ ଦଳପତିଙ୍କ ମୋଟର ସାଇକେଲ ଚୋରି ଘଟଣାକୁ ନେଇ ଏକ ମାମଲା ରୁଜୁ ହୋଇଥିଲା । ଏହାକୁ ଭିତ୍ତି କରି ଚାନ୍ଦିଲି ଥାନା କେସ ନଂ ୯୭/୨୫, ଦଫା ୩୦୩(୨)ରେ ମାମଲା ରୁଜୁ କରି ଏସଆଇ ଆଶୁତୋଷ ସାହୁଙ୍କୁ ତଦନ୍ତ ଭାର ଦିଆଯାଇଥିଲା । ଏହି ଘଟଣାରେ ସମ୍ପୃକ୍ତ ଥିବା ୩ ଅଭିଯୁକ୍ତ ଅରଜୁ ପିଡିକା, ସହଦେବ ମାଣ୍ଡାଙ୍ଗି, ବିଜୟ ମାଣ୍ଡିଆ ସାହୁଙ୍କ ପାଖରୁ ଗାଡି ଜବତ କରିବା ସହ କୋର୍ଟଚାଲାଣ କରିଥିଲେ । ଏହି କେସରେ ମୋଟ ୧୨ ଜଣଙ୍କ ସାକ୍ଷ୍ୟ ପ୍ରମାଣ ଗ୍ରହଣ କରାଯାଇ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା । ମାମଲାକୁ ସରକାରୀ ଓକିଲ ସଚ୍ଚିଦାନନ୍ଦ ଖାଡଙ୍ଗା ପରିଚାଳନା କରୁଥିଲେ ।

**● ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ**

## ଦାମ କନ୍ଦପାଣି ସଭାପତି, ଦିଲ୍ଲୀପ ଟାକ୍ରି ସମ୍ପାଦକ



କୋରାପୁଟ, ୨୦।୯ (ସମିସ): ସ୍ଥାନୀୟ ଦକ୍ଷତା ବିକାଶ କେନ୍ଦ୍ର ସମ୍ମିଳନୀ କକ୍ଷରେ ଶନିବାର କୋରାପୁଟ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଛି । ସଭାପତି ପାଇଁ ତ୍ରିନାଥ ହରିଜନ ଏବଂ ଦାମ କନ୍ଦପାଣିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଥିବାବେଳେ ଦାମ କନ୍ଦପାଣି ୪୦ ଖଣ୍ଡ ଭୋଟ ପାଇ ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି । ସେହିପରି ଦିଲ୍ଲୀପ ଟାକ୍ରି ସମ୍ପାଦକ ଭାବେ ନିର୍ବାଚିତ ହୋଇଥିବାବେଳେ କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମଣ ସଗର ନିର୍ବାଚିତ ହୋଇଛନ୍ତି । ରାଜ୍ୟ ସଭାପତି ଧୀରେନ୍ଦ୍ର ପଟ୍ଟନାୟକଙ୍କ ଉପସ୍ଥିତିରେ ବରିଷ୍ଠ ଶିକ୍ଷକ ରମେଶ ସାହୁ, ସୁରେନ୍ଦ୍ର କୁଲଦୀପ, ରାଜେନ୍ଦ୍ର ସାହୁ ଏବଂ ଗୋକୁଳି ପ୍ରଧାନ ନିର୍ବାଚନ ପରିଚାଳନା କରିଥିବାବେଳେ ବିଜୟ ମାଝି, ଏମ୍ ସୁରେଶ କୁମାର, ମଧୁ ସୁଦନ ଖେମୁଣ୍ଡୁ, ପ୍ରଭାତ କାଟିଆ, ସୁନୀଲ ଟାକ୍ରି, ଦେବେନ୍ଦ୍ର ଟାକ୍ରି, ରାମ ପଟ୍ଟନାୟକ ପ୍ରମୁଖ ସହାୟତା କରିଥିଲେ ।

## 'ବିକଶିତ ଭାରତ ଗଠନ ପାଇଁ ଜିଏସ୍‌ଟି ସଂସ୍କାର ଏକ ଯୁଗାନ୍ତକାରୀ ପଦକ୍ଷେପ'

ଉମରକୋଟ, ୨୦।୯ (ସମିସ): ନବରଙ୍ଗପୁର ଜିଲ୍ଲା ବିଜେପି ପକ୍ଷରୁ ଉମରକୋଟଠାରେ ଆଜି ଜିଏସଟି ସଂସ୍କାର ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ସାଂସଦ ବଳଭଦ୍ର ମାଝୀ କେନ୍ଦ୍ର ସରକାରଙ୍କ ଜିଏସ୍‌ଟି ସଂସ୍କାର ସମ୍ପର୍କରେ ଅବଗତ କରାଇଥିଲେ । ପୁରୁଣା ଜିଏସଟି ହାର ୫ ପ୍ରତିଶତରୁ ୨୮ ପ୍ରତିଶତ ଥିବା ବେଳେ ବର୍ତ୍ତମାନ ଏହା ଶୂନ ପ୍ରତିଶତରୁ ୧୮ ପ୍ରତିଶତ କରାଯାଇଛି । କରଦାତାଙ୍କ ସଂଖ୍ୟା ୧ କୋଟି ୯୧ ଲକ୍ଷରେ ପହଞ୍ଚିଛି । ବିକଶିତ ଭାରତ ଗଠନ ପାଇଁ ଏହି ଜିଏଟି ସଂସ୍କାର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ସାଂସଦ ଶ୍ରୀ ମାଝୀ ମତବ୍ୟକ୍ତ କରିଥିଲେ । ଘରକାରଣା ସାମଗ୍ରୀ, କସମେଟିକ, ଫୁଟୱେର, ଖାଦ୍ୟ ସାମଗ୍ରୀ, ବିଶେଷତଃ କୃଷିକ୍ଷେତ୍ର ପାଇଁ ଆବଶ୍ୟକ ସାମଗ୍ରୀ ଗୁଡିକରେ ଜିଏସଟି ସଂସ୍କାର ନିମ୍ନ ମଧ୍ୟବିତ୍ତ ବର୍ଗ ପାଇଁ ସହାୟକ ହେବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ବିଜେପି ସଭାପତି କୁଞ୍ଜ ବିହାରୀ ଦାସ, ମନ୍ତ୍ରୀ ପ୍ରତିନିଧି ଅଶୋକ ପାଢ଼ୀ ଉପସ୍ଥିତ ଥିଲେ ।



# ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ; ଫାଇନାଲରେ ଉମରି ଦଳ

ନବରଙ୍ଗପୁର, ୨୦।୯ (ସମିସ)



ନବରଙ୍ଗପୁର ଟାଉନ ଫୁଟବଲ୍ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ କଲେଜ ଫୁଟବଲ୍ ପଡ଼ିଆରେ ଦଶହରା କପ୍ ଫୁଟବଲ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବରେ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ପ୍ରହ୍ଲାଦ ତ୍ରିପାଠୀ, ଉପସଭାପତି ତରିକ ହସନ୍ ଖାନ, ସହ ସମ୍ପାଦକ ମନୋଜ କୁମାର ପଟ୍ଟନାୟକ, ରାଜ୍ୟ ଓକିଲ ସଂଘର ଉପସଭାପତି ନରସିଂହ ନାଥ ତ୍ରିପାଠୀ, ବୈଷ୍ୟ ସମାଜର ସଭାପତି ପି. ଭେଙ୍କଟ, ସମ୍ପାଦକ ଏନ୍. ଈଶ୍ୱର ରାଓ, ବାରିକ ସଂଘର ସଭାପତି ଏନ୍. ଗଣେଶ, ପରିବର୍ତ୍ତନ ଫାଉଣ୍ଡେସନର ସଭାପତି ନିନିବାବୁ ତ୍ରିପାଠୀ, ପ୍ରାକ୍ତନ ଫୁଟବଲ୍ ଖେଳାଳୀ ଶିବ ଶଙ୍କର ଗନ୍ତାୟତ, ସମାଜସେବୀ କୁମୁଦ ନାୟକ ପ୍ରମୁଖ ଯୋଗ ଦେଇ ଖେଳାଳୀମାନଙ୍କୁ ଉତ୍ସାହିତ କରିଥିଲେ । ଏକ ସଂଘର୍ଷ ପୂର୍ଣ୍ଣ ସେମିଫାଇନାଲ ମ୍ୟାଚରେ କୋରାପୁଟ ଜିଲ୍ଲାର ଉମରି ଦଳ ନବରଙ୍ଗପୁର କଲେଜ ଦଳକୁ ୧-୦ ଗୋଲରେ ପରାସ୍ତ କରି ଦଶହରା କପ୍ ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ସୂଚନାଯୋଗ୍ୟ, ଏହି ଟୁର୍ଣ୍ଣାମେଣ୍ଟରେ ଅବିଭକ୍ତ କୋରାପୁଟ ଜିଲ୍ଲାର ମୋଟ ୧୬ ଗୋଟି ଦଳ ଅଂଶ ଗ୍ରହଣ କରିଛନ୍ତି । ଆଗାମୀ ୨୨ ତାରିଖ ସୋମବାର ଦିନ ପ୍ରଥମ ଥର ପାଇଁ ରାତ୍ରରେ ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଣ୍ଟର ମୁଖ୍ୟ ଅଶୋକ ପାତ୍ର କହିଛନ୍ତି । ଆଜିର ମ୍ୟାଚରେ ରେଫେରୀ ଭାବରେ ସଞ୍ଜୟ ଜେନା, ଲାଇନ୍ ରେଫେରି ଭାବରେ ବାବୁଲି ଖୋସଲା, ରଇଲା ଭତରା ପ୍ରମୁଖ ପରିଚାଳନା କରିଥିଲେ ।

# ଐତିହାସିକ ପୋଡ଼ାଗଡ଼ରେ ପ୍ରାକ୍ ଦଶହରା

ଉମରକୋଟ, ୨୦।୯ (ସମିସ): ଉମରକୋଟ ବ୍ଲକ ଭଣ୍ଡାରିଗୁଡ଼ା ଗ୍ରାମପଞ୍ଚାୟତର ଐତିହାସିକ ପୀଠ ପୋଡ଼ାଗଡ଼ରେ ପାରମ୍ପରିକ ପ୍ରାକ୍ ଦଶହରା ଉତ୍ସବ ପାଳିତ ହୋଇଯାଇଛି । ପଞ୍ଚମ ଶତାବ୍ଦୀର ନଳ ରାଜାଙ୍କ ଶାସନ କାଳରୁ ତାଙ୍କ ଇଷ୍ଟଦେବୀ ଗାଦିମା, ବୀର ନାରାୟଣୀ ଗୁଣ୍ଡୁରୁ, ଭୈରବ ମଣ୍ଡଳ, ଭୀମା ଜଟିଆ ରାଓ, ବୁଟକି ମାଉଲି, ବୁଟକି ମାଉଲି ମନ୍ଦିରରେ ୯୩ ମୌଜାର ରଇତ ପୂଜାରୀ ଯୋଗଦେଇଅସୁଥିବାବେଳେ ମୁଖ୍ୟ ପୂଜକ କୃଷ୍ଣ ପୂଜାରୀ ଓ ବିଂଝାଲ ପୂଜାରୀ ସମେତ ପାର୍ଗଣିଆମାଝୀ, ମହେନ୍ଦ୍ର ମାଝୀ, ପର୍ଗନିଆ ଗଣ୍ଡା, ବଳ ଗଣ୍ଡା, ପୋଡ଼ାଗଡ଼ ସେବାୟତ ଚାରିଟେବୁଲ ଟ୍ରଷ୍ଟର ସଭାପତି ଉଦ୍ଧବ ଚରଣ ନାୟକ ଓ ମୁଖ୍ୟ ଉପଦେଷ୍ଟା କୈଳାସ ଚନ୍ଦ୍ର ବେହେରା, ଦେବ ପୂଜାରୀ, ହରି ଶିରା, ଦମ୍ଭ ପୂଜାରୀ, ନରସିଂହ ପୂଜାରୀ, ସରାଗୁଡ଼ାର ଅନ୍ତରାମ ପୂଜାରୀ, ତୋରେଙ୍ଗା ଦେବରାଜ ପୂଜାରୀ, ମାଲବେଡ଼ାର ଦଶା ପୂଜାରୀ, ସିଂସାରିର ବାଲଚାନ୍ଦ ପୂଜାରୀ, କର୍ଲବେଡ଼ାର ଦେବ ପୂଜାରୀ, ପଦମ ଶିରା, ମେଣ୍ଡ୍ରିଗୁଡ଼ାର ବନ୍ଧୁ ପୂଜାରୀ, ରାଜପୁରର ସଭା ପୂଜାରୀ, ପୋଡ଼ାଗଡ଼ର ନାରାୟଣ ପୂଜାରୀ, ଲକ୍ଷ୍ମଣ ପୂଜାରୀ ଓ ପୂର୍ଣ୍ଣ ପୂଜାରୀ, ତୋରେଙ୍ଗାର ଲଛମନ ପୂଜାରୀ ଓ ମୀନ ଶିରା, ଛୋଟାଗୁଡ଼ାର ପଦନ ଶିରା, କୁସା ହାଣ୍ଡି, ବସ୍ତର ଜିଲ୍ଲାର ତରୁଣ ଶିରା, ମାଲବେଡ଼ା ସୁଦର ଶିରା, ଗୁରୁବନ୍ଧୁ ଶିରା, ପୋଡ଼ାଗଡ଼ର ଜଲ ଶିରା, ତେଲଗାଁର ଲଛନ ଶିରା, ନେହୁରାର ରାମ ଶିରା, ସିଲାଟିର ହରି ପୂଜାରୀ, ତୋରେଙ୍ଗାର ଡମ୍ବରୁ ଶିରା, ଲଛମା ଶିରା, ମୋକିଆର ଅନନ୍ତ ଶିରା, ଦୁର୍ଯ୍ୟୋଧନ ଶିରା, ଦୁରାଗାଁ କଳିବେଡ଼ାର ଲଛିମଧର ପୂଜାରୀ, ଲାଇବନ ଗୌଡ଼, ଗୁରୁବାନ୍ଧୁ ଦୋଲା ଓ ରଘୁନାଥ ମୁଖିଆ ମୁଣ୍ଡିଗୁଡ଼ାର ରାମ ପୂଜାରୀ, ଅଲମାଗୁଡ଼ାର ନରେନ୍ଦ୍ର ପୂଜାରୀ ଆଜିର ପୂଜାରେ ଯୋଗଦେଇଥିଲେ ।



# କାର୍ତ୍ତିକ ପରେ ପରୀକ୍ଷାମୂଳକ ଧାଡ଼ି ଦର୍ଶନ

**ଖୁବ୍‌ଶୀଘ୍ର ଦିବ୍ୟାଙ୍ଗଙ୍କ ଦର୍ଶନ ପାଇଁ ମାର୍ଗଦର୍ଶିକା**
**ଶ୍ରୀମନ୍ଦିର ଅଧୀନକୁ ଆସିବ ଏମାର ମଠ ରୁପାଇଟା !**

ପୁରୀ, ୨୦।୯ (ସମିସ): ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା ଯୋଜନା ଘୁଞ୍ଚିଘୁଞ୍ଚି ଯାଉଛି। ଏହାକୁ ନେଇ ଅଧିକାରୀ କୌଣସି ସିଦ୍ଧାନ୍ତରେ ପହଞ୍ଚି ପାରୁ ନଥିବା ବେଳେ ଭକ୍ତ ଓ ସେବାୟତ ବି ଦ୍ୱନ୍ଦ୍ୱରେ ରହିଛନ୍ତି। ଧାଡ଼ି ଦର୍ଶନ ପାଇଁ ପୂର୍ବରୁ ଅନେକବାର ସମୟ ଧାର୍ଯ୍ୟ ହୋଇଥିଲେ ହେଁ ତାହା ହୋଇପାରିନାହିଁ। ଶେଷଥର, ସେପ୍ଟେମ୍ବର ୧୫ ସୁଦ୍ଧା ଧାଡ଼ି ଦର୍ଶନ ଆରମ୍ଭ କରାଯିବ ବୋଲି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଘୋଷଣା କରିଥିଲେ। କିନ୍ତୁ, ତାହା ହୋଇନଥିବା ବେଳେ ଆଜିର ଛତିଶାନିଯୋଗ ବୈଠକରେ ପୁଣି ନୂଆ ସମୟ ଦିଆଯାଇଛି। କାର୍ତ୍ତିକ ମାସ ପରେ ପରୀକ୍ଷାମୂଳକ ଭାବେ ଏହା ଆରମ୍ଭ କରାଯିବ ବୋଲି ଏଥିରେ ପ୍ରସ୍ତାବ ଦିଆଯାଇଛି। ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି, କାର୍ତ୍ତିକ ମାସ ନୀତିବହୁଳ ରହୁଥିବାରୁ ସମସ୍ତେ କାର୍ତ୍ତିକ ମାସ ପରେ ଧାଡ଼ି ଦର୍ଶନ ଆରମ୍ଭ କରିବାକୁ ପ୍ରସ୍ତାବ ଦିଆଯାଇଛି। କାର୍ତ୍ତିକ ମାସ ପରେ ପ୍ରଥମେ ପରୀକ୍ଷାମୂଳକ ଭାବେ ଧାଡ଼ି ଦର୍ଶନ ଆରମ୍ଭ କରାଯିବ। ସେହିପରି, ବୈଠକରେ ଦିବ୍ୟାଙ୍ଗମାନଙ୍କ ସହଜରେ ଦର୍ଶନ ସୁବିଧା ନେବା ଉପରେ ଆଲୋଚନା କରାଯାଇଛି। ପରମ୍ପରାକୁ କ୍ଷୁଣ୍ଣ ନକରି ସେମାନଙ୍କ ପାଇଁ ଏସ୍‌ଓପି ପ୍ରସ୍ତୁତ ହେବ। ଖୁବ୍‌ଶୀଘ୍ର ଦିବ୍ୟାଙ୍ଗମାନଙ୍କ ଦର୍ଶନ ପାଇଁ ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

ବୈଠକରେ ରତ୍ନଭଣ୍ଡାର ମରାମତି ଓ ସଂରକ୍ଷଣ, ହୁଣ୍ଡି ସ୍ଥାନାନ୍ତର, ସେବାୟତଙ୍କ କଲ୍ୟାଣ, ହବିଷ୍ୟାଳି ମା'ମାନଙ୍କ ଶୃଙ୍ଖଳିତ ଦର୍ଶନ, ବିଭିନ୍ନ ପ୍ରକାର ଉନ୍ନତିମୂଳକ କାମ ସମ୍ପର୍କରେ ମଧ୍ୟ ଆଲୋଚନା କରାଯାଇଛି। ବିଭିନ୍ନ ସମୟରେ ଶ୍ରୀମନ୍ଦିର ଭିତର ଫଟୋ ଏବଂ ଭିଡିଓ ଭାଇରାଲ ହେଉଥିବାରୁ ଏହା ଉପରେ ସମ୍ପୂର୍ଣ୍ଣ ରୋକ୍ ଲଗାଇବା ପାଇଁ ଆଲୋଚନା କରାଯାଇଛି। ଭକ୍ତଙ୍କ ମୋବାଇଲ୍ ନେବା ଉପରେ କଟକଣା ରହିଛି। ଯଦି ବି ସେବାୟତ କିମ୍ବା ଅନ୍ୟ କୌଣସି କର୍ମଚାରୀଙ୍କ ଜରୁରୀ ବାର୍ତ୍ତା ଦେବାର ଥାଏ, ସେମାନେ ଖୋଲାଖୋଲି କଥା ହୋଇପାରିବେ ନାହିଁ। ନିର୍ଦ୍ଦିଷ୍ଟ ସ୍ଥାନକୁ ଯାଇ କଥା ହେବେ। ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଗାଇଡ୍‌ଲାଇନ୍ ପ୍ରସ୍ତୁତ କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ଜେଟିପିମାନଙ୍କ ଏବଂ ପରେ ସେବକଙ୍କ ପାଇଁ ଲାଗୁ ହେବ ମୋବାଇଲ୍ କଟକଣା। ବିଶୃଙ୍ଖଳା ଆଚରଣ କଲେ, କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମୁଖ୍ୟ ପ୍ରଶାସକ କହିଛନ୍ତି। ନୀତିକାନ୍ତି ଶୃଙ୍ଖଳିତ ପାଇଁ ଏକ ସମନ୍ୱୟ କମିଟି ଗଠନ କରାଯାଇଛି। ସେମାନେ ପ୍ରତ୍ୟେକ ବୁଧବାର ବସି ନୀତିକାନ୍ତି ଉପରେ ବିଶେଷ ତର୍ଜମା କରିବେ। ସମସ୍ତଙ୍କ ପରାମର୍ଶକୁ ପାଥେୟ କରି ନୀତି ଶୃଙ୍ଖଳା କରାଯିବ।

ସେହିପରି, ଏମାର ମଠ ରୁପା ଇଟା ପ୍ରସଙ୍ଗରେ ବୈଠକରେ ଆଲୋଚନା କରାଯାଇଥିଲା। ଏହି ମାମଲା ବିଚାରାଧୀନ ରହିଛି। ଯେହେତୁ ମଠ, ମନ୍ଦିରର ସମ୍ପତ୍ତି ମହାପ୍ରଭୁଙ୍କ ଶ୍ରୀଜଗନ୍ନାଥଙ୍କ ବୋଲି କୋର୍ଟଙ୍କ ରାୟ ରହିଛି, ତେଣୁ ଏହାକୁ ଶ୍ରୀମନ୍ଦିର ଅଧୀନକୁ ଆଣିବା ପାଇଁ କହିଥିଲେ। ଆମେ ଏନେଇ ରାଜ୍ୟ ସରକାରଙ୍କୁ ଅନୁରୋଧ କରିବୁ। କିନ୍ତୁ ଏହା ଏକ ବିଚାରାଧୀନ ପ୍ରକ୍ରିୟା। ତଥାପି ଏହା ଶ୍ରୀମନ୍ଦିର ଅଧୀନକୁ ଆସିବ ବୋଲି ଆଶା ରଖିଛୁ ବୋଲି କହିଛନ୍ତି ମୁଖ୍ୟ ପ୍ରଶାସକ। ସେହିପରି ସୁନାବେଶ ବ୍ୟତୀତ ମହାପ୍ରଭୁଙ୍କ ପାଇଁ ଅଳଙ୍କାର ସେଟ୍ ହେବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି।

## ବଦଳିଲେ ବୋର୍ଡ ସମ୍ପାଦକ

କଟକ, ୨୦।୯ (ସମିସ): ଦୁଇଜଣ ବରିଷ୍ଠ ଅଧିକାରୀଙ୍କୁ ବଦଳି ପାଇଁ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। କିଛି ଦିନ ପୂର୍ବରୁ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ)ର ସମ୍ପାଦକ ଭାବେ ନିଯୁକ୍ତି ପାଇଥିବା ସିଓନା ମିଶ୍ରଙ୍କୁ ପୁଣି ବଦଳି କରାଯାଇଛି। ଅବକାରୀ ଅତିରିକ୍ତ କମିସନର୍ ଭାବେ ତାଙ୍କୁ ବଦଳି କରାଯାଇଥିବା ବେଳେ ବୋର୍ଡ ସମ୍ପାଦକ ପଦରେ ଅନୁସୂଚିତ ଜନଜାତି ଓ ଜାତି ବିକାଶ, ସଂଖ୍ୟାଲଘୁ ଏବଂ ପଛୁଆ ବର୍ଗ କଲ୍ୟାଣ ବିଭାଗର ଯୁଗ୍ମ ସଚିବ ଥିବା ସରୋଜ କୁମାର ବେହେରାଙ୍କୁ ବଦଳିପୂର୍ବକ ଅବସ୍ଥାପିତ କରାଯାଇଛି।

## ରେଭେନ୍ସାର ୪ ପୂର୍ବତନ ଛାତ୍ରଛାତ୍ରୀଙ୍କ ବିରୋଧରେ ରୁଜୁ ମାମଲା ରଦ୍ଦ

**ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ପ୍ରତ୍ୟେକ ନାଗରିକଙ୍କ ଅଧିକାର ରହିଛି : ହାଇକୋର୍ଟ**

କଟକ, ୨୦।୯ (ସମିସ): ଶାନ୍ତିପୂର୍ଣ୍ଣ ଭାବେ ପ୍ରତିବାଦ କିମ୍ବା ବିରୋଧ କରିବା ନାଗରିକଙ୍କ ଅଧିକାର। ଆଇନରେ ଏହି ଅଧିକାରକୁ ସୁନିଶ୍ଚିତ କରାଯାଇଛି ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। ଏକ ରାସ୍ତାରୋକ ଘଟଣାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ୪ଜଣ ଛାତ୍ରଛାତ୍ରୀଙ୍କ ବିରୋଧରେ ବିଚାରାଧୀନ ଫୌଜଦାରୀ ମାମଲାକୁ ହାଇକୋର୍ଟ ରଦ୍ଦ କରି ଏହା କହିଛନ୍ତି। ଆରତି ମେହେର ଓ ଅନ୍ୟମାନଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ସର୍ବସାଧାରଣ ସମ୍ପତ୍ତି କ୍ଷତି ଘଟାଇବା କିମ୍ବା ସମ୍ପୃକ୍ତ ପୁଲିସ୍ କର୍ମଚାରୀଙ୍କୁ କୌଣସି ଆଘାତ ଘଟାଇବା ସମ୍ପର୍କରେ ନିର୍ଦ୍ଦିଷ୍ଟ ଅଭିଯୋଗ ନଥିବା ବେଳେ ଏହି ଆଧାରରେ ମାମଲା ବିଚାରାଧୀନ ରହିବା ଆବେଦନକାରୀମାନଙ୍କ କ୍ୟାରିଅରକୁ ପ୍ରଭାବିତ କରିବ। ଏଣୁ ଏହାକୁ ଦୃଷ୍ଟିରେ ରଖି ଅଦାଲତ ଆବେଦନକାରୀଙ୍କ ବିରୋଦରେ ଥିବା ମାମଲାକୁ ରଦ୍ଦ କରିଦେଇଛନ୍ତି।

୨୦୧୯ ସେପ୍ଟେମ୍ବର ୫ରେ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ଟ୍ରକ୍ ଚାପାରେ ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ପରଦିନ ଏହାର ପ୍ରତିବାଦରେ ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ରାସ୍ତାରୋକ କରାଯାଇଥିଲା। ମାଲଗୋଦାମ ଥାନାରେ ସମ୍ପୃକ୍ତ ଛାତ୍ରଛାତ୍ରୀଙ୍କ ବିରୋଧରେ ରାସ୍ତା ଅବରୋଧ ପାଇଁ ଜଣେ ଏସ୍‌ଆଇ ଏତଲା ଦେଇଥିଲେ। ଏହି ଘଟଣାରେ କଟକ ଜେଏମଏଫ୍‌ସି-୩ରେ ମାମଲା ବିଚାରଧୀନ ଥିବା ବେଳେ ପୁଲିସ ପକ୍ଷରୁ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଏହାକୁ ରଦ୍ଦ କରିବା ପାଇଁ ସମ୍ପୃକ୍ତ ଛାତ୍ରଛାତ୍ରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ସ୍ୱରାଜ ମାମଲା ପରିଚାଳନା କରୁଥିବା ବେଳେ ସମୀକ୍ଷା ସ୍ଥିତିପ୍ରଜ୍ଞା ସହାୟତା କରୁଥିଲେ।

# ଆରପାରିରେ ଆଦିବାସୀ ନେତା ଜର୍ଜ ଦାଦା



ରାଉରକେଲା,୨୦।୯ (ସମିସ): ସୁନ୍ଦରଗଡ଼ ଜିଲ୍ଲାର ଅପ୍ରତିଦ୍ୱନ୍ଦ୍ୱୀ ଆଦିବାସୀ ନେତା, ଗାଙ୍ଗପୁର ମଜଦୁର ମଞ୍ଚର ସଭାପତି ତଥା ବୀରମିତ୍ରପୁର ନିର୍ବାଚନମଣ୍ଡଳୀର ଚାରି ଚାରିଥର ବିଧାୟକ ପଦ ଅଳଙ୍କୃତ କରିଥିବା ଜର୍ଜ ତିର୍କୀଙ୍କ ପରଲୋକ ଘଟିଛି। ଶୁକ୍ରବାର ମଧ୍ୟରାତ୍ରିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲ୍‌ରେ ତାଙ୍କର ଦେହାନ୍ତ

### ଜିଲ୍ଲାବ୍ୟାପୀ ଶୋକର ଛାୟା

ହୋଇଯାଇଛି। ତାଙ୍କୁ ୬୭ବର୍ଷ ହୋଇଥିଲା। ଗତ ୩ ମାସ ଧରି ସେ ଗୁରୁତର ଅସୁସ୍ଥ ଥିଲେ। ଶେଷଶଯ୍ୟା ନିକଟରେ ତାଙ୍କ ପୁଅ ତଥା ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ୍ ତିର୍କୀ ଏବଂ ପରିବାରର ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

ଅବିଭକ୍ତ ସୁନ୍ଦରଗଡ଼ ଜିଲ୍ଲା ସମେତ ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାକୁ ସଂଗଠିତ କରିବାରେ ତାଙ୍କର ପ୍ରମୁଖ ଭୂମିକା ରହିଥିଲା। ଏହି ଦଳରୁ ସେ ୧୯୯୫ ଓ ୨୦୦୦ ମସିହାରେ ଲଗାତାର ୨ଥର ବୀରମିତ୍ରପୁର ଆସନରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ପରବର୍ତ୍ତୀ ସମୟରେ ସେ ସେହି ସମାନ ଆସନରୁ ୨୦୦୯ରେ ସ୍ୱାଧୀନ ଓ ୨୦୧୪ରେ ସମତାକ୍ରାନ୍ତି ଦଳରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ୨୦୨୪ରେ ସେ ପୁଅ ରୋହିତ ଯୋଶେଫ ତିର୍କୀଙ୍କୁ ବୀରମିତ୍ରପୁର ଆସନରୁ ବିଜେଡି ପ୍ରାର୍ଥୀ ଭାବେ ନିର୍ବାଚିତ କରାଇ ପ୍ରତ୍ୟକ୍ଷ ରାଜନୀତିରୁ ଏକପ୍ରକାର ଦୂରେଇ ଯାଇଥିଲେ। ଆଜି ସନ୍ଧ୍ୟାରେ ତାଙ୍କ ପାର୍ଥିବଶରୀର ରାଉରକେଲାର ସେକ୍ଟର୍-୮ ସ୍ଥିତ ଗାଙ୍ଗପୁର ମଜଦୁର ମଞ୍ଚ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଶହ ଶହ ସଂଖ୍ୟାରେ ନେତା, କର୍ମୀ, ଶ୍ରମିକ ପହଞ୍ଚି ତାଙ୍କର ଶେଷ ଦର୍ଶନ କରିଥିଲେ। ଆସନ୍ତାକାଲି ସକାଳ ୮ଟାରେ ଏକ ପଟୁଆରରେ ତାଙ୍କ ପାର୍ଥିବ ଶରୀରକୁ ପରିକ୍ରମା କରାଯାଇ କୁଆଁରମୁଣ୍ଡାସ୍ଥିତ ତାଙ୍କ ବାସଭବନକୁ ନିଆଯିବ। ପରେ ରାଏବୋଗାସ୍ଥିତ ଝୁନମୁରସ୍ଥିତ ତାଙ୍କ ପୈତୃକ ଗ୍ରାମରେ ଶେଷକୃତ୍ୟ କରାଯିବ ବୋଲି ତାଙ୍କ ପୁଅ ତଥା ବୀରମିତ୍ରପୁର ବିଧାୟକ ରୋହିତ ଯୋଶେଫ ତିର୍କୀ କହିଛନ୍ତି।

# ସାର ପାଇଁ ତହସିଲଦାରଙ୍କୁ ତାଲା ପକାଇଲେ ଚାଷୀ



**୩ ଘଣ୍ଟା ପରେ ଉଦ୍ଧାର କଲା ପୁଲିସ**

ପାଟଣାଗଡ଼, ୨୦।୯ (ସମିସ): ସାର ଯୋଗାଣରେ ବ୍ୟାପକ ଅବ୍ୟବସ୍ଥାକୁ ନେଇ ଆଜି ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍‌ରେ ଚାଷୀ ଅସନ୍ତୋଷ ଦେଖାଦେଇଛି। ସାର ନପାଇ ବାରମ୍ବାର ନିରାଶ ହେଉଥିବା ଚାଷୀମାନେ ଆଜି ସୁନାମୁଦି ପାକ୍ସ କାର୍ଯ୍ୟାଳୟ ଘେରାଉ କରିବା ସହ ପାଟଣାଗଡ଼ ତହସିଲଦାର ରୁଦ୍ରମୋହନ ନାୟକ, କୃଷି ଅଧିକାରିଣୀ ରାଜେଶ୍ୱରୀ ଭୋଇ, ଏଆରସିଏସ୍ ପାଟଣାଗଡ଼ ଓ ପାକ୍ସ ସମ୍ପାଦକ ମୌସମ ବେହେରାଙ୍କୁ ଅଫିସ୍‌ରେ ତାଲା ପକାଇ ୩ଘଣ୍ଟା ଅଟକ ରଖିଛନ୍ତି। ତେବେ ପାଟଣାଗଡ଼ ପୁଲିସ୍ ସଦଳବଳେ ସେଠାରେ ପହଞ୍ଚି ଉତ୍ତ୍ୟକ୍ତ ଚାଷୀଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା। ପରେ ପୁଲିସ୍ ତହସିଲଦାରଙ୍କ ସମେତ ଅନ୍ୟ ଅଧିକାରୀଙ୍କୁ ଉଦ୍ଧାର କରିଥିଲା।

ସୂଚନାନୁଯାୟୀ, ସୁନାମୁଦି ପାକ୍ସରେ ଚାଷୀଙ୍କୁ ୟୁରିଆ ସାର ମିଳୁନି। ଏନେଇ ଚାଷୀମାନେ ପାକ୍ସ ସମ୍ପାଦକ ମୌସମ ବେହେରାଙ୍କୁ ବାରମ୍ବାର ପଚାରି ଆସୁଥିଲେ ହେଁ ପ୍ରତିଥର ନିରାଶ ହେଉଥିଲେ। ତେବେ, ଏପ୍ରିଲରେ ଆସିଥିବା ୩ ଶହ ବସ୍ତା ୟୁରିଆ ପ୍ରକୃତ ଚାଷୀଙ୍କୁ ବଣ୍ଟନ କରାଯାଇ ନଥିବା ଚାଷୀ ଅଭିଯୋଗ ଆଣିଥିଲେ। ଶନିବାର ଘୁନଘୁଟିପାଲି, ଦେଉଳଗାଁ, ସୁନାମୁଦି, କଳାଙ୍ଗପାଲି ସହ ଅନ୍ୟାନ୍ୟ ଗ୍ରାମର ବହୁ ଚାଷୀ ପାକ୍ସ ସମ୍ମୁଖରେ ସକାଳ ୮ଟାରେ ପହଞ୍ଚିଥିଲେ। ସାର ନ ମିଳିବାରୁ ସେମାନେ ସରକାରବିରୋଧୀ ନାରା ଦେବା ସହ ପାକ୍ସ ସମ୍ମୁଖରେ ଆନ୍ଦୋଳନ କରିଥିଲେ। ପୂର୍ବରୁ ପାକ୍ସକୁ ଆସିଥିବା ୟୁରିଆ ସାର କେଉଁ କେଉଁ ଚାଷୀଙ୍କୁ ଦିଆଯାଇଛି, ତାହାର ହିସାବ ମାଗିଥିଲେ। ପାକ୍ସ ସମ୍ପାଦକ ଶ୍ରୀ ବେହେରା କିନ୍ତୁ ହିସାବ ଦେଖାଯାଇପାରିବ ନାହିଁ ବୋଲି କହିବାରୁ ଚାଷୀ ଆହୁରି ଉତ୍ତ୍ୟକ୍ତ ହୋଇ ପଡ଼ିଥିଲେ। ଉତ୍ତେଜନା ବଢ଼ିବାରୁ ଖବର ପାଇ ପାଟଣାଗଡ଼ ଏଆରସିଏସ୍, ବ୍ଲକ୍ କୃଷି ଅଧିକାରୀ, ତହସିଲଦାର ସେଠାରେ ପହଞ୍ଚି ଆନ୍ଦୋଳନରତ ଚାଷୀଙ୍କୁ ବୁଝାସୁଝା ପାଇଁ ଉଦ୍ୟମ କରିଥିଲେ। କିନ୍ତୁ ଚାଷୀ ସେମାନଙ୍କୁ ପାକ୍ସ ଅଫିସ୍ ଭିତରେ ପୂରାଇ ବାହାରୁ ତାଲା ପକାଇ ଦେଇଥିଲେ। ପାଖାପାଖି ୩ଘଣ୍ଟା ଧରି ସେମାନଙ୍କୁ ଅଫିସ୍ ଭିତରେ ଅଟକ ରଖିଥିଲେ। ପରିସ୍ଥିତି ଗମ୍ଭୀର ହେଉଥିବା ଦେଖି ତହସିଲଦାର ଶ୍ରୀ ନାୟକ ପାଟଣାଗଡ଼ ପୁଲିସକୁ ଖବର ଦେଇଥିଲେ। ମଧ୍ୟାହ୍ନ ପ୍ରାୟ ୧ଟାରେ ପାଟଣାଗଡ଼ ଥାନାଧିକାରୀ ହରିବନ୍ଧୁ ଗଡ଼ତ୍ୟା ପୁଲିସ ଫୋର୍ସ ସହ ପହଞ୍ଚି ଚାଷୀଙ୍କୁ ବୁଝାସୁଝା କରିବାକୁ ଚେଷ୍ଟା କରିଥିଲେ। ଚାଷୀନେତା ଜତି ପଧାନ ଓ କିଶୋର ପରିଛା ପ୍ରମୁଖ ଖବର ପାଇ ପାକ୍ସ ନିକଟରେ ପହଞ୍ଚିବା ପରେ ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରାଯାଇଥିଲା। ଆସିଥିବା ୩ଶହ ବସ୍ତା ସାର ରବିବାର ବଣ୍ଟନ କରାଯିବ। ପୁଣି ଆହୁରି ଦେଢ଼ଶହ ବସ୍ତା ସାର ଆସିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ଜମି ଠକେଇ; ଜେଲ୍ ଗଲେ ଦିଲ୍ଲୀପ

ଭୁବନେଶ୍ୱର,୨୦।୯ (ସମିସ): ଜମି ଦେବାକୁ କହି ୧୨କୋଟି ୪୨ଲକ୍ଷ ଠକେଇ ଅଭିଯୋଗରେ ଦିଲ୍ଲୀପ ନାୟକଙ୍କୁ ଗିରଫ କରିଛି ଇଓଡବ୍ଲ୍ୟୁ(ଅର୍ଥ ନୈତିକ ଅପରାଧ ଶାଖା)। ତାଙ୍କୁ ଗତକାଲି କଟକରୁ ଉଠାଇ ନେଇଥିଲା ଇଓଡବ୍ଲ୍ୟୁ। ଆଜି ମେଡିକାଲ ପରୀକ୍ଷା କରିବା ପରେ କଟକ ଓପିଆଇଡି କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି। କଟକ ରାଣୀହାଟ ମାଳିସାହିର ବିଜୟ ରାଉତ ଲିଖିତ ଅଭିଯୋଗ କରିଥିଲେ ଯେ ଭୁବନେଶ୍ୱର ପାଣ୍ଡରାରେ ଏକ ଜମି ପାଇଁ ଦିଲ୍ଲୀପ ତାଙ୍କଠାରୁ ୭ କୋଟି ୪୨ ଲକ୍ଷ ଟଙ୍କା ନେଇଥିଲେ। ଏହାପରେ ପୁଣିଥରେ ୨ କୋଟି ଟଙ୍କା ନେବା ପରେ ୩ଟି ଏଗ୍ରିମେଣ୍ଟ କରିଥିଲେ। ଜମି ନ ପାଇବାରୁ ଟଙ୍କା ଫେରାଇବାକୁ ବିଜୟ କହିଥିଲେ। ଟଙ୍କା ନ ପାଇବାରୁ ଏନେଇ ୨୦୨୩ରେ ବିଜୟ ବାଦାମବାଡ଼ି ଥାନାରେ ମାମଲା ରୁଜୁ କରିଥିଲେ। ପରବର୍ତ୍ତୀ ସମୟରେ ଇଓଡବ୍ଲ୍ୟୁ ଏହି ଘଟଣାର ତଦନ୍ତ ଦାୟିତ୍ୱ ନେଇଥିଲା।

## ସୂଚନା ନ ଦେଇ ୨୦ ହଜାର ଦଣ୍ଡ ଗଣିବେ ମାହାଙ୍ଗା ବିଡିଓ

ଭୁବନେଶ୍ୱର, ୨୦।୯ (ସମିସ): ସୂଚନା ଅଧିକାର ଆଇନକୁ ଅବମାନନା କରୁଛନ୍ତି ସୂଚନା ଅଧିକାରୀ ଏବଂ ସରକାରୀ କର୍ମଚାରୀ। ଏଭଳି ଉଲଙ୍ଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି ରାଜ୍ୟ ସୂଚନା ଆୟୁକ୍ତ। ମାମଲାର ଶୁଣାଣି ସମୟରେ ଉପସ୍ଥିତ ନ ରହିବା ଏବଂ ତଥ୍ୟ ପ୍ରଦାନ ନ କରିବାରୁ ରାଜ୍ୟ ସୂଚନା ଆୟୁକ୍ତ ସୁଶାନ୍ତ କୁମାର ମହାନ୍ତି ମାହାଙ୍ଗା ବିଡିଓଙ୍କୁ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ମାହାଙ୍ଗା ବ୍ଲକ୍‌ରେ ନନ୍ଦକିଶୋରପୁର ଗ୍ରାମର ତୁଷାର ରଞ୍ଜନ ସାମଲ ୨ଟି ଘଟଣାରେ ସୂଚନା ଅଧିକାର ଆଇନ ବଳରେ ମାହାଙ୍ଗା ବ୍ଲକ୍ କାର୍ଯ୍ୟାଳୟରେ ଆବେଦନ କରି ତଥ୍ୟ ମାଗିଥିଲେ। ହେଲେ ସୂଚନା ଅଧିକାରୀ କିମ୍ବା ପ୍ରଥମ ଅପିଲ୍ ଅଧିକାରୀ ତଥ୍ୟ ନ ଦେବାରୁ ଆବେଦନକାରୀ ଆୟୁକ୍ତଙ୍କ ନିକଟରେ ଦ୍ୱିତୀୟ ଅପିଲ୍ କରିଥିଲେ। ଆୟୁକ୍ତ ୩ ମାସରେ ୩ଥର ଏହି ମାମଲାର ଶୁଣାଣି କରି ଆବେଦନକାରୀଙ୍କୁ ତଥ୍ୟ ଦେବାକୁ କହିଥିଲେ। ଏହାସତ୍ତ୍ୱେ ମଧ୍ୟ ସୂଚନା ଅଧିକାରୀ ତଥା ବିଡିଓ ତଥ୍ୟ ନ ଦେବାରୁ ରାଜ୍ୟ ସୂଚନା ଆୟୁକ୍ତ ସମ୍ପୃକ୍ତ ବିଡିଓଙ୍କ ବିରୋଧରେ କ'ଣ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯିବ, ସେନେଇ ଜବାବ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ ବିଡିଓ ଏବଂ ଅତିରିକ୍ତ ଜିଲ୍ଲାପାଳ ଶୁଣାଣି ବେଳେ ଆୟୋଗରେ ହାଜର ହେବାକୁ ନୋଟିସ ଜାରି କରିଥିଲେ। ମାତ୍ର ଗତକାଲି ଏହି ମାମଲାର ଶୁଣାଣି ବେଳେ ଉଭୟ ଅଧିକାରୀ ହାଜର ନ ହେବାରୁ ସୂଚନା ଆୟୁକ୍ତ ଶ୍ରୀ ମହାନ୍ତି ସୂଚନା ଅଧିକାର ଆଇନକୁ ଅସମ୍ମାନ କରିଥିବା ଏବଂ ତଥ୍ୟ ଦେଇ ନ ଥିବାରୁ ୩୦ ଦିନ ମଧ୍ୟରେ ଆବେଦନକାରୀଙ୍କୁ ୨୦ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରିବାକୁ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଗର୍ଭବତୀ ସ୍ତ୍ରୀକୁ ବସ୍‌ଷ୍ଟାଣ୍ଡରେ ଛାଡ଼ି ସ୍ୱାମୀ ଫେରାର୍



ଉମରକୋଟ, ୨୦।୯ (ସମିସ): ୭ ମାସର ଗର୍ଭବତୀ ସ୍ତ୍ରୀକୁ ବସ୍‌ଷ୍ଟାଣ୍ଡରେ ଛାଡ଼ି ସ୍ୱାମୀ ଫେରାର୍। ନବରଙ୍ଗପୁର ଜିଲ୍ଲା ଉମରକୋଟ ବେସରକାରୀ ବସଷ୍ଟାଣ୍ଡରେ ଆଜି ଏପରି ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ମହିଳାଜଣଙ୍କ ହେଲେ, ଦଶମନ୍ତପୁର ବ୍ଲକ୍ କୁଟ୍ରାଆମ ଗ୍ରାମର ଅମିତା ଜାନୀ।

ଅମିତାଙ୍କ କହିବାନୁଯାୟୀ, ଶୁକ୍ରବାର ସ୍ୱାମୀ ଦିନେଶ ଜାନୀଙ୍କ ସହ ସେ ହାଇଦ୍ରାବାଦରୁ ଉମରକୋଟ ଆସିଥିଲେ। ଗତକାଲି ସଂଧ୍ୟାଠାରୁ ଆଜି ଦିନ ଦି'ପହର ଯାଏ ଦୁହେଁ ବସ୍‌ଷ୍ଟାଣ୍ଡ ପରିସରରେ ଥିଲେ। ତେବେ ଦିନ ପ୍ରାୟ ୧ଟା ବେଳେ ହଠାତ୍ ଦିନେଶ ତାଙ୍କୁ ଏକାକୀ ଛାଡ଼ି କେଉଁଆଡ଼େ ଚାଲି ଯାଇଥିବା ସେ କହିଛନ୍ତି। ଦିନେଶଙ୍କୁ ଖୋଜାଖୋଜି କରି ନ ପାଇବାରୁ ସେ ବସ୍‌ଷ୍ଟାଣ୍ଡ ପରିସରରେ ବସି କାନ୍ଦୁଥିଲେ। ଏହା ଦେଖି ସ୍ଥାନୀୟ କିଛି ଲୋକେ ପୁଲିସକୁ ଖବର ଦେଇଥିଲେ। ପୁଲିସଠାରୁ ଖବର ପାଇ ୱାନ୍-ଷ୍ଟେପ୍ ସେଣ୍ଟର୍‌ର ଦୁଇ ମହିଳା କର୍ମଚାରୀ ସେଠାରେ ପହଞ୍ଚି ଅମିତାଙ୍କଠାରୁ ସବିଶେଷ ବିବରଣୀ ନେବା ପରେ ଦିନେଶଙ୍କ ସହ ଯୋଗାଯୋଗ କରିଥିଲେ। କିନ୍ତୁ ତାଙ୍କ ଯୋଗାଯୋଗ ସମ୍ଭବ ନ ହେବାରୁ ଅମିତାଙ୍କୁ ନବରଙ୍ଗପୁର ନେଇଯାଇଥିଲେ।

**ରେଳବାଇରେ ଚାକିରି କରାଇଦେବାକୁ କହି ୨୫ଲକ୍ଷ ହଡ଼ପ**

## ମାଷ୍ଟରମାଇଣ୍ଡ ସମେତ ୨ ଗିରଫ

ଜଗତସିଂହପୁର,୨୦।୯ (ସମିସ): ଭାରତୀୟ ରେଳବାଇରେ ଚାକିରି କରାଇଦେବାକୁ କହି ଜଗତସିଂହପୁର ଜିଲ୍ଲା ଏରସମା ଅଞ୍ଚଳର ଏକାଧିକ ଯୁବକଙ୍କଠାରୁ ୨୫ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହଡ଼ପ କରିଥିବା ଦୁଇ ଧୂର୍ତ୍ତଙ୍କୁ ଏରସମା ପୁଲିସ୍ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ, ତିର୍ତ୍ତୋଲର ରାକେଶ ମହାନ୍ତି ଓ ଏରସମାର



ନିରାକାର ସ୍ୱାଇଁ (ବାଙ୍ଗୁରୁ)। ରାକେଶ ଏହି ଠକେଇର ମାଷ୍ଟରମାଇଣ୍ଡ ବୋଲି ପୁଲିସ କହିଛି।

ସୂଚନା ମୁତାବକ, ଠକେଇରେ ଶିକାର ହୋଇଥିବା ଅଭିଯୋଗକାରୀ ଏରସମା ଗ୍ରାମର ଉମାଶଙ୍କର ସାହୁଙ୍କୁ ରେଳବାଇରେ ଚାକିରି କରାଇଦେବାକୁ କହି ସେହି ଗ୍ରାମର ନିରାକାର ସ୍ୱାଇଁ ରାକେଶ ମହାନ୍ତି ସହ ଯୋଗାଯୋଗ କରାଇଥିଲା। ଚାକିରି ପ୍ରଲୋଭନ ଦେଖାଇ ବିଭିନ୍ନ ପର୍ଯ୍ୟାୟରେ ରାକେଶ ଫୋନ୍-ପେ' ଓ ଆକାଉଣ୍ଟ ଡିପୋଜିଟ୍ ମାଧ୍ୟମରେ ୨୫ଲକ୍ଷରୁ ଅଧିକ ଟଙ୍କା ଉମାଶଙ୍କରଙ୍କଠାରୁ ନେଇଥିଲା। ଚାକିରି ତ ମିଳିଲାନି, ସେପଟେ ଅର୍ଥ ମଧ୍ୟ ଫେରସ୍ତ ହେଲାନି। ବାଧ ହୋଇ ଉମାଶଙ୍କର ଗତ ମେ' ୨୦ରେ ଭୁବନେଶ୍ୱରସ୍ଥିତ ସାଇବର ଥାନାରେ ଅଭିଯୋଗ କରିଥିଲେ। ସାଇବର ଥାନା ପକ୍ଷରୁ ଉକ୍ତ ମାମଲାକୁ ସେହି ମେ' ୨୨ ତାରିଖରେ ଏରସମା ଥାନାକୁ ହସ୍ତାନ୍ତର କରାଯାଇଥିଲା। ପୁଲିସ ଏତଲାକୁ ଆଧାର କରି ମୁଖ୍ୟ ଅଭିଯୁକ୍ତ ରାକେଶ ମହାନ୍ତିଙ୍କୁ ୨ଦିନ ତଳେ କୋଲକାତାରୁ ଧରିବାରେ ସକ୍ଷମ ହୋଇଥିଲା। ରାକେଶଙ୍କୁ ଏରସମା ଥାନାକୁ ଆଣି ପଚରାଉଚରା କରାଯିବା ପରେ ଉମାଶଙ୍କରଙ୍କଠାରୁ ପର୍ଯ୍ୟାୟକ୍ରମେ ପାଖାପାଖି ୨୫ଲକ୍ଷ ଟଙ୍କା ନେଇଥିବା ସ୍ୱୀକାର କରିଥିଲା। ରାକେଶଙ୍କ ସହ ପରିଚୟ କରାଇଥିବା ଓ ଏଥିରେ ମଧ୍ୟସ୍ଥତା କରିଥିବା ନିରାକାର ସ୍ୱାଇଁ (ବାଙ୍ଗୁରୁ)କୁ ପୁଲିସ ଥାନାକୁ ଡାକିଥିଲା। ଏହି ଠକେଇ ଟଙ୍କାରୁ ବାଙ୍ଗୁରୁ କିଛି ଅର୍ଥ ନେଇଥିବା ନେଇ ମୁଖ୍ୟ ଅଭିଯୁକ୍ତ ରାକେଶ ପୁଲିସ ଆଗରେ କହିଥିଲା। ପୁଲିସ ତଦନ୍ତ ଅନୁଯାୟୀ ରାକେଶ ମହାନ୍ତି ଓ ନିରାକାର ସ୍ୱାଇଁ ନାମରେ ୧୭୦/୨୫ରେ ମାମଲା ରୁଜୁ କରି ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

**ପଞ୍ଚାୟତିରାଜ ବ୍ୟବସ୍ଥାକୁ ପଙ୍ଗୁ କରିବା ପାଇଁ ବିଜେପିର ଅପଚେଷ୍ଟା**

# ୨୩ରେ ବିଧାନସଭା ଘେରିବ ବିଜେଡି



ଭୁବନେଶ୍ୱର,୨୦।୯ (ସମିସ): ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁଦୃଢ଼ୀକରଣ କରି ଗ୍ରାମାଞ୍ଚଳର ବିକାଶ ଜନସାଧାରଣଙ୍କ ହାତରେ ଦେବା ପାଇଁ ସମ୍ବିଧାନରେ ଉଲ୍ଲେଖ ରହିଛି। ମାତ୍ର ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ କ୍ଷମତାଲୋଭରେ ପ୍ରତ୍ୟେକ ଦିନ ଏହାକୁ ଉଲ୍ଲଂଘନ କରାଯାଉଛି। ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାକୁ ପଙ୍ଗୁ କରିବା ପାଇଁ ବିଜେପି ବାରମ୍ବାର ଅପଚେଷ୍ଟା କରୁଛି ବୋଲି ବିଜେଡି ପକ୍ଷରୁ ଅଭିଯୋଗ କରାଯାଇଛି। ଗ୍ରାମାଞ୍ଚଳରେ ଲୋକଙ୍କ ମନରେ ଥିବା ଆକ୍ରୋଶ ଓ କ୍ଷୋଭକୁ ନେଇ ଆସନ୍ତା ୨୩ ତାରିଖ ଦିନ ଭୁବନେଶ୍ୱର ଲୋୟର ପିଏମଜିଠାରେ ସକାଳ ୧୦ଟା ସମୟରେ ବିଧାନସଭା ଘେରଉ କରିବା ପାଇଁ ନିଷ୍ପତ୍ତି ନେଇଛି ବିଜେଡି।

ଶନିବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ନିର୍ବାଚନ ପୂର୍ବରୁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିବା ବିଜେପି ରାଜ୍ୟରେ ସରକାରକୁ ଆସିବା ପରେ ପ୍ରତ୍ୟେକ ବିଭାଗରେ ବଜେଟ କାଟ୍ କରୁଛନ୍ତି। ପିଏମ୍ ଆବାସ, ଅନ୍ତ୍ୟୋଦୟ ଯୋଜନା, ଜଳ ଜୀବନ ମିଶନ, ସର୍ବୋପରି ଗ୍ରାମସଭା ଦ୍ୱାରା ଅନୁମୋଦିତ ହୋଇଥିବା ବିକାଶମୂଳକ କାର୍ଯ୍ୟକୁ ଯୋଜନାବଦ୍ଧ ଭାବେ ହ୍ରାସ କରାଯାଉଛି। ମନରେଗା ଯୋଜନାରେ ନିୟୋଜିତ ଶ୍ରମିକମାନଙ୍କୁ ସେମାନଙ୍କ ପ୍ରାପ୍ୟ ମିଳୁ ନାହିଁ। ତେଣୁ ଆସନ୍ତା ୨୩ ତାରିଖରେ ଲୋୟର ପିଏମଜି ଛକଠାରେ ସକାଳ ୧୦ଟାରେ ଦଳ ପକ୍ଷରୁ ବିଧାନସଭା ଘେରଉ କରାଯିବ ବୋଲି ଶ୍ରୀ ମିଶ୍ର କହିଛନ୍ତି।

ଦଳର ଉପସଭାପତି ତଥା ବିଧାୟକ ଡ. ଅରୁଣ ସାହୁ କହିଛନ୍ତି ଯେ ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ତଥା ଅଧ୍ୟକ୍ଷଙ୍କୁ ସମ୍ବିଧାନ ପ୍ରଦତ୍ତ କ୍ଷମତା ଓ ଅଧିକାରକୁ ବିଜେପି ସରକାର ସଙ୍କୁଚିତ କରିବା ପାଇଁ ଅପଚେଷ୍ଟା କରୁଛନ୍ତି। ପ୍ରଶାସନିକ କଳକୁ ହାତବାରିସୀ କରି ନିର୍ବାଚିତ ପ୍ରତିନିଧିଙ୍କ ସମ୍ମାନ କ୍ଷୁଣ୍ଣ କରିବା ପାଇଁ ପ୍ରତ୍ୟେକ ଦିନ ନୂଆ ନୂଆ ନିର୍ଦ୍ଦେଶନାମା ଜାରି କରାଯାଉଛି। ନିର୍ବାଚିତ ପ୍ରତିନିଧିମାନଙ୍କୁ ରବରଷ୍ଟାମ୍ପ ଭାବେ ବ୍ୟବହାର କରିବା ପାଇଁ ବିଜେପି ସରକାର ସରକାରୀ ଅଧିକାରୀଙ୍କ ହାତରେ ଅଧିକ କ୍ଷମତା ଦେବାକୁ ପଛାଉନାହାନ୍ତି। ଲୋକଙ୍କ ପାଖରେ ଉତ୍ତରଦାୟୀ ଥିବା ପଞ୍ଚାୟତ ପ୍ରତିନିଧିମାନଙ୍କୁ ସମ୍ବିଧାନ ସଂଶୋଧନ ଜରିଆରେ ଅଧିକ କ୍ଷମତା ଦିଆଯାଇଥିଲା ବେଳେ ନିଜ ଦଳୀୟ ସାଂସଦ, ବିଧାୟକ ଏବଂ କର୍ମୀଙ୍କ ଜରିଆରେ ଏହି କ୍ଷମତାକୁ ହଡ଼ପ କରିବା ପାଇଁ ବିଜେପି ଚାହୁଁଛି। ଏହା ଫଳରେ ଲୋକେ ଚାହୁଁଥିବା ବିକାଶ କାର୍ଯ୍ୟ ହୋଇପାରୁନାହିଁ ଏବଂ ପ୍ରତ୍ୟେକ ସରକାରୀ ଅଫିସକୁ ବିଜେପି ନିଜ ଦଳୀୟ କର୍ମୀଙ୍କ ଜରିଆରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛି।

ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ଆମ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମରେ ପ୍ରତି ପଞ୍ଚାୟତକୁ ଦେଇଥିବା ୫୦ ଲକ୍ଷ ଟଙ୍କା ବଦଳରେ ବିଜେପି ସରକାର ଏହି ଯୋଜନାର ନାଁ ପରିବର୍ତ୍ତନ କରି 'ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ମାଧ୍ୟମରେ ଏହାର ଏକଚତୁର୍ଥାଂଶ ଅନୁଦାନ ମଧ୍ୟ ଦେଉନାହାନ୍ତି।

ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜେପି ସରକାର ଦିଶାହୀନ ଭାବେ ପଞ୍ଚାୟତିରାଜ ବ୍ୟବସ୍ଥାକୁ ନିୟନ୍ତ୍ରଣ କରୁଛନ୍ତି। ପ୍ରତ୍ୟେକ ସ୍ତରରେ ରାଜନୈତିକ ହସ୍ତକ୍ଷେପ ଲାଗି ଜିଲ୍ଲାପାଳ ଅଫିସ୍ ଠାରୁ ବ୍ଲକ ଅଫିସ୍ ପର୍ଯ୍ୟନ୍ତ ପ୍ରଶାସନ ଚାପଗ୍ରସ୍ତ ହୋଇ କାମ କରୁଛନ୍ତି। ପଞ୍ଚାୟତ ସ୍ତରରେ ବିଜେଡି ଦୃଢ଼ ସ୍ଥିତିରେ ଥିବାରୁ ବିଜେପି କର୍ମୀମାନେ ସାଧାରଣ ଲୋକଙ୍କ ଉପରେ ଉତ୍ପୀଡ଼ନ କରୁଛନ୍ତି, ଫଳରେ ସାଧାରଣ ଲୋକ ତ୍ରାହି ତ୍ରାହି ଡାକୁଛନ୍ତି। ଲୋକଙ୍କ ସମସ୍ୟାଠୁ ଦୂରେଇ ଯାଇ ନିଜ ଦଳର କର୍ମୀଙ୍କୁ ପୋଷିବାକୁ ସମ୍ବିଧାନ ଓ ଗଣତନ୍ତ୍ରର ହତ୍ୟା କରୁଛି ବିଜେପି। ବିଜେଡି ଏହାକୁ ଦୃଢ଼ ଭାବେ ବିରୋଧ କରୁଛି। ଆଗାମୀ ସେପ୍ଟେମ୍ବର ୨୩ ତାରିଖ ଦିନ ରାଜ୍ୟର ପ୍ରତ୍ୟେକ ପଞ୍ଚାୟତର ୱାର୍ଡ ମେମ୍ବର, ସରପଞ୍ଚ, ସମିତି ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ, ଜିଲ୍ଲା ପରିଷଦ ସଭ୍ୟ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରମୁଖ ବିଧାନସଭା ଘେରଉ କାର୍ଯ୍ୟକ୍ରମରେ ସାମିଲ ହୋଇ ତ୍ରିସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ସୁରକ୍ଷା ପାଇଁ ଅଗଣତାନ୍ତ୍ରିକ, ଅସାମ୍ବିଧାନିକ ନିର୍ଦ୍ଦେଶନାମାକୁ ବାତିଲ କରିବା ପାଇଁ ଦୃଢ଼ ଦାବି ଉପସ୍ଥାପନ କରାଯିବ ବୋଲି ସେ କହିଛନ୍ତି।

# ଅନୀତ ଇନ୍ କିୟାରା ଆଉଟ୍





'ସୈୟାରା' ହିନ୍ଦୀ ସିନେମାରେ ନଜର ଆସିଥିଲେ ଅଭିନେତ୍ରୀ ଅନୀତ୍ ପଡ୍ଡା। ନିଜ ଅଭିନୟ ମାଧ୍ୟମରେ ସେ ଦର୍ଶକଙ୍କ ହୃଦୟ ଜିତିଛନ୍ତି। ତେବେ ଆଗାମୀ ଦିନରେ ସେ ଦୀନେଶ ଭିଜନଙ୍କ ହର୍‌ର-କମେଡି ସିନେମା 'ଶକ୍ତି ଶାଲିନୀ'ରେ ମୁଖ୍ୟ ଚରିତ୍ରରେ ନଜର ଆସିବେ। ହେଲେ ପ୍ରଥମେ ଏହି ସିନେମା ପାଇଁ କିୟାରାଙ୍କୁ ମନୋନୀତ କରାଯାଇଥିଲା। ଏବେ ତାଙ୍କ ବଦଳରେ ଏଥିରେ ନଜର ଆସିବେ ଅନିତ। ତେଣୁ ଏବେ ଏହି ସିନମୋରୁ ଏବେ କିୟାରା ଆଉଟ୍ ହୋଇଥିବା ବେଳେ ଅନୀତଙ୍କ ଏଣ୍ଟ୍ରି ହୋଇଛି। ଗତ ଦୁଇ ମାସ ହେବ ଦୀନେଶ ଓ ତାଙ୍କ ଟିମ୍ ଅନୀତଙ୍କ ସହ ଆଲୋଚନା କରି ଆସୁଥିଲେ। ଏହାରି ଭିତରେ ଏହି ସିନେମା ପାଇଁ ଅନୀତ ଲୁକ୍ ଟେଷ୍ଟ ଏବଂ ପ୍ରଫେସନାଲ୍ ଫଟୋସୁଟ୍ ପୂରା କରିଛନ୍ତି। ସେହିପରି ସିନେମାର ସୁଟିଂ ଚଳିତ ବର୍ଷ ଶେଷ ସୁଦ୍ଧା ହେବାକୁ ଥିବା ବେଳେ ୨୦୨୬ ମସିହାରେ ଏହାକୁ ରିଲିଜ୍ କରାଯିବ। ■

# 'ଦୁଲ୍‌ଦୁଲି' ଗୀତରେ ଓଡ଼ିଆ କଳା ଓ ସଂସ୍କୃତିର ପରମ୍ପରା

ଆଦିଲକ୍ଷ୍ମୀ ଏଣ୍ଟରଟେନମେଣ୍ଟ ବ୍ୟାନରରେ ଆଦିକନ୍ଦ ସାହୁଙ୍କ ପ୍ରଯୋଜନାରେ ଦଶହରାରେ ମୁକ୍ତିଲାଭ କରିବ ନୂଆ ଓଡ଼ିଆ ସିନେମା 'ଚ୍ୟାଲେଞ୍ଜ'। ଏହାର ପ୍ରସ୍ତୁତି ସମାପ୍ତ ହୋଇଥିବା ବେଳେ ଫିଲ୍ମରେ ଥିବା ପ୍ରତ୍ୟେକ ଗୀତକୁ ମିଳୁଛି ଅପୂର୍ବ ସଫଳତା। ଫିଲ୍ମରେ ସମୁଦାୟ ଚାରିଟି ଗୀତ ମଧ୍ୟରୁ ପ୍ରଥମେ ରିଲିଜ୍ ହୋଇଥିଲା ପ୍ରମୋସନାଲ୍ ଭାଙ୍ଗ ଗୀତ। ଯେଉଁଥିରେ ଅର୍ଦ୍ଧେନ୍ଦୁ ଏବଂ ହରିହର ମହାପାତ୍ରଙ୍କୁ ଦେଖିବାକୁ ମିଳିଥିଲା। ଦ୍ୱିତୀୟ ଗୀତ 'ଦୁଲ୍ ଦୁଲି'କୁ ମଧ୍ୟ ଦର୍ଶକଙ୍କ ଢେର ଭଲ ପାଇବା ମିଳିଛି। ଗୀତଟିକୁ ରଚନା କରିଛନ୍ତି ରଞ୍ଜନ ନାୟକ, ସଂଗୀତ ନିର୍ଦ୍ଦେଶନା ଦେଇଛନ୍ତି ଗୌରବ ଆନନ୍ଦ ଏବଂ କଣ୍ଠଦାନ କରିଛନ୍ତି ଗୌରବ ଆନନ୍ଦ ଏବଂ ଅନ୍ତରା ଚକ୍ରବର୍ତ୍ତୀ। ଗୀତରେ ଅଭିନୟ କରିଛନ୍ତି ନାୟକ ଅର୍ଦ୍ଧେନ୍ଦୁ ଏବଂ ନାୟିକା ଏଲିନା। ତେବେ 'ଦୁଲଦୁଲି' ଗୀତ ଓ ନୃତ୍ୟରେ ଓଡ଼ିଆ କଳା, ସଂସ୍କୃତି ଓ ପରମ୍ପରା କଥା ରହିଛି। ଗୋଟି ପୁଅ, ଛଉ, ପାଇକ ଆଖଡ଼ା ଭଳି ବିଭିନ୍ନ ପାରମ୍ପରିକ ନୃତ୍ୟକୁ ଗୀତରେ ସ୍ଥାନ ଦିଆଯାଇ ଏହାର ପ୍ରଚାର ଓ ପ୍ରସାର ଉପରେ ପ୍ରାଧାନ୍ୟ ଦିଆଯାଇଛି। ଏହି ଗୀତକୁ କୋରିଓଗ୍ରାଫି କରିଛନ୍ତି କୋରିଓଗ୍ରାଫର ଅମିତ ନାୟକ। ସାଇ କିରଣ ମଙ୍ଗରାଜଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ସିନେମାରେ ଭରପୂର ଆକ୍ସନ, ଫ୍ୟାମିଲି ଡ୍ରାମା ସହିତ ଜବରଦସ୍ତ ମ୍ୟୁଜିକ୍ ରହିଛି। ବଲିଉଡ୍‌ର ଖ୍ୟାତନାମା କଳାକାର ପୁନିତ ଇଶାର ଏକ ବିଶେଷ ଭୂମିକାରେ ନଜର ଆସିବେ। ତାଙ୍କ ବ୍ୟତୀତ ଭୁପିନ୍ଦର ସିଂହ, ଲିପି ମହାପାତ୍ର, ବବି ମିଶ୍ର, ହରିହର ମହାପାତ୍ର, ରତନ ମେହେର, ପୃଥ୍ୱୀରାଜ ନାୟକ, ଜୀବନ ପଣ୍ଡା, ସନ୍ତୁ, ଶୈଳେନ୍ଦ୍ର, ଗେଡାନା ଭଳି ବହୁ ପୁରୁଖା କଳାକାର ଏଥିରେ ଦେଖିବାକୁ ମିଳିବ। ■

# ପୂଜାରେ ବୈଦ୍ୟନାଥଙ୍କ ସଂଗୀତ



ଓଡ଼ିଶାର ଯୁବ ସଂଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ନିଜର ସଂଗୀତ ପାଇଁ ସବୁବେଳେ ଚର୍ଚ୍ଚାରେ ରହି ଆସିଛନ୍ତି। ସେ ସିନେମା ହେଉ କି ମ୍ୟୁଜିକ ଭିଡିଓ, ସବୁ ଗୀତକୁ ତାଙ୍କର ଅନେକ ପ୍ରଶଂସା କରିଛନ୍ତି ଶ୍ରୋତାମାନେ। ସେହିପରି ସବୁ ପୂଜା ଭସାଣିରେ ତାଙ୍କ ଗୀତ ରୁହେ ଶୀର୍ଷରେ। ସେ ଆଧାର କାର୍ଡ ସୁକୁଟି ସାହୁ ଗୀତ ହେଉ କିମ୍ବା ଜହ୍ନ ଲୋ ତୋ ବୋଉ ଟାଣିଛି ଚକଖଡ଼ି ଚିହ୍ନ, କି ତୁ ମୋର... ।ଠିକ୍ ସେହିପରି ଚଳିତ ବର୍ଷ ଗଣେଶ ପୂଜାରେ ରିଲିଜ୍ ହେଇଥିବା 'ଡେଲିଭେରୀ ବୟ ୨' ର ଗୀତ ଲୋକାଲ୍ ମାଧୁରୀ ଏବଂ ଅନୁଭବ, ଶିବାନୀ ଅଭିନୀତ କେରକେରା ଗୀତଟି ଏବେ ସାରା ଓଡ଼ିଶାରରେ ଚହଳ ପକାଇଛି। ତା' ସହିତ ଏହି ଗୀତ ପୂଜା ବଜାରକୁ ସରଗରମ କରୁଛି। ସେହିପରି ସବୁ ଯୁବଗୋଷ୍ଠୀ ଏବେ ଏହି ଗୀତରେ ମତୁଆଲା ଏବଂ ସବୁ ମେଲୋଡିରେ ଏବେ ବାଜୁଛି ଏହି ଦୁଇଟି ଗୀତ। ■



# ସିଙ୍ଗଲ୍ ଅଛନ୍ତି ଅମୀଷା

'କହୋ ନା ପ୍ୟାର୍ ହୈ'ରେ ଅମୀଷା ପଟେଲଙ୍କୁ ଦର୍ଶକୀୟ ଆଦୃତି ମିଳିଥିଲା। ଏହା ପରେ ବି ସେ ଅନେକ ସିନେମା ଦର୍ଶକଙ୍କୁ ଭେଟି ଦେଇଛନ୍ତି। ହେଲେ ଏବେ ବି ସିଙ୍ଗଲ ଅଛନ୍ତି ଅମୀଷା। ଅର୍ଥାତ୍ ସେ ଅବିବାହିତ ଅଛନ୍ତି। ସେ ଏକ ପଡ୍‌କାଷ୍ଟରେ ନିଜର ବ୍ୟକ୍ତିଗତ ଜୀବନ ବାବଦରେ ଖୋଲା ଖୋଲି ଆଲୋଚନା କରିଛନ୍ତି। ଏପରିକି ଏ ଯାଏଁ ବିବାହ କାହିଁକି କରି ନାହାନ୍ତି, ତାହାର କାରଣ ବି କହିଛନ୍ତି। ସେତେବେଳେ ସେ କାମରେ ବ୍ୟସ୍ତ ରହୁଥିଲେ। ତାଙ୍କ ନଜର କେବଳ କାମ ଉପରେ ରହୁଥିଲା। ଅବଶ୍ୟ ତାଙ୍କ ପଛରେ ଯୁବକମାନେ ପଡ଼ିଥିଲେ ବି ସେତେବେଳେ ସେ ବହି ଭିତରେ ନିଜକୁ ହଜାଇ ରଖୁଥିଲେ। ଯେତେବେଳେ କାମ କଲେ କାମରେ ନିଜକୁ ବ୍ୟସ୍ତ ରଖିଲେ। ଅବଶ୍ୟ ତାଙ୍କ ପାଇଁ ପ୍ରସ୍ତାବ ଆସିଛି ଏବଂ ଏବେ ବି ଆସୁଥିବା ସେ କହିଛନ୍ତି। ତେବେ 'କହୋନା ପ୍ୟାର୍ ହୈ' ସିନେମା ପୂର୍ବରୁ ଅମୀଷା ଜଣକ ସହିତ ସିରିଏସ୍ ରିଲେସନ୍‌ସିପ୍‌ରେ ଥିଲେ। ହେଲେ ସେ ଫିଲ୍ମରେ କାମ କରିବାକୁ ଚାହିଁବାରୁ ତାଙ୍କ ପାର୍ଟନରଙ୍କ ସମର୍ଥନ ମିଳିଲାନି। ତେଣୁ ପ୍ରେମ ବଦଳରେ ସେ କ୍ୟାରିୟରକୁ ବାଛିଲେ। ବାହାଘର ପରେ କାହା ସ୍ତ୍ରୀର ପରିଚୟ ଭାବେ ନ ବଞ୍ଚି ନିଜର ଏକ ଅଲଗା ପରିଚୟ ସୃଷ୍ଟି କରିବାର ନିଷ୍ପତ୍ତି ନେଲେ। ଅନ୍ୟପଟେ ଏବେ ବି ସେ ବିବାହ ପାଇଁ ସ୍ୱପ୍ନ ଦେଖୁଥିବା କହନ୍ତି। ■



ସାକ୍ଷାତକାର

# "ଦର୍ଶକଙ୍କ ଭଲପାଇବା ମୋତେ ସଫଳତା ଦେଇଛି"

**ଶୁଭଶ୍ରୀ ବାରିକ, ଅଭିନେତ୍ରୀ**



ପିଲାବେଳେ ଓଡ଼ିଶୀ ନୃତ୍ୟ ମାଧ୍ୟମରେ ନିଜ ଭାବନାକୁ ସେ ପ୍ରକାଶ କରୁଥିଲେ। ହେଲେ ତାଙ୍କ ଭାଗ୍ୟର ଲିଖନ କିଛି ଅଲଗା ଥିଲା। ପଢ଼ା ପାଇଁ ନୃତ୍ୟରୁ ଦୂରେଇ ଯାଇଥିଲେ। ଆଉ ପରେ ଟିକ୍‌ଟକ୍‌ରେ ଭିଡିଓ ତିଆରି କଲେ ସେ। ପରବର୍ତ୍ତୀ ସମୟରେ ଇନ୍‌ଷ୍ଟାଗ୍ରାମ୍‌ରେ ଭିଡିଓ ବନାଉ ବନାଉ ତାଙ୍କୁ ମ୍ୟୁଜିକ୍ ଭିଡିଓ କରିବାକୁ ସୁଯୋଗ ମିଳିଲା। ତାଙ୍କର ପ୍ରଥମ ମ୍ୟୁଜିକ୍ ଭିଡିଓ ଥିଲା 'ତୋର ପାୟଲିଆ'। ଏକାଧିକ ମ୍ୟୁଜିକ୍ ଭିଡିଓ କରି ଦର୍ଶକଙ୍କ ମନ ଜିଣିଥିବା ଅଭିନେତ୍ରୀ ଜଣକ ହେଉଛନ୍ତି, କଟକ ଜିଲ୍ଲା ଅନ୍ତର୍ଗତ ନିଶ୍ଚିନ୍ତକୋଇଲିର ଶୁଭଶ୍ରୀ ବାରିକ ଓରଫ ଶ୍ରୀ'। 'ତିତ୍‌ଲି' ହେଉଛି ତାଙ୍କ ଅଭିନୀତ ପ୍ରଥମ ଧାରାବାହିକ। ଏବେ ସେ ତରଙ୍ଗ ଚ୍ୟାନେଲ୍‌ର 'ମୋ ସିନ୍ଦୂରର ଅଧିକାର'ରେ ମୁକ୍ତି ଚରିତ୍ର ମାଧ୍ୟମରେ ଓଡ଼ିଶାର ଘରେ ଘରେ ପରିଚିତ। ନୃତ୍ୟ ଜଗତରୁ ତାଙ୍କର ଅଭିନୟ ଯାତ୍ରା କେମିତି ରହିଥିଲା ଜାଣିବା ତାଙ୍କ ମୁହଁରୁ।

**ଓଡ଼ିଶୀ ନୃତ୍ୟଶିଳ୍ପୀରୁ ନାୟିକାର ଯାତ୍ରା କିଭଳି ଥିଲା ?**

● ଅଷ୍ଟମ ନବମ ଶ୍ରେଣୀରୁ ପଢ଼ା ସହିତ ଓଡ଼ିଶୀ ନୃତ୍ୟ ଶିଖୁଥିଲି। ଅନେକ ମଞ୍ଚରେ ନୃତ୍ୟ ପରିବେଷଣ କରିଛି। ପଢ଼ା ପାଇଁ ନୃତ୍ୟରୁ ଦୂରେଇ ଯାଇଥିଲି। ପରବର୍ତ୍ତୀ ସମୟରେ ଆସିଲା ଟିକ୍‌ଟକ୍। ସେଥିରେ ଭିଡିଓ ବନାଇଲି। ଟିକ୍‌ଟକ୍ ବ୍ୟାନ୍ ହେବା ପରେ ଇନ୍‌ଷ୍ଟାଗ୍ରାମରେ ରିଲ୍ସ କଲି। ଉକ୍ତ ପ୍ଲାଟ୍‌ଫର୍ମରେ ମୋତେ ମ୍ୟୁଜିକ୍ ଭିଡିଓ କରିବାକୁ ସୁଯୋଗ ମିଳିଲା। ପ୍ରଥମେ ସମ୍ବଲପୁର ମ୍ୟୁଜିକ୍ ଭିଡିଓ 'ତୋର ପାୟଲିଆ'କୁ ଦର୍ଶକ ବହୁତ ଭଲପାଇବା ଦେଇଛନ୍ତି। ଯେତେ ବି ମ୍ୟୁଜିକ୍ ଭିଡିଓ କରିଛି ପ୍ରାୟତଃ ଭାଇରାଲ ହୋଇଛି। ଲୋକଙ୍କ ଭଲପାଇବା ମିଳିଛି। ତେବେ ନେଗେଟିଭ୍ ଚରିତ୍ର କରିବାକୁ ଇଚ୍ଛା ଥିଲା। ଏଥିପାଇଁ ତରଙ୍ଗ ଚ୍ୟାନେଲ୍‌ରେ ଅଡିସନ୍ ଦେଇଥିଲି। ସ୍ନାତକରେ ଅଧ୍ୟୟନ ସମୟରେ 'ତିତ୍‌ଲି' ଧାରାବାହିକରେ କାମ କରିବାକୁ ସୁଯୋଗ ମିଳିଲା। ଏବେ 'ମୋ ସିନ୍ଦୂରର ଅଧିକାର'ରେ 'ମୁକ୍ତି' ଚରିତ୍ରରେ ଅଭିନୟ କରୁଛି। ଫୁରସତ୍‌ରେ ମ୍ୟୁଜିକ୍ ଭିଡିଓ ବି କରୁଛି।

**ପ୍ରଥମେ କ୍ୟାମେରାକୁ କେମିତି ସାମ୍ନା କରିଥିଲେ?**

● ନୃତ୍ୟ କରିବା ଆଉ କ୍ୟାମେରାକୁ ସାମ୍ନା କରିବା ସମ୍ପୂର୍ଣ୍ଣ ଭିନ୍ନ। ପ୍ରଥମ ଧାରାବାହିକରେ କାମ କରିବା ସମୟରେ ଅଭିନୟ କ'ଣ ଜାଣି ନଥିଲି। ଇଣ୍ଡଷ୍ଟ୍ରି ଆସିବା ପୂର୍ବରୁ ଏବେ ଯାଏଁ ମୋ ମା' ସହଯୋଗ ଥିଲା। ଆଉ ଇଣ୍ଡଷ୍ଟ୍ରିକୁ ଆସିବା ପରେ ପୂରା ଟିମ୍ ଆଉ ସମସ୍ତ କଳାକାରମାନେ କାମ ଶିଖାଇଥିଲେ। ସେମାନଙ୍କ ସହଯୋଗ ଓ ଭଲ ପାଇବା ଆଜି ମୋତେ ଏଇଠି ରଖିଛି। ବାଦଲ ଦାଦାଙ୍କଠାରୁ ବହୁତ କିଛି ଶିଖିଛି। ଆଗକୁ ପ୍ରତି ଲୋକଙ୍କଠାରୁ କିଛି ଶିଖିବାକୁ ଇଚ୍ଛା ଅଛି।

**'ମୋ ସିନ୍ଦୂରର ଅଧିକାର'ର 'ମୁକ୍ତି' ଚରିତ୍ର ବିଷୟରେ କିଛି କୁହନ୍ତୁ?**

● ସତ କଥା ହେଉଛି, 'ଶ୍ରୀ' ସହିତ 'ମୁକ୍ତି'ର ଗୁଣ ଅଧା ମିଶେ। 'ଶ୍ରୀ' ଯେମିତି ଚୁଲ୍‌ବୁଲି 'ମୁକ୍ତି' ବି ସେମିତି। ନିଜ ଲୋକଙ୍କ ଭିତରେ ରହିବାକୁ ଉଭୟ ଚାହାଁନ୍ତି। ଶ୍ରୀ ଯେତିକି ଆବଶ୍ୟକ ସେତିକି କଥା ହୁଏ। ହେଲେ ମୁକ୍ତି ସବୁବେଳେ ଗପୁଥାଏ। ତଥାପି କିଛି କଥା ଅଛି ଯେଉଁଠି ମୁକ୍ତି ଚରିତ୍ର ପାଇଁ ମୋତେ କିଛି ବଦଳାଇବାକୁ ପଡ଼ିଛି। ତିତ୍‌ଲି ପରି ମୁକ୍ତିକୁ ଦର୍ଶକ ମଧ୍ୟ ବହୁତ ଭଲପାଇବା ଦେଉଛନ୍ତି। ଆଗକୁ ଦର୍ଶକ 'ମୋ ସିନ୍ଦୂରର ଅଧିକାର'ରେ କିଛି ନୂଆ ଟ୍ୱିଷ୍ଟ ଦେଖିବାକୁ ପାଇବେ।

**ଶ୍ରୀ'ଙ୍କ ଆଗାମୀ ଯୋଜନା ?**

● ବର୍ତ୍ତମାନ ଧାରାବାହିକରେ କାମ କରୁଛି। ଏଥିପାଇଁ ବହୁତ ସମୟ ଦେବାକୁ ହୁଏ। ତେଣୁ ଦର୍ଶକଙ୍କ ମନରେ ମୋ ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାକୁ କଠିନ ପରିଶ୍ରମ କରୁଛି। ଆଗକୁ ବଡ଼ ପରଦାରେ ନିଜକୁ ଦେଖିବାକୁ ମନରେ ଇଚ୍ଛା ଅଛି। ତେବେ ଭଗବାନଙ୍କ ଆଶୀର୍ବାଦ ଆଉ ଦର୍ଶକଙ୍କ ସ୍ନେହ ପ୍ରେମ ଓ ଶ୍ରଦ୍ଧା ଆଗକୁ ନେବ ବୋଲି ବିଶ୍ୱାସ ଅଛି। ଭବିଷ୍ୟତରେ ବ୍ୟବସାୟ କରିବାକୁ ବି ଯୋଜନା ରଖିଛି। ପଢ଼ା ବି ଜାରି ରହିଛି।

**ଆପଣ ଫିଟ୍ ରହିବାର ଫର୍ମୁଲା?**

● ଯେତେବେଳେ ସମୟ ଥିଲା ଜିମ୍ ଯାଉଥିଲି। ହେଲେ ଏବେ ଦିନ ରାତି ଖଟୁଛି। ଖାଇବା ପିଇବାରେ ବିଶେଷ ଧ୍ୟାନ ଦିଏ।

**ଅଭିନୟ ଜଗତରେ ତିଷ୍ଠି ରହିବାକୁ ହେଲେ କ'ଣ କରିବା ଦରକାର?**

● ବ୍ୟକ୍ତିଗତ ଜୀବନରେ ଦୁଃଖ ଆଉ ସୁଖ ସମସ୍ତଙ୍କର ଥାଏ। ଯେତେବେଳେ ଗୋଟେ ଚରିତ୍ରଟିଏ ମିଳୁଛି, ସେଠି ନିଜ ବ୍ୟକ୍ତିଗତ ସମସ୍ୟା କଥା ନ ଭାବି ଚରିତ୍ରରେ ବୁଡ଼ି ଯାଆନ୍ତୁ। ଚରିତ୍ରକୁ ଭଲ ଭାବେ ବୁଝି ଅଭିନୟ କଲେ ଅଭିନୟ ପ୍ରଶଂସନୀୟ ହୋଇଥାଏ। କଥା ହେଉଛି, ଏହି ଲାଇନ୍‌ରେ ତିଷ୍ଠି ରହିବାକୁ ଧୈର୍ଯ୍ୟ ଦରକାର। ■

# ୫୦୦ ଅଧ୍ୟାୟରେ ଚାରି ଧାରାବାହିକ

ଓଡ଼ିଶା ଇତିହାସରେ ପ୍ରଥମଥର ସିଦ୍ଧାର୍ଥ ଟିଭିର ଚାରୋଟି ଧାରାବାହିକ ଗୋଟିଏ ଦିନରେ ୫୦୦ ଅଧ୍ୟାୟର କୃତିତ୍ୱ ଲାଭ କରିଛି। ଏହା ସମ୍ଭବ ହେଇଛି କେବଳ ଦର୍ଶକମାନଙ୍କର ବିଶ୍ୱାସ ଓ ଭଲ ପାଇବା ପାଇଁ। ସମ୍ପୂର୍ଣ୍ଣ ଭିନ୍ନ ସ୍ୱାଦର କାହାଣୀ, ଦର୍ଶକ ମାନଙ୍କ ମନ ପସନ୍ଦର ଚରିତ୍ର, କଳାକାରମାନଙ୍କର ନିଖୁଣ ଅଭିନୟ ତଥା ନିର୍ମାତା ସୀତାରାମ ଅଗ୍ରୱାଲଙ୍କ ଗଭୀର ପ୍ରଚେଷ୍ଟା, ବଳିଷ୍ଠ ପରିକଳ୍ପନା ଓ ନମିତା ଅଗ୍ରୱାଲଙ୍କର ପ୍ରେରଣା ଓ ଦିଗଦର୍ଶନ ହେଉଛି ଏହି ସଫଳତାର ମୂଳମନ୍ତ୍ର।

ଧାରାବାହିକ 'ମାୟା ଓ ମମତା'ର ପ୍ରମୁଖ ଭୂମିକାରେ ଅଭିନୟ କରୁଛନ୍ତି ଶୁଭସ୍ମିତା, ଅଭିଷେକ, ରଞ୍ଜିତା, ଅର୍ପିତା, ଭବାନୀ, ଜଗବନ୍ଧୁ, ପିଙ୍କି। ଏ ହେଉଛି ଦୁଇ ମା' ଓ ପୁଅର ଆବେଗଭରା କାହାଣୀ ଏବଂ ବୋହୂ ତଥା ନାୟିକା ପଲ୍ଲବୀର ଆଇପିଏସ୍ ହେବାର ସ୍ୱପ୍ନ। ସେହିପରି 'ସୁନୟନା'ରେ ପ୍ରମୁଖ ଭୂମିକାରେ ଅଛନ୍ତି ସୀମା, ଆଶିଷ, ପ୍ରୀତି, ବୁଲୁ ପଣ୍ଡା, ବନ୍ଦନା, ଚିନ୍ମୟୀ, ମିଲି ଓ ସ୍ନିଗ୍ଧା। ଏ ହେଉଛି ଶାଶୁ ବୋହୂଙ୍କ କାହାଣୀ। ନିଜ ପରିବାରକୁ ଗୋଟିଏ ସୂତାରେ ବାନ୍ଧି ରଖିବା ପାଇଁ ବୋହୂ ସୁନୟନାର ପ୍ରୟାସ। 'ସିନ୍ଦୁର ଖେଳ'ରେ ପ୍ରମୁଖ ଭୂମିକାରେ ରଶ୍ମି ରେଖା, ରୋଶନ୍, ମାମୁନି, ମମତା, ରାକେଶ, ସୁଶ୍ରୀ, ବିଶ୍ୱରୂପା ପ୍ରମୁଖ ଅଭିନୟ କରୁଛନ୍ତି। କୁନି କୁନି ପୁଅ ଝିଅ ଆଉ ସ୍ୱାମୀକୁ ନେଇ ଆଦ୍ୟାର ସୁଖର ସଂସାରରେ ସଉତୁଣୀ ମଲ୍ଲିକା ଆଣିଛି ଅଶାନ୍ତିର ଝଡ଼। ସେହିପରି ଅନ୍ୟତମ ଲୋକପ୍ରିୟ ଧାରାବାହିକ 'କେଦାର ଗୌରୀ'ର ମୁଖ୍ୟ ଚରିତ୍ରରେ ରୂପାଲି, ଚିନ୍ମୟ, ସ୍ମିତା ତ୍ରିପାଠୀ, ସବିତା, ବବଲୁ, ସ୍ୱର୍ଣ୍ଣପ୍ରଭା ଓ ମୋନାଲିସା ଅଭିନୟ କରିଛନ୍ତି। କେଦାର ଓ ଗୌରୀ ହେଉଛନ୍ତି ଜନ୍ମ ଜନ୍ମର ସାଥୀ। ଗୌରୀ ମାତୃତ୍ୱ ଲାଭ କରିବା ପରେ ମାଧବୀର ଚକ୍ରାନ୍ତର ଶିକାର ହେଉଛି। ଅନ୍ୟପଟେ ସବୁ ଧାରାବାହିକର କାହାଣୀ ଦିନକୁ ଦିନ ଅଧିକ ରୋମାଞ୍ଚକ ହେଉଥିବା ବେଳେ ପହଞ୍ଚିଛନ୍ତି ୫୦୦ ଅଧ୍ୟାୟରେ। ୫୦୦ ଅଧ୍ୟାୟର ସଫଳତାର ଖୁସିରେ ସୁଟିଂ ସେଟ୍‌ରେ ଉତ୍ସବ ପାଳନ କରିଛନ୍ତି ନିର୍ମାତା, ନିର୍ଦ୍ଦେଶକ ଓ ଚାରୋଟି ଯାକ ଧାରାବାହିକର କଳାକାର ଓ ଟେକନିସିଆନ। ■



ପରଦା ପଛର କାହାଣୀ

# ବିନା ରିଲିଜ୍‌ରେ ବ୍ଲକ୍‌ବଷ୍ଟର୍ ଫିଲ୍ମ

ସାଧାରଣତଃ ଗୋଟିଏ ଫିଲ୍ମ ରିଲିଜ୍ ହେବା ପରେ ଏହା ବ୍ଲକ୍‌ବଷ୍ଟର କି ଫ୍ଲପ୍ ତାହା ଜଣାପଡ଼ିଥାଏ। ତେବେ ଏପରି ଫିଲ୍ମ ଅଛି, ଯାହା ରିଲିଜ୍ ନ ହୋଇ ମଧ୍ୟ ବ୍ଲକ୍‌ବଷ୍ଟର୍ ସାବ୍ୟସ୍ତ ହୋଇଥିଲା। ୭୫ ଲକ୍ଷ ଟଙ୍କାରେ ନିର୍ମିତ ଏହି ଫିଲ୍ମ ୨ କୋଟି ଟଙ୍କା ଆୟ କରିଥିଲା। ୧୯୮୯ ମସିହାରେ ଆସିଥିଲା ମ୍ୟୁଜିକ୍ ଆଲବମ୍ ଫିଲ୍ମ 'ଲାଲ୍ ଦୁପଟା ମଲ୍‌ମଲ୍ କା'। ଏଥିରେ ୧୦ଟି ଗୀତ ରହିଥିଲା। ତନ୍ମଧ୍ୟରୁ ଗୋଟିଏ ଗୀତ 'କ୍ୟା କରତେ ହୋ ସାଜ୍‌ନା ତୁମ ହମ୍‌ସେ ଦୂର ରେହ କେ', ଆଲବମ୍ ରିଲିଜ୍ ହେବା ମାତ୍ରେ ପୂରା ଦେଶରେ ବେଶ୍ ଲୋକପ୍ରିୟ ହୋଇଥିଲା। ରେଡିଓଠୁ ନେଇ ବସ୍‌ଷ୍ଟାଣ୍ଡ ସବୁ ସ୍ଥାନରେ ଏହା ଶୁଣିବାକୁ ମିଳୁଥିଲା। ଏହି ସମୟରେ ହିଁ ମେଲୋଡ଼ିୟସ୍ ଗୀତ ଓ ରୋମାଣ୍ଟିକ୍ ଫିଲ୍ମର ଏକ ଜମାନା ଆରମ୍ଭ ହୋଇଥିଲା। ଏଥିରେ ଥିବା ଅଧିକାଂଶ ଗୀତ ଅନୁରାଧା ପୌଡ଼ୱାଲ ଓ ଉଦିତ ନାରାୟଣ ଗାଇଥିଲେ। ରୋଚକୀୟ କଥା, ଅନୁରାଧା ଏହି ମ୍ୟୁଜିକ୍ ଭିଡିଓ ଆଇଡିଆ ଗୁଲସନ କୁମାରଙ୍କୁ ଦେଇଥିଲେ। ୧୯୮୯ ମସିହାରେ ଗୁଲସନ କୁମାର ସେହି ଗୀତ ମଧ୍ୟରୁ ଗୋଟିଏ ଗୀତ ରିଲିଜ୍ କରିଥିଲେ। ଏହି ଆଲବମ୍‌ର ଗୀତ ଲୋକଙ୍କୁ ଖୁବ୍ ପସନ୍ଦ ଆସିଥିଲା। ଏହି ଗୀତ ରିଲିଜ୍ ପୂର୍ବରୁ ଗୁଲ୍‌ସନ୍ କୁମାର ଏହାକୁ ନେଇ ଏକ ଫିଲ୍ମ କରିବାକୁ ଚାହୁଁଥିଲେ। ଗୀତ ଆଧାରରେ ଫିଲ୍ମର କାହାଣୀ ସ୍ଥିର ହୋଇଥିଲା। ୮୦ ଦଶକରେ ଏହି ଗୀତକୁ ସୁପରଷ୍ଟାର ସିଙ୍ଗର୍ ଅନୁରାଧା ପୌଡ଼ୱାଲ, ମୋହମ୍ମଦ ଅଜିଜ୍, ଉଦିତ୍ ନାରାୟଣ, ଓ ସୁରେଶ ୱାଡକର ପ୍ରମୁଖ ନିଜ ସ୍ୱରରେ ସଜେଇ ଥିଲେ। 'କ୍ୟା କର ତେଥେ ସାଜନା ତୁମ୍ ହମସେ...', 'ଲାଲ ଦୁପଟା ମଲମଲକା...', 'ସୁନି ସୁନି ଆଖିୟୋ ମେଁ...', 'ରକିବ ସେ ହବିବୋ ସେ...' ଆଦି ଗୀତରେ ସଜ୍ଜିତ ଏହି ଫିଲ୍ମ ରିଲିଜ୍ ହୋଇ ନଥିଲା। ଫିଲ୍ମ ରିଲିଜ୍ ନ ହେଲେ ମଧ୍ୟ ଏହାର ଡିବିଡିକୁ ମାର୍କେଟରେ ବିକ୍ରି କରି ଦିଆଯାଇଥିଲା। ତେବେ ବଜାରକୁ ଆସିବା ପରେ ରାତାରାତି ଗୀତଗୁଡ଼ିକ ଲୋକପ୍ରିୟ ହୋଇଯାଇଥିଲା। ଫିଲ୍ମର ୧୦ ଟି ଗୀତ ମାର୍କେଟରେ ସୁପରହିଟ୍ ହୋଇଥିଲା। ଫିଲ୍ମ ରିଲିଜ୍ ହୋଇ ନଥିଲେ ମଧ୍ୟ ଏହାର ଗୀତଗୁଡ଼ିକକୁ ଦର୍ଶକେ ବେଶ୍ ପସନ୍ଦ କରିଥିଲେ। ■





## ଭାରତ ବିପକ୍ଷ ସୁପର-୪ ମୁକାବିଲା ପୂର୍ବରୁ ଦୁବାଇରେ ହାଇଡ୍ରାମା

# ସାମ୍ବାଦିକ ସମ୍ମିଳନୀକୁ ଆସିଲାନି ପାକିସ୍ତାନ

ଦୁବାଇ,୨୦।୯ (ଏଜେନ୍ସି)

ଏଠାରେ ଚାଲିଥିବା ଏସିଆ କପ୍ କ୍ରିକେଟର ସୁପର-୪ ମୁକାବିଲା ଆଜିଠାରୁ ଆରମ୍ଭ ହୋଇଛି। କିନ୍ତୁ କ୍ରିକେଟ ପଡ଼ିଆ ଅପେକ୍ଷା ବାହାରର ଘଟଣାକୁ ନେଇ ଏହି ଟୁର୍ଣ୍ଣାମେଣ୍ଟ ପୁଣିଥରେ ଚର୍ଚ୍ଚାରେ ରହିଛି। ଆସନ୍ତାକାଲି ଅର୍ଥାତ ରବିବାର ଦିନ ଭାରତ ଓ ପାକିସ୍ତାନ ମଧ୍ୟରେ ସୁପର-୪'ର ଦ୍ୱିତୀୟ ମୁକାବିଲା ଖେଳାଯିବ। ଏହି ମୁକାବିଲା ପୂର୍ବରୁ ଆଜି ହେବାକୁ ଥିବା ସାମ୍ବାଦିକ ସମ୍ମିଳନୀକୁ ଆସିଲାନି ପାକିସ୍ତାନ। ଏହି ସମ୍ମିଳନୀରେ ଅଧିନାୟକ ସାମ୍ବାଦିକଙ୍କ ସମ୍ମୁଖୀନ ହୋଇଥାନ୍ତି। ଅନ୍ୟ ପକ୍ଷରେ ପଡ଼ିଆ ବାହାରର ଘଟଣାବଳୀକୁ ନେଇ ଆଦୌ ଚିନ୍ତିତ ନୁହଁନ୍ତି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ତାଙ୍କ ମତରେ ଷ୍ଟାଡିୟମ୍‌ରେ ଦର୍ଶକ ଭରପୁର ତ ଜବରଦସ୍ତ କ୍ରିକେଟ ଖେଳ ଓ ସମସ୍ତଙ୍କ ଭରପୁର ମନୋରଞ୍ଜନ କର। କିନ୍ତୁ ସାମ୍ବାଦିକ ସମ୍ମିଳନୀକୁ ନ ଆସିବା ଫଳରେ ପାକିସ୍ତାନ ଯେ ଭାରତକୁ ଅପମାନ ଦେଲା ଭଳି ଆସନ୍ତାକାଲି ଯେ ନ କରିବ ତାହାକୁ ନେଇ ଆଶଙ୍କା ସୃଷ୍ଟି ହୋଇଛି। ଏହି ମ୍ୟାଚ୍‌ରେ ବିବାଦୀୟ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ପୁଣିଥରେ ମ୍ୟାଚ୍ ପରିଚାଳନା ଦାୟିତ୍ୱ ନେଇଛନ୍ତି। ଏହି ନିଯୁକ୍ତିକୁ ନେଇ ପାକିସ୍ତାନର ଚିନ୍ତା ଆହୁରି ବଢ଼ିଛି। ଏଣୁ ୟୁଏଇ ବିପକ୍ଷ ମୁକାବିଲା ପୂର୍ବରୁ ଏକ ଘଣ୍ଟା ବିଳମ୍ବରେ ଆସିଥିବା ପାକିସ୍ତାନ କ୍ରିକେଟ ଟିମ୍ ଯେ ଏଭଳି ନ ଦୋହାରାଇବ ତାହା କିଏ କହିବ? ସେହିପରି କ୍ରିକେଟ ଦୃଷ୍ଟି କୋଣରୁ ଦେଖିଲେ ଏହି ମୁକାବିଲାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳର ଫାଇନାଲ ପ୍ରବେଶ ରାସ୍ତା ସହଜ ହେବ। ମ୍ୟାଚ୍ ପୂର୍ବରୁ ବା ଗତକାଲି ଖେଳାଯାଇଥିବା ଓମାନ ବିପକ୍ଷ ମ୍ୟାଚ୍‌ରେ ଭାରତୀୟ ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ମୁଣ୍ଡରେ ବଲ ବାଜିଛି। ଆଘାତ ସମ୍ପର୍କରେ ସବିଶେଷ ତଥ୍ୟ ମିଳି ନ ଥିଲେ ମଧ୍ୟ ପାକିସ୍ତାନ ବିପକ୍ଷ ମୁକାବିଲାରେ ଅକ୍ଷରଙ୍କ ଖେଳିବା ନେଇ ସନ୍ଦେହ ରହିଛି। ଯେ ଯାହା ହେଉ ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ସୁପର-୪ ମୁକାବିଲା ପଡ଼ିଆ ଭିତର ହେଉ କିମ୍ବା ବାହାରର ଘଟଣାକୁ ନେଇ ଚର୍ଚ୍ଚାରେ ରହିବ ନିଶ୍ଚୟ।

### ପାକିସ୍ତାନର ପ୍ରତିବାଦ ନା ପରିହାସ

ଆଜି ଭାରତ ବିପକ୍ଷ ସୁପର-୪ ମୁକାବିଲା ଏବଂ ୟୁଏଇ ବିପକ୍ଷ ଲିଗ୍ ମ୍ୟାଚ୍ ପୂର୍ବରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀକୁ ପାକିସ୍ତାନ ବାତିଲ କରିଛି। ୟୁଏଇ ବିପକ୍ଷ ଲିଗ୍ ମ୍ୟାଚ୍ ପୂର୍ବରୁ ପ୍ରଥମେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ଓ ପରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ କାର୍ଯ୍ୟକଳାପ ନେଇ ପାକିସ୍ତାନ କ୍ଷୁବ୍ଧ ହେବା ସହ ଏପରି କରିଥିଲା। ଆଣ୍ଡି ପାଇକ୍ରଫ୍ଟଙ୍କୁ ଏସିଆ କପ୍ ଦାୟିତ୍ୱରୁ ବିଦା ନ କଲେ ପାକିସ୍ତାନ ଓହରିଯିବ ବୋଲି ୟୁଏଇ ବିପକ୍ଷ ମ୍ୟାଚ୍ ପୂର୍ବରୁ ଧମକ ଦେଇଥିଲା। ଏଣୁ ସେତେବେଳେ ତାହାର ମାନସିକ ସ୍ଥିତି ଭଲ ନ ଥିଲା ଭାବି ଆଇସିସି ମାଫ୍ କରିଦେଇଥିଲା। କିନ୍ତୁ ଟୁର୍ଣ୍ଣାମେଣ୍ଟ ମଝିରୁ କୌଣସି ଦଣ୍ଡବିଧାନ କରି ନ ଥିଲା। ଯଦିଓ ପାକିସ୍ତାନ ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିଥିଲା, ତଥାପି ଦଣ୍ଡ ଦିଆଯାଇ ନ ଥିଲା। ଆଜି ଦ୍ୱିତୀୟଥର ଆଇସିସି ଆଚରଣ ସଂହିତା ଉଲ୍ଲଙ୍ଘନ କରିଛି ପାକିସ୍ତାନ। ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଏପରି ନାଟକ କରିବା ଟୁର୍ଣ୍ଣାମେଣ୍ଟକୁ ଭଣ୍ଡୁର କରିବା ଏକ ଯୋଜନାବଦ୍ଧ ଉଦ୍ୟମ ବୋଲି ଆଶଙ୍କା କରାଯାଉଛି। ଏହି ଟୁର୍ଣ୍ଣାମେଣ୍ଟର ଆୟୋଜକ ରହିଛି ଭାରତ। ଏଣୁ ଟୁର୍ଣ୍ଣାମେଣ୍ଟରେ ବିଭ୍ରାଟ ସୃଷ୍ଟି ହେଲେ ପାକିସ୍ତାନ ଫାଇଦା ନେବାକୁ ସହଜ ହେବ ବୋଲି ଆଶା କରାଯାଏ। ସାମ୍ବାଦିକ ସମ୍ମିଳନୀକୁ ନ ଆସି ପାକିସ୍ତାନ ପ୍ରତିବାଦ୍ କରୁଛି ନା ଆଇସିସିକୁ ପରିହାସ କରୁଛି ତାହା ଜଣାପଡୁନାହିଁ।

ପୂର୍ବରୁ ଭାରତ ଓ ପାକିସ୍ତାନ ଲିଗ୍ ମ୍ୟାଚ୍ ପୂର୍ବରୁ ହୋଇଥିବା ଟସ୍ ବେଳେ ମ୍ୟାଚ୍ ରେଫରି ଆଣ୍ଡି ପାଇକ୍ରଫ୍ଟ ଦୁଇ ଦଳର ଅଧିନାୟକଙ୍କୁ ହାତ ନ ମିଳାଇବାକୁ କହିଥିବା ପାକିସ୍ତାନ ଅଭିଯୋଗ କରିଥିଲା। ଏହି ମ୍ୟାଚ୍‌କୁ ଭାରତ ୭ ୱିକେଟରେ ଜିତିବା ପରେ ବ୍ୟାଟିଂ କରୁଥିବା ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ କିମ୍ବା ଶିବମ ଦୁବେ ପାକିସ୍ତାନ ଖେଳାଳିଙ୍କ ସହ ହାତ ନ ମିଳାଇ ପଡ଼ିଆ ଛାଡ଼ିଥିଲେ। ଉଭୟ ଘଟଣାରେ ସ୍ପିରିଟ ଅଫ୍ ଗେମ୍‌ର ବିରୁଦ୍ଧାଚରଣ ହେବା ସହ ନିୟମ ଓ ପରମ୍ପରାକୁ ଭାଙ୍ଗିଦିଆଯାଇଥିଲା। ପାଇକ୍ରଫ୍ଟଙ୍କୁ ବିଦା ନ କଲେ ଟୁର୍ଣ୍ଣାମେଣ୍ଟରୁ ପାକିସ୍ତାନ ଓହରିଯିବାକୁ ଧମକ ମଧ୍ୟ ଦେଇଥିଲା। ପାଇକ୍ରଫ୍ଟଙ୍କୁ ବିଦା କରିବା ଲାଗି ଆଇସିସି ମନା କରିବା ପରେ ପାକିସ୍ତାନ କ୍ରିକେଟରେ ସଂକଟ ସୃଷ୍ଟି ହୋଇଥିଲା। ଦଳ ବିପୁଳ ପରିମାଣର ଅର୍ଥ ଦଣ୍ଡ ହେଉ କିମ୍ବା ଅନ୍ୟ କୌଣସି କାରଣ ଲାଗି ପାକିସ୍ତାନ ବାଧ୍ୟ ହୋଇ ଖେଳିଥିଲା। ଏବେ ପୁଣିଥରେ ଭାରତ ବିପକ୍ଷ ମ୍ୟାଚ୍ ପୂର୍ବରୁ ଆଉ ଏକ ହାଇଡ୍ରାମା ମାଧ୍ୟମରେ ପାକିସ୍ତାନ ଯେ ଅସନ୍ତୁଷ୍ଟ ଓ ଟୁର୍ଣ୍ଣାମେଣ୍ଟ ଭଣ୍ଡୁର କରିବାକୁ ଉଦ୍ୟମ କରୁଛି ତାହା ସ୍ପଷ୍ଟ ହୋଇଯାଇଛି।

### ପୁଣି ପାଇକ୍ରଫ୍ଟ ମ୍ୟାଚ୍ ରେଫରୀ



ଭାରତ ଓ ପାକିସ୍ତାନ ମଧ୍ୟରେ ଆସନ୍ତାକାଲି ଖେଳାଯିବାକୁ ଥିବା ହାଇଭୋଲ୍ଟେଜ୍ ସୁପର-୪ ମ୍ୟାଚ୍ ପରିଚାଳନା ଲାଗି ଆଣ୍ଡି ପାଇକ୍ରଫ୍ଟଙ୍କୁ ଆଇସିସି ମ୍ୟାଚ୍ ରେଫରୀ ଭାବେ ନିଯୁକ୍ତ କରିଛି। ଏହା ଫଳରେ ପାଇକ୍ରଫ୍ଟଙ୍କୁ ବହିଷ୍କାର କରିବା ଲାଗି ଦାବି କରିଥିବା ପାକିସ୍ତାନ ଏହି ନିଯୁକ୍ତିକୁ ନେଇ ବିଚଳିତ ହୋଇ ପଡ଼ିଛି। ସେପ୍ଟେମ୍ବର ୧୪ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ଲିଗ୍ ମ୍ୟାଚ୍‌ରେ ଦୁଇ ଅଧିନାୟକଙ୍କୁ କରମର୍ଦ୍ଦନ ନକରିବାକୁ କହି ପାଇକ୍ରଫ୍ଟ ବିବାଦୀୟ ହୋଇ ପଡ଼ିଥିଲେ। ଏଥିଲାଗି ପାଇକ୍ରଫ୍ଟଙ୍କୁ ଏସିଆ କପ୍‌ରୁ ବହିଷ୍କାର କରିବାକୁ ପାକିସ୍ତାନ ଦାବି କରିବା, ଆଇସିସି ଏହି ଦାବିକୁ ଅଗ୍ରାହ୍ୟ କରିବା ଓ ପରେ ପାକିସ୍ତାନ ଟୁର୍ଣ୍ଣାମେଣ୍ଟରୁ ଓହରିଯିବାକୁ ଧମକ ଦେବା ଭଳି ଘଟଣା ଘଟିବା ପରେ ପାଇକ୍ରଫ୍ଟଙ୍କୁ ପୁଣିଥରେ ଭାରତ-ପାକିସ୍ତାନ ମୁକାବିଲା ପରିଚାଳନା କରିବାକୁ ନିଯୁକ୍ତ ହେବା ଘଟଣା ସମଗ୍ର ଟୁର୍ଣ୍ଣାମେଣ୍ଟରେ ଉତ୍ତେଜନା ଭରିଦେଇଛି। ଦାବି ଅଗ୍ରାହ୍ୟ ହେବା ପରେ ୟୁଏଇ ବିପକ୍ଷ ମ୍ୟାଚ୍‌କୁ ଏକ ଘଣ୍ଟା ବିଳମ୍ବରେ ପକିସ୍ତାନ ଆସିଥିଲା। ଏହା ପୂର୍ବରୁ ପାକିସ୍ତାନ କ୍ରିକେଟ ବୋର୍ଡ ଓ ଆଇସିସି ମଧ୍ୟରେ ଆଲୋଚନା ହେବା ଓ ଖେଳିବା ନେଇ କିଛି ସର୍ତ୍ତ ରହିଥିଲା। ପରେ ପାଇକ୍ରଫ୍ଟଙ୍କ ସହ ପାକିସ୍ତାନ ଅଧିନାୟକ ସଲମାନ ଅଲି ଆଘା, କୋଚ୍ ମାଇକ୍ ହେସନ ଓ ମ୍ୟାନେଜର ନଭୀଦ ଆକ୍ରମ ଚିମାଙ୍କର ଏକ ବୈଠକ ବସିଥିଲା। ଏଥିରେ ଯୋଗାଯୋଗରେ ତ୍ରୁଟି ଯୋଗୁଁ ପାଇକ୍ରଫ୍ଟ ଦୁଃଖ ପ୍ରକାଶ କରିଥିଲେ। ଏହା ପରେ ଏହି ଘଟଣାର ପରିସମାପ୍ତି ହୋଇଯିବ ବୋଲି ଆଶା କରାଯାଉଥିଲା। ଏବେ ପୁଣିଥରେ ପାଇକ୍ରଫ୍ଟଙ୍କୁ ମ୍ୟାଚ୍ ରେଫରି ନିଯୁକ୍ତ କରିବା ପରେ ପାକିସ୍ତାନ ପାରମ୍ପରିକ ସାମ୍ବାଦିକ ସମ୍ମିଳନୀକୁ ଆସିନାହିଁ। ଏ ସମ୍ପର୍କରେ ଆଇସିସି ପକ୍ଷରୁ ଏଯାଏ କିଛି ସ୍ପଷ୍ଟୀକରଣ ଦିଆଯାଇନାହିଁ।

### ଖେଳ ଉପରେ ସୂର୍ଯ୍ୟକୁମାରଙ୍କ ନଜର



ପାକିସ୍ତାନ ଭଳି ଦେଶ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା ନୁହେଁ ଖେଳ ଉପରେ ଗୁରୁତ୍ୱ ଦେଇଛନ୍ତି ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ। ଆସନ୍ତାକାଲି ମ୍ୟାଚ୍ ସମ୍ପର୍କରେ ସେ କହନ୍ତି, ଏହି ମ୍ୟାଚ୍ ଏଯାଏ ଖେଳାଯାଇନାହିଁ କିମ୍ବା ମୁଁ ଖେଳିନାହିଁ, ଏଣୁ ଏ ସମ୍ପର୍କରେ କିଛି କହିପାରିବି ନାହିଁ। ପାକିସ୍ତାନ ବିପକ୍ଷରେ କି ପ୍ରକାର ପ୍ରତିଦ୍ୱନ୍ଦ୍ୱିତା ରହିଛି ତାହା ମୁଁ ଜାଣିନାହିଁ। ମୁଁ କେବଳ ଏତିକି ଜାଣିଛି ଷ୍ଟାଡିୟମ୍ ଯଦି ଭରପୁର ଅଛି, ତେବେ ଦର୍ଶକଙ୍କୁ ଖୁସି କରିବା ଲାଗି ସମସ୍ତ ପ୍ରକାର ଚେଷ୍ଟା କର। ଏହା ମୋର ଲକ୍ଷ୍ୟ ଓ ଅନ୍ୟ ସାଥିଖେଳାଳିଙ୍କୁ ମଧ୍ୟ ଏପରି କରିବାକୁ ପରାମର୍ଶ ଦେଇଥାଏ। ଯେତେ ଭଲ କ୍ରିକେଟ ଖେଳିବ ସେତେ ଦର୍ଶକ ଉପଭୋଗ କରିବେ। ଏଣୁ ପ୍ରତିଦ୍ୱନ୍ଦ୍ୱୀ ନୁହେଁ ଖେଳ ଉପରେ ଆମେ ଗୁରୁତ୍ୱ ଦେଇଥାଉ ବୋଲି ସୂର୍ଯ୍ୟକୁମାର କହନ୍ତି। ଗୁରୁତ୍ୱପୂର୍ଣ୍ଣ ମୁକାବିଲା ପୂର୍ବରୁ ପଡ଼ିଆ ବାହାରର ଚାପ ଆମ ଲାଗି ଚ୍ୟାଲେଞ୍ଜ ସୃଷ୍ଟି କରିଥାଏ। ଏହାକୁ ହଜମ କରିବା ଏତେଟା ସହଜ ନୁହେଁ। ଯେଉଁମାନେ ବାହାର ଚାପ ଉପରେ ନିୟନ୍ତ୍ରଣ ରଖନ୍ତି, ସେମାନେ ନିଶ୍ଚିତଭାବେ ସଫଳ ହୋଇଥାନ୍ତି। ଏଣୁ ଆମକୁ ପଡ଼ିଆ ଭିତରେ ଓ ବାହାରେ ପରିପକ୍ୱତା ଦେଖାଇବାକୁ ପଡ଼ିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବାହାରେ ଶୁଭୁଥିବା ଗୋଳମାଳକୁ ଅର୍ଥାତ୍ ସମାଲୋଚନାକୁ ବନ୍ଦ କରିବାକୁ ହେବ। ଏହା କେବଳ ଭଲ ପ୍ରଦର୍ଶନ ଦ୍ୱାରା ସମ୍ଭବ ହୋଇପାରିବ। ଏହି ଟୁର୍ଣ୍ଣାମେଣ୍ଟ ଲାଗି ଆମେ ଭଲ ପ୍ରସ୍ତୁତି କରିଛୁ। ଏଠାରେ ଭଲ ପ୍ରଦର୍ଶନ କଲେ ଆଗକୁ ବଢ଼ିବା ସହଜ ହେବ। ପଡ଼ିଆ ଭିତରେ ଭଲ ଖେଳିବାକୁ ଆମେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ କରିଛୁ ବୋଲି ଦୃଢ଼ତାର ସହ କହିଛନ୍ତି ସୂର୍ଯ୍ୟକୁମାର।

### ଅକ୍ଷର ପଟେଲ ଆହତ



ଓମାନ ବିପକ୍ଷ ମ୍ୟାଚ୍‌ରେ ଫିଲ୍ଡିଂ କରୁଥିବା ବେଳେ ଭାରତର ସ୍ପିନ୍ ଅଲରାଉଣ୍ଡର ଅକ୍ଷର ପଟେଲଙ୍କ ମୁଣ୍ଡରେ ବଲ ବାଜିଥିଲା। ଏହା ପରେ ସେ ତତ୍‌କ୍ଷଣାତ ପଡ଼ିଆ ଛାଡିଥିଲେ ଓ ଆଉ ଖେଳିବାକୁ ଆସି ନ ଥିଲେ। ବ୍ୟାଟିଂରେ ୧୩ ବଲ୍‌ରୁ ୨୬ ରନ୍ କରିବା ସହ ଗୋଟିଏ ଓଭର ବୋଲିଂ କରି ମାତ୍ର ୪ ରନ୍ ଦେଇଥିଲେ। କିନ୍ତୁ ଓମାନ ଇନିଂସରେ ସେ ୧୫ତମ ଓଭର ବେଳକୁ ପଡ଼ିଆ ଛାଡିଥିଲେ। ଏବେ ଅକ୍ଷର ଠିକ୍ ଅଛନ୍ତି ପାକିସ୍ତାନ ବିପକ୍ଷ ମୁକାବିଲା ଲାଗି ନିଜକୁ ପ୍ରସ୍ତୁତ କରୁଛନ୍ତି। ଏଣୁ ଭାରତୀୟ ଶିବିରରେ ମୁଡ ଭିନ୍ନ ରହିଛି ବୋଲି ଫିଲ୍ଡିଂ କୋଚ୍ ଟି ଦିଲୀପ କହିଛନ୍ତି। ଦୁବାଇ ପିଚ୍ ସ୍ପିନ୍ ବୋଲରଙ୍କୁ ସହାୟତା ଦେଉଛି ଓ ଭାରତ ଆରମ୍ଭରୁ ୩ଜଣ ସ୍ପିନରଙ୍କୁ ନେଇ ଖେଳୁଛି। ଯାହା ଫଳରେ ବିଶ୍ୱର ନଂ-୧ ବୋଲର ଅର୍ଶଦୀପ ସିଂହଙ୍କୁ ଖେଳିବାକୁ ସୁଯୋଗ ମିଳୁନାହିଁ। ଏଭଳି ସ୍ଥଳେ ଅକ୍ଷର ଯଦି ଆହତ ହୋଇ ବାଦ୍ ପଡ଼ନ୍ତି, ତେବେ ଭାରତ ମାତ୍ର ୨ଜଣ ସ୍ପିନର କୁଳଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀଙ୍କୁ ନେଇ ଖେଳିବ। ଅବଶ୍ୟ ଅକ୍ଷର ଖେଳିବେ କି ନାହିଁ ତାହା ଆସନ୍ତାକାଲି ସକାଳେ ଜଣାପଡ଼ିବ।

---

## ଏସିଆ କପ୍ ପ୍ରଥମ ସୁପର-୪

# ଶ୍ରୀଲଙ୍କାକୁ ହରାଇଲା ବାଂଲାଦେଶ

ଦୁବାଇ,୨୦।୯ (ଏଜେନ୍ସି): ସୈଫ ହାସନ ଓ ତୋହିଦ୍ ହୃଦୟଙ୍କ ଦମ୍‌ଦାର ଅର୍ଦ୍ଧଶତକ ବଳରେ ଏଠାରେ ଶନିବାର ଅନୁଷ୍ଠିତ ଏସିଆ କପ୍ ସୁପର-୪'ର ପ୍ରଥମ ମୁକାବିଲାରେ ବାଂଲାଦେଶ ୪ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏହା ଫଳରେ ବିଜୟୀ ବାଂଲା ଦଳକୁ ଗୁରୁତ୍ୱପୂର୍ଣ୍ଣ ୪ ପଏଣ୍ଟ ମିଳିଛି। ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ଦ୍ୱିତୀୟ ସୁପର-୪ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ଦାସୁନ ସାନକାଙ୍କ ଅର୍ଦ୍ଧଶତକ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୬୮ ରନ୍ କରିଥିଲା। ସାନକା ୩୭ ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୬ ଛକା ସହାୟତାରେ ଅପରାଜିତ ୬୪ ରନ୍ କରିଥିଲେ। କୁଶାଲ ମେଣ୍ଡିସ୍ ୩୪, ପାଥୁମ ନିଶାଙ୍କା ୨୨ ଓ ଅଧିନାୟକ ଚାରିତ ଆଶାଲଙ୍କା ୨୧ ରନ୍‌ର ସହାୟତା ଦେଇଥିଲେ। ବାଂଲା ପକ୍ଷରୁ ପେସର ମୁସ୍ତାଫିଜୁର ରହମନ ୩ଟି ଓ ମାହେଦୀ ହାସନ ୨ଟି ୱିକେଟ ପାଇଥିଲେ। ଜବାବରେ ବାଂଲାଦେଶ ଗୋଟିଏ ବଲ ବାକିଥାଇ ୬ ୱିକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ବାଂଲା ପକ୍ଷରୁ ଓପନର ସୈଫ୍ ହାସନ ୪୫ବଲ୍‌ରେ ୬୧, ତୋହିଦ ହୃଦୟ ୩୭ବଲ୍‌ରେ ୫୮ ରନ୍ କରି ଦଳକୁ ଜିତାଇଥିଲେ। ଶ୍ରୀଲଙ୍କାର ୱାନିନ୍ଦୁ ହାସରଙ୍ଗାଙ୍କୁ ୨ଟି ୱିକେଟ ମିଳିଥିଲା।

**ଆଜିର ମ୍ୟାଚ୍**
ଭାରତ-ପାକିସ୍ତାନ
ଭେନ୍ୟୁ : ଦୁବାଇ
ଖେଳ ଆରମ୍ଭ : ରାତି ୮ଟା
ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟୱର୍କ

# ୱାର୍ଲ୍ଡ ଆଥ୍‌ଲେଟିକ୍ସରେ ଭାରତ ପଦକଶୂନ୍ୟ

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଜାପାନର ରାଜଧାନୀ ଟୋକିଓରେ ଅନୁଷ୍ଠିତ ୱାର୍ଲ୍ଡ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ର ୨୦ତମ ସଂସ୍କରଣରେ ଭାରତୀୟ କ୍ରୀଡ଼ାବିତ୍‌ମାନେ ନିରାଶ କରିଛନ୍ତି। ବିଶ୍ୱ ଦୌଡ଼କୁଦର ଏହି ମେଗା ଇଭେଣ୍ଟରେ ଏଥର ୧୯ ଜଣିଆ ଭାରତୀୟ ଦଳ ଅଂଶଗ୍ରହଣ କରିଥିଲେ ମଧ୍ୟ ସମସ୍ତେ ଖାଲି ହାତରେ ସ୍ୱଦେଶ ଫେରିଛନ୍ତି। ଫଳରେ କ୍ରମାଗତ ଦୁଇଟି ସଂସ୍କରଣ ଧରି ପଦକ ଜିତି ଆସୁଥିବା ଭାରତ ଏଥର ପଦକ ଖାତା ଖୋଲିପାରି ନାହିଁ।

୨୦୨୨ରେ ରୌପ୍ୟ ଓ ୨୦୨୩ରେ ସ୍ୱର୍ଣ୍ଣ ପଦକ ସଫଳତା ପାଇଥିବା ତାରକା ଜାଭେଲିନ ଫିଙ୍ଗାଳୀ ନୀରଜ ଚୋପ୍ରା ଏଥର ୮ମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ସେହିଭଳି ଶ୍ରେଷ୍ଠ ଭାରତୀୟ ଭାବେ ଜାଭେଲିନରେ ସଚିନ ଯାଦବ ଓ ହାଇଜମ୍ପରେ ସର୍ବେଶ କୁଶାରେ ପୋଡିୟମ ନିକଟତର ହୋଇଥିଲେ ମଧ୍ୟ ଅଳ୍ପକେ ପଦକରୁ ବଞ୍ଚିତ ହୋଇଥିଲେ। ସଚିନ ୪ର୍ଥ ଓ ସର୍ବେଶ ୫ମ ସ୍ଥାନରେ ରହିଥିଲେ। ସେହିଭଳି ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ଅନିମେଷ କୁଜୁର ୨୦୦ ମିଟର ରେସରେ ହିଟ୍ସରୁ ଉପରକୁ ଉଠିପାରି ନ ଥିଲେ।

## ଚାଇନା ମାଷ୍ଟର୍ସ

# ଫାଇନାଲରେ ସାତ୍ତ୍ୱିକ-ଚିରାଗ



ବେଜିଂ, ୨୦।୯ (ଏଜେନ୍ସି): ଏଗାର କୋଟି ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଚାଇନା ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଭାରତର ସାତ୍ତ୍ୱିକସାଇରାଜ ରାନକିରେଡ୍ଡୀ ଓ ଚିରାଗ ସେଟ୍ଟୀ ଯୋଡ଼ି ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଅନୁଷ୍ଠିତ ପୁରୁଷ ଡବଲ୍ସ ସେମିଫାଇନାଲ ଲଢ଼େଇରେ ସାତ୍ତ୍ୱିକ-ଚିରାଗ ଯୋଡ଼ି ୨୧-୧୭, ୨୧-୧୪ ସିଧାସଳଖ ଗେମରେ ଘରୋଇ ଚାଇନାର ଆରୋନ ଚିଆ ଓ ସୋ ୱି ୟିକ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ଏହି ମ୍ୟାଚ୍ ଜିତିବାକୁ ସାତ୍ତ୍ୱିକ-ଚିରାଗଙ୍କୁ ମାତ୍ର ୪୧ ମିନିଟ୍ ସମୟ ଲାଗିଥିଲା। ଫଳରେ ଏହି ଭାରତୀୟ ଯୋଡ଼ି କ୍ରମାଗତ ଦ୍ୱିତୀୟ ସପ୍ତାହରେ ଦୁଇଟି ଟୁର୍ଣ୍ଣାମେଣ୍ଟରେ ଫାଇନାଲରେ ପହଞ୍ଚିଛନ୍ତି। ଗତ ସପ୍ତାହରେ ଚିରାଗ-ସାତ୍ତ୍ୱିକ ଯୋଡ଼ି ହଂକଂ ଓପନରେ ରନର୍ସଅପ୍ ହୋଇଥିଲେ।

# ଭାରତୀୟ ଜୁନିଅର ମହିଳା ହକି ଦଳରେ ଓଡ଼ିଶାରୁ ୪

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି): ଭାରତୀୟ ଜୁନିଅର ମହିଳା ହକି ଦଳ ଚଳିତ ମାସ ଶେଷ ଭାଗରେ ଅଷ୍ଟ୍ରେଲିଆ ଗସ୍ତରେ ଯାଇ ସେଠାରେ ଦ୍ୱିପାକ୍ଷିକ ସିରିଜ ଖେଳିବାର କାର୍ଯ୍ୟସୂଚୀ ରହିଛି। ଏହି ସିରିଜ ଲାଗି ଶନିବାର ହକି ଇଣ୍ଡିଆ ପକ୍ଷରୁ ଜ୍ୟୋତି ସିଂଙ୍କ ନେତୃତ୍ୱରେ ୨୩ ଜଣିଆ ଦଳ ଘୋଷଣା କରାଯାଇଛି। ଘୋଷିତ ଦଳରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇବାରେ ସମର୍ଥ ହୋଇଛନ୍ତି। ସେମାନେ ହେଲେ ଅଭିଜ୍ଞ ମିଡ୍‌ଫିଲ୍ଡର ସୁନେଲିତା ଟପ୍ପୋ, ଦୁଇ ଡିଫେଣ୍ଡର ମମିତା ଓରାମ ଓ ପୂଜା ସାହୁ ଏବଂ ଗୋଲ୍‌ରକ୍ଷକ ଏଙ୍ଗିଲ ହର୍ଷାରାଣୀ ମିଞ୍ଜ। ଭାରତୀୟ ଜୁନିଅର ମହିଳା ହକି ଦଳ ସେପ୍ଟେମ୍ବର ୨୬ରୁ ଅକ୍ଟୋବର ୨ ମଧ୍ୟରେ ଅଷ୍ଟ୍ରେଲିଆରେ ୫ଟି ମ୍ୟାଚ୍ ଖେଳିବ। ଯେଉଁଥିରେ ଅଷ୍ଟ୍ରେଲିଆ ଜୁନିଅର ମହିଳା ଦଳ ବିପକ୍ଷରେ ୩ଟି ଏବଂ କାନବେରା ଚିଲ୍ସ ଦଳ ବିପକ୍ଷରେ ଦୁଇଟି ମ୍ୟାଚ୍ ଖେଳିବ। ସମସ୍ତ ମ୍ୟାଚ୍ କାନବେରାରେ ଅନୁଷ୍ଠିତ ହେବ। 'ଯୁବ ଖେଳାଳିଙ୍କୁ ନେଇ ଏହା ଏକ ଦକ୍ଷ ଦଳ। ଆମେ ଟ୍ରେନିଂରେ କଠିନ ପରିଶ୍ରମ କରିଛୁ। ବର୍ଷ ଶେଷ ଭାଗରେ ବିଶ୍ୱକପ୍ ଖେଳାଯିବାକୁ ଥିବାରୁ ଖେଳାଳିଙ୍କ ଦକ୍ଷତା ପ୍ରତିପାଦିତ ଲାଗି ଅଷ୍ଟ୍ରେଲିଆ ଟୁର୍ ବେଶ୍ ସହାୟକ ହେବ' ବୋଲି ଭାରତୀୟ ଜୁନିଅର ମହିଳା ହକି ଦଳର ପ୍ରଶିକ୍ଷକ ତୁଷାର ଖାଣ୍ଡେକର୍ କହିଛନ୍ତି।

---

## ୩ୟ ଦିନିକିଆରେ ଭାରତ ପରାସ୍ତ; ସିରିଜ ଜିତିଲା ଅଷ୍ଟ୍ରେଲିଆ

# ଦ୍ରୁତତମ ଶତକରେ କୋହଲିଙ୍କୁ ଟପିଲେ ମନ୍ଧାନା

ନୂଆଦିଲ୍ଲୀ, ୨୦।୯ (ଏଜେନ୍ସି)



ଭ୍ରମଣକାରୀ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଶନିବାର ଏଠାରେ ଖେଳାଯାଇଥିବା ନିର୍ଣ୍ଣାୟକ ୩ୟ ଦିନିକିଆ ମ୍ୟାଚରେ ଏକାଧିକ କୀର୍ତ୍ତିମାନ ସୃଷ୍ଟି ହୋଇଥିଲା। ସିରିଜ ନିର୍ଣ୍ଣାୟକ ଏହି ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ପ୍ରଥମେ ବ୍ୟାଟିଂ କରି ୪୭.୫ ଓଭରରେ ୪୧୨ ରନର ବିଶାଳ ସ୍କୋର ଠିଆ କରାଇଥିଲା। ଜବାବରେ ରେକର୍ଡ ଲକ୍ଷ୍ୟକୁ ପିଛା କରିଥିବା ଘରୋଇ ଭାରତୀୟ ମହିଳା କ୍ରିକେଟ୍ ଦଳ ଲଢ଼ୁଆ ବ୍ୟାଟିଂ କରିଥିଲେ ମଧ୍ୟ ୪୭ ଓଭରରେ ୩୬୯ ରନରେ ଅଟକିଯାଇଥିଲା। ଫଳରେ ଅଷ୍ଟ୍ରେଲିଆ ୨-୧ରେ ସିରିଜକୁ ଜିତିନେଇଛି। ଅଷ୍ଟ୍ରେଲିଆର ବେଥ୍ ମୁନୀ ଓ ଭାରତର ସ୍ମୃତି ମନ୍ଧାନାଙ୍କ ଶତକ ଏହି ମ୍ୟାଚର ଉଲ୍ଲେଖନୀୟ ଘଟଣା ରହିଥିଲା। ପୂର୍ବରୁ ପ୍ରଥମ ମ୍ୟାଚକୁ ଅଷ୍ଟ୍ରେଲିଆ ୮ ୱିକେଟ୍‌ରେ ଓ ଭାରତ ୧୦୨ ରନରେ ଦ୍ୱିତୀୟ ମ୍ୟାଚ୍‌କୁ ଜିତିଥିଲା।

### ଶତକ: ମନ୍ଧାନା ୫୦ ଓ ମୁନୀ ୫୭ ବଲ୍

ସ୍ଥାନୀୟ ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯାଇଥିବା ଏହି ହାଇସ୍କୋରିଂ ମ୍ୟାଚରେ ଦୁଇଟି ବିସ୍ଫୋରକ ଶତକୀୟ ପାଳି ଦେଖିବାକୁ ମିଳିଥିଲା। ଟସ୍ ଜିତି ବ୍ୟାଟିଂ କରିଥିବା ଅଷ୍ଟ୍ରେଲିଆ ବେଥ୍ ମୁନୀଙ୍କ ୧୩୮ ରନ (୭୫ ବଲ୍, ୨୩ ଚୌକା ଓ ୧ ଛକା) ବଳରେ ୪୧୨ ରନରେ ଅଲ୍‌ଆଉଟ୍ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜର୍ଜିଆ ଭଲ୍ ୮୧, ଏଲିସେ ପେରୀ ୬୮ ରନ କରିଥିଲେ। ଭାରତ ପକ୍ଷରୁ ଅରୁନ୍ଧତୀ ରେଡ୍ଡୀ ସର୍ବାଧିକ ୩ଟି ୱିକେଟ୍ ନେଇଥିଲେ। ଜବାବରେ ଏହି ରେକର୍ଡ ସ୍କୋରକୁ ପିଛା କରିଥିବା ଘରୋଇ ଭାରତ ୪୭ ଓଭରରେ ସମସ୍ତ ୱିକେଟ୍ ହରାଇ ୩୬୯ ରନ କରିଥିଲା। ଓପନିଂ ଆସିଥିବା ଉପଅଧିନାୟିକା ମନ୍ଧାନା ୫୦ ବଲରେ ଶତକ ଓ ୬୩ ବଲରେ ୧୨୫ ରନ କରିଥିଲେ। ମନ୍ଧାନା ଏହି ପାଳିରେ ୧୭ ଚୌକା ଓ ୫ ଛକା ମାରିଥିଲେ। ତୃତୀୟ ୱିକେଟ୍‌ରେ ସେ ଅଧିନାୟକ ହରମନପ୍ରୀତ୍ କୌର (୩୫ ବଲରେ ୫୨ ରନ)ଙ୍କ ସହ ୧୨୧ ରନ ଯୋଡ଼ି ବିଜୟ ଆଶା ସଞ୍ଚାର କରିଥିଲେ। କିନ୍ତୁ ଉଭୟ ଆଉଟ୍ ହେବାପରେ ଭାରତ ହାତରୁ ମ୍ୟାଚ୍ ଚାଲିଯାଇଥିଲା। ଶେଷ ଭାଗରେ ଦୀପ୍ତି ଶର୍ମା ୭୨ ରନର ଲଢ଼ୁଆ ବ୍ୟାଟିଂ କରିଥିଲେ ମଧ୍ୟ ଏହା ଯଥେଷ୍ଟ ହୋଇ ନ ଥିଲା।

### ମ୍ୟାଚରେ ରେକର୍ଡ

**୪୧୨ ରନ** : ଅଷ୍ଟ୍ରେଲିଆ ଏହାର ସର୍ବାଧିକ ଦଳଗତ ସ୍କୋର ସହ ସମକକ୍ଷ ହୋଇଛି। ୧୯୯୭ରେ ଡେନମାର୍କ ବିପକ୍ଷରେ ଅଷ୍ଟ୍ରେଲିଆ ୪୧୨/୩ ସ୍କୋର କରିଥିଲା।

**୫୦ ବଲ୍** : ଉଭୟ ପୁରୁଷ ଓ ମହିଳା ଦିନିକିଆରେ ମନ୍ଧାନା ଦ୍ରୁତତମ ଶତକ ହାସଲକାରୀ ଭାରତୀୟ ବ୍ୟାଟର୍ ହୋଇଛନ୍ତି। ୨୦୧୩ରେ ବିରାଟ କୋହଲି ଅଷ୍ଟ୍ରେଲିଆ ବିପକ୍ଷରେ ୫୨ ବଲରେ ଶତକ ହାସଲ କରି ରେକର୍ଡର ଅଧିକାରୀ ରହିଥିଲେ।

**୧୩ତମ** : ମନ୍ଧାନାଙ୍କ ଏହା ୧୩ତମ ଦିନିକିଆ ଶତକ ଥିଲା। ମହିଳା ଦିନିକିଆରେ ସର୍ବାଧିକ ଶତକ ହାସଲ କରିବାରେ ମେଗ୍ ଲାନିଂ (୧୫ଟି)ଙ୍କ ପଛକୁ ମନ୍ଧାନା ଓ ସୁଜି ବେଟ୍ସ ଯୁଗ୍ମ ଭାବେ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**୨୩ ବଲ୍** : ମନ୍ଧାନା ୨୩ ବଲରେ ଅର୍ଦ୍ଧଶତକ ପୂରଣ କରିଥିଲେ। ଭାରତୀୟ ମହିଳା ଭାବେ ଦିନିକିଆରେ ଏହା ଦ୍ରୁତତମ ଅର୍ଦ୍ଧଶତକ। ଏହିକ୍ରମରେ ସେ ରିଚା ଘୋଷ (୨୬ ବଲ୍ ବନାମ ନ୍ୟୁଜିଲାଣ୍ଡ)ଙ୍କୁ ପଛରେ ପକାଇଛନ୍ତି।

**ପ୍ରଥମ** : ଭାରତ ବିଶ୍ୱର ପ୍ରଥମ ଦଳ ଭାବେ ଅଷ୍ଟ୍ରେଲିଆ ବିପକ୍ଷରେ ମହିଳା ଦିନିକିଆରେ ୩୦୦ ରନ ସ୍କୋର ଛୁଇଁଛି।

**୭୮୧** : ଏହି ମ୍ୟାଚରେ ଉଭୟ ଦଳ (ଅଷ୍ଟ୍ରେଲିଆ ୪୧୨+ ଭାରତ ୩୬୯)ର ସ୍କୋର ମିଶି ୭୮୧ ରନ ହୋଇଥିଲା। ମହିଳା ଦିନିକିଆରେ ଏହା ରେକର୍ଡ ଏଗ୍ରିଗେଟ୍ ସ୍କୋର। ପୂର୍ବରୁ ୨୦୧୭ରେ ଇଂଲଣ୍ଡ ଓ ଦକ୍ଷିଣ ଆଫ୍ରିକା ମ୍ୟାଚରେ ମୋଟ୍ ୬୭୮ ରନ ସଂଗୃହିତ ହୋଇଥିଲା।

### ସଂକ୍ଷିପ୍ତ ସ୍କୋର

**ଅଷ୍ଟ୍ରେଲିଆ** : ୪୧୨/୧୦, ୪୭.୫ ଓଭର (ମୁନୀ- ୧୩୮, ଭଲ୍- ୮୧, ପେରୀ- ୬୮, ଅରୁନ୍ଧତୀ- ୩/୮୬, ଦୀପ୍ତି- ୨/୭୫)।
**ଭାରତ** : ୩୬୯/୧୦, ୪୭ ଓଭର (ମନ୍ଧାନା- ୧୨୫, ହରମନପ୍ରୀତ୍- ୫୨, ଦୀପ୍ତି- ୭୨, ସ୍ନେହ ରାଣା- ୩୫, କିମ୍ ଗାର୍ଥ- ୩/୬୯)

### ମହିଳା ଦିନିକିଆରେ ଦ୍ରୁତତମ ଶତକ

| ବ୍ୟାଟର୍ | ବଲ୍ | ଦେଶ | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ମେଗ୍ ଲାନିଂ | ୪୫ | ଅଷ୍ଟ୍ରେଲିଆ | ନ୍ୟୁଜିଲାଣ୍ଡ | ୨୦୧୨ |
| ସ୍ମୃତି ମନ୍ଧାନା | ୫୦ | ଭାରତ | ଅଷ୍ଟ୍ରେଲିଆ | ୨୦୨୫ |
| କାରେନ ରାଲଟନ୍ | ୫୭ | ଅଷ୍ଟ୍ରେଲିଆ | ଦ.ଆଫ୍ରିକା | ୨୦୦୦ |
| ବେଥ୍ ମୁନୀ | ୫୭ | ଅଷ୍ଟ୍ରେଲିଆ | ଭାରତ | ୨୦୨୫ |
| ସୋଫି ଡେଭିନ | ୫୯ | ନ୍ୟୁଜିଲାଣ୍ଡ | ଆୟର୍ଲାଣ୍ଡ | ୨୦୧୮ |
| ଚାମରି ଆଟାପାଟ୍ଟୁ | ୬୦ | ଶ୍ରୀଲଙ୍କା | ନ୍ୟୁଜିଲାଣ୍ଡ | ୨୦୨୩ |

### ମହିଳା ଦିନିକିଆରେ ସର୍ବାଧିକ ଦଳଗତ ସ୍କୋର

| ଦଳ | ସ୍କୋର | ଓଭର | ପ୍ରତିପକ୍ଷ | ବର୍ଷ |
|---|---|---|---|---|
| ନ୍ୟୁଜିଲାଣ୍ଡ | ୪୯୧/୪ | ୫୦ | ଆୟର୍ଲାଣ୍ଡ | ୨୦୧୮ |
| ନ୍ୟୁଜିଲାଣ୍ଡ | ୪୫୫/୫ | ୫୦ | ପାକିସ୍ତାନ | ୧୯୯୭ |
| ନ୍ୟୁଜିଲାଣ୍ଡ | ୪୪୦/୩ | ୫୦ | ଆୟର୍ଲାଣ୍ଡ | ୨୦୧୮ |
| ଭାରତ | ୪୩୫/୫ | ୫୦ | ଆୟର୍ଲାଣ୍ଡ | ୨୦୨୫ |
| ନ୍ୟୁଜିଲାଣ୍ଡ | ୪୧୮ | ୪୯.୫ | ଆୟର୍ଲାଣ୍ଡ | ୨୦୧୮ |
| ଅଷ୍ଟ୍ରେଲିଆ | ୪୧୨ | ୪୭.୫ | ଭାରତ | ୨୦୨୫ |
| ଅଷ୍ଟ୍ରେଲିଆ | ୪୧୨/୩ | ୫୦ | ଡେନମାର୍କ | ୧୯୯୭ |

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS